# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-112 ◆SATURDAY ◆18 OCTOBER 2025 ◆PAGE-16 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୧୨ ◆ଶନିବାର ◆୧୮ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୬ ◆ଟ.୬.୦୦




‘ପଏଜନ୍ ବେବି’ ପାଇଁ ୨ କୋଟି

▸ପୃଷ୍ଠା 9 ଦେଖନ୍ତୁ...




## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଜମି ବିବାଦ ମାମଲା ସମାଧାନ ହେବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ଶତ୍ରୁଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

**ସିଂହ:** କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଋଣ ସମସ୍ୟା ଦୂର ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ। ଅଫିସ୍‌ରେ ନୂଆ ଦାୟିତ୍ୱ ତୁଲାଇବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଆଜିର ଇତିହାସ

- ୧୯୨୨- ବ୍ରିଟିଶ ବ୍ରଡ୍‌କାଷ୍ଟିଂ କର୍ପୋରେସନ୍(ବିବିସି) ର ସ୍ଥାପନା ହେଲା।
- ୧୯୪୪- ରୁଷ୍ ସେନା ଚେକୋସ୍ଲୋଭାକିଆ ଉପରେ ଆକ୍ରମଣ କଲା।
- ୨୦୦୪-କୁଖ୍ୟାତ ଚନ୍ଦନ ତସ୍କର ବୀରାପ୍ପାନକୁ ହତ୍ୟା କରାଗଲା।
- ୨୦୦୭- ଆଠବର୍ଷ ପରେ ବେନଜୀର ଭୁଟ୍ଟୋ ପାକିସ୍ତାନକୁ ଫେରିଲେ।



## ଧନ୍ୱନ୍ତରୀ ଜୟନ୍ତୀ

ଦୀପାବଳି ହେଉଛି ଏକ ପାଞ୍ଚ ଦିନିଆ ପର୍ବ, ଯାହା ଧନତେରସ୍ ଦିନରୁ ଆରମ୍ଭ ହୋଇଥାଏ। କାର୍ତ୍ତିକ ମାସର କୃଷ୍ଣ ପକ୍ଷ ତ୍ରୟୋଦଶୀ ତିଥିରେ ଧନତେରସ୍ ପର୍ବ ପାଳନ କରାଯାଏ। ଧନତେରସ୍‌କୁ ଧନ ତ୍ରୟୋଦଶୀ ମଧ୍ୟ କୁହାଯାଏ। ଏହିଦିନ ମାତା ଲକ୍ଷ୍ମୀ ଓ ଭଗବାନ ଗଣେଶଙ୍କୁ ପୂଜା କରିବା ସହ ଦେବବୈଦ୍ୟ ଶ୍ରୀଧନ୍ୱନ୍ତରୀଙ୍କର ପୂଜା କରିବା ବିଧି ମଧ୍ୟ ଚଳିଆସୁଛି। ଶାସ୍ତ୍ର ଅନୁଯାୟୀ, ଧନ୍ୱନ୍ତରୀ ସମୁଦ୍ର ମନ୍ଥନ ସମୟରେ ଉତ୍ପନ୍ନ ହୋଇଥିଲେ। ଧନ୍ୱନ୍ତରୀଙ୍କୁ ଆରୋଗ୍ୟତା ପ୍ରଦାନ କରୁଥିବା ଦେବତା ଭାବରେ ବିବେଚନା କରାଯାଏ। ସେ ଆୟୁର୍ବେଦର ମୁଖ୍ୟ ତଥା ଚିକିତ୍ସା କ୍ଷେତ୍ରରେ ଦେବତାମାନଙ୍କର ଚିକିତ୍ସକ ଭାବରେ ଜଣାଶୁଣା। ଅମୃତ କଳସ ପାଇଁ ଦେବତା ଏବଂ ରାକ୍ଷସମାନଙ୍କ ମଧ୍ୟରେ ସମୁଦ୍ର ମନ୍ଥନ ହୋଇଥିଲା। ସମୁଦ୍ର ମନ୍ଥନରୁ ଗୋଟିଏ ପରେ ଗୋଟିଏ ୧୪ ଟି ରତ୍ନ ବାହାରିଥିଲା, ସେଥିମଧ୍ୟରୁ ଶେଷଟି ଅମୃତ କଳସ ଥିଲା ଯେଉଁଥିରେ ଧନ୍ୱନ୍ତରୀ ଉତ୍ପନ୍ନ ହୋଇଥିଲେ। ଯେଉଁ ଦିନ ଧନ୍ୱନ୍ତରୀ ଅମୃତ କଳସ ସହିତ ଉତ୍ପନ୍ନ ହେଲେ ସେହି ଦିନ କାର୍ତ୍ତିକ କୃଷ୍ଣ ପକ୍ଷ ତ୍ରୟୋଦଶୀ ଥିଲା ଏବଂ ପରେ ଏହି ଦିନ ଧନତେରସ୍ ପାଳିତ ହେଲା। ତେଣୁ ଧନତେରସ୍ ଦିନ ଧନ୍ୱନ୍ତରୀଙ୍କୁ ପୂଜା କରାଯାଏ। ଏହି ଦିନ ଘରକୁ ପରିଷ୍କାର କରିବା ସହ କିଛି ନୂଆ ଜିନିଷ କିଣାଯାଏ। ଗୃହର ମୁଖ୍ୟ ଦ୍ୱାରକୁ ସୁସଜ୍ଜିତ କରି ମାତା ଲକ୍ଷ୍ମୀଙ୍କୁ ସ୍ୱାଗତ କରାଯାଏ। ଏଥି ସହିତ ବିଶ୍ୱାସ ଅନୁଯାୟୀ, ଏହି ଦିନରେ ସୁନା ଅଳଙ୍କାର କିଣିଲେ ମା' ଲକ୍ଷ୍ମୀ ସନ୍ତୁଷ୍ଟ ହୋଇ ଆଶୀର୍ବାଦ କରିଥାନ୍ତି। ଏହି ଦିନ ଲୋକମାନେ ସୁନା ଗହଣା ସହିତ ମାଆ ଲକ୍ଷ୍ମୀଙ୍କ ପ୍ରତିମା ଥିବା ରୁପା ଏବଂ ସୁନା କଏନ୍ କିଣିଥାନ୍ତି। ପିତ୍ତଳ ଭଗବାନ ଧନ୍ୱନ୍ତରୀଙ୍କ ପ୍ରିୟ ଧାତୁ ବୋଲି ବିବେଚନା କରାଯାଏ। ଏହି କାରଣରୁ ଅଧିକାଂଶ ଲୋକେ ଧନତେରସ୍ ଦିନ ପିତ୍ତଳ ବାସନ କିଣି ଥାଆନ୍ତି। କେବଳ ପିତ୍ତଳ ନୁହେଁ ଏହି ଦିନ ବିଭିନ୍ନ ଧାତୁରେ ତିଆରି ବାସନ କିଣିଲେ ଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ୨ଲକ୍ଷର ସାବୁନ

ସାଧାରଣତଃ ଲୋକେ ଗାଧୋଇବା ସମୟରେ ଶରୀରକୁ ସଫା କରିବା ପାଇଁ ସାବୁନ ଲଗାଇଥାନ୍ତି। ବଜାରରେ ମଧ୍ୟ ବିଭିନ୍ନ ବ୍ରାଣ୍ଡର ସାବୁନ ମିଳିଥାଏ। ସାବୁନଗୁଡ଼ିକର ଦାମ୍ ୧୦ ଟଙ୍କାରୁ ଆରମ୍ଭ ହୋଇ ୫୦ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ। ଅବଶ୍ୟ ନାମୀ ଦାମୀ ବ୍ରାଣ୍ଡର ସାବୁନଗୁଡ଼ିକ ଟିକେ ଅଧିକ ଦାମ୍‌ର ହୋଇଥାଏ। ହେଲେ ଏମିତି ଏକ ସାବୁନ ଅଛି ଯାହା ଲକ୍ଷାଧିକ ଟଙ୍କାରେ ବିକ୍ରି ହୋଇଥାଏ। ଉତ୍ତର ଲେବାନନ୍‌ର ତ୍ରିପୋଲୀ ସହରରେ ବିଶ୍ୱର ସବୁଠୁ ଦାମୀ ସାବୁନ ପ୍ରସ୍ତୁତ କରାଯାଏ। ଏହାର ଦାମ୍ ୨, ୦୭, ୮୦୦ ଟଙ୍କା। 'ଖାନ୍ ଅଲ ସବୌନ ସାବୁନ' ନାମରେ ପରିଚିତ ଏହି ସାବୁନକୁ 'ବସର ହସନ୍ ଆଣ୍ଡ ସନ୍‌ସ' କମ୍ପାନି ନିର୍ମାଣ କରୁଛି। ଏହି କମ୍ପାନି ବେଶ୍ ଦାମୀ ସାବୁନ୍ ଓ ଅନ୍ୟ ବ୍ୟୁଟି ପ୍ରଡକ୍ଟ ସବୁ ତିଆରି କରିଥାଏ। ଉକ୍ତ କମ୍ପାନି ତାର ଉତ୍ପାଦଗୁଡ଼ିକରେ ପ୍ରାକୃତିକ ତୈଳ ଓ ସୁଗନ୍ଧଗୁଡ଼ିକର ବ୍ୟବହାର କରିଥାଏ। ହାତରେ ପ୍ରସ୍ତୁତ କରାଯାଉଥିବା ଏହି ସାବୁନ୍ ସଂଯୁକ୍ତ ଆରବ ରାଷ୍ଟ୍ରର କ୍ୱଚିତ୍ ଦୋକାନରେ ମିଳିଥାଏ। ଏହା କିଛି ନିର୍ଦ୍ଦିଷ୍ଟ ନାମୀ ଦାମୀ ଗ୍ରାହକଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥାଏ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। ୨୦୧୩ ମସିହାରେ ଏହାକୁ କତାରର ରାଷ୍ଟ୍ରପତିଙ୍କ ପତ୍ନୀଙ୍କୁ ଉପହାରରେ ଦିଆଯିବା ପରେ ଏହା ସାରା ବିଶ୍ୱର ଆକର୍ଷଣ ସାଜିଥିଲା। ତେବେ ଏହି ସାବୁନ ଏତେ ଦାମ୍ ହେବାର କାରଣ ହେଉଛି, ଏଥିରେ ସୁନା ଓ ହୀରା ଗୁଣ୍ଡ ମିଶାଯାଏ। ୧୭ ଗ୍ରାମ୍‌ର ଏହି ସାବୁନରେ ସୁନା ଓ ହୀରାର ଗୁଣ୍ଡ, ମହୁ, ଅଲିଭ୍ ତେଲ ଓ ଅଗରୁ ବ୍ୟବହାର କରାଯାଏ। ଏହା ପ୍ରଥମେ ଯେତେବେଳେ ପ୍ରସ୍ତୁତ କରାଗଲା, ଚିଜ୍ ଭଳି ଦେଖାଯାଉଥିଲା। ପରେ ଏହାର ଡିଜାଇନ୍‌ରେ ପରିବର୍ତ୍ତନ କରାଯାଇଥିଲା।





## 'ପଏଜନ୍ ବେବି' ଗୀତ ପାଇଁ ମଲାଇକା ନେଇଛନ୍ତି ୨ କୋଟି

ଦୀପାବଳି ଅବସରରେ ଆୟୁଷ୍ମାନ୍ ଖୁରାନା ଓ ରଶ୍ମିକା ମନ୍ଦାନାଙ୍କ ଫିଲ୍ମ 'ଥାମା' ଆସିବ। ଏବେ ଏହି ଫିଲ୍ମର 'ପଏଜନ୍ ବେବି' ଗୀତ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ଏଥିରେ ଆୟୁଷ୍ମାନ୍, ରଶ୍ମିକାଙ୍କ ସହ ମଲାଇକା ନଜର ଆସିଛନ୍ତି। ଏବେ ଫିଲ୍ମଗୁଡ଼ିକରେ ଆଇଟମ୍ ନମ୍ବର ରଖିବା ଟ୍ରେଣ୍ଡ ଚାଲିଛି। 'ସ୍ତ୍ରୀ ୨'ରେ ତମନ୍ନା ଭାଟିଆଙ୍କ 'ଆଜ୍ କି ରାତ୍' ଗୀତ ବେଶ୍ ଲୋକପ୍ରିୟ ହୋଇଥିଲା। ପୁଣି ଥରେ ମ୍ୟାଡକକ୍ ଫିଲ୍ମ 'ପଏଜନ୍ ବେବି' ଗୀତ ମାଧ୍ୟମରେ ସେମିତି କିଛି ଆଶା ରଖିଛି। ଏହି ଗୀତରେ ମଲାଇକାଙ୍କ କାଚ ଗିଲାସ ସହ ଜବରଦସ୍ତ ନୃତ୍ୟ ଦେଖିବାକୁ ମିଳିଛି। ତେବେ ତିନି ମିନିଟ୍‌ର ଏହି ଗୀତ ପାଇଁ ମଲାଇକା ୨ କୋଟି ନେଇଥିବା କୁହାଯାଉଛି। ଯାହାକି ବେଶ୍ ଅଧିକ ବୋଲି କୁହାଯାଉଛି। ତମନ୍ନା 'ଆଜ୍ କି ରାତ୍' ଗୀତ ପାଇଁ କୋଟିଏ ଟଙ୍କା ନେଇଥିଲେ। ଏହାବାଦ୍ ଅନେକ ତାରକା ଫିଲ୍ମ ପାଇଁ କୋଟିଏ ଟଙ୍କା ନେଉଛନ୍ତି। ଏହି ଗୀତରେ ମଲାଇକା ଓ ରଶ୍ମିକାଙ୍କ ମଧ୍ୟରେ ନୃତ୍ୟ ଟକ୍କର ହେଉଥିବାର ଦେଖାଯାଇଛି। ଏହାର ନିର୍ଦ୍ଦେଶନା ଆଦିତ୍ୟ ସରପୋତଦାର ଦେଇଛନ୍ତି।



## ବିଶ୍ୱ ରଜୋନିବୃତ୍ତି ଦିବସ

ପ୍ରତିବର୍ଷ ଅକ୍ଟୋବର ମାସ ୧୮ ତାରିଖକୁ 'ବିଶ୍ୱ ରଜୋନିବୃତ୍ତି (ମେନୋପଜ୍) ଦିବସ' ଭାବେ ପାଳନ କରାଯାଏ। ୨୦୦୯ ମସିହାରୁ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହଯୋଗରେ ଅନ୍ତର୍ଜାତୀୟ ମେନୋପୋଜ୍ କମିଟି ପକ୍ଷରୁ ଅକ୍ଟୋବରକୁ ବିଶ୍ୱ ମେନୋପୋଜ୍ ସଚେତନତା ମାସ ଭାବରେ ଏବଂ ଅକ୍ଟୋବର ୧୮ କୁ ଏହି ଦିବସ ପାଳନ ପାଇଁ ମନୋନୀତ କରାଯାଇଥିଲା। ମେନୋପଜ୍ ମହିଳାଙ୍କଠାରେ ଦେଖାଦେଉଥିବା ଏକ ସ୍ୱାଭାବିକ ସ୍ଥିତି। ଯାହାଦ୍ୱାରା ପ୍ରାକୃତିକ ଭାବେ ମାସିକ ଋତୁସ୍ରାବ ବନ୍ଦ ହୋଇଥାଏ। ସାଧାରଣତଃ ୪୫-୫୫ ବର୍ଷ ବୟସରେ ମହିଳାମାନେ ମେନୋପଜ୍ ସମସ୍ୟାକୁ ସାମ୍ନା କରିଥାନ୍ତି। ଏହା ସହ ଗର୍ଭଧାରଣ କ୍ଷମତା ହରାଇଥାନ୍ତି। ବିଭିନ୍ନ ମହିଳାଙ୍କଠାରେ ଏହାର ଲକ୍ଷଣ ଭିନ୍ନ ଭିନ୍ନ ହୋଇଥାଏ। ଏହି ସମୟରେ ହରମୋନ୍‌ରେ ପରିବର୍ତ୍ତନ ଆସୁଥିବାରୁ, ତାହା ସେମାନଙ୍କ ଶାରୀରିକ ଓ ମାନସିକ ସ୍ଥିତିକୁ ପ୍ରଭାବିତ କରିଥାଏ। ଅନ୍ୟପଟେ ଏହି ସମସ୍ୟାକୁ କେତେକ ମହିଳା ସାମ୍ନା କରି ନ ପାରି ଅନେକ ସମୟରେ ଅବସାଦର ଶିକାର ମଧ୍ୟ ହୁଅନ୍ତି। ଶାରୀରିକ ତଥା ଅନ୍ୟାନ୍ୟ ସମସ୍ୟା ଯୋଗୁଁ କମ୍ ବୟସରେ ବି ମହିଳା ଏହାକୁ ସାମ୍ନା କରିଥାନ୍ତି। ମେନୋପଜ୍‌ର ଲକ୍ଷଣ ଅନୁସାରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରି। ଯେଉଁ ମହିଳାମାନେ ଏହି ସମୟରେ ଅବସାଦ ଦେଇ ଗତି କରୁଛନ୍ତି ମନସ୍ତତ୍ତ୍ୱବିତ୍‌ଙ୍କ ପରାମର୍ଶ ନେବା ଉଚିତ।



## ବାଣଫୁଟା ସାବଧାନ



ଅଧ୍ୟାପକ ମଳୟ କୁମାର ମଲ୍ଲିକ

କାଳିପୂଜା ଛୁଟି ପାଇ ସନାତନ
ହଷ୍ଟେଲୁ ଆସିଛି ସିଏ,
ପୟାଶ୍ରାଦ୍ଧ ପୁଣି ବାଣଫୁଟା ଖୁସି
ଜେଜେ ପାଖେ କହୁଥାଏ ।।
ଏଇବର୍ଷ ଜେଜେ ମହାଧୁମ୍ ଧାମେ
କାଳିପୂଜା କଟାଇବା,
ରକେଟ୍, ହାଉଇ ନଡ଼ିଆ, ସିଙ୍ଗଡ଼ା
ନାନା ବାଣ ଫୁଟାଇବା ।।
ସନା କଥା ଶୁଣି ଉଠିପଡ଼ି ଜେଜେ
ବୁଝାଇ ତାକୁ କହିଲେ,
ଦୀପାବଳି ବୋଲି ମନ ଇଚ୍ଛାବାଣ
ଫୁଟାଇବ ନାହିଁ ପିଲେ ।।
ବାରୁଦରେ ଭିଡ଼ା ବାଣ ତ ହୋଇଛି
ଦଅଡ଼ ପଦାକୁ ଥାଏ,
ଦଅଡ଼ରେ ନିଆଁ ଲଗାଇବା ମାତ୍ରେ
ବାଣ ଯେ' ଫୁଟିଣ ଥାଏ ।।
ନିଆଁ ଲଗାଇବା ବିସ୍ଫୋରଣ ହେବା
ସମୟର ବ୍ୟବଧାନେ,
ଫେରି ନ ଆସିଲେ ଭିନ୍ନକ୍ଷମ ହେବ
ଫୁଟାଇବ ସାବଧାନେ ।।
ଚାଳ ଘରେ ଯଦି ବାଣଫୁଟି ପଡ଼େ
ଜଳିଯିବ ଘରଦ୍ୱାର,
ସତର୍କ ନ ହୋଇ ବାଣ ଫୁଟାଇଲେ
ହୋଇଯିବ ଛାରଖାର ।।
ଦୀପାବଳି ବୋଲି ଲଗାଇବ ଦୀପ
ଜଳାଇବ ଫୁଲଝରି,
ତେଲୁଗୁଣି ବାଣ ତଳେ ଲଗାଇବ
ଆଖି ଠାରୁ ଦୂରକରି ।।■


ବ୍ୟାସନଗର, ଯାଜପୁର
ମୋ- ୯୪୩୯୪୪୧୩୫୫




## ପ୍ରହେଳିକା

- ଆଲୋକର ପର୍ବ ଅଟଇ ସିଏ
କାଳୀଙ୍କର ପୂଜା ଯେଦିନ ହୁଏ
ଅମାବାସ୍ୟା ରାତି ଅଟଇ ସିନା
ଆଲୋକିତ ହୁଏ ଜହ୍ନର ବିନା
ଘରେ ଘରେ ସବୁ ଦୀପ ଜାଳନ୍ତି
ବଡ଼ବଡୁଆଙ୍କୁ ମନେ ଭାଳନ୍ତି
ଭାରି ମନଲୋଭା ପରବଟିଏ
ନାମଟି ତାହାର କହିବ କିଏ?

ଉ-ଦୀପାବଳି

- ଏମିତି ଅଟଇ ଦରବଟିଏ
ଦୀପାବଳି ଦିନ ତା' ଲୋଡ଼ାହୁଏ
ବଡ଼ବଡୁଆ ହୋ ଡାକିଲା ବେଳେ
ଜାଳୁଥାନ୍ତି ତାକୁ ଦାଣ୍ଡ ଦୁଆରେ
ରସି, ଜାଳ, ତେଲ ସବୁ ସେ ଦିଏ
ନାମଟି ତାହାର କହିବ କିଏ?

ଉ-ନଳିତା

- ଏମିତି ପବିତ୍ର ଅଟଇ ସିଏ
ଦେବାଦେବୀ ପାଖେ ସେ ଜଳୁଥାଏ
ଭକତି ଭାବରେ ଯିଏ ଜାଳଇ
ଈଶ୍ୱରଙ୍କ କୃପା ତାକୁ ମିଳଇ
ଗୋଟାଏ ସଳିତା ଟିକିଏ ଘିଅ
ଜାଣିଥିଲେ ତାର ନାମଟି କୁହ?

ଉ-ଦୀପ


ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ,ଯାଜପୁର
ମୋ-୮୩୧୦୩୨୮୩୪୫


## ଆଲୋକର ପର୍ବ ଦୀପାବଳି ଆମ



ସୁଜିତ କୁମାର ମିଶ୍ର

ଆଲୋକର ପର୍ବ ଦୀପାବଳି ଆମ
ପାଳିବା ସଭିଏଁ ମିଶି,
ଦୀପଟେ ଜାଳିବା ପ୍ରତି ଅଗଣାରେ
ପ୍ରେମ ଜ୍ୟୋତି ପରକାଶି ।
ରଙ୍ଗ ବେରଙ୍ଗର ମୁରୁଜରେ ଆମେ
ସଜେଇବା ଘର ଦ୍ୱାର,
ପରସ୍ପର ସ୍ନେହ ଶରଧାରେ ପରା
ବିରାଜିବ ସ୍ୱର୍ଗପୁର ।
ଉଚ୍ଚ ଶବ୍ଦ ଯୁକ୍ତ ବାଣ ଫୋଟକାକୁ
ଆମେ ଫୁଟେଇବା ନାହିଁ,
ଲାଗିଯାଇ ନିଆଁ କୋମଳ ଦେହରେ
ପ୍ରାଣ ନେବ ପୀଡ଼ା ଦେଇ ।
ନିମନ୍ତ୍ରଣ କରି ବନ୍ଧୁ ବାନ୍ଧବଙ୍କୁ
ହୋଇବା ଏକାଠି ପରା,
ମିଠା କ୍ଷୀରି ପୁରୀ ଖୁଆଇ ସଭିଙ୍କୁ
ଦେଖାଇବା ଭାଇଚାରା ।
ଦୁଃଖୀଙ୍କୁ ଭେଟିବା ଲୁହପୋଛି ଦେବା
ଶ୍ରଦ୍ଧାରେ ଜିଣିବା ମନ,
ହୃଦ ତଳେ ତାଙ୍କ ଦୀପଟେ ଜାଳିବା
ପୁଣ୍ୟ ଦୀପାବଳି ଦିନ ।
ଦୀପାବଳି ଆମ ମାଟିର ସଂସ୍କୃତି
ସୁଖ ସମୃଦ୍ଧିର ଭାବ,
ସଭିଙ୍କ ସହିତ ସଭିଏଁ ପାଳିବା
ଭୁଲି ଯେତେ ଭେଦଭାବ ।■


ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ-୭୬୮୩୮୬୭୭୪୨


## ସୁମନ

## କୃପଣଙ୍କ କୃଷ୍ଣଦର୍ଶନ





ଡ. କାଳିକିଙ୍କର

ଗୋଟିଏ ରାଜ୍ୟରେ ଜଣେ କୃପଣ ବ୍ୟକ୍ତି ରହୁଥିଲେ। ସେ ବହୁତ ଧନବାନ ଥିଲେ ଓ ସୁସ୍ୱାଦୁ ଭୋଜନ ଖାଇବାକୁ ପସନ୍ଦ କରୁଥିଲେ। ସେ କିନ୍ତୁ କୃଷ୍ଣ ଭକ୍ତ ଥିଲେ। ଏକଦା ସେ ତାଙ୍କ ପତ୍ନୀଙ୍କୁ କହିଲେ, ତୁମେ କାହାକୁ କିଛି ଦାନ ଦେବା ଦରକାର ନାହିଁ। କେବଳ ଭଲ ଭଲ ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କର ଆମେ ଖାଇବୁ। ପତ୍ନୀ କହିଲେ, କିଛି ଦାନ ଧର୍ମ କଲେ ପୁଣ୍ୟ ମିଳିବ। ଭଗବାନ ଶ୍ରୀକୃଷ୍ଣ ଖୁସି ହେବେ। କୃପଣ ବ୍ୟକ୍ତି ହସିଲେ ଓ କହିଲେ - ଆରେ ମୁଁ କ'ଣ ବୋକା! ସେଥିପାଇଁ ତ ସବୁଦିନ ଭଲ ଭଲ ସୁସ୍ୱାଦୁ ଖାଦ୍ୟ ମୁଁ କୃଷ୍ଣଙ୍କୁ ଖୁଆଏ ଓ ତାପରେ ଆମେ ଖାଉଛେ। ଏହାଠାରୁ ପୁଣ୍ୟ ଆଉ କ'ଣ ଅଛି! ଏହାପରେ ଦୀର୍ଘଶ୍ୱାସ ଛାଡ଼ି ପତ୍ନୀ କହିଲେ ହେଉ, ପ୍ରଭୁ କୃଷ୍ଣ ଯଦି ଦର୍ଶନ ଦିଅନ୍ତେ ତେବେ ଆମେ ଜାଣିବା କିଛି ପୁଣ୍ୟ ଅର୍ଜନ କରୁଛୁ। କୃପଣ ବ୍ୟକ୍ତି କହିଲେ- ସେଇଟା ମଧ୍ୟ ଆମର ପୂରଣ ହେବ। ଆମକୁ କୃଷ୍ଣଙ୍କ ଦର୍ଶନ ମିଳିବ। ଏମିତି ବହୁତ ବର୍ଷ ବିତିଗଲା। କୃପଣ ବ୍ୟକ୍ତି ନା ଭିକାରୀକୁ ଭିକ ଦିଅନ୍ତି ନା ବୁଭୁକ୍ଷୁଙ୍କୁ ଭୋଜନ ଦିଅନ୍ତି। ସେ ଭାବନ୍ତି ଯେ, କୃଷ୍ଣଙ୍କୁ ପ୍ରସାଦ ଲଗେଇ ଆମେ ଖାଉଛୁ ତାହାହିଁ ଯଥେଷ୍ଟ। ତେବେ ପତ୍ନୀ ଆଉ ଅପେକ୍ଷା କଲେ ନାହିଁ କି ସ୍ୱାମୀଙ୍କ କଥା ମାନିଲେ ନାହିଁ। ସେ ସବୁଦିନ ଅଧିକ ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କରି ସ୍ୱାମୀଙ୍କୁ ଦେଲେ, ନିଜେ ଖାଇଲେ ଓ ବାହାରେ ବୁଲୁଥିବା କୁକୁର, ବିଲେଇ, ଗାଈ ଗୋରୁ, ଛେଳି, ମେଣ୍ଢା, ଚଢେଇ ଆଦିଙ୍କୁ ଦେଲେ। ଧୀରେ ଧୀରେ ସେ ବାଟ ଦେଇ ଯାଉଥିବା ଭିକାରୀ ଓ ଭୋକିଲା ଲୋକଙ୍କୁ ଖାଦ୍ୟ ଦେଲେ। ପିଲାମାନଙ୍କୁ ଓ ପଶୁପକ୍ଷୀମାନଙ୍କୁ ଖାଦ୍ୟ ଦେବାରେ ସେ ଆନନ୍ଦ ପାଇଲେ। ଦିନେ ମନଦୁଃଖ କରି କୃପଣ ବ୍ୟକ୍ତି ତାଙ୍କ ପତ୍ନୀଙ୍କୁ କହିଲେ- ଲାଗୁଛି, ଏ ଜନ୍ମରେ କୃଷ୍ଣ ଦର୍ଶନ ହୋଇପାରିବ ନାହିଁ। ତୁମକୁ ଦେଇଥିବା କଥା ମୁଁ ରଖିପାରିଲି ନାହିଁ। ପ୍ରଭୁ କୃଷ୍ଣଙ୍କୁ ମୁଁ ଏତେ ଶ୍ରଦ୍ଧାରେ ସବୁଦିନ ସୁସ୍ୱାଦୁ ଭୋଜନର ପ୍ରସାଦ ଲଗାଏ କିନ୍ତୁ ସେ ମୋ ପ୍ରତି ସାମାନ୍ୟ ଦୟା ଦେଖାଇଲେ ନାହିଁ। ପତ୍ନୀ ହସିଲେ ଓ କହିଲେ -ମୁଁ କିନ୍ତୁ କୃଷ୍ଣ ଦର୍ଶନ ପ୍ରାୟ ସବୁଦିନ ଏବେ କରୁଛି। ତେଣୁ ତୁମେ ବ୍ୟସ୍ତ ହୁଅନାହିଁ। ବରଂ ତୁମେ ଚାହିଁଲେ ମଧ୍ୟ କୃଷ୍ଣ ଦର୍ଶନ କରିପାରିବ। କୃପଣ ଲୋକଟି ଆଶ୍ଚର୍ଯ୍ୟ ହୋଇ ପଚାରିଲା- ତୁମେ ଏମିତି କ'ଣ କରୁଛ ଯେ, ତୁମକୁ କୃଷ୍ଣ ଦର୍ଶନ ମିଳୁଛି ଆଉ ମୋତେ ମିଳୁନାହିଁ। କୃପଣଙ୍କର ପତ୍ନୀ କହିଲେ- କାଲି ତୁମେ ବାହାରେ ଯାଇ କୃଷ୍ଣ ଦର୍ଶନ କରିପାରିବ। ତେବେ ମନେରଖ ଯେ, ତୁମେ ସେଥିରେ ପ୍ରସନ୍ନ ବା ଖୁସି ରହିବ। ପ୍ରସନ୍ନ ବା ଖୁସିହେଲେ କୃଷ୍ଣ ଦର୍ଶନ ପାଇବ ନହେଲେ ନାହିଁ। ପରଦିନ କୃପଣ ଲୋକର ପତ୍ନୀ ସୁସ୍ୱାଦୁ ଭୋଜନ ରାନ୍ଧି ପ୍ରଭୁଙ୍କୁ ଲଗାଇଲେ ଓ ବାହାରକୁ ଗଲେ। ବାହାରେ ଅନେକ ପଶୁ, ପକ୍ଷୀ, ଗରିବ ଅସହାୟ ଲୋକେ ଆନନ୍ଦରେ ସେ ରାନ୍ଧିଥିବା ଖାଦ୍ୟଗୁଡ଼ିକୁ ଖାଉଥାନ୍ତି। ପଶୁ, ପକ୍ଷୀ, ମଣିଷ ସମସ୍ତେ ଆନନ୍ଦରେ ଖାଉଥାନ୍ତି। ସେହି ଲୋକମାନେ ଆନନ୍ଦରେ ଜୟ କୃଷ୍ଣ, ଜୟକୃଷ୍ଣ କହୁଥାନ୍ତି। କୃପଣର ଭଣ୍ଡାର ଘରୁ ଦ୍ରବ୍ୟମାନ ବୁହାଯାଉଥାଏ ଓ ରନ୍ଧାଯାଇ ଲୋକଙ୍କୁ ଓ ପଶୁପକ୍ଷୀଙ୍କୁ ଦିଆଯାଉଥାଏ। କୃପଣ ସେମାନଙ୍କୁ ଦେଖି ଆନନ୍ଦ ଲାଭ କଲେ ଓ ଲାଗିଲା ଯେମିତି ସେ କୃଷ୍ଣ ଦର୍ଶନ କରୁଛନ୍ତି ସମସ୍ତଙ୍କ ଭିତରେ। ସେ ପତ୍ନୀଙ୍କୁ କହିଲେ ବୁଝିଲ, ମୋ ଭଳି କୃପଣଙ୍କର କୃଷ୍ଣ ଦର୍ଶନ ତୁମେ କରେଇ ପାରିଲ। ପତ୍ନୀ କହିଲେ- ଯେଉଁଠି ଦୟା ଓ ଭଲପାଇବା ସେଇଠି କୃଷ୍ଣ। ମୁଁ ଏକଥା ବୁଝିଲା ଦିନରୁ ପ୍ରଭୁ କୃଷ୍ଣଙ୍କୁ ଦର୍ଶନ କରିଚାଲିଛି। ପ୍ରଭୁ କୃପାରୁ କୃପଣଙ୍କର ମଧ୍ୟ କୃଷ୍ଣ ଦର୍ଶନ ହେଲା ଓ ବ୍ୟକ୍ତି ଜଣକ ସେଇଦିନୁ ଦୟାବାନ ହେଲେ ଓ ଦାନଧର୍ମ କଲେ।■


ସୌଭାଗିନୀ ନିବାସ, ରଟିଲୋ, ପୁରୀ
ମୋ-୮୨୪୯୨୧୭୦୬୭


## ଚିତ୍ର ଜଗତ






ମାନସ ରଞ୍ଜନ ଆଚାର୍ଯ୍ୟ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର





ଆର୍ଯ୍ୟା ଯାଦବ
ତୃତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା






ମୁସ୍କାନ ପ୍ରଧାନ
ସପ୍ତମ ଶ୍ରେଣୀ
ସେଣ୍ଟ ଜାଭିଅର ହାଇସ୍କୁଲ
ଭୁବନେଶ୍ୱର





ସୁଭାଷିନୀ ହାଁସଦା
ସପ୍ତମ ଶ୍ରେଣୀ
ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବାଳିକା ବିଦ୍ୟାଳୟ
ବହୁବନ୍ଧ, ମୟୂରଭଞ୍ଜ





ଆୟୁଷ୍ମଂଶୀ ଆରାଲିନ୍
ତୃତୀୟ ଶ୍ରେଣୀ
ମାଉଣ୍ଟ ଲିଟେରା ଜି ସ୍କୁଲ
ବେଙ୍ଗାଲୁରୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-112 •SATURDAY •18 OCTOBER 2025 •PAGE-16 •₹ 6.00

•ବର୍ଷ-୪୩ •ସଂଖ୍ୟା-୧୧୨ •ଶନିବାର •୧୮ ଅକ୍ଟୋବର ୨୦୨୫ •ପୃଷ୍ଠା-୧୬ •ଟ.୬.୦୦




ପଦକ ନିଶ୍ଚିତ କଲେ ତନ୍ୱୀ

▶ପୃଷ୍ଠା ୧୬ ଦେଖନ୍ତୁ...

ଭିତର ପୃଷ୍ଠାରେ: ଦୁର୍ଘଟଣାରେ ଗୋଟିଏ ପରିବାରର ୪ ମୃତ

# ଏସ୍‌ସିବି ଏମ୍‌ସ ପ୍ଲସ୍‌କୁ ଧକ୍କା



## କଟକ ବଡ଼ ଡାକ୍ତରଖାନାରେ ୮୯ ମେସିନ୍ ଅଚଳ

■ **କଟକ, ୧୭।୧୦ (ସମିସ):** ୨୦୧୯ ନଭେମ୍ବର ମାସରେ କଟକସ୍ଥିତ ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍‌ପିଟାଲକୁ ଏମ୍ସ ପ୍ଲସ ପ୍ରତିଷ୍ଠାନରେ ପରିଣତ କରିବାକୁ ନିଷ୍ପତ୍ତି ନେଇ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଜୁର କରିଥିଲେ ୧ ହଜାର କୋଟି ଟଙ୍କା। ମାତ୍ର ପରବର୍ତ୍ତୀ ସମୟରେ ଏହାର ପରିସର ବୃଦ୍ଧି କରାଯାଇଥିଲା। ୨୦୨୧ ଜାନୁଆରୀ ୧ ତାରିଖରେ ଏସ୍‌ସିବି କାର୍ଯ୍ୟ ସମୀକ୍ଷା ସମୟରେ ଏବାବଦ ବ୍ୟୟ ଅଟକଳକୁ ନବୀନ ପଟ୍ଟନାୟକ ୩୫୦୦ କୋଟିକୁ ବୃଦ୍ଧି କରିଥିଲେ। ୧୭୫ ଏକର ଜମିରେ ୩୫୦୦ କୋଟି ଟଙ୍କା ବ୍ୟୟରେ କଟକ ବଡ଼ ଡ଼ାକ୍ତରଖାନାକୁ ୨୦୨୪ ଶେଷ ସୁଦ୍ଧା ଏମ୍‌ସ ପ୍ଲସ ପ୍ରତିଷ୍ଠାନରେ ରୂପାନ୍ତରଣ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ବିଭାଗର ଆଧୁନିକୀକରଣ ସହ ୨୨୦୦ ଛାତ୍ରଛାତ୍ରୀଙ୍କ ପାଇଁ ସବୁ ସୁବିଧା ଥିବା ହଷ୍ଟେଲ, ଡ଼ାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ୧୨୮୦ କ୍ୱାର୍ଟର ନିର୍ମାଣ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ସରକାର ପରିବର୍ତ୍ତନ ପରେ ଏସ୍‌ସିବିର ଏମ୍‌ସ ପ୍ଲସ୍ ରୂପାନ୍ତରଣ ଯେମିତି ଅଧାରେ ଅଟକି ଯାଇଛି। ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ି ରହିଛି ଓ ରୋଗୀ ସେବା ମଧ୍ୟ ପ୍ରଭାବିତ ହୋଇଛି। ବିଡ଼ମ୍ବନା ହେଉଛି ଏବେ ବିଭିନ୍ନ ପରୀକ୍ଷାନିରୀକ୍ଷା ପାଇଁ ଏସ୍‌ସିବିରେ ମେସିନ୍ ଉପଲବ୍ଧ ନାହିଁ। ଏପରିକି ବିଭିନ୍ନ ବିଭାଗରେ ୮୯ଟି ଗୁରୁତ୍ୱପୂର୍ଣ୍ଣ ମେସିନ୍ ▶ପୃଷ୍ଠା-୯

**ପୁଲିସ ଚାକିରି ବେପାର**

## ଦିଲ୍ଲୀରୁ ସିଣ୍ଡିକେଟ୍ ଚଳାଉଥିଲା ଶଙ୍କର


- ଗିରଫ ହେଲେଣି ୧୨୩ ଅଭିଯୁକ୍ତ
- ମୁନାକୁ ରିମାଣ୍ଡରେ ଆଣିବ କ୍ରାଇମବ୍ରାଞ୍ଚ
- ଜବତ ୧୧୦ରୁ ଅଧିକ ମୋବାଇଲର ଫୋରେନସିକ୍ ଯାଞ୍ଚ ହେବ
- ବିଜୟନଗରମ ସହିତ ଦୀଘାକୁ ମଧ୍ୟ ଯାଇଥା'ନ୍ତେ ୧୧୦ରୁ ଅଧିକ ଛାତ୍ରଛାତ୍ରୀ
- ପ୍ରମାଣ ନଷ୍ଟ ପାଇଁ ପ୍ରାର୍ଥୀଙ୍କୁ ପ୍ରମାଣପତ୍ର ଫେରସ୍ତ କରିଥିବା ମହିଳା ଗିରଫ

■ **କଟକ, ୧୭ ।୧୦ (ସମିସ):** ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ(ଓପିଆରବି) ଦ୍ୱାରା ପରିଚାଳିତ କମ୍ବାଇନ୍‌ଡ ପୁଲିସ୍ ସର୍ଭିସ ପରୀକ୍ଷା(ସିପିଏସଇ) ୨୦୨୪ ନିଯୁକ୍ତି ପାଇଁ ପ୍ରଶ୍ନପତ୍ର ଲିକ୍ ଓ ଚାକିରି ବେପାର ଘଟଣାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଏବେ ବି ଫେରାର୍ ରହିଛି। ଏହି ଘଟଣାରେ ଆଜି ସୁଦ୍ଧା ମୋଟ ୧୨୩ଜଣଙ୍କୁ ଗିରଫ କରାଯାଇଥିବା କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର। କ୍ରାଇମବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର ଏହା କହିବା ସହ ଖୁବଶୀଘ୍ର ଶଙ୍କରକୁ ଗିରଫ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ଏହି ଘଟଣାରେ ଗତକାଲି କଟକ ଜିଲ୍ଲାର ବୈଦେଶ୍ୱର ଥାନା ଅନ୍ତର୍ଗତ କଳାପଥରର ବାସିନ୍ଦା ମୁନା ମହାନ୍ତି (୩୨) ଓରଫ୍ ସଦାନନ୍ଦଙ୍କ ସମେତ ତାଙ୍କର ସହଯୋଗୀ ଶ୍ରୀକାନ୍ତ ମହାରଣା, ଟି. ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ଅଭିଯୁକ୍ତ ମୁନାର ୨ଟି ଟିପର୍, ଗୋଟିଏ ସ୍କର୍ପିଓ, ଗୋଟିଏ ମହିନ୍ଦ୍ରା ଥାର୍, ନଗଦ ୧ ଲକ୍ଷ ୨୦ ▶ପୃଷ୍ଠା-୯

## ରିପୋର୍ଟ ମାଗିଲେ ଏସ୍‌ଆଇଟି

**ନଭେମ୍ବର ୭ ରେ କଟକରେ ବୈଠକ**

■ **ଭୁବନେଶ୍ୱର, ୧୭।୧୦ (ସମିସ):** କଳାଧନ ତଦନ୍ତ ପାଇଁ ଗଠିତ ଏସ୍‌ଆଇଟି ରାଜ୍ୟରେ ହୋଇଥିବା ପୁଲିସ ଏସ୍‌ଆଇ ଚାକିରି ଅନିୟମିତତା ସଂପର୍କରେ ଖୋଳତାଡ଼ କରିବେ। ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଆସନ୍ତା ନଭେମ୍ବର ୭ ତାରିଖରେ କଟକରେ ଏ ସଂପର୍କିତ ଏକ ବୈଠକ ହେବ। ପୁଲିସ ଏସ୍‌ଆଇ ଚାକିରି ଅନିୟମିତତା ଅଭିଯୋଗ ଉପରେ ରାଜ୍ୟ ସରକାର ଏଯାଏଁ କ'ଣ ପଦକ୍ଷେପ ନେଇଛନ୍ତି ଏବଂ ତଦନ୍ତ କେତେଦୂର ଅଗ୍ରଗତି କରିଛି, ସେ ସଂପର୍କରେ ଏସ୍‌ଆଇଟି ରିପୋର୍ଟ ମାଗିଛନ୍ତି। ଏଥିସହିତ ରାଜ୍ୟରେ ଗୁଣିଗାରେଡ଼ି ହତ୍ୟା ସଂପର୍କରେ ସବିଶେଷ ତଥ୍ୟ ଦାଖଲ କରିବା ପାଇଁ ମଧ୍ୟ ଏସ୍‌ଆଇଟି କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। କଟକ ବୈଠକରେ କଳାଧନ, ପୁଲିସ ଚାକିରି କେଳେଙ୍କାରୀ ଏବଂ ଗୁଣିଗାରେଡ଼ି ହତ୍ୟା ▶ପୃଷ୍ଠା-୯







### ସହରରେ ଖୋଲିଲା ବାଣ ଦୋକାନ

# ଦେଶୀକୁ ମନା, ଗ୍ରୀନ୍ ବାଣକୁ ଗୁରୁତ୍ୱ

ବାଲେଶ୍ୱର,୧୭।୧୦(ସମିସ)



- ପୁରୁଣା ଷ୍ଟାଡିୟମରେ ୫୪, ଆଇଟିଆଇ ପଡ଼ିଆରେ ୨୩ ଷ୍ଟଲ୍
- କୁଲ୍‌ଫି, ସିଙ୍ଗଡ଼ା ଓ ଗିଟାର୍ ବାଣର ଚାହିଦା ବେଶୀ
- ଛୋଟ ପିଲାଙ୍କ ପାଇଁ ଡ୍ରୋନ୍, ହେଲିକେପ୍ଟର, ହନୁମାନ ବାଣ

ଆସନ୍ତା ଦୀପାବଳି ପାଇଁ ସହରରେ ଖୋଲିଲାଣି ବାଣ ଦୋକାନ। ଏଠାରେ ଭଳିକି ଭଳି ଦେଖିବାକୁ ମିଳିଛି। କୁଲଫି, ସିଙ୍ଗଡ଼ା ଓ ଗିଟାର୍ ପରି ଭଳିକି ଭଳି ବାଣର ବେଶୀ ଚାହିଦା ରହିଥିବାବେଳେ ଛୋଟ ପିଲାଙ୍କ ପାଇଁ ଡ୍ରୋନ୍, ହେଲିକେପ୍ଟର, ହନୁମାନ ବାଣ ମଧ୍ୟ ଉପଲବ୍ଧ ହେଉଛି। ସହରର ଦୁଇଟି ସ୍ଥାନ ଯଥା ଜିଲ୍ଲା ସ୍କୁଲ୍ ପୁରୁଣା ଷ୍ଟାଡିୟମ ଏବଂ ଆଇଟିଆଇ ପଡ଼ିଆରେ ବାଣ ଦୋକାନ ତଥା ବଜାର ଖୋଲିଛି। ଜିଲ୍ଲା ପ୍ରଶାସନର ଅନୁମତିରେ ପୁରୁଣା ଷ୍ଟାଡିୟମରେ ୫୪ ଏବଂ ଆଇଟିଆଇ ପଡ଼ିଆରେ ୨୩ ଟି ଦୋକାନ ଆଜିଠୁ ଖୋଲିଥିବା ସୂଚନା ମିଳିଛି। ତେବେ ଦେଶୀ ତଥା ଲୋକାଲ ବାଣ ବିକ୍ରି ସମ୍ପୂର୍ଣ୍ଣ ମନା ଥିବାବେଳେ ଗ୍ରୀନ୍ ବାଣକୁ ଗୁରୁତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ, ଆଉ ଦିନ କେଇଟା ପରେ ଆଲୋକର ପର୍ବ ଦୀପାବଳି। ସେଥିପାଇଁ ଏବେଠୁ ସହର ରଙ୍ଗ ବେରଙ୍ଗରେ ଝଲସିବା ଆରମ୍ଭ ହୋଇଯାଇଛି। ଏହି ଅବସରରେ ସହରରେ ମଣ୍ଡପରେ ପୂଜା ପ୍ରସ୍ତୁତି ସହ ବାଣ ବିକ୍ରି ପାଇଁ ବଜାର ମଧ୍ୟ ଖୋଲିଲାଣି। ଶୁକ୍ରବାରଠାରୁ ସହରର ଆଇଟିଆଇ ପଡିଆ ଏବଂ ଜିଲ୍ଲା ସ୍କୁଲ ପୁରୁଣା ଷ୍ଟାଡିୟମରେ ବାଣ ବଜାର ଖୋଲିଛି। ଯାହା ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ। ଜିଲ୍ଲା ପ୍ରଶାସନର ଅନୁମତିରେ ଚଳିତବର୍ଷ ୧୭ ରୁ ୨୧ ତାରିଖ ପର୍ଯ୍ୟନ୍ତ ବାଣ ବିକ୍ରି ପାଇଁ ଦୋକାନୀଙ୍କୁ ଅନୁମତି ମିଳିଛି। ପୁରୁଣା ଷ୍ଟାଡିୟମରେ ୫୪ ଟି ଏବଂ ଆଇଟିଆଇ ପଡ଼ିଆରେ ୨୩ ଟି ବାଣ ଦୋକାନ ଖୋଲିଛି। ଆଜି ଦିନଠାରୁ ବାଣ ବିକ୍ରି ମଧ୍ୟ ଆରମ୍ଭ ହୋଇଯାଇଛି। ପିଲାଠୁ ଆରମ୍ଭ କରି ବୟସ୍କ ବି ବାଣ କିଣୁଥିବାର ଦେଖିବାକୁ ମିଳିଛି। ଚଳିତବର୍ଷ ଦୋକାନୀମାନେ ୪ ଲକ୍ଷରୁ ୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାଣ ବିକ୍ରି ପାଇଁ ଆଣିଛନ୍ତି। ଯେଉଁଥିରେ ୫ ଟଙ୍କାରୁ ଆରମ୍ଭ କରି ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ବାଣ ରହିଛି। ବିଭିନ୍ନ ପ୍ରକାରର ସଟ୍ ବାଣ ଅଧିକ ଦରର ରହିଛି। ଚଳିତବର୍ଷ ଦେଶୀ ବାଣକୁ ବାଦ୍ ଦେଇ ସମସ୍ତ ଦୋକାନୀ ଗ୍ରୀନ୍ ବାଣ ବିକ୍ରି କରୁଥିବା ସୂଚନା ଦେଇଛନ୍ତି। ଚଳିତ ବର୍ଷ ବିଭିନ୍ନ ପ୍ରକାରର ନୂଆ ବାଣ ଦୋକାନରେ ବିକ୍ରି ହେଉଛି। କୁଲଫି ବାଣଠୁ ଆରମ୍ଭ କରି ସିଙ୍ଗଡା, ଗିଟାର୍, ମୟୁର ଆଦି ବାଣ ରହିଛି। ଏହାବ୍ୟତୀତ ଛୋଟ ପିଲାଙ୍କ ପାଇଁ ଡ୍ରୋନ୍, ହେଲିକେପ୍ଟର, ହନୁମାନ ଗଦା ଆଦି ବାଣ ରହିଛି। ଏହି ସମସ୍ତ ଗ୍ରୀନ୍ ବାଣ। ଏହାବ୍ୟତୀତ ଝରାବତୀ, ଝୁରଝୁରି, ହାତ ଫୁଟା ବାଣ, ଫୁଲଝରି, ଅନାର ଓ କ୍ରାକର୍ ମଧ୍ୟ ରହିଛି। 'ଏ ବର୍ଷ ବାଣ ଭଲ ବିକ୍ରି ପାଇଁ ଆମେ ଆଶା ରଖିଛୁ। ଜିଲ୍ଲା ପ୍ରଶାସନର ଅନୁମତିରେ ୧୭ ରୁ ୨୧ ବାଣ ବିକ୍ରି ହେବ। ଏଥର ଦେଶୀ ବାଣ ବିକ୍ରି ବନ୍ଦ ହୋଇଛି। କେହି ବି ଦୋକାନୀ ଏହା ଆଣିନାହାନ୍ତି। ସମସ୍ତେ ଗ୍ରୀନ୍ ବାଣ ବିକ୍ରି କରୁଛନ୍ତି। ଆଜି ଦିନଠାରୁ ବାଣ ବିକ୍ରି ଆରମ୍ଭ ହୋଇଯାଇଛି' ବୋଲି ବାଣ ଦୋକାନୀ ଜିତେନ ମଲ୍ଲିକ, ସଞ୍ଜୟ ବାରିକ, ଅଶ୍ୱିନୀ ବାରିକ୍, ହରେକୃଷ୍ଣ ବାରିକ୍, ରାଜା ଦେ, ସୂର୍ଯ୍ୟ ଚନ୍ଦ୍ର ସେନ୍ ପ୍ରମୁଖ କହିଛନ୍ତି।

## ପୁଷ୍ପାଞ୍ଜଳି ପାଇଁ ତତ୍ପର ହେଲା ପ୍ରଶାସନ



ବାଲିଆପାଳ,୧୭।୧୦(ସମସ): ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଅସହାୟ ପୁଷ୍ପାଞ୍ଜଳିଙ୍କ ପାଇଁ ତତ୍ପର ହୋଇଛି ପ୍ରଶାସନ। ବାଲେଶ୍ୱର ଜିଲ୍ଲପାଳଙ୍କୁ ଅସହାୟ ପୁଷ୍ପାଞ୍ଜଳି ଏବଂ ତାଙ୍କର ଦୁଇ ଶିଶୁକୁ ଥଇଥାନ ପାଇଁ ଅନୁରୋଧ କରିଥିଲେ। ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବାଲିଆପାଳ ବ୍ଲକ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଏହି ଅଭିଯୋଗ ଓ ଖବର ଆଧାରରେ ବାଲିଆପାଳ ବିଡିଓ ଶ୍ରୀ ରାଧାରଞ୍ଜନ ଦାସଙ୍କ ନେତୃତ୍ୱରେ ଏକ ଦଳ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ, ଭାରପ୍ରାପ୍ତ ସିଡିପିଓ ଅରଶ୍ମିତା ଜେନା ଓ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ବୋଙ୍ଗ ପଞ୍ଚାୟତର ନଇଆଡ଼ି ବନ୍ଧ ପାଖରେ ରହୁଥିବା ପୁଷ୍ପାଞ୍ଜଳି ମଲ୍ଲିକଙ୍କୁ ସକ୍ଷାତ କରି ତାଙ୍କ ଅସହାୟତା ବିଷୟରେ ତଦନ୍ତ କରିଛନ୍ତି। ସ୍ଥଳ ପରିଦର୍ଶନ ସମୟରେ ବିଡିଓ ଶ୍ରୀ ଦାସ ପୁଷ୍ପାଞ୍ଜଳିଙ୍କ ଅବସ୍ଥା ଦେଖି ତୁରନ୍ତ ତାଙ୍କୁ ଏକ ଜରିପାଲ ସହାୟତା ଦେଇଥିଲେ। ଏହା ସହିତ ତାଙ୍କୁ ଆଗାମୀ ଦିନରେ ବିଭିନ୍ନ ସରକାରୀ ସୁବିଧା ଯଥା ଆବାସ ଯୋଜନାରେ ଘର, ଜନ୍ମ ଓ ଆଧାର ପଞ୍ଜିକରଣ ସହାୟତା ଓ ଶିଶୁ ସୁରକ୍ଷା ଯୋଜନା ପର୍ଯ୍ୟାୟକ୍ରମେ ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ମଧ୍ୟ ନିଶ୍ଚିତ କରିଛନ୍ତି ଯେ, ଶିଶୁମାନଙ୍କ ଡକ୍ୟୁମେଣ୍ଟ ସମସ୍ୟା ସମାଧାନ ହେବା ପରେ ତାଙ୍କୁ ରାସନ ସୁବିଧା ମିଳିବ। ଭାରପ୍ରାପ୍ତ ସିଡିପିଓ ଅରଶ୍ମିତା ଜେନା ମଧ୍ୟ ଶିଶୁମାନଙ୍କ ପାଇଁ ପୌଷ୍ଟିକ ଆହାର ଓ ଅଙ୍ଗନୱାଡି ସେବା ଯୋଗାଇବାକୁ ନିଶ୍ଚିତ କରିଛନ୍ତି କ୍ଷ ସେ କହିଛନ୍ତି, ଏହି ଘଟଣା ଦେଖାଇଦେଲା ଯେ ଗଣମାଧ୍ୟମ ଏବଂ ସଚେତନ ସମାଜ ଏକସାଥି ହେଲେ ଅସହାୟ ଲୋକଙ୍କ ଜୀବନରେ ଆଶା ଫୁଟାଇ ପାରନ୍ତି। ଏହି ପଦକ୍ଷେପ ଦ୍ୱାରା ଦୁଇ ନିଷ୍ପାପ ଶିଶୁ ଓ ତାଙ୍କ ମାତା ପୁଷ୍ପାଞ୍ଜଳିଙ୍କ ଜୀବନରେ ନୂଆ ଆଶା ଜାଗି ଉଠିଛି।

## ଅନ୍ତର୍ଜାତୀୟ ଫ୍ୟାଶନ-ଶୋରେ ଚମ୍ପିଆନ ହେଲେ ବାଲେଶ୍ୱରର ଅସ୍ମିତ



ବାଲେଶ୍ୱର,୧୭।୧୦(ସମିସ): ପଶ୍ଚିମବଙ୍ଗରେ ଚମକିଲେ ଓଡ଼ିଶା ତଥା ବାଲେଶ୍ୱରର କୁନି ପୁଅ। ଅନ୍ୟ ରାଜ୍ୟରେ ଓଡ଼ିଶାର ସଂସ୍କୃତି ଓ ଜଗନ୍ନାଥଙ୍କୁ ପ୍ରଦର୍ଶିତ କରି ବେଶ୍ ଚର୍ଚ୍ଚାରେ ରହିଛନ୍ତି ଏହି କୁନି ପ୍ରତିଭା। ସମ୍ବଲପୁରୀ ପୋଷାକ ପରିଧାନ କରି ହାତରେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଧରି ଆନ୍ତର୍ଜାତୀୟ ଫ୍ୟାସନ୍-ସୋ ରେ ୱାକ୍ କରି ଚମ୍ପିଆନ୍ ହୋଇଛନ୍ତି। ସେ ହେଉଛନ୍ତି ୯ ବର୍ଷର ଅସ୍ମିତ କୁମାର ସାହୁ। ଏହି ଫ୍ୟାସନ୍-ସୋ ରେ ଅସ୍ମିତ ୫୦ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ଚାମ୍ପିଅନ ଟ୍ରଫି ହାସଲ କରିଛନ୍ତି। ଖାଲି ଭାରତ ନୁହେଁ ଭାରତ ବାହାରୁ ଆସିଥିବା ପ୍ରତିଯୋଗୀଙ୍କୁ ପଛରେ ପକାଇଛନ୍ତି ଅସ୍ମିତ। ପଶ୍ଚିମବଙ୍ଗର ମାଲଦାଠାରେ ଆୟୋଜିତ ଅନ୍ତର୍ଜାତୀୟ ସ୍ତରୀୟ ଫ୍ୟାସନ୍-ସୋ 'ଏଫ୍ ଏସ୍ ଏସ୍' ରେ ଅସ୍ମିତ ନିଜର ପ୍ରତିଭା ପ୍ରଦର୍ଶନ କରି ଓଡିଶା ତଥା ବାଲେଶ୍ୱର ପାଇଁ ଗର୍ବ ଆଣିଛନ୍ତି। ସୂଚନାଯୋଗ୍ୟ, ଅସ୍ମିତ କୁମାର ସାହୁଙ୍କ ନିଜ ଘର ବାଲେଶ୍ୱର ଜିଲ୍ଲା ଚନ୍ଦନେଶ୍ୱର କଖଡ଼ା ଗ୍ରାମରେ। ହେଲେ ପରିବାର ସହ ସେ ବାଲେଶ୍ୱର ସହର ବାଲିଆରେ ରହୁଛନ୍ତି ଅସ୍ମିତ। ଅମିତ କୁମାର ସାହୁ ଓ ପୂର୍ଣ୍ଣିମା ସାମଲଙ୍କ ଏକମାତ୍ର ପୁଅ ହେଉଛନ୍ତି ଅସ୍ମିତ। ବର୍ତ୍ତମାନ ଅସ୍ମିତ ବାଲେଶ୍ୱରର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଚତୁର୍ଥ ଶ୍ରେଣୀରେ ପଢୁଛନ୍ତି। ଚାମ୍ପିଅନ ହେବା ପଛରେ ମଡେଲିଙ୍ଗ ଶିକ୍ଷକ ଅନୁରାଗ ବସ୍ତୁ, ନାଚ ଶିକ୍ଷକ ଓମ ପ୍ରକାଶ ପାଣିଗ୍ରାହୀ ସାର, ଅଭିନୟ ଶିକ୍ଷକ ମନ୍ମୟ ଦେଙ୍କ ଅବଦାନ ରହିଛି ବୋଲି ସେ କହିଛନ୍ତି। ମୋ ମା ବାପା ଓ ମାଉସୀ ମୋତେ ବହୁତ ସହଯୋଗ କରନ୍ତି। ଆଗକୁ ମୁଁ ଜଣେ ଅଭିନେତା ହେବାକୁ ସ୍ୱପ୍ନ ରଖିଛି' ବୋଲି ଅସ୍ମିତ କହିଛନ୍ତି।

## ଗୀତା ଅଟୋ ମୋବାଇଲ୍ସର ଗ୍ରାହକ ମିଳନ ଓ ଟ୍ରାକ୍ଟର ପ୍ରଦାନ




ବାଲେଶ୍ୱର,୧୭।୧୦(ସମିସ): ଆତ୍ମନିର୍ଭରଶୀଳ କୃଷକଙ୍କୁ ସହାୟତା ଏବଂ ନୂଆ ଟେକ୍ନୋଲଜିର ସୁବିଧା ବାବଦରେ ଅବଗତ କରାଇଲେ ଜଣେ କୃଷକ ସମୃଦ୍ଧ ହେବା ସହ ଦେଶ ମଧ୍ୟ ସମୃଦ୍ଧ ହେବ ବୋଲି ଆୟୋଜିତ କୃଷକ ମିଳନ ସଭାରେ ଅତିଥିମାନେ ମତପୋଷଣ କରିଥିଲେ। ଶୁକ୍ରବାର ରେମୁଣା ଗୋଲାଇ ସ୍ଥିତ ଗୀତା ଅଟୋମୋବାଇଲସ ଦ୍ୱାରା ଆୟୋଜିତ କୃଷକ ମିଳନ ଏବଂ ନୂତନ ଗାଡ଼ି ପ୍ରଦାନ ଅବସରରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଅଟୋମୋବାଇଲ୍ସର ପରିଚାଳନା ନିର୍ଦ୍ଦେଶକ ଅଶୋକ ବେରାଙ୍କ ସଭାପତିତ୍ୱରେ ସ୍ୱତ୍ତ୍ୱାଧିକାରୀ ଗୀତାଞ୍ଜଳି ବେରା, ମୁଖ୍ୟ ଅତିଥି ଏସକୋର୍ଟ୍ସ କ୍ୟୁବୋଟା ଲିଃ ର ଜୋନାଲ ସେଲସ ମ୍ୟାନେଜର ରାଜେନ୍ଦ୍ର ଲୋଢେ, ସମ୍ମାନିତ ଅତିଥି ସେଲସ ଓ ମାର୍କେଟିଙ୍ଗ ମ୍ୟାନେଜର ଚନ୍ଦନ ଗିରି, ସର୍ଭିସ ଇଞ୍ଜିନିୟର ଆଶିଷ ପଣ୍ଡା, ହିତେଶ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉତ୍ତର ଓଡିଶାରୁ କୋଣ ଅନୁକୋଣରୁ ଆସିଥିବା ପ୍ରାୟ ଦୁଇ ଶହରୁ ଅଧିକ ଗ୍ରାହକ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଲୋଢେ କୃଷକମାନଙ୍କୁ ଉଦବୋଧନ ଦେବା ଅବସରରେ ସୂଚନା ଦେଇଥିଲେକି ସାମ୍ପ୍ରତିକ ପରିସ୍ଥିତିରେ ନିଜକୁ ଏ ସମାଜରେ ଆ।ନିର୍ଭରଶୀଳ ହେବାକୁ ହେଲେ ନୂଆ ନୂଆ ଟେକ୍ନୋଲୋଜିର ଆବଶ୍ୟକତା ଏବଂ ଉପାଦେୟତା ବାବଦରେ ଏହିଭଳି କାର୍ଯ୍ୟକ୍ରମ ମାଧ୍ୟମରେ କୃଷକଙ୍କୁ ଅବଗତ କରାଇବା ଜରୁରୀ। ଏସକୋର୍ଟ କ୍ୟୁବଟା ସ୍ୱାଧୀନତା ସମୟରୁ ସଦାବେଳେ କୃଷକଙ୍କ ହିତରେ ରହି ଆସିଛି ଏବଂ ନୂଆ ନୂଆ ଟ୍ରାକ୍ଟର ଉପହାର ଦେଇ ଆସିଛି। ଏଣୁ ଆଜିଭଳି ଅବସରରେ କୃଷକମାନଙ୍କୁ ଗୀତା ଅଟୋ ମୋବାଇଲ୍ସ ତରଫରୁ ନୂଆ ଗାଡି ମଧ୍ୟ ପ୍ରଦାନ କରାଯିବାର ପ୍ରାବଧାନ କରାଯାଇଛି। ଗତ ୨୬ ତାରିଖରେ ପ୍ରୋ ମ୍ୟାକ୍ସ ଏବଂ ୱାର୍ଲଡ ମ୍ୟାକ୍ସର ଶୁଭ ଉଦ୍‌ଘାଟନ କରାଯାଇଥିଲା। ଗଣ ମାଧ୍ୟମରେ ଏହା ପ୍ରଚାର ହେବା ପରେ କୃଷକ ବନ୍ଧୁ ମାନଙ୍କର ଫାର୍ମ ଟ୍ରାକ, ଏସକୋର୍ଟ କ୍ୟୁବୋଟା ପ୍ରତି ଉତ୍ସାହ ଏବଂ ଚାହିଦା ବୃଦ୍ଧି ପାଇଛି ବୋଲି ସମ୍ପୃକ୍ତ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ବ୍ୟକ୍ତ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଆମ୍ଭେମାନେ ପୁଣି ଥରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାହକ ମାନଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ନୂଆ ଗାଡି ମଧ୍ୟ ପ୍ରଦାନ କରିବୁ। ଏହି ଅବସରରେ ଉପସ୍ଥିତ ଥିବା ଗ୍ରାହକମାନେ ମଧ ସମ୍ପୃକ୍ତ କମ୍ପାନୀର ଗାଡି ପ୍ରତି ଆବଶ୍ୟକତା ପ୍ରକଟ କରିବା ସହ ଅନ୍ୟ କମ୍ପାନୀର ଗାଡି ତୁଳନାରେ ଏହା ଅତ୍ୟଧିକ ଲାଭ ଦାୟକ ବୋଲି କହିଥିଲେ। ଏହି ଅବସରରେ ବାଲିଆପାଳରୁ ଆସିଥିବା କୃଷକ ଉତ୍ତମ କୁମାର ସାହୁ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ବେରା ଏବଂ ସମସ୍ତ କର୍ମଚାରୀଙ୍କ ଗ୍ରାହକ ସେବାକୁ ପ୍ରଶଂସା କରିବା ସହ ଗୀତା ଅଟୋମୋବାଇଲସ ଅନ୍ୟ ସଂସ୍ଥା ମାନଙ୍କ ଠାରୁ ଭିନ୍ନ ଏବଂ ଅତୁଳନୀୟ ବୋଲି ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ଛ ଜଣ କୃଷକ ଅଜୟ ବାରିକ,ଦୁଃଶାସନ ପୃଷ୍ଟି, ଅଚ୍ୟୁତ ବିଶ୍ୱାଳ, ଉତ୍ତମ କୁମାର ସାହୁ, ଶୁଭଙ୍କର କର ଏବଂ ଅଜୟ ପ୍ରଧାନ ପ୍ରମୁଖ ନୂଆ ଟ୍ରାକ୍ଟର କିଣିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ସେମାନଙ୍କୁ ପୁଷ୍ପ ଗୁଚ୍ଛ, ଉତ୍ତରୀୟ ଏବଂ ଗାଡିର ଚାବି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସତ୍ୟନାରାୟଣ ସାହୁ, ସତ୍ୟଜିତ ସାହୁ, ମନୋଜ ମୁଖୀ, ରାଜା, ସୁଦୀପ୍ତା, ରାଧା, ମାନସ, ତାପସ, ରତିକାନ୍ତ, ଭାସ୍କର ପ୍ରମୁଖ ସହଯୋଗ କରିଥିବା ବେଳେ ସଂସ୍ଥାର ପରିଚାଳକ ରାଜେନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିଲେ।

## କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠା ଦିବସ




ଜଳେଶ୍ୱର,୧୭।୧୦(ସମିସ): ସିପିଏମ୍ ଜଳେଶ୍ୱର ଆଞ୍ଚଳିକ କମିଟି କାର୍ଯ୍ୟାଳୟ ସମ୍ମୁଖରେ ଦଳୀୟ ପତାକା ଉତ୍ତୋଳନ ପୂର୍ବକ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଦଳର ବରିଷ୍ଠ ନେତା ଦିଲ୍ଲୀପ କୁମାର ଗିରିଙ୍କ ତତ୍ତ୍ୱାବଧାନରେ ପାର୍ଟି କାର୍ଯ୍ୟାଳୟରେ ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଦଳର ଜିଲ୍ଲା ନେତା ଦିପ୍ତିମାନ ଆଚାର୍ଯ୍ୟ ଓ ଦିଲ୍ଲୀପ କୁମାର ଗିରି, କୃଷକ ନେତା ଜୀବନ ପରିଡ଼ା ଓ ରାଜୀବ ପଣ୍ଡା ବକ୍ତବ୍ୟ ରଖି କହିଥିଲେ ଯେଉଁ ଦୁଇଟି ଉଦ୍ଦେଶ୍ୟ ନେଇ କମ୍ୟୁନିଷ୍ଟ ପାର୍ଟି ଗଠିତ ହୋଇଥିଲା ଆଜକୁ ୧୦୫ ବର୍ଷ ବିତିଯାଇଥିଲେ ମଧ୍ୟ ତାହା ପୂରଣ ହୋଇନାହିଁ। ଦେଶ ଯଦିଓ ବ୍ରିଟିଶ ଶାସନରୁ ମୁକ୍ତ ହୋଇ ସ୍ୱାଧୀନତା ଲାଭ କରିଛି କିନ୍ତୁ ଲୋକେ ପୂର୍ଣ୍ଣ ସ୍ୱାଧୀନତା ଲାଭ କରିନାହାନ୍ତି। ଅର୍ଥନୈତିକ କ୍ଷେତ୍ରରେ ବୈଷମ୍ୟ ଦୂର ହେବା ପରିବର୍ତ୍ତେ କ୍ରମଶଃ ବୃଦ୍ଧି ପାଉଛି। ମୁଷ୍ଟିମେୟ ଉଚ୍ଚତର ଧନୀ ଲୋକଙ୍କ ହାତରେ ଦେଶର ସମ୍ପଦ ଠୁଳ ହେବାରେ ଲାଗିଛି ଓ ଗରିବୀ ବଢୁଛି। ସମାଜବାଦକୁ ସାମ୍ବିଧାନିକ ସ୍ୱୀକୃତି ମିଳିଥିଲେ ବି କେବଳ ଆଳଙ୍କାରିକ ଶବ୍ଦ ଭାବରେ ସମ୍ବିଧାନରେ ଶୋଭା ପାଉଛି।ସମାଜ ଶୋଷଣ ମୁକ୍ତ ହେବା ବଦଳରେ ଶୋଷଣର ମାତ୍ରା ବଢି ବଢ଼ି ଚାଲିଛି।ଧରମୀୟ ସନ୍ତ୍ରାସବାଦ ଉଗ୍ର ରୂପ ଧାରଣ କରିଛି।ଆମ ରାଜ୍ୟର ସ୍ଥିତି ମଧ୍ୟ ସମାନ। ବେକାରୀ ଓ ଦରବୃଦ୍ଧି ଜନିତ ସମସ୍ୟାରେ ଲୋକେ ଜର୍ଜରିତ।ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ।ସରକାର ବଦଳୁଛି ମାତ୍ର ସମସ୍ୟା ସମାଧାନ ହେଉନାହିଁ।ବାମପନ୍ଥା ବ୍ୟତୀତ ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ନୁହେଁ ବୋଲି ବକ୍ତାମାନେ କହିଥିଲେ।ଅନ୍ୟମାନଙ୍କ ମଧ୍ୟରେ ଖଗେନ୍ଦ୍ର ମହୁରୀ,ଅଶୋକ ଘଡାଇ,ମିଟୁ ଗୋଚ୍ଛାୟତ, ନିତାଇ,ମଦନ ସମେତ ବହୁ ଅଟୋ ଚାଳକ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ବିବାଦୀୟ ପୋଷ୍ଟ କରି ଜଣେ ଗିରଫ

ବାଲେଶ୍ୱର,୧୭।୧୦(ସମିସ): ସୋସିଆଲ ମିଡିଆରେ ବିବାଦୀୟ ପୋଷ୍ଟ କରିଥିବାରୁ ଟାଉନ ଥାନା ବୋଲି ଜଣକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ବଙ୍କା ଖଜୁରୀସ୍ଥିତ ଆକତପୁର ଅଞ୍ଚଳର ସାନି ଦାସ। ମିଳିଥିବା ସୂଚନା ଅନୁସାରେ, ବାଲୁ ବଜାରର ଅଭିଯୋଗକାରୀ କୁର୍ବାନ ଖାନ ସୋସିଆଲ ମିଡ଼ିଆର ବିବାଦୀୟ ପୋଷ୍ଟକୁ ନେଇ ପ୍ରଥମେ ଏସପିଙ୍କୁ ଜଣାଇଥିଲେ। ଏହି ଅଭିଯୋଗକୁ ଆଧାର କରି ଟାଉନ ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି।

## ବିଏମ୍‌ଏସ୍‌ଆର୍‌ଏ ପକ୍ଷରୁ ୫୨ ୟୁନିଟ୍ ରକ୍ତ ସଂଗ୍ରହ




ବାଲେଶ୍ୱର,୧୭।୧୦(ସମିସ): ଭାରତୀୟ ମେଡିକାଲ ଆଣ୍ଡ ସେଲସ୍ ରିପ୍ରେଜେଣ୍ଟେଟିଭସ ଆସୋସିଏସନ (ବିଏମଏସଆରଏ)ର ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ବିଏମଏସଆରଏର ଜିଲ୍ଲା ସାଧାରଣ ସମ୍ପାଦକ ଉତ୍ତମ ପ୍ରଧାନଙ୍କ ପରିଚାଳନାରେ ଜିଲ୍ଲା ରକ୍ତ ଭଣ୍ଡାରରେ ଏହି ଶିବିର ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଏଡିଏମଓ ଡା. ଗିରିଜା ଶଙ୍କର ଦାଶ, ସମ୍ମାନିତ ଅତିଥି ଭାବେ ବ୍ଲଡ ବ୍ୟାଙ୍କ ଇନଚାର୍ଜ ଡା. ବସନ୍ତ କୁମାର ଉପାଧ୍ୟାୟ, ବିଏମଏସଆରଏର ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟଜିତ ଜେନା, ରାଜ୍ୟ ସାଧାରଣ ସମ୍ପାଦକ ମନ୍ମୟ ଦାଶ, ଜିଲ୍ଲା ସଭାପତି ବଂଶୀଧର ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ଅରୁପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମୋଟ ୫୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରଶ୍ମିରଞ୍ଜନ ଗିରି, ସୁଦର୍ଶନ ମନ୍ତ୍ରୀ, ତପନ ଦେ, ସଂଗ୍ରାମ ଖିଲାର, ଅସିତ ସ୍ୱାଇଁ, ଓମ ପ୍ରକାଶ, ଗଜାନନ ପ୍ରଧାନ, ଶୁସାନ୍ତ ସେଠୀ, ଚିନ୍ମୟ ଦାସ, ଚନ୍ଦନ ସାହୁ, ଆନନ୍ଦ ଜେନା ଓ ସନ୍ତୋଷ ଛାଟୋଇ ପ୍ରମୁଖ ସହଯୋଗ କରିଥିଲେ।

## ଡକ୍ଟର ଜ୍ୟୋତି ପ୍ରକାଶ ରଥଙ୍କୁ ଜ୍ଞାନ ଜ୍ୟୋତି ସମ୍ମାନ



ବାଲେଶ୍ୱର,୧୭।୧୦(ସମିସ): ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ଅଧ୍ୟାପକ ଡକ୍ଟର ଜ୍ୟୋତି ପ୍ରକାଶ ରଥଙ୍କୁ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ରଣା ଓ ପ୍ରଶାସନିକ ଅଧିକାରୀ ଡକ୍ଟର ସନ୍ତୋଷ କୁମାର ରାଉତ "ଶିକ୍ଷା ଜ୍ୟୋତି ସମ୍ମାନ'ରେ ସମ୍ମାନିତ କରିଛନ୍ତି। ଡକ୍ଟର ରଥ ବାଣିଜ୍ୟରେ ୧୦୦ ରୁ ଊର୍ଦ୍ଧ୍ୱ ବାଣିଜ୍ୟ ପୁସ୍ତକ ଲେଖିଛନ୍ତି। ଯାହାଙ୍କ ପୁସ୍ତକକୁ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜ ଗୁଡିକରେ ଛାତ୍ରଛାତ୍ରୀମାନେ ପଢୁଛନ୍ତି। ତାଙ୍କର ପୁସ୍ତକ ପ୍ରକାଶନ ଓ ଶିକ୍ଷାର ବିକାଶ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସୁନ୍ଦର ସାରସ୍ୱତ ପରିବେଶରେ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀସମସ୍ତେ ଉପସ୍ଥିତ ରହି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ବିଧାନସଭା ସ୍ତରୀୟ ବିକାଶ ସଭା

# 'ବିକାଶ ପରିକଳ୍ପନାରେ ସମନ୍ୱୟର ଆବଶ୍ୟକତା ଜରୁରୀ'

ବାଲେଶ୍ୱର,୧୭।୧୦(ସମିସ)




ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଡିଟୋରିଅମରେ ବାଲେଶ୍ୱର ବିଧାନସଭା ମଣ୍ଡଳ ପାଇଁ ୨୦୨୫ ର ପ୍ରଥମ ବିଧାନସଭାସ୍ତରୀୟ ବିକାଶ ସଭା ଆୟୋଜିତ ହୋଇଥିଲା। ଜିଲ୍ଲା ବିକାଶ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ସଭାର ପରିଚୟ ଦେଇ ସ୍ୱାଗତ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ରାଉତ ଯୋଗ ଦେଇଥିଲେ। ସଭାରେ ଆବାହକ ଉପଜିଲ୍ଲାପାଳ ଶିବ ମାଳବ୍ୟ ସଭାର ଗୁରୁତ୍ୱ ଓ ବିକାଶ ପରିକଳ୍ପନାରେ ସମନ୍ୱୟର ଆବଶ୍ୟକତା ଜରୁରୀ ବୋଲି କହିଥିଲେ। ସଭାର ଅଧ୍ୟକ୍ଷତା କରିଥିଲେ ବିଧାୟକ ମାନସ କୁମାର ଦତ୍ତ ଏବଂ ପୂର୍ବତନ ଏସିଡିସି ସଭାର ଆକ୍ସନ ଟେକେନ୍ ରିପୋର୍ଟ ଉପରେ ସମୀକ୍ଷା କରିଥିଲେ। ପୂର୍ବ ସଭାରେ ଉଲ୍ଲେଖ ହୋଇଥିବା ତମୁଳିଆ ଗେଟ, ଲୁଣିଆଯୋଡି ବ୍ରିଜ୍, ଶାନ୍ତିକାନନ ଲାଇବ୍ରେରୀ, ରିଙ୍ଗ ରୋଡ୍ ପ୍ରୋଜେକ୍ଟ, ଅଙ୍ଗରଗଡିଆ ବ୍ରିଜ୍ ଓ ହଳଦିପଦା ଛକ ଠାରୁ ସୋଲପଟା ଛକ ପର୍ଯ୍ୟନ୍ତ ରାସ୍ତା ସଂଯୋଗ ସମ୍ପର୍କୀୟ ବିଷୟଗୁଡ଼ିକ ଉପରେ ଗଭୀର ଆଲୋଚନା ହୋଇଥିଲା। ସଭାରେ ସମସ୍ତ ବିଭାଗକୁ ଚାଲୁଥିବା ଓ ଆଗାମୀ ପ୍ରକଳ୍ପ, ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଯୋଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ବିଡିଓ ସଦର ଉତ୍ତମ ଜେନା ଏଜେଣ୍ଡା ଅନୁସାରେ ଆଲୋଚନା ଆରମ୍ଭ କରିଥିଲେ ଏବଂ ବିଧାୟକ ଓ ଉପଜିଲ୍ଲାପାଳ ବିଷୟରେ ବିସ୍ତୃତ ସମୀକ୍ଷା କରିଥିଲେ। ଜି ଏମ ଡି ଆଇ ସି ପିଏମ ବିଶ୍ୱକର୍ମା ଯୋଜନା, ଋଣ ବିତରଣ ଓ ଲକ୍ଷ୍ୟପୂରଣ ବିଷୟରେ ତଥ୍ୟ ଦେଇଥିଲେ। ଜଳ ଯୋଗାଣ ବିଭାଗ ପକ୍ଷରୁ ଓଭରହେଡ୍ ଟାଙ୍କ ଓ ପାଇପଲାଇନ୍ ସମେତ ଅନ୍ୟ ପ୍ରକଳ୍ପ ଗୁଡ଼ିକର ନିର୍ମାଣ ଉପରେ ସମୀକ୍ଷା ହେଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ସହକାରୀ ଯନ୍ତ୍ରୀ, ଏନ୍ ଏଚ ଏମ ଜିଲ୍ଲାର ସ୍ୱାସ୍ଥ୍ୟ କେନ୍ଦ୍ର, ସବ୍‌ସେଣ୍ଟର ର ନିର୍ମାଣ ସ୍ଥିତି ଓ ଡାକ୍ତରୀ ସେବା ସମ୍ପର୍କରେ ତଥ୍ୟ ଦେଲେ। ଟିପିଏନଓଡିଏଲ୍ ଅଧିକାରୀମାନେ ବିଦ୍ୟୁତ୍ ସିଷ୍ଟମ୍ ଅପ୍ ଗ୍ରେଡେସନ ଓ ଟ୍ରାନ୍ସଫର୍ମର ସର୍ଭେ ବିଷୟରେ ଅବଗତ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍କୁଲ ଗୃହ, ଶିକ୍ଷା ମାନ ଓ ବିଭିନ୍ନ ସରକାରୀ ଯୋଜନା ଉପରେ ତଥ୍ୟ ଦେଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଆଶ୍ରମ ବିଦ୍ୟାଳୟ, ହଷ୍ଟେଲ ଓ ଅନ୍ୟାନ୍ୟ କଲ୍ୟାଣ ଯୋଜନା ବିଷୟରେ ସୂଚନା ଦେଇଥିଲେ। ବିଡିଓ ସଦର ପିଏମଏୱାୟ, ଏମ ଜି ଏନ୍ ଅର୍ ଇ ଜି ଏସ , ଜି ପି ଏଲ ଏଫ୍ ଓ ଅନ୍ୟାନ୍ୟ ଗ୍ରାମିଣ ବିକାଶ କାର୍ଯ୍ୟର ସ୍ଥିତି ଉପରେ ତଥ୍ୟ ଦେଲେ। ସରକାରୀ ପଲିଟେକ୍ନିକ, ଆଇଟିଆଇ ଓ ଡିପ୍ଲୋମା କଲେଜ୍ ପକ୍ଷରୁ ଦକ୍ଷତା ଉନ୍ନୟନ ଓ ଆୟ ସୃଷ୍ଟି ଉଦ୍ୟମ ବିଷୟରେ ଆଲୋଚନା ହୋଇଥିଲା। ଜିଲ୍ଲା ନିଯୁକ୍ତି ଅଧିକାରୀ ନିଯୁକ୍ତି ସମ୍ବନ୍ଧୀୟ ଯୋଜନା ବିଷୟରେ ତଥ୍ୟ ଦେଇଥିଲେ। ବାଲେଶ୍ୱର ମ୍ୟୁନିସିପାଲଟି ଅଫୋର୍ଡେବଲ ହାଉସିଂ ଯୋଜନା, ନଗର ଉନ୍ନୟନ ମୂଳକ କାର୍ଯ୍ୟ ଓ ମହାନଳ ଅଞ୍ଚଳରୁ ଅନଧିକୃତ ଅଧିକ୍ରମଣ ହଟାଇବା ବିଷୟରେ ସମୀକ୍ଷା ହୋଇଥିଲା। ସେହିପରି ବନ ବିଭାଗ, କୃଷି, ଉଦ୍ୟାନ କୃଷି ଓ ମତ୍ସ୍ୟଚାଷ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଗ୍ରାମୀଣ ବିକାଶ ଓ ଆର୍ ଏଣ୍ଡ ବି ବିଭାଗର ରାସ୍ତା, ବ୍ରିଜ୍ ଓ ଅନ୍ୟାନ୍ୟ ପ୍ରକଳ୍ପ ଉପରେ ବିସ୍ତୃତ ସମୀକ୍ଷା ହୋଇଥିଲା। ସମସ୍ତ ପ୍ରକଳ୍ପ କିମ୍ବା ଯୋଜନା ଆବଶ୍ୟକ ଅନୁସାରେ ତହସିଲଦାରଙ୍କୁ ସରକାରୀ ଜମି ଯୋଗାଇବା ପାଇଁ ଓ ସମନ୍ୱୟ ରଖିବା ଏବଂ ଭୂମିହୀନ ଲୋକଙ୍କୁ ଚିହ୍ନଟ କରି ପଟ୍ଟା ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**ବାରିପଦା,୧୭।୧୦(ସମିସ):** ମୟୂରଭଞ୍ଜ ସ୍ୱତନ୍ତ୍ର ପୋକ୍ସ କୋର୍ଟ ବିଚାରପତି ପ୍ରତିମା ପାତ୍ର ଶୁକ୍ରବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଆସାମୀଜଣଙ୍କ ହେଲା, ଜାମଦା ଥାନା ଅଞ୍ଚଳର ବଳରାମ ମୁଣ୍ଡା(୨୩)। ଏହାସହ ପୀଡ଼ିତାକୁ ୭ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସହାୟତା ବିଭାଗଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁଯାୟୀ, ନାବାଳିକାଜଣଙ୍କ ଗ୍ରାମର ଜଣଙ୍କ ଘରୁ ଫେରିବା ବେଳେ ତାକୁ ଏକୁଟିଆ ପାଇ ବଳରାମ ଦୁଷ୍କର୍ମ କରିଥିଲା। ତେବେ ନାବାଳିକାଜଣଙ୍କ ଘରକୁ ଫେରିବା ପରେ ଏସଂପର୍କରେ ପରିବାରଲୋକଙ୍କୁ ଜଣାଇଥିଲେ। ଘଟଣା ବାବଦରେ ପରିବାର ଲୋକେ ସ୍ଥାନୀୟ ଜାମଦା ଥାନାରେ ଅଭିଯୋଗ କରିଥିଲେ। ମାମଲାକୁ ପୋକସୋ କୋର୍ଟର ସ୍ୱତନ୍ତ୍ର ପିପି ଅଭିନ୍ନ କୁମାର ପଟ୍ଟନାୟକ ପରିଚାଳନା କରୁଥିଲେ।

## ନୂଆପଡ଼ା ସମର | ବିଜେଡିର ୪୦ ବ୍ରିଗେଡ୍

**ଭୁବନେଶ୍ୱର, ୧୭।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେଡି ନିଜର ଷ୍ଟାର କ୍ୟାମ୍ପେନର (ତାରକା ପ୍ରଚାରକ) ତାଲିକା ଜାରି କରିଛି। ଦଳ ପକ୍ଷରୁ ଜାରି ହୋଇଥିବା ୪୦ ଜଣିଆ ତାରକା ପ୍ରଚାରକ ତାଲିକାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୀର୍ଷରେ ରହିଛନ୍ତି। ଏହାସହିତ ଦଳ ଷ୍ଟାର ପ୍ରଚାରକ ଭାବେ ବହୁ ବରିଷ୍ଠ ନେତାଙ୍କ ସମେତ ଯୁବ ନେତୃତ୍ୱ ବିଧାୟକ ଓ ସାଂସଦମାନଙ୍କୁ ମଧ୍ୟ ଏଥିରେ ସାମିଲ କରିଛି।

**୪୦ ତାରକା ପ୍ରଚାରକଙ୍କ ତାଲିକା ଜାରି**

୪୦ ଜଣିଆ ତାଲିକାରେ ବିଜେଡି ସଭାପତି ନବୀନ ପଟ୍ଟନାୟକ, ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିରଂଜନ ପୂଜାରୀ, ଡଃ ଅରୁଣ କୁମାର ସାହୁ, ପ୍ରତାପ ଦେବ, ପ୍ରଣବ ପ୍ରକାଶ ଦାସ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ସଂଜୟ କୁମାର ଦାସବର୍ମା, ଦିବ୍ୟଶଙ୍କର ମିଶ୍ର, କଳିକେଶ ନାରାୟଣ ସିଂହଦେଓ, ସାରଦା ନାୟକ, ପୁଷ୍ପେନ୍ଦ୍ର ସିଂହଦେଓ, ପ୍ରୀତିରଂଜନ ଘଡାଇ, ଟୁକୁନି ସାହୁ, ସୁଲତା ଦେଓ, ଲେଖାଶ୍ରୀ ସାମନ୍ତସିଂହାର, ସୁଦାମ ମାର୍ଣ୍ଡି, ଦେବେଶ ଆଚାର୍ଯ୍ୟ, ପ୍ରଦୀପ କୁମାର ଦିଶାରୀ, ସରୋଜ କୁମାର ମେହେର, ରୋହିତ ପୂଜାରୀ, ମୁନ୍ନା ଖାଁ, ବିକ୍ରମ ପଣ୍ଡା, ଭୃଗୁ ବକ୍ସିପାତ୍ର, ଯୋଗେଶ ସିଂହ, ନିରଂଜନ ବିଶି, ମନୋହର ରନ୍ଧାରୀ, ରମେଶ ମାଝୀ, ପ୍ରଦୀପ ମାଝୀ, ଅଧିରାଜ ପାଣିଗ୍ରାହୀ, ରୋମାଞ୍ଚ ରଂଜନ ବିଶ୍ୱାଳ, ସୁବାସିନୀ ଜେନା, ବର୍ଷା ସିଂହ ବରିହା, ଦୀପାଳି ଦାସ, ମନୋରମା ମହାନ୍ତି, ଚିନ୍ମୟ ସାହୁ ଓ ଇପ୍ସିତା ସାହୁ ପ୍ରମୁଖ ଟିମ୍‌ରେ ସାମିଲ ଅଛନ୍ତି।




ଏହା ପୂର୍ବରୁ ଗୁରୁବାର ନୂଆପଡ଼ାରେ ପ୍ରଚାର କାର୍ଯ୍ୟକ୍ରମକୁ କିପରି ସଂଗଠିତ, ଯୋଜନାବଦ୍ଧ ତଥା ସଫଳ ଭାବେ ତୁଲାଇ ହେବ ସେନେଇ ବିଜେଡି ଏକ ୫୨ ଜଣିଆ ଟିମ୍ ଗଠନ କରିଛି। ନିଜେ ବିଜେଡି ସଭାପତି ଏହି ଟିମ୍ ଘୋଷଣା କରିବା ସହିତ ବ୍ଲକ୍‌ୱାରୀ ନେତାଙ୍କୁ ମାନଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ନୂଆପଡ଼ା ଓ କୋମନା ବ୍ଲକରେ ପ୍ରଚାର କାର୍ଯ୍ୟକ୍ରମ ତଦାରଖ ପାଇଁ ମୋଟ ୧୮ ଜଣ ଲେଖାଏଁ ୨ ଟି ଟିମ୍ ଓ ଖରିଆର୍ ରୋଡ ଏନଏସି ଏବଂ ନୂଆପଡ଼ା ଏନଏସି ପାଇଁ ୮ ଜଣ ଲେଖାଏଁ ୧୬ ଜଣ ନେତାଙ୍କୁ ନବୀନ ଦାୟିତ୍ୱ ପ୍ରଦାନ କରିଛନ୍ତି।

## କଠୋର ହେଲା ପରିବହନ ବିଭାଗ | ଅଭ୍ୟାସଗତ ଉଲ୍ଲଙ୍ଘନକାରୀଙ୍କ 'ଆର୍‌ସି' ରଦ୍ଦ ହେବ

**କଟକ, ୧୭।୧୦ (ସମିସ):** ଏଣିକି ଅଭ୍ୟାସଗତ ଭାବେ ମୋଟର ଯାନ ଆଇନ ନିୟମ ଉଲ୍ଲଙ୍ଘନକାରୀଙ୍କ ଗାଡ଼ିଗୁଡ଼ିକର ପଞ୍ଜୀକରଣ ପ୍ରମାଣପତ୍ର (ଆରସି) ରଦ୍ଦ କରାଯିବ। ପରିବହନ କମିସନରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) କାର୍ଯ୍ୟାଳୟରେ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପରୋକ୍ତ ନିଷ୍ପତ୍ତି ସହ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା। ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ) ପକ୍ଷରୁ ଏହି ଉଲ୍ଲଂଘନକାରୀମାନଙ୍କର ତାଲିକା ପ୍ରସ୍ତୁତ କରାଯିବା ସହ ସେମାନଙ୍କୁ ଚାଲାଣ ପୈଠ କରିବାକୁ ପଞ୍ଜିକୃତ ନମ୍ବରରେ ସୂଚନା ପ୍ରଦାନ କରାଯିବ। ତଥାପି ଯଦି ନିୟମ ଉଲ୍ଲଘଂନକାରୀ ବକେୟା ଚାଲାଣ ପୈଠ ନ କରନ୍ତି, ମୋଟର ଯାନ ଆଇନ ଅନୁଯାୟୀ ଆରଟିଓମାନେ ନୋଟିସ ପଠାଇବେ। ସଡ଼କରେ ଅନ୍ୟ ବ୍ୟବହାରକାରୀଙ୍କ ପାଇଁ ବିପଦ ସାଜିଥିବା ଏଭଳି ପଦକ୍ଷେପ ନେବାକୁ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ପରିବହନ ଆୟୁକ୍ତ।

ଏହି ବୈଠକରେ ପରିବହନ ପ୍ରାଧିକରଣର ବରିଷ୍ଠ ଅଧିକାରୀଙ୍କ ସହ ସମସ୍ତ ଉପ-ପରିବହନ ଆୟୁକ୍ତ, ଆରଟିଓ, ଅତିରିକ୍ତ ଆରଟିଓ ଆଭାସୀରେ ଯୋଗ ଦେଇଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ, ଅଧିକ ସଂଖ୍ୟାରେ ଚାଲାଣ ବକେୟା ଥିବା ଗାଡ଼ିର ତାଲିକା ପ୍ରସ୍ତୁତ କରାଯିବ।



# ଫେବୃଆରୀ ତୃତୀୟ ସପ୍ତାହରୁ +୨ ପରୀକ୍ଷା

**ଭୁବନେଶ୍ୱର, ୧୭।୧୦(ସମିସ):** ଯୁକ୍ତ ଦୁଇ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବା ସିଏଚ୍‌ଏସ୍‌ଇ। ଏକ୍ସ ରେଗୁଲାର୍ ଛାତ୍ରଛାତ୍ରୀଙ୍କ ପାଇଁ ଫର୍ମ ପୂରଣ ଆରମ୍ଭ ହୋଇଥିବାବେଳେ ଆସନ୍ତା ୨୦ ତାରିଖରୁ ରେଗୁଲାର୍ ପିଲାଙ୍କ ଫର୍ମ ପୂରଣ ହେବ। ସେହିପରି ଡିସେମ୍ବର ୨୨ତାରିଖରୁ ଇଣ୍ଟରନାଲ୍ ପରୀକ୍ଷା କରିବା ପାଇଁ ବିଦ୍ଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇ ସାରିଛି। ଏହାପରେ ଫେବୃଆରୀ ତୃତୀୟ ସପ୍ତାହରୁ ବାର୍ଷିକ ପରୀକ୍ଷା ଆରମ୍ଭ ହେବ। ଚଳିତ ବର୍ଷ ନୂତନ ଭାବେ ୮୯ ପରୀକ୍ଷା କେନ୍ଦ୍ର ଖୋଲିବ। ସମୁଦାୟ ୧୩୪୯ ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ ବୋଲି ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ବାର୍ଷିକ ପରୀକ୍ଷା ପାଇଁ ଫେବୃଆରୀ ୧୪ ତାରିଖ ସୁଦ୍ଧା ପିଲାଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ୧୫ ରୁ ୨୫ ତାରିଖ ମଧ୍ୟରେ ପରୀକ୍ଷା ଆରମ୍ଭ ହେବ। ଏହା ପୂର୍ବରୁ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ସିଏଚ୍‌ଏସ୍‌ଇ ବ୍ୟାପକ ପ୍ରସ୍ତୁତି ଜାରି ରଖିଛି। ଏକ୍ସ-ରେଗୁଲାର ପିଲାଙ୍କ ଫର୍ମ ପୂରଣ ଜାରି ରହିଥିବାବେଳେ ଆସନ୍ତା ୨୨ ତାରିଖ ଯାଏଁ ଚାଲିବ। ସେହିପରି ରେଗୁଲାର୍ ଛାତ୍ରଛାତ୍ରୀମାନେ ଆସନ୍ତା ୨୦ରୁ ନଭେମ୍ବର ୬ ତାରିଖ ମଧ୍ୟରେ ବିନା କୌଣସି ଫାଇନ୍‌ରେ ଫର୍ମ ପୂରଣ କରିପାରିବେ। ଏହି ଅବଧି ମଧ୍ୟରେ ଫର୍ମ ପୂରଣ କରିପାରି ନ

**ନୂତନ ଭାବେ ଖୋଲିବ ୮୯ ପରୀକ୍ଷା କେନ୍ଦ୍ର**

ଥିବା ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀମାନେ ନଭେମ୍ବର୧୦ରୁ ୧୪ ତାରିଖ ମଧ୍ୟରେ ୨୦୦ଟଙ୍କା ଫାଇନ୍ ଏବଂ ନଭେମ୍ବର ୧୭ରୁ ୧୯ ତାରିଖ ମଧ୍ୟରେ ୬୦୦ ଟଙ୍କା ଫାଇନ୍ ଦେଇ ଫର୍ମ ପୂରଣ କରିପାରିବେ। ଡିସେମ୍ବର ୨୨ ତାରିଖରୁ ଯୁକ୍ତ ଦୁଇ ଇଣ୍ଟରନାଲ ପରୀକ୍ଷା ଆରମ୍ଭ ହେବ। ଦୁଇଟି ସ୍ଲଟରେ ଜାନୁଆରୀ ୧୫ ତାରିଖ ଯାଏଁ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ। ପ୍ରଥମ ସ୍ଲଟରେ ଡିସେମ୍ବର ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ଇଣ୍ଟରନାଲ ଆସେସମେଣ୍ଟ, ପ୍ରୋଜେକ୍ଟ ମୂଲ୍ୟାଙ୍କନ ଓ ମୌଖିକ ପରୀକ୍ଷା ସରିବ। ଏହାପରେ ଦ୍ୱିତୀୟ ସ୍ଲଟରେ ଜାନୁଆରୀ ୨ରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ୧୫ ତାରିଖରେ ସରିବ। ଏହି ସମୟରେ ପରୀକ୍ଷା ଦେଇପାରି ନଥିବା ଛାତ୍ରଛାତ୍ରୀଙ୍କୁ ଜାନୁଆରୀ ୧୦ ରୁ ୧୫ ତାରିଖ ମଧ୍ୟରେ ପରୀକ୍ଷା ଦେବାକୁ ଆଉ ଏକ ସୁଯୋଗ ମିଳିବ।

ପରୀକ୍ଷାରେ ସ୍ୱଚ୍ଛତା ପାଇଁ ଷ୍ଟ୍ରଙ୍ଗ ରୁମ୍ ସମେତ ପରୀକ୍ଷା ହଲ୍, ଲାବୋରାଟୋରୀ ଓ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ଲଗାଇବାକୁ ସିଏଚ୍‌ଏସ୍‌ଇ ଗୁରୁତ୍ୱ ଦେଇଛି। ବିଶେଷ କରି ପ୍ରଥମଥର ପାଇଁ ସେଣ୍ଟର ହେଉଥିବା ଶିକ୍ଷାନୁଷ୍ଠାନରେ ସିସିଟିଭି ସୁନିଶ୍ଚିତ କରିବାକୁ କୁହାଯାଇଛି। ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ କ୍ୟାମେରାକୁ ଯାଞ୍ଚ କରି ତାରିଖ ଓ ସମୟ ଠିକ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେଗୁଡ଼ିକର ଆଇଡି ଓ ପାସ୍‌ୱାର୍ଡ ମଧ୍ୟ ନଭେମ୍ବର ୨୯ ତାରିଖ ସୁଦ୍ଧା ସିଏଚ୍‌ଏସ୍‌ଇକୁ ପ୍ରଦାନ କରିବେ। ଫଳରେ କୃତ୍ରିମ ବୁଦ୍ଧିମତା (ଏଆଇ) ଉପଯୋଗ କରି ପରୀକ୍ଷା ସମୟର ସିଧାପ୍ରସାରଣ ଦେଖିବା ସହ ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରୁ ନିୟନ୍ତ୍ରଣ କରାଯାଇ ପାରିବ। କୌଣସି ଅସଙ୍ଗତି ପରିଲକ୍ଷିତ ହେଲେ ସିଧାସଳଖ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ।

## ସାପ କାମୁଡ଼ାରେ ଅଜା-ନାତି ମୃତ

**ଶେରଗଡ଼, ୧୭।୧୦(ସମିସ):** ସାପ କାମୁଡ଼ାରେ ଅଜା-ନାତି ମୃତ। ଶେରଗଡ଼ ଥାନା କରଡ଼ାକଣା ପଞ୍ଚାୟତ ଶବରପଲ୍ଲୀ ଗ୍ରାମରେ ଗୁରୁବାର ରାତିରେ ଏହି ଅଘଟଣ ଘଟିଛି। ମୃତକ ହେଲେ, ଗ୍ରାମର ପଞ୍ଚାନନ ନାଇକ(୫୫) ଓ ତାଙ୍କ ନାତି ରୋଶନ ପାଇକ(୧୦)। ଗୁରୁବାର ରାତିରେ ପଞ୍ଚାନନଙ୍କ ପରିବାର ସଦସ୍ୟ ଖାଇପିଇ ଶୋଇଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ଏକ ସାପ ପଞ୍ଚାନନ ଏବଂ ନାତି ରୋଶନଙ୍କୁ କାମୁଡ଼ି ଦେଇଥିଲା। ଉଭୟଙ୍କ ଚିତ୍କାର ଶୁଣି ପରିବାରଲୋକ ସେମାନଙ୍କୁ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।


Nippon india Mutual Fund
Wealth sets you free

Mutual Fund Investor Awareness Program

To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below:

| Date | Time | Location |
| --- | --- | --- |
| 26th October, 2025 | 12:00 PM | Sambalpur |

Venue: Hotel Royal Retreat, Ainthapali, Sambalpur-768006
Name: Shib Prasad Joshi | Mob. No.: 8657417350

Nippon Life India Asset Management Limited| CIN:L65910MH1995PLC220793

Mutual Fund investments are subject to market risks, read all scheme related documents carefully.


## ଦୁର୍ଘଟଣାରେ ପରିବାରର ୪ ମୃତ



**କାମାକ୍ଷାନଗର, ୧୭।୧୦(ସମିସ):** କାମାକ୍ଷାନଗର ସହରକୁ ସୁକନ୍ୟା ଟଙ୍କା ରଖିବା ଓ ମାର୍କେଟିଂ କରିବାକୁ ଆସୁଥିବା ବେଳେ ସଡ଼କ ଦୁର୍ଘଟଣା ଘଟି ଗୋଟିଏ ପରିବାରର ୨ ଶିଶୁକନ୍ୟାଙ୍କ ସମେତ ୪ ଜଣଙ୍କ ଜୀବନ ଯାଇଛି। ୫୩ ନମ୍ବର ଜାତୀୟ ରାଜପଥର କାମାକ୍ଷାନଗର ଥାନା ମାଳପୁରା ଓଭରବ୍ରିଜ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଏହି ଅଘଟଣ ଘଟିଛି। ମୃତକମାନେ ହେଲେ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳ ଭାବଗ୍ରାହୀ କାରୁଆଁ ବାପା, ତାଙ୍କ ସ୍ତ୍ରୀ ଜାନକୀ କରୁଆଁ, ଝିଅ ଗୀତାଞ୍ଜଳି କାରୁଆଁ (୬) ଓ ଝିଆରୀ (ଶଳାଙ୍କ ଝିଅ) ନାଣ୍ଡି (୮)।

ଭାବଗ୍ରାହୀ ଯାଜପୁର ଜିଲ୍ଲା କାଳିଆପାଣିସ୍ଥିତ ଇମ୍ଫା କାରଖାନାରେ କାମ କରନ୍ତି। ଶୁକ୍ରବାର ପୂର୍ବାହ୍ନରେ ଏକ ବାଇକ୍ ଯୋଗେ ସ୍ତ୍ରୀ, ଝିଅ ଓ ଝିଆରୀଙ୍କୁ ସାଙ୍ଗରେ ନେଇ ସୁକନ୍ୟା ଟଙ୍କା ଜମା କରିବା ସହ ମାର୍କେଟିଂ କରିବା ପାଇଁ କାମାକ୍ଷାନଗର ଆସୁଥିଲେ। ହେଲେ ମାଳପୁରା ଓଭରବ୍ରିଜ୍ ନିକଟରେ ଏକ ଟ୍ରକ୍ ସେମାନଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଭାବଗ୍ରାହୀ, ତାଙ୍କ ଝିଅ ଗୀତାଞ୍ଜଳି ଓ ଝିଆରୀ ନାଣ୍ଡିଙ୍କ ମୃତ୍ୟୁ ହୋଇଥିଲା। ସ୍ତ୍ରୀ ଜାନକୀଙ୍କୁ ଗୁରୁତର ଅବସ୍ଥାରେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ମୃତ୍ୟୁ ହୋଇଛି। ପରିବାରଲୋକେ ମେଡିକାଲରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ତଦନ୍ତ ଆରମ୍ଭ କରିଛି।




# ମୟୂରଭଞ୍ଜ ଜିଲ୍ଲାରେ ମହିଳା ଓ ଶିଶୁବିକାଶ ଭିତ୍ତିଭୂମି ବାଟବଣା

ବାରିପଦା, ୧୭।୧୦(ସମିସ)

ମୟୂରଭଞ୍ଜ ଜିଲ୍ଲାରେ ବାଟବଣା ହୋଇଛି ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନା। ଗୋଟିଏ ପଟେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଥିବା ବେଳେ ଶିଶୁ, ନାବାଳିକା ଓ ଗର୍ଭବତୀଙ୍କ ସ୍ୱାସ୍ଥ୍ୟସେବା ପ୍ରଭାବିତ ହେଉଛି। ସପ୍ତାହକ ତଳେ ଜିଲ୍ଲାରେ ୧୧୭୨ଟି ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନଥିବା ସମ୍ବନ୍ଧରେ 'ସକାଳ'ରେ ଖବର ପ୍ରକାଶ ପାଇଥିବା ବେଳେ କାର୍ଯ୍ୟରତ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ପଙ୍ଗୁ ହେବାକୁ ବସିଥିବା ନେଇ ଉଦ୍‌ବେଗଜନକ ଖବର ଜଣାପଡ଼ିଛି। ଏପରିସ୍ଥିତିରେ ମହିଳା ଓ ଶିଶୁ ବିକାଶ ବିଭାଗ ତଥା ଜିଲ୍ଲା ପ୍ରଶାସନ ଚେଇଁ ଶୋଇବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଅଙ୍ଗନବାଡ଼ି କେନ୍ଦ୍ର ଶିଶୁମାନଙ୍କ ପାଇଁ ଶିକ୍ଷା ଓ ପୋଷଣର ଆଲୋକ ବାର୍ତ୍ତା ଦେଉଥିବା ବେଳେ ଏହି ଭିତ୍ତିଭୂମି ଜିଲ୍ଲାକୁ ପଛକୁ ପଛକୁ ନେବାକୁ ଲାଗିଛି ବୋଲି ଅଭିଯୋଗ ହେଉଛି। ଖୋଲା ଆକାଶ ତଳେ ଅ..ଆ...ଶିକ୍ଷା ଗ୍ରହଣ କରୁଥିବା ବେଳେ ପାନୀୟଜଳ, ବିଦ୍ୟୁତ୍ ଓ ଶୌଚାଳୟ ପରି ଅତି ଜରୁରୀ ସୁବିଧା ନାହିଁ ବୋଲି ଅଭିଯୋଗ ହେଉଛି। ଜିଲ୍ଲାର ୨୬ଟି ବ୍ଲକରେ ୫, ୧୫୩ ଅଙ୍ଗନବାଡ଼ି କେନ୍ଦ୍ର ରହିଥିବା ବେଳେ ପ୍ରାକ୍‌ଶିକ୍ଷା ପାଇଁ ଏହି ଅଙ୍ଗନବାଡି କେନ୍ଦ୍ରଗୁଡ଼ିକ ଅତି ଗୁରୁତ୍ୱପୂର୍ଣ୍ଣ। ଶିଶୁମାନଙ୍କ ପାଇଁ ବୌଦ୍ଧିକ ଶିକ୍ଷା ଓ କୁପୋଷଣର ଶିକାର ହେଉଥିବା ଶିଶୁଙ୍କୁ ଆଲୋକ ବର୍ତ୍ତିକା ସାଜିବାକୁ ଯୋଜନା ହୋଇଥିବା ବେଳେ ଏହା ବାଟବଣା ହୋଇଛି। ଜିଲ୍ଲା ଆଇସିଡିଏସର ତଥ୍ୟ ଅନୁସାରେ ଏକ ଅନ୍ଧକାର ଚିତ୍ର ପଦାକୁ ଆସିଛି। ଜିଲ୍ଲାର ମାତ୍ର ୨୦୪ଟି କେନ୍ଦ୍ର ନିକଟସ୍ଥ ସ୍କୁଲରେ ଚାଲୁଥିବା ବେଳେ ୩୨୦ଟି ଭଡାଘରେ ଘରେ, ୬୪୮ଟି କମ୍ୟୁନିଟି ଘରେ ଚାଲୁଛି। ୧, ୧୭୨ ଅଙ୍ଗନବାଡି କେନ୍ଦ୍ରରେ ନିଜସ୍ୱ ଗୃହ ବିନା ଅସ୍ଥାୟୀ ଭାବେ କାହା ବାରଣ୍ଡାରେ ତ ଗଛ ତଳେ ଚାଲିଛି। କେବଳ ୪.୩ପ୍ରତିଶତ କେନ୍ଦ୍ରରେ ରୋଷେଇ ଘର, ୨%ରେ ଶୌଚାଳୟ, ୨୨% ପାନୀୟ ଜଳ ଓ ୨% ବିଦ୍ୟୁତ ସୁବିଧା ରହିଛି। ଏହି ଅଭାବ ଶିଶୁମାନଙ୍କର ବୌଦ୍ଧିକ ବିକାଶ ସହ ପୋଷଣ ମାସରେ ସରକାରଙ୍କ ପାରିବାପଣିଆକୁ ପଦାରେ ପକାଇଛି। ଜିଲ୍ଲାର ୨୬ଟି ବ୍ଲକରେ ଅଙ୍ଗନବାଡ଼ି ଅବସ୍ଥା ଅତିଶୋଚନୀୟ ହୋଇଥିବା ବେଳେ ୩୨୮ ରୁ ଅଧିକ ଘର ଆସିଥିବା ଟଙ୍କା ଫେରିଯାଇଛି। ୧୫ ଲକ୍ଷ ମଧ୍ୟରେ ଘର ତିଆରି ହୋଇପାରୁ ନଥିବାରୁ ବ୍ଲକରୁ ଜିଲ୍ଲା ମୁଖ୍ୟାଳୟକୁ



- ୯୭ ପ୍ରତିଶତ ଅଙ୍ଗନବାଡ଼ି କେନ୍ଦ୍ରରେ ନାହିଁ ଶୌଚାଳୟ ଓ ବିଜୁଳି
- ପାନୀୟ ଜଳ ପାଇଁ ପର ଉପରେ ନିର୍ଭର କରୁଛନ୍ତି ଶିଶୁ ଓ ଗର୍ଭବତୀ

ଫେରିଯାଇଥିବା ଜଣାପଡ଼ିଛି। ଜିଲ୍ଲାର ବହଳଦାରେ ୧୬ ଭଡ଼ାଘରେ ଅଙ୍ଗନବାଡି ଚାଲୁଥିବାବେଳେ ୧୮ କମ୍ୟୁନିଟି ଘରେ ଚାଲୁଛି। ବାଙ୍ଗିରିପୋଷିରେ ୨୧ଟି ସ୍କୁଲ ଘରେ, ୩୪ ଭଡ଼ାଘରେ, ୩୦ କମ୍ୟୁନିଟି ଘରେ ଚାଲୁଛି। ବାରିପଦାରେ ୬ ସ୍କୁଲରେ ଅଙ୍ଗନବାଡି, ୩୪ ଭଡ଼ାଘରେ ଓ ୨୨ କମ୍ୟୁନିଟି ଘରେ ଚାଲୁଛି। ବଡସାହିରେ ୧୩ ସ୍କୁଲରେ ଓ ୫୩ କମ୍ୟୁନିଟି ଘରେ ଚାଲୁଛି। ବେତନଟିରେ ୩ ସ୍କୁଲରେ, ୧୩ ଭଡାଘରେ, ୫୩ କମ୍ୟୁନିଟି ଘରେ ଚାଲୁଥିବା ଜଣାପଡ଼ିଛି। ବିଜାତଳାରେ ୪ଲେଖାଏଁ ସ୍କୁଲ, ୪ ଭଡ଼ାଘରେ ଓ ୪ କମ୍ୟୁନିଟି ଘରେ ଚାଲୁଛି ଅଙ୍ଗନବାଡି କେନ୍ଦ୍ର। ବିଶୋଇରେ ୪ ସ୍କୁଲ, ୮ ଭଡାଘରେ ଓ ୧୬ କମ୍ୟୁନିଟି ଘରେ ଚାଲୁଛି। ଗୋପବନ୍ଧୁନଗରରେ ୪ଟି ସ୍କୁଲ ଓ ୨୪ଟ କମ୍ୟୁନିଟି ଘରେ ଚାଲୁଥିବା ବେଳେ ଜମଦାରେ ୨ଟି କେନ୍ଦ୍ର ସ୍କୁଲରେ, ୧୩ଟି ଭଡାଘରେ ଓ ୧୦ଟି କମ୍ୟୁନିଟି ଘରେ ଚାଲୁଛି। ଯଶିପୁରରେ ୬ଟି ସ୍କୁଲରେ, ଗୋଟିଏ ଭଡାଘରେ ଓ ୩୮ କମ୍ୟୁନିଟି ଘରେ ଅଙ୍ଗନବାଡି ଚାଲୁଛି। ସେହିପରି କପ୍ତିପଦାରେ ୧୮ଟି ସ୍କୁଲରେ, ୨୪ଟି ଭଡାଘରେ ଓ ୩୨ କମ୍ୟୁନିଟି ଘର ଚାଲୁଥିବା ବେଳେ କରଞ୍ଜିଆରେ ୮ଟି କେନ୍ଦ୍ର ସ୍କୁଲରେ, ୮ଟି ଭଡ଼ାଘରେ ଓ ୧୭ଟି କମ୍ୟୁନିଟି ଘରେ ଚାଲୁଛି। ସେହିପରି ଖୁଣ୍ଟାରେ ୮ଟି ସ୍କୁଲରେ, ୨୫ଟି ଭଡାଘରେ ଓ ୧୨ଟି କମ୍ୟୁନିଟି ଘରେ ଚାଲୁଛି। ଅପରପକ୍ଷରେ କୁଳିଅଣାରେ ୭ଟି ଅଙ୍ଗନବାଡି କେନ୍ଦ୍ର ସ୍କୁଲରେ, ୨୯ଟି ଭଡାଘରେ, ୨୬ଟି କମ୍ୟୁନିଟି ଘରେ ଚାଲୁଥିବା ବେଳେ କୁସୁମିରେ ଗୋଟିଏ ନିକଟସ୍ଥ ସ୍କୁଲରେ, ୫୦ଟି ଭଡାଘରେ ଓ ୩୯ଟି କମ୍ୟୁନିଟି ଘରେ ପରିଚାଳିତ ହେଉଛି। ସେହିପରି ମୋରୋଡ଼ାରେ ୯ଟି ସ୍କୁଲ ଓ ୩୮ଟି କମ୍ୟୁନିଟି ଘରେ ଚାଲୁଛି। ଅନ୍ୟପକ୍ଷରେ ରାଷ୍ଟ୍ରପତିଙ୍କ ନିଜ ଅଞ୍ଚଳ ରାଇରଙ୍ଗପୁରରେ ୯ଟି କେନ୍ଦ୍ର ସ୍କୁଲରେ ଓ ୪୩ଟି କମ୍ୟୁନିଟି ଘରେ ପରିଚାଳିତ ହେଉଥିବା ବେଳେ ରରୁଆଁରେ ୨୫ଟି ସ୍କୁଲ ଓ ୧୪ଟି କମୁନିଟି ଘରେ ଚାଲୁଛି। ସେହିପରି ରାସଗୋବିନ୍ଦପୁରରେ ୫ଟି କେନ୍ଦ୍ର ସ୍କୁଲ ଘରେ, ୧୩ଟି ଭଡାଘରେ, ୪୪ଟି କମ୍ୟୁନିଟି ଘରେ ଚାଲୁଥିବା ବେଳେ ସାରସକଣାରେ ୮ଟି ସ୍କୁଲରେ, ୨୫ଟି ଭଡାଘରେ, ୮ଟି କମ୍ୟୁନିଟି ଘରେ ଚାଲୁଛି। ସେହିପରି ଶାମାଖୁଣ୍ଟାରେ ୩ଟି କେନ୍ଦ୍ର ସ୍କୁଲ ଘରେ, ୨ଟି ଭଡାଘରେ ଓ ୧୩ଟି କମ୍ୟୁନିଟି ଘରେ ଚାଲୁଥିବା ବେଳେ ଶୁକ୍ଳିରେ ୧୩ଟି ସ୍କୁଲ ଘରେ, ୨ଟି ଭଡାଘରେ ଓ ୨୧ଟି କମ୍ୟୁନିଟି ଘରେ ଚାଲୁଛି। ସେହିପରି ଶୁଳିଆପଦାରେ ୪ଟି କେନ୍ଦ୍ର ସ୍କୁଲ ଘରେ ଓ ୪୬ଟି କମ୍ୟୁନିଟି ଘରେ ଚାଲୁଥିବା ବେଳେ ଠାକୁରମୁଣ୍ଡାରେ ୧୦ଟି ସ୍କୁଲ, ୧୫ଟି ଭଡାଘରେ ଓ ୭ଟି କମ୍ୟୁନିଟି ଘରେ ଚାଲୁଛି। ତିରିଙ୍ଗରେ ୯ଟି ସ୍କୁଲରେ, ୨ଟି ଭଡାଘରେ ଓ ଗୋଟିଏ କମ୍ୟୁନିଟି ଘରେ ଅଙ୍ଗନବାଡି କେନ୍ଦ୍ର ଚାଲୁଥିବା ବେଳେ ଉଦଳାରେ ୫ଟି କେନ୍ଦ୍ର ସ୍କୁଲରେ ଓ ୩୮ଟି କମ୍ୟୁନିଟି ଘରେ ଚାଲୁଛି। ଏହି ଅଙ୍ଗନବାଡ଼ିଗୁଡ଼ିକରେ ଅସ୍ଥାୟୀ ଭବନ, ଶୌଚାଳୟ ଓ ପାଣିର ଅଭାବ ପ୍ରାକ୍ ଶିକ୍ଷାକୁ ବିପର୍ଯ୍ୟସ୍ତ କରୁଛି। ଖୁଣ୍ଟା, ବିଶୋଇ ଓ ଜାମଦାରେ ଅବସ୍ଥା ଅତ୍ୟନ୍ତ ଶୋଚନୀୟ, ଯେଉଁଠାରେ ଅସୁରକ୍ଷିତ ଘରେ ଶିଶୁମାନେ ଶିକ୍ଷା ନେଉଛନ୍ତି। ଶୌଚାଳୟର ଅଭାବ ବାଳିକାମାନଙ୍କ ଉପସ୍ଥାନ ହ୍ରାସ କରୁଛି, ଯାହା ସ୍ୱାସ୍ଥ୍ୟ ସମସ୍ୟା ଓ ଡ୍ରପ୍‌ଆଉଟ୍‌କୁ ବଢ଼ାଉଛି। ଏହାସହ ରୋଷେଇ ଘରର ଅଭାବ ପୋଷଣ ଅଭିଯାନକୁ ଦୁର୍ବଳ କରୁଥିବା ବେଳେ ଅପପୁଷ୍ଟିର ଡାକିକରି ଆଣୁଛି। ବିଦ୍ୟୁତ ଅଭାବରୁ ଆଧୁନିକ ଶିକ୍ଷଣ ଅସମ୍ଭବ ହୋଇ ପଡୁଥିବା ବେଳେ ଯାହା ଶିଶୁଙ୍କ ମୌଳିକ ଶିକ୍ଷାକୁ ପ୍ରଭାବିତ କରୁଛି। ଏହି ଅଭାବ ଶିଶୁଙ୍କ ଭବିଷ୍ୟତକୁ ବିପଦ ଆଡ଼କୁ ଠେଲୁଛି। ଦୁର୍ବଳ ପ୍ରାକ୍-ଶିକ୍ଷା ମାନସିକ ଓ ଶାରୀରିକ ବିକାଶକୁ ବାଧାଦେଉଛି, ଯାହା ପରବର୍ତ୍ତୀ ଶିକ୍ଷା ଓ ଜୀବନଯାତ୍ରାରେ ଅସମାନତା ସୃଷ୍ଟି କରିବା ଆଶଙ୍କା ସୃଷ୍ଟି ହୋଇଛି। ଖାଲି ସେତିକି ନୁହେଁ ଅସୁରକ୍ଷିତ ଅଙ୍ଗନବାଡି କେନ୍ଦ୍ର ଆକସ୍ମିକ ଦୁର୍ଘଟଣା ଆଶଙ୍କାକୁ ବଢ଼ାଉଛି। ଏନେଇ ଜିଲ୍ଲାପାଳ ହେମକାନ୍ତ ସଏ କହିଛନ୍ତି ଯେ, ଏହି ଅଙ୍ଗନବାଡି କେନ୍ଦ୍ରକୁ ନେଇ ରହିଥିବା ସମସ୍ୟାର ସମାଧନ କରିବାକୁ ଏକ ବୈଠକ ଡକାଯାଇଛି। ବୈଠକରେ ପ୍ରାକଶିକ୍ଷା ତଥା ମହିଳା ଓ ଶିଶୁ ବିକାଶକୁ ନେଇଥିବା ସମସ୍ୟାକୁ ଦୂର କରିବାକୁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି।

## ମା' ମନସାଙ୍କ ବାର୍ଷିକ ପୂଜା ଓ ଘଟ ଶୋଭାଯାତ୍ରା



**ମୋରଡ଼ା, ୧୭।୧୦(ସମିସ):** ମୋରଡ଼ା ବ୍ଲକ ଅଧୀନ ନୂଆଗାଁ ପଞ୍ଚାୟତର ଫୁଲଝରି ଗ୍ରାମରେ ଥିବା ମା' ମନସାଙ୍କ ମନ୍ଦିରରେ ବଡ଼ପୂଜା ଓ ବାର୍ଷିକ ଘଟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଏକ ପୋଖରୀରୁ ଓଡ଼ିଶା ଓ ପଶ୍ଚିମବଙ୍ଗର ୩୦୦ରୁ ଅଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଘଟରେ ଜଳନେଇ ବିରାଟ ଶୋଭାଯାତ୍ରାରେ ମା'ଙ୍କ ମନ୍ଦିରରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ କିଛି ଭକ୍ତ ବେକରେ ନାଗ ସାପ ଗୋଡ଼ାଇ ହୋଇ ମା'ଙ୍କୁ ଆରାଧନା କରି ସାମିଲ ହୋଇଥିଲେ। ଭକ୍ତମାନେ ମନ୍ଦିର ପହଞ୍ଚିବା ପୂର୍ବରୁ ଥିବା ନିଆଁରେ ଚାଲିଚାଲି ଯାଇ ମା'ଙ୍କ ନିକଟରେ ଜଳାଭିଷେକ କରିଥିଲେ। ରାତିତମାମ ମା'ଙ୍କ ନିକଟରେ ଦୀପ ଜାଳିଥିଲେ ଶ୍ରଦ୍ଧାଳୁ। ଭକ୍ତମାନଙ୍କ ସହିତ ଆସିଥିବା ଲୋକଙ୍କ ପାଇଁ କମିଟି ତରଫରୁ ମାଗଣା ଲୋଟେରୀ, କୁଇଜ ପ୍ରତିଯୋଗିତା, ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମା'ଙ୍କ ପୂଜା ତଥା ଘଟ ଉତ୍ତୋଳନ ଦେଖିବା ପାଇଁ ପାଞ୍ଚ ହଜାର ଲୋକଙ୍କ ଜନସମାଗମ ହୋଇଥିଲା।

**୫ ହଜାର ଲୋକଙ୍କ ଜନସମାଗମ**

## ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳିତ



**ସାରସକଣା, ୧୭।୧୦(ସମିସ):** ସାରସକଣା ବ୍ଲକ ବିଜେଡି ପକ୍ଷରୁ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିବସ ପାଳନ କରାଯାଇଛି। ବିଜେଡିର ବିଧାୟକ ପ୍ରାର୍ଥୀ ଡା. ଦେବାଶିଷ ମାର୍ଣ୍ଡିଙ୍କ ଆହ୍ୱାନକ୍ରମେ ସାରସକଣା ବିଜେଡି କାର୍ଯ୍ୟାଳୟରେ ବରିଷ୍ଠ, ଯୁବକର୍ମୀମାନେ ଏକତ୍ରିତ ହୋଇ କେକ୍‌କାଟି ଶ୍ରୀ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ କରିବାସହିତ ତାଙ୍କର ଦୀର୍ଘାୟୁ କାମନା କରିଥିଲେ। ବିଜେଡି ବ୍ଲକ ସଭାପତି ମଣିଶଙ୍କର ବାରିକ, ମୟୂରଭଞ୍ଜ ୨ ମିଡିଆ ସଂଯୋଜକ ସତ୍ୟଜିତ ଦତ୍ତ, କ୍ଷେତ୍ରମୋହନ ବେହେରା, ସ୍ୱାଗତ ପଟ୍ଟନାୟକ, ବିଶ୍ୱଜିତ ମାହାନ୍ତି, ଅଜୟ ମଣ୍ଡଳ, ରୁପମ ମଣ୍ଡଳ, ଟୁନା ମଣ୍ଡଳ, ସୂର୍ଯ୍ୟ ମୁର୍ମୁ, ଯୁବନେତା ବିନୟ ଭୋଲ ଓ ଅଶ୍ୱିନୀ କୁମାର ମାହାନ୍ତ ଯୋଗଦେଇଥିଲେ।

## ଦେଶୀ ମଦଭାଟି ଉଠାଇବାକୁ ନିର୍ଦ୍ଦେଶ

**କପ୍ତିପଦା, ୧୭।୧୦(ସମିସ):** ବ୍ଲକ ଅଧୀନ ମାଙ୍କଡ଼ପଡ଼ା ପଞ୍ଚାୟତର ହଦଗୋଠ ଗ୍ରାମରେ ଥିବା ଦେଶୀ ମଦଭାଟି ସ୍ଥାନାନ୍ତର ପାଇଁ ଜିଲ୍ଲାପାଳ ଓ ବିଭାଗୀୟ ଜିଲ୍ଲା ଅଧିକାରୀ ନିର୍ଦ୍ଦେଶ ଦେଇଥିବାର ସୂଚନା ଦେଇଛନ୍ତି ଉଦଳା ଅବକାରୀ ଭାରପ୍ରାପ୍ତ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକ। ନିର୍ଦ୍ଦେଶକୁ ଜିଲ୍ଲା ଅବକାରୀ ଅଧିକାରୀ କାର୍ଯ୍ୟକାରୀ କରିବାକୁ ସମସ୍ତ ପ୍ରସ୍ତୁତି ସାରିଥିବାର ଜଣାପଡ଼ିଛି। ଉକ୍ତ ଗ୍ରାମରେ ଦୀର୍ଘ ୧୭ ବର୍ଷ ଧରିଚାଲିଛି ଏକ ଦେଶୀ ମଦଭାଟି। ଗ୍ରାମ ମଝିରେ ଓ ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବାରୁ ପରିବେଶ ନଷ୍ଟ ହେଉଛି। 'ସକାଳ'ରେ ଖବର ପ୍ରକାଶ ପରେ ବୁଦ୍ଧିଜୀବୀ ଓ ସମାଜସେବୀଙ୍କ ତରଫରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ମଦଭାଟି ସ୍ଥାନାନ୍ତର ହେବାକୁ ଯାଉଛି। ଏଥିପାଇଁ ଗ୍ରାମବାସୀଙ୍କ ତରଫରୁ 'ସକାଳ' ଓ ଜିଲ୍ଲାପାଳଙ୍କୁ ଅଶେଷ ଧନ୍ୟବାଦ ପ୍ରଦାନ କରାଯାଇଛି।

## ବାଇକ୍ ଦୁର୍ଘଟଣାରେ ୪ ଆହତ, ୨ଗୁରୁତର

**ବହଳଦା, ୧୭।୧୦(ସମିସ):** ତିରିଂ ଥାନା ଝରାଡିହି ଫାଣ୍ଡି ଅଧୀନ ପୋଖରିଆ ଝରାଡିହି ରାସ୍ତାରେ ଦୁଇ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ୪ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଝରାଡିହି ଫାଣ୍ଡି ଅଧିକାରୀ ବିଜୟ ନାୟକ ଆହତ ମାନଙ୍କୁ ରାଇରଙ୍ଗପୁର ଡାକ୍ତରଖାନାକୁ ପଠାଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାରେ ପୋଖରୀଆ ଗ୍ରାମର ସୌଦାମିନୀ ବେହେରା, ନାଗେଶ୍ୱର ବେହେରା, ପ୍ରିତିରଞ୍ଜନ ବେହେରା ଏବଂ ଯଶିପୁର ଗ୍ରାମର ଆନ୍ଥୁ ମୁର୍ମୁ ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି।

## ବ୍ଲକ୍‌ସ୍ତରୀୟ ଏକଦିବସୀୟ ଗଣିତ ଓ ବିଜ୍ଞାନ ପ୍ରଶିକ୍ଷଣ ଶିବିର

**ବାରିପଦା, ୧୭।୧୦(ସମିସ):** ମୟୂରଭଞ୍ଜ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ବାରିପଦା ଓ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ବିଭାଗର ମିଳିତ ଆନୁକୂଲ୍ୟରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଭଞ୍ଜପୁରରେ ବିଭିନ୍ନ ବିଦ୍ୟାଳୟର ଗଣିତ ଓ ବିଜ୍ଞାନ ଶିକ୍ଷକମାନଙ୍କୁ ନେଇ ବାରିପଦା ବ୍ଲକସ୍ତରୀୟ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବାରିପଦା ବ୍ଲକ ଶିକ୍ଷା ଅଧିକାରୀ ଡ. ଅଭିମନ୍ୟୁ ସେଠୀ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ ଓ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ବାରିପଦାର ଶିକ୍ଷାତତ୍ତ୍ୱ ସଂଯୋଜିକା ଶୈଳବାଳା ବେହେରା ପ୍ରମୁଖ ଯୋଗଦେଇଥିଲେ। ଖାନ ଏକାଡେମୀ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିମନ୍ତେ ଅନଲାଇନରେ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରରେ ବାରିପଦା ବ୍ଲକର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲର ଗଣିତ ଏବଂ ବିଜ୍ଞାନ ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ।

## ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ 'ସୁରଭି' ମହୋତ୍ସବ



**ରାସଗୋବିନ୍ଦପୁର, ୧୭।୧୦(ସମିସ):** ରାସଗୋବିନ୍ଦପୁର ବ୍ଲକ ତୋଟାପଡ଼ା ପଞ୍ଚାୟତ ସ୍ଥିତ ବାସୁଦେବ ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିସରରେ ଗୋବିନ୍ଦପୁର କ୍ଲଷ୍ଟରର ସମସ୍ତ ବିଦ୍ୟାଳୟ ସମୂହକୁ ନେଇ 'ସୁରଭି' ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବାସୁଦେବ ସଂସ୍କୃତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ କୁମାର ପ୍ରଧାନ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଓ କ୍ଲଷ୍ଟରର ସମସ୍ତ ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟରୁ ୩୦୦ଶହରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସିଆରସିସି ପାଇକ ସିଂଙ୍କ ସଭାପତିତ୍ୱରେ ଉଦଘାଟନୀ ଉତ୍ସବରେ ବୈସିଙ୍ଗା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମଣ୍ଡଳ ଶିକ୍ଷ୍ୟା ଅଧିକାରୀଶୁକୁମାର ରାଉତ, ଆଦିତ୍ୟ କୁମାର ପଣ୍ଡା, ଜିଲ୍ଲା ଉପସଭାପତି ପ୍ରଦୀପ କୁମାର ମହାନ୍ତି, ଦେବେନ୍ଦ୍ର କୁମାର ପଣ୍ଡା, ହରିଶଚନ୍ଦ୍ର ସେଠୀ, ସନାତନ ନାୟକ, ବ୍ରଜକିଶୋର ନାୟକ, ଦାଶରଥି ରାଉତ, ଅରୁଣ କୁମାର ମୋହାପାତ୍ର ଯୋଗଦେଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ବେଣୁଧର ନାୟକ (ଅବସରପ୍ରାପ୍ତ ଡିଆଇ) ଓ ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ସନ୍ତୋଷ ନାୟକ ସଭାକୁ ଗୌରବ ମଣ୍ଡିତ କରିଥିଲେ। ବିଦ୍ୟାଳୟରୁ ସଦ୍ୟ ଅବସର ନେବାସହ ଶିକ୍ଷୟିତ୍ରୀ କମଳା ମଣି ଜେନାଙ୍କୁ ଗୋବିନ୍ଦପୁର କ୍ଲଷ୍ଟର ତରଫରୁ ସମ୍ମାନିତ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକଟ ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଲୁକ୍କାୟିତ ପ୍ରତିଭାର ବିକାଶରେ ସହାୟକ କଳା ଉତ୍ସବ



**ବାରିପଦା, ୧୭।୧୦(ସମିସ):** ବାରିପଦାସ୍ଥିତ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ପରିସରରେ ସମଗ୍ର ଶିକ୍ଷା ମୟୂରଭଞ୍ଜ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ 'କଳା ଉତ୍ସବ-୨୦୨୫' ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ସମ୍ମାନିତ ଅତିଥି ଭାବରେ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ, ବାରିପଦାର ଭାରପ୍ରାପ୍ତ ଅଧ୍ୟକ୍ଷ ଡଃ. ପ୍ରିୟରଞ୍ଜନ ଦାଶ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶୀଧର ସିଂ ଯୋଗଦେଇଥିଲେ। ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲା ବେଳେ ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ବର୍ଷ 'ବିକଶିତ ଭାରତ' ବିଷୟବସ୍ତୁ ଆଧାରରେ କଳା ଉତ୍ସବ ଆୟୋଜିତ ହେଉଥିବା ବେଳେ ଲୋପ ପାଇଯାଉଥିବା ଭାରତୀୟ କଳା ସଂସ୍କୃତିକୁ ପୁନର୍ଜୀବିତ କରିବା ତଥା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ନିମନ୍ତେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଭିନବ ପ୍ରୟାସ କରାଯାଇଛି। ଉତ୍ସବରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସରକାରୀ ଓ ବେସରକାରୀ ଉଚ୍ଚ ବିଦ୍ୟାଳୟର ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ନିଜର ଶ୍ରେଷ୍ଠତା ପ୍ରଦର୍ଶନ କରିଥିଲେ। କୃତୀ ପ୍ରତିଯୋଗୀଙ୍କ ମଧ୍ୟରୁ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଜୋନାଲସ୍ତରରେ ବାଲେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା କଳା ଉତ୍ସବରେ ଭାଗ ନେଇଥିଲେ। ଉଦଯାପାନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଚଳଚ୍ଚିତ୍ର ପ୍ରଯୋଜକ ଓ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ ଯୋଗଦେଇଥିଲେ। ଶିକ୍ଷକ ହରେନ୍ଦ୍ର ମହାନ୍ତ ମଞ୍ଚ ପରିଚାଳନା ଏବଂ ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ତର୍ଜାତିକ ଶିଶୁ କନ୍ୟା ଦିବସ ପାଳିତ

**ବାରିପଦା, ୧୭।୧୦(ସମିସ):** ସ୍ଥାନୀୟ ଷ୍ଟାଡ଼ିୟମ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ଓ ବାଲେଶ୍ୱର ସାମାଜିକ ସେବା ସଂସ୍ଥାର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ଶିଶୁ କନ୍ୟା ଦିବସ ପାଳିତ ହୋଇଛି। ପ୍ରାରମ୍ଭରେ ବାଙ୍ଗିରିପୋଷି ଓ କୁଳିଅଣା ବ୍ଲକରୁ ଆସିଥିବା ବାଳିକା ଓ ମହିଳା ମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାକୁ ଜିଲ୍ଲା ଶ୍ରମ ଅଧିକାରୀ ନିରଞ୍ଜନ ନାୟକ ଉଦଘାଟନ କରିଥିଲେ। ସଂସ୍ଥାର ସଂଯୋଜକ ବଳରାମ ବେହେରାଙ୍କ ପୌରହିତରେ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ବାଙ୍ଗିରିପୋଷି ବ୍ଲକ ସିଡିପିଓ ଜୟଶ୍ରୀ ସିଟ, ଜିଲ୍ଲା କଲ୍ୟାଣ ବିଭାଗ ଅଫିସର ଅଞ୍ଜଳି ଦାସ, ଜିଲ୍ଲା ଶ୍ରମ ଅଧିକାରୀ ନିରଞ୍ଜନ ନାୟକ, ସଂସ୍ଥା ନିର୍ଦ୍ଦେଶକ ରାୟ ଆଣ୍ଟନୀ କେ, ପ୍ରକଳ୍ପ ସଂଯୋଜିକା ଜୟସ୍ମିତା ଦାସ, ଶିଲୁ ସାହା, ଶାନ୍ତିଲତା ଭୂୟାଁ ଓ ଅନିତା ପାତ୍ର ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର



କୃତି ପ୍ରତିଯୋଗୀମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ବାଙ୍ଗିରିପୋଷି ଓ କୁଳିଅଣା ବ୍ଲକରୁ ଆସିଥିବା ଶତାଧିକ ସୁରକ୍ଷା ପ୍ରକଳ୍ପ କିଶୋରୀ ମାନଙ୍କୁ ସଂସ୍ଥାର ନିର୍ଦ୍ଦେଶକ ଧନ୍ୟବାଦ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସଂଯୋଜିକା ଶାନ୍ତିଲତା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଷ୍ଟ୍ରୀୟ ସହରାଞ୍ଚଳ ଭୂମି ସର୍ବେକ୍ଷଣ 'ନକ୍ସା' ଯୋଜନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର

ବାରିପଦା, ୧୭।୧୦(ସମିସ)



ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟର ଭୂ-ସମ୍ବଳ ବିଭାଗ ଆନୁକୂଲ୍ୟରେ ଡିଜିଟାଲ ଇଣ୍ଡିଆ ଜମି ରେକର୍ଡ ଆଧୁନୀକିକରଣ ବ୍ୟବସ୍ଥା ଅଧୀନ ପାଇଲଟ ଯୋଜନା 'ନକ୍ସା'ରେ ପ୍ରଥମ ପର୍ଯ୍ୟାୟରେ ଦେଶରେ ୧୫୨ଟି ସହରକୁ ସାମିଲ କରାଯାଇଛି। ଏଥିସହ ଓଡ଼ିଶାର ୪ଟି ପୌରପାଳିକା ମଧ୍ୟରୁ ବାରିପଦା ପୌରପାଳିକାକୁ ସାମିଲ କରାଯାଇଥିବାରୁ ଏହାର କାର୍ଯ୍ୟ ଆରମ୍ଭ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବାରିପଦା ପୌରପାଳିକାର କାଉନସିଲରଙ୍କ ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳିକା ସୀମା ଦାସ, ବାରିପଦା ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡ଼ା, ବାରିପଦା ତହସିଲଦାର ସପନ କୁମାର ସାହୁ, ଶାମାଖୁଣ୍ଟା ତହସିଲଦାର ସାହେବ ରାମ ବାସ୍କେ, ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ କହିଥିଲେ ଯେ, ମାଶୁରିରେ ନକ୍ସା ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିରରେ ସେ ଯୋଗଦେଇଥିଲେ। ଯୋଜନାରେ ପ୍ରମୁଖ ସୁବିଧାଗୁଡ଼ିକ ମଧ୍ୟରେ ଅନଲାଇନରେ ନିର୍ଭୁଲ ଜମି ରେକର୍ଡ ଉପଲବ୍ଧ, ସହରାଞ୍ଚଳ ଭୂମି ପରିଚାଳନାରେ ଉନ୍ନତି, ଜମିଜମା ସଂକ୍ରାନ୍ତିୟ ପ୍ରକ୍ରିୟାକରଣରେ ଶୀଘ୍ରତା ଏବଂ ସ୍ୱଚ୍ଛତା, ଆଧୁନିକ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରି ବିଭିନ୍ନ ବର୍ଗର ସହରାଞ୍ଚଳ ପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ ଡ୍ରୋନ କ୍ୟାମେରା ବ୍ୟବହାର କରାଯାଇ ଏରିଏଲ ସର୍ବେକ୍ଷଣ ଦ୍ୱାରା ଶୀଘ୍ର ଏବଂ ସଠିକ ଡାଟା ସଂଗ୍ରହ କରି ଭବିଷ୍ୟତର ଯୋଜନା ପ୍ରସ୍ତୁତ, ଜମିଜମା ରେକର୍ଡକୁ ସଂଗଠିତ କରିବା, ପୁରାତନ ତଥା ଅସମ୍ପୂର୍ଣ୍ଣ ତଥ୍ୟ ଯୋଗୁଁ ସରକାରୀ ଦଲିଲ ଓ ଜମି ମାଲିକ ଦଲିଲ ମଧ୍ୟରେ ଦେଖାଦେଉଥିବା ବୈଶମ୍ୟକୁ ଦୂର, ଜମିଜମା ପରିଚାଳନା ପାଇଁ ସମାନ ବ୍ୟବସ୍ଥା ପ୍ରଚଳନ, ଜମି ମାଲିକଙ୍କ ବିଭିନ୍ନ ସମସ୍ୟା ସହ ବେଆଇନ ଜବରଦଖଲ ଜନିତ ଦୀର୍ଘଦିନର ଅଦାଲତରେ ଚାଲିଥିବା ମାମଲାଗୁଡ଼ିକୁ ସମାଧାନ ପାଇଁ ଏହି ଯୋଜନା ସହାୟକ ହେବ। ଜମି ରେକର୍ଡ ସ୍ୱଚ୍ଛ, ସଠିକ ଏବଂ ସମସ୍ତଙ୍କୁ ଗୋଟିଏ ପ୍ଲାଟଫର୍ମରେ ସହଜରେ ଉପଲବ୍ଧ ହୋଇପାରିବ। ମୋଟ ୩୬ଟି ମୌଜାର ବାରିପଦା ପୌରପାଳିକାର ୨୮ଟି ୱାର୍ଡ ସହିତ ବାରିପଦା ତହସିଲ ଅଧୀନସ୍ଥ ୩୪ଟି ଗ୍ରାମ ସହିତ ଶାମାଖୁଣ୍ଟା ତହସିଲର ୨ଟି ଗ୍ରାମକୁ ଏଥିରେ ସାମିଲ କରାଯାଇଛି। ସଠିକ କାର୍ଯ୍ୟକାରିତା ପାଇଁ ୨ଜଣ ମାଷ୍ଟର ଟ୍ରେନର ଭାବରେ ତାଲିମ ନେଇ ଆସିଛନ୍ତି। ଲୋକମାନଙ୍କ ସହଭାଗୀତା ପାଇଁ ଏହି ଗ୍ରାମଗୁଡ଼ିକରେ ଏହାକୁ ପ୍ରଚାର କରିବା ସହିତ ସଚେତନତା ସୃଷ୍ଟି କରାଯିବ। ଏହି ଯୋଜନାର ସୁଚାରୁ ପରିଚାଳନା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ଗଠିତ ହୋଇଛି। କମିଟିରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ, ଶାମାଖୁଣ୍ଟା ତହସିଲଦାର ଅଛନ୍ତି। ରାଜସ୍ୱ ନିରୀକ୍ଷକ, ଟ୍ୟାକ୍ସ କଲେକ୍ଟରଙ୍କୁ ଓ ଆଉଟସୋର୍ସିଂ ବ୍ୟକ୍ତିଙ୍କୁ ନେଇ ୧୪ଟି ଟିମ ଗଠିତ ହୋଇଛି। ପ୍ରତିଟି ୱାର୍ଡରେ ବୈଠକ କରାଯାଇ ଫର୍ମ-୨ ଜରିଆରେ ନାଗରିକଙ୍କ ଠାରୁ ଘୋଷଣା ପତ୍ର ସଂଗ୍ରହ କରାଯିବ। ବୋର୍ଡ ଅଫ ରେଭିନ୍ୟୁର ମାନଚିତ୍ର ଅନୁସାରେ ଏରିଏଲ ସର୍ଭେରୁ ପ୍ରାପ୍ତ ତଥ୍ୟ ସହିତ ମେଳ କରାଯିବ। ଏହାପରେ ଇ-ତଥ୍ୟ ପ୍ରସ୍ତୁତ ହେବ ଯାହାକି ରାଜସ୍ୱ ବିଭାଗ ସହିତ ପ୍ରତ୍ୟେକ ଲାଇନ ବିଭାଗ ପାଖରେ ରହିବ ଯାହା ଫଳରେ ପରବର୍ତ୍ତୀ ସମୟରେ ସ୍ୱଳ୍ପ ସମୟ ମଧ୍ୟରେ ଜନସାଧାରଣଙ୍କ ଜମିଜମା ସଂକ୍ରାନ୍ତୀୟ ସମସ୍ତ କାର୍ଯ୍ୟ ସମ୍ପୃକ୍ତ କାର୍ଯ୍ୟାଳୟରେ ସମ୍ପାଦନ ହୋଇପାରିବ। ଶିବିରରେ ତହସିଲଦାର ସପନ କୁମାର ସାହୁ ପିପିଟି ଜରିଆରେ କାର୍ଯ୍ୟକ୍ରମ ବିଷୟରେ ଉପସ୍ଥାପନ କରି କହିଥିଲେ, ବିଗତ ବହୁ ବର୍ଷ ଧରି ଜମି ଜମା ସଂକ୍ରାନ୍ତରେ ସେଟଲମେଣ୍ଟ ବା ବନ୍ଦୋବସ୍ତ କାର୍ଯ୍ୟ ହୋଇନାହିଁ। ନକ୍ସା ହେଉଛି ଏକ ହାଇଟେକ ସର୍ଭେ ବ୍ୟବସ୍ଥା। ଅତ୍ୟାଧୁନିକ ପଦ୍ଧତିରେ ସର୍ଭେ ଜରିଆରେ ସରକାରୀ ଓ ବେସରକାରୀ ଜମିର ଚିହ୍ନଟିକରଣ କରାଯାଇ ଶେଷରେ ପଟ୍ଟାଧାରୀଙ୍କୁ କ୍ୟୁଆର କୋର୍ଡ ଥିବା ଗୋଟିଏ ନୂତନ ପଟ୍ଟା ଯେଉଁଥିରେ ଭୂମିର ରେକର୍ଡ ସହିତ ସେମାନଙ୍କ ଘରର ବିବରଣୀ ଥିବା ସହରାଞ୍ଚଳ ସମ୍ପତି କାର୍ଡ ପ୍ରଦାନ କରାଯିବ। ଖୁବ ଶୀଘ୍ର ପ୍ରତ୍ୟେକ ୱାର୍ଡରେ ସମ୍ପୃକ୍ତ କାଉନସିଲରଙ୍କ ତତ୍ତ୍ୱାବଧାନରେ କ୍ଷେତ୍ର ସର୍ଭେ ଦଳମାନେ ଘରକୁ ଯାଇ ଜମି ଜମାର ନଥିସହ ସର୍ଭେ କରି ଫର୍ମ-୨ରେ ଲୋକଙ୍କ ପାଖରୁ ତଥ୍ୟ ସମ୍ବଳିତ ଘୋଷଣାପତ୍ର ସଂଗ୍ରହ କରିବେ। ଲୋକମାନେ ଘୋଷଣା ପତ୍ର ଫର୍ମ-୨ରେ ତଥ୍ୟ ଦେବା ସମୟରେ ଦୁଇଟି କପିରେ ତଥ୍ୟ ପୂରଣ କରି ଦସ୍ତଖତ କରିବେ, ଗୋଟିଏ କପି ନିଜ ପାଖରେ ରଖିବେ ଏବଂ ଗୋଟିଏ କପି ସର୍ଭେ ଟିମକୁ ଦେବେ। ଜାଞ୍ଚ ପରେ ମ୍ୟାପ-୨ ପ୍ରଦାନ କରାଯିବ। ଯଦି ଏଥିରେ କାହାରି କିଛି ଅଭିଯୋଗ ଥିବ ତେବେ ଅଭିଯୋଗପତ୍ର ଦାଖଲ କରିପାରିବେ। ଅଭିଯୋଗପତ୍ର ଉପରେ ବିଚାର କରାଯାଇ ଚୂଡ଼ାନ୍ତ ନୂଆପଟ୍ଟା ପ୍ରଦାନ କରାଯିବ। ସର୍ଭେ କାର୍ଯ୍ୟରେ ସହଯୋଗ କରିବା ପାଇଁ ବିଭିନ୍ନ ପ୍ରକାର ଆଇଇସି କାର୍ଯ୍ୟକ୍ରମ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯିବା ନେଇ ନଗରପାଳ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସହଯୋଗ ତଥା ଏହାକୁ ସଫଳ କରିବା ପାଇଁ ସହରବାସୀଙ୍କୁ ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନ ପକ୍ଷରୁ ନିବେଦନ କରାଯାଉଛି। ଶିବିରରେ ପୌରପାଳିକାର ସମସ୍ତ ୱାର୍ଡର ପରିଷଦ, ସର୍ଭେ ଟିମର ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଏନ୍‌ଏନ୍‌ଏମ୍ ସେଣ୍ଟର ପାଇଁ ଜାଗା ଚିହ୍ନଟ



ଭୋଗରାଇ,୧୭।୧୦(ସମିସ): ରାହୁଳିଆ ପୋଖରୀରେ ଥିବା ସରକାରୀ ଜାଗାରେ ଏନ୍‌ଏନ୍‌ଏମ ସେଣ୍ଟର ପାଇଁ ଜାଗା ଚିହ୍ନଟ ହୋଇଛି। ବାଉଁଶଡିହ ଗ୍ରାମ ପଞ୍ଚାୟତ ପାଇଁ ଏନ ଏନ ଏମ ସେଣ୍ଟର ହେବାକୁ ଥିବାବେଳେ କିନ୍ତୁ ଜାଗା ନ ଥିବାରୁ ଆଜକୁ ଏକ ବର୍ଷ ଧରି ଏନ ଏନ ଏମ ସେଣ୍ଟର ନିର୍ମାଣ ହୋଇପାରୁ ନ ଥିଲା। ଆଜି କରିହଣ୍ଡା ଗ୍ରାମର କିଛି ବରିଷ୍ଠ ବ୍ୟକ୍ତି ଏବଂ ଗ୍ରାମବାସୀ ଏକତ୍ରିତ ହୋଇ ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତିରେ ଆପୋସ ସମାଧାନ ପରେ ରହୁଲିଆ ପୋଖରୀରେ ଥିବା ସରକାରୀ ଜମିରେ ଏନ ଏନ ଏମ ସେଣ୍ଟର ନିର୍ମାଣ ପାଇଁ ସିଦ୍ଧାନ୍ତ ନିଆଯାଇଥିଲା। ଯଥା ଶୀଘ୍ର ଏନ ଏନ ଏମ ସେଣ୍ଟର କାମ ଆରମ୍ଭ ହେବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ଏନ ଏନ ଏମ ସେଣ୍ଟର ବେଲଦା-ସାହୁଛକ ମୁଖ୍ୟ ରାସ୍ତାର ନିର୍ମାଣ ହେଉଥିଲା ବେଳେ ଆଖ ପାଖ ୧୦ରୁ ଉର୍ଦ୍ଧ୍ୱ ଗାଁ ର ଲୋକେ ସ୍ୱାସ୍ଥ ସେବା ପାଇପାରିବେ। ଏହି ବୈଠକରେ କରିହଣ୍ଡା ଗ୍ରାମର ମନ୍ମଥ ମହାନ୍ତି, କୃଷକ ମୋର୍ଚ୍ଚା କର୍ଯ୍ୟକାରିଣୀ ସଦସ୍ୟ ଶକ୍ତି ପଦ ପାଣ୍ଡେ, ୱାର୍ଡ ମେମ୍ବର ସନ୍ତୋଷ ମହାକୁଡ଼, ସମିତି ସଦର୍ଶ ସଞ୍ଜୟ ମାଝୀ, ଶିଶିର ଚକ୍ରବର୍ତ୍ତୀ, ମନୋରଞ୍ଜନ ପଣ୍ଡା, ମନୋରଞ୍ଜନ ମାଝୀ, ପ୍ରଫୁଲ୍ଲ ସାହୁ ପ୍ରମୁଖ ବହୁ ଲୋକ ଉପସ୍ଥିତ ଉପସ୍ଥିତ ଥିଲେ।

## କବି ସୁଧା ଦାସ ପାଇବେ 'ସୋର ପ୍ରଭା ସାରସ୍ୱତ ସମ୍ମାନ'

ସୋର,୧୭।୧୦(ସମିସ): ଚଳିତ ବର୍ଷ "ସୋରପ୍ରଭା ସାରସ୍ୱତ ସମ୍ମାନ' ପାଇବେ ବିଶିଷ୍ଟ କବି ସୁଧା ଦାସ।ଆସନ୍ତା ୧୯ ତରିଖରେ ହେବାକୁ ଥିବା "ସୋର ପ୍ରଭା'ର ପାର୍ବଣ ସଂଖ୍ୟା ଉନ୍ମୋଚନ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଉପଲକ୍ଷେ ଆର୍.କେ ଷ୍ଟୁଡିଓରେ ଅନୁଷ୍ଠିତ ବୈଠକରେ ଗାଳ୍ପିକ ରଜନୀକାନ୍ତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଥିରେ ଗାଁ ମଜ୍‌ଲିସ ସାହିତ୍ୟ ସଂସଦର ସମ୍ପାଦକ ଦେବେନ୍ଦ୍ର କୁମାର ପ୍ରଧାନ, ସୋରପ୍ରଭାର ଉପଦେଷ୍ଟା ଡ. ରବୀନ୍ଦ୍ର ବିହାରୀ, ସହ ସମ୍ପାଦକ ସୁରଞ୍ଜନ ପାତ୍ର, ପ୍ରାକ୍ତନ ଅଧ୍ୟକ୍ଷ ଚେମେଇ ଦାସ, ମହେଶ୍ୱର ପଣ୍ଡା, ରବୀନ୍ଦ୍ର କୁମାର ଦାସ ଓ ସଂପାଦକ ଚନ୍ଦ୍ରମୋହନ ମହାପାତ୍ର ଉପସ୍ଥିତ ଥିଲେ।

# ଧଳାବାଡ଼ି ଦିବସ ପାଳିଲା ଓଡ଼ିଶା ଅକ୍ଷମ କଲ୍ୟାଣ ସମାଜ

ଜଳେଶ୍ୱର/ ଜଳେଶ୍ୱର ବ୍ଲକ,୧୭।୧୦(ସମିସ)




ସ୍ଥାନୀୟ ନୂଆବଜାରସ୍ଥିତ ଏକ କଲ୍ୟାଣ ମଣ୍ଡପ ଠାରେ ଓଡ଼ିଶା ଅକ୍ଷମ କଲ୍ୟାଣ ସମାଜ ପକ୍ଷରୁ ଧଳାବାଡ଼ି ଦିବସ ପାଳିତ ହୋଇଯାଇଛି। ଜଳେଶ୍ୱର ପୁଲିସ ଉପଖଣ୍ଡ ଅଧିକାରୀ ସୁବ୍ରତ କୁମାର ବେହେରାଙ୍କ ଦ୍ୱାରା ଧଳାବାଡି ବଣ୍ଟନ କରାଯାଇ ବିଶ୍ୱ ଧଳାବାଡି ସପ୍ତାହ ଶୁଭାରମ୍ଭ କରାଯାଇ ଥିଲା। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ କମଳ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଆୟୋଜିତ ପଥପ୍ରାନ୍ତ ସଭାରେ ମୁଖ୍ୟ ଅତିଥି ଶ୍ରୀ ବେହେରା ଅନ୍ୟତମ ଅତିଥି ଶରତ କୁମାର ଦାସ, ଡ ଅଜିତ କୁମାର ମହାନ୍ତି, ବିଜେପି ନଗର ସାଭାପତି ଶିବନାରାୟ ମହାପାତ୍ର, ସମାଜସେବି ଜଗଦୀଶ ନନ୍ଦୀ, ମନୋରଞ୍ଜନ ଦାସ, ଅନୁଷ୍ଠାନର ସାଧାରଣ ସମ୍ପାଦକ ତଥା ନିର୍ଦ୍ଦେଶକ ଯୁଗଳ କିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଦୃଷ୍ଟି ବାଧିତ ଭାଇ ଭଉଣୀ ମାନଙ୍କୁ ଧଳାବାଡି, ଟୋପି, ଟି ସାର୍ଟ ବଣ୍ଟନ କରିଥିଲେ। ଏହି ଅବସରରେ ଆୟୋଜିତ ଶୋଭାଯାତ୍ରାରେ ବିଭିନ୍ନ ସାଂସ୍କୃତିକ ଦଳ ସହିତ ଜଳେଶ୍ୱର ପି ଏମ ଶ୍ରୀ ହାଇସ୍କୁଲର ଛାତ୍ର ଛାତ୍ରୀ, ରାନୀପାଟଣା ଦୃଷ୍ଟି ହୀନ ବିଦ୍ୟାଳୟର ଛାତ୍ର ଛାତ୍ରୀ, ଦିଗାମ୍ବରୀ ଦେବି ଶିକ୍ଷାନୁଷ୍ଠାନର ଛାତ୍ର ମାନଙ୍କ ସହିତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଦୃଷ୍ଟି ବାଧିତ ଭାଇ ଭଉଣୀମାନେ ଅଂଶ ଗ୍ରହଣ କରିଥିଲେ। ପରେ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟର ସଭାଗୃହରେ ଓଡିଶା ଅକ୍ଷମ କଲ୍ୟାଣ ସମାଜର ସଭାପତି ବିଷ୍ଣୁପଦ ମହାନ୍ତିଙ୍କ ସଭାପତିତ୍ୱରେ ଧଳାବାଡିର ଉପଯୋଗୀତା ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଜଳେଶ୍ୱରର ତହସିଲଦାର, ସତ୍ୟଜିତ ମହାନ୍ତି, ଗୋଷ୍ଠି ଉନ୍ନୟନ ଅଧିକାରୀ ଗୌରାଙ୍ଗ ଘୋଷ, ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ, ରାନୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଦିବାକର ସ, ସାଂସଦ ପ୍ରତିନିଧି ଫାଲ୍ଗୁନି ପାଣିଗ୍ରାହୀ, ଉତ୍କଳ ଦୃଷ୍ଟିହୀନ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଶରତ କୁମାର ଦାସ, ଏସ ବି ଏଇ ଲାଇଫର ଶାଖା ପରିଚାଳକ ପ୍ରେମ କୁମାର ସୁବୁଦ୍ଧି ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନ ସହ-ସମ୍ପାଦକ ସୁନୀଲ କୁମାର ନାୟକ ମଞ୍ଚ ଆହ୍ୱାନ କରିଥିବା ବେଳେ କମଳ ଚକ୍ରବର୍ତ୍ତୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଡ଼ ଈଶ୍ୱର ଚନ୍ଦ୍ର ଜେନା, ଡ଼ ରମାକାନ୍ତ ଭଞ୍ଜ, ଜିତାରାମ ଦେ, କୋଷାଧକ୍ଷ ସମରେଶ ଦିଣ୍ଡା, ଦିଲ୍ଲୀପ କୁମାର ଗିରି, ସୁଧୀର କୁମାର ମହାନ୍ତି, ପ୍ରଶାନ୍ତ ପ୍ରଧାନ, ଗିରିଜା ଶଙ୍କର ଦାସ, ପୂର୍ଣଚନ୍ଦ୍ର ପରିଡା, କ୍ଷେତ୍ରମୋହନ ଗିରି, ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କୁ ଅପହରଣ ନେଇ ମାମଲା

ଜଳେଶ୍ୱର,୧୭।୧୦(ସମିସ): ଜଣେ କଲେଜ ଛାତ୍ରୀଙ୍କୁ ସେହି ଅଞ୍ଚଳର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ଅପହରଣ କରିନେଇଥିବା ଜଳେଶ୍ୱର ଥାନାରେ ମାମଲା ରୁଜୁ ହୋଇଛି। ଛାତ୍ରୀ ଜଣକ ଘରୁ ନିଜ ସାଇକେଲରେ କଲେଜକୁ ଆସିଥିବା ବେଳେ ଘରକୁ ନ ଫେରିବାରୁ ପରିବାର ପକ୍ଷରୁ ଖୋଜାଖୋଜି କରାଯାଇଥିଲା। ଛାତ୍ରୀ ଜଣକୁ ଅପହରଣ କରାଯାଇଥିବା ପରିବାର ପକ୍ଷରୁ ଜଣାଯିବାପରେ ଏ ସମ୍ପର୍କରେ ଜଳେଶ୍ୱର ଥାନାରେ ମାମଲା ରୁଜୁ କରାଯାଇଛି। ଛାତ୍ରୀ ଜଣକ ମୂଲ୍ୟବାନ ଅଳଙ୍କାର ପିନ୍ଧିଥିବାରୁ ଏ ସବୁ ଲୁଟ କରିବା ସହିତ ଧର୍ମ ପରିବ ର୍ତ୍ତ କରିବାର ସମ୍ଭାବନା ଥିବାରୁ ପୁଲିସ୍ ପ୍ରଶାସନ ବିହିତ ପଦକ୍ଷେପ ନେବାକୁ ଛାତ୍ରୀର ବାପା ଆକୁଳ ନିବେଦନ କରିଛନ୍ତି।

## 'ପୋଷଣ ମାସ' ଏବଂ 'ଗୋଟିଏ ବୃକ୍ଷ ମା ପାଇଁ' କାର୍ଯ୍ୟକ୍ରମ




ବାଲେଶ୍ୱର,୧୭।୧୦(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ଜନସଂଖ୍ୟା ଅଧ୍ୟୟନ ବିଭାଗ ଦ୍ୱାରା "ପୋଷଣ ମାସ' ଏବଂ "ଗୋଟିଏ ବୃକ୍ଷ ମା ପାଇଁ ' ବିଷୟକ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସରସନ୍ତୋଷକୁମାରତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ କାର୍ଯ୍ୟକ୍ରମରେ ଜୀବପ୍ରଯୁକ୍ତି ବିଭାଗର ଅତିରିକ୍ତ ଅଧ୍ୟାପକ ଡ଼କ୍ଟର ବିଷ୍ଣୁପ୍ରସାଦ ଦାଶ ମୁଖ୍ୟବକ୍ତା ଭାବେ ପୋଷଣ, ମାତୃ ସ୍ୱାସ୍ଥ୍ୟ ଏବଂ ପରିବେଶ ସୁସ୍ଥତାର ମଧ୍ୟରେ ସଂପର୍କ ବିଷୟରେ ଆଲୋଚନା କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜନସଂଖ୍ୟା ଅଧ୍ୟୟନ ବିଭାଗର ମୁଖ୍ୟ ଡ଼କ୍ଟର ଗ୍ରେସ୍ ବାହାଲେନ୍ ମୁଣ୍ଡ ସଭାର ସୁପରିଚାଳନା କରିଥିଲେ। ସହାୟକ ଅଧ୍ୟାପକ ଡ଼କ୍ଟର ଜଗନ୍ନାଥ ବେହେରା ସ୍ୱାଗତ ସମ୍ବୋଧନ ଦେଇଥିଲେ। ଏହି ଅବସରରେ ସମୀର କୁମାର ଜେନା, ମାନସ କୁମାର ପତ୍ରୀ, ଏବଂ ସାମାଜିକ କାର୍ଯ୍ୟ ବିଭାଗର ସହାୟକ ଅଧ୍ୟାପିକା ସୁପ୍ରିୟା ରାଉତ ଯୋଗଦେଇ ନିଜର ଗୁରୁତ୍ୱପୂର୍ଣ୍ଣ ଅଭିମତ ପ୍ରଦାନ କରିଥିଲେ। ପୋଷଣ ମାସ ପାଳନ ସହିତ ବିଶ୍ୱବିଦ୍ୟାଳୟ ଦ୍ୱାରା ଗ୍ରହୀତ ମର୍ଦ୍ଦରାଜପୁର ଏବଂ ରସାଲପୁର ଗ୍ରାମର ଅଙ୍ଗନବାଡି ସହକର୍ମୀମାନଙ୍କ ସହଯୋଗରେ ମହିଳା-ପ୍ରସବ ଓ ଶିଶୁ-ମାତୃ ଇତ୍ୟାଦି ସଂପର୍କିତ ବିଭିନ୍ନ କାର୍ଯ୍ୟଶିବିର ଆୟୋଜିତ ହୋଇଥିଲା। ସଭାର ସମାପନୀ ଅଂଶରେ "ଗୋଟିଏ ବୃକ୍ଷ ମା ପାଇଁ ଅଭିଯାନ ଅନ୍ତର୍ଗତ ଚାରା ବିତରଣ ହୋଇଥିଲା।

## ନାବାଳିକାଙ୍କୁ ନ୍ୟାୟ ନମିଳିଲେ ଆନ୍ଦୋଳନକୁ ଓହ୍ଲାଇବ ସିପିଏମ୍



ଜଳେଶ୍ୱର,୧୭।୧୦(ସମିସ)

ଓଡ଼ିଶାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାକୁ ବସିଲାଣି। ଅସାମାଜିକ ଲୋକମାନଙ୍କର ଭୂସ୍ୱର୍ଗ ପାଲଟିଲାଣି ଓଡ଼ିଶା। ହତ୍ୟା, ଧର୍ଷଣ, ଲୁଣ୍ଠନର ମାତ୍ରା ଡବଲ ଇଞ୍ଜିନ ସରକାର ହେବା ଠାରୁ ବଢ଼ି ବଢ଼ି ଚାଲିଛି। ଅପରାଧୀମାନେ ସ୍ୱଷ୍ଟ ଦିବାଲୋକରେ ନିର୍ଭୟରେ ଘୂରି ବୁଲୁଛନ୍ତି। ଯାହାର ଉଦାହରଣ ହେଉଛି ଜଳେଶ୍ୱରର ବ୍ଲକ୍ ପାଇକସିଦା ପଞ୍ଚାୟତର କେଶପୁରା ଗ୍ରାମରେ ଘଟିଥିବା ନାରକୀୟ ଘଟଣା। ଜଣେ ସାଢ଼େ ପାଞ୍ଚ ବର୍ଷର ନାବାଳିକାକୁ ୩୫ ବର୍ଷର ବିବାହିତ ଯୁବକ ଦୁଷ୍କର୍ମ କରିଥିଲା। ଏହି ଘଟଣାକୁ ୧୫ଦିନ ବିତିଲା ପରେ ମଧ୍ୟ ଅଭିଯୁକ୍ତ ଗିରଫ ନହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ପଛରେ କିଛି ଅସାମାଜିକ ଗୋଷ୍ଠୀ ରହିଥିବା ସିପିଏମର ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ଅଭିଯୋଗ କରାଯାଇଛି। ସୂଚନା ଥାଉକି କେଶପୁରା ଗ୍ରାମର ଜଣେ ସାଢ଼େ ୫ବର୍ଷର ନାବାଳିକାକୁ ସେହି ଗ୍ରାମର ନିତ୍ୟ ଗୋପାଳ ସାହୁ (ମୂଷା) ଦୁଷ୍କର୍ମ କରିଥିଲା। ଏବେ ସେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛି। ପୀଡ଼ିତା ପରିବାରକୁ ସିପିଏମ୍‌ର ଏକ ପ୍ରତିନିଧି ଦଳ ଭେଟି ଆଲୋଚନା କରିଥିଲେ। ଏହି ଦଳରେ ବରିଷ୍ଠ ବାମପନ୍ଥୀ ନେତା ଦିଲ୍ଲୀପ କୁମାର ଗିରି, ସିପିଏମ ନେତା ଦୀପ୍ତିମାନ ଆଚାର୍ଯ୍ୟ, ବିଦ୍ୟାଧର ଖଟୁଆ, ଗୋବିନ୍ଦ ଜେନା, ସୀତାରାମ ଦେ ସାମିଲ୍ ହୋଇ ଅତ୍ୟନ୍ତ କ୍ଷୋଭର ସହ କହିଛନ୍ତି ଏଭଳି ନାରକୀୟ ଘଟଣା ସମ୍ପର୍କରେ ପୁଲିସ ଅବଗତ ହେବା ପରେ ଆସାମୀକୁ ଗିରଫ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟର କଥା। ତୁରନ୍ତ ଦୁଷ୍କର୍ମକାରୀକୁ ଗିରଫ କରି କଠୋରରୁ କଠୋରତର ଦଣ୍ଡ ଦେବାର ବ୍ୟବସ୍ଥା କରାଯିବା ସହିତ ପୀଡ଼ିତାଙ୍କୁ ମାଗଣା ଚିକିତ୍ସା ଏବଂ ସାମାଜିକ ନ୍ୟାୟ ପାଇଁ ତାର ସମ୍ପୂର୍ଣ୍ଣ ପାଠପଢ଼ା ଖର୍ଚ୍ଚ ସରକାର ଯୋଗାଇଦେବାକୁ ଦଳ ତରଫରୁ ଦୃଢ଼ ଦାବି କରାଯାଇଛି। ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ଦଳ ତରଫରୁ ଆନ୍ଦୋଳନ କରାଯିବ ବୋଲି ଦଳର ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ଦିଲ୍ଲୀପ ଗିରି, ଦୀପ୍ତିମାନ ଆଚାର୍ଯ୍ୟ ଚେତାବନୀ ଦେଇଛନ୍ତି।




## ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ସୋର,୧୭।୧୦(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ରେଳ ଓଭରବ୍ରିଜ୍ ଉପରେ ଆଜି ଅପରାହ୍ଣରେ ଏକ ବାଇକ୍ ପୋଲ ବାଡ଼ାକୁ ଧକ୍କା ଦେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ ଭଦ୍ରକ ରାଣୀତାଲ ଷ୍ଟେସନ ଅଂଚଳର ଲଧର ମୁର୍ମୁ ଓ ମକରନ୍ଦ ସରେନ ଆଜି ଅପରାହ୍ନରେ ରାଣୀତାଲରୁ ବାଇକ ଯୋଗେ ବାରିକପୁର ହାଟକୁ ଦ୍ରୁତ ଗତିରେ ଆସୁଥିବା ବେଳେ ଏହି ସ୍ଥାନରେ ଭାରସାମ୍ୟ ହରାଇ ପୋଲବାଡାକୁ ଧକା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ବାଇକ୍ ଚାଳକ ଲଧରର ମୃତ୍ୟୁ ହୋଇଯାଇଥିବା ବେଳେ ମକରନ୍ଦ ଗୁରୁତର ଆହତ ହୋଇଥିଲେ।ଜାତୀୟ ରାଜପଥ ପେଟ୍ରୋଲିଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ମକରନ୍ଦଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ।ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ଖବର ପାଇ ସୋର ତହସିଲଦାରଦୈତାରୀମଲ୍ଲିକ,ସୋର ଥାନା ଏସଆଇ ପ୍ରଭାକର ସାହୁ ଏବଂ ଏଏସଆଇ କେଶବ ବେଶ୍ରା ଘଟଣା ସ୍ଥଳରେ ପହଞ୍ଚି ମୃତକଙ୍କ ଶବକୁ ଅଗ୍ନିଶମ ବିଭାଗ ଆମ୍ବୁଲାନ୍ସରେ ସୋର ମେଡିକାଲକୁ ପଠାଇଥିଲେ।



# ସମ୍ପାଦକୀୟ



ବିଧ୍ୱଂସକାରୀ ଅସ୍ତ୍ର ନିର୍ମାଣରେ ଆଣବିକ ଶକ୍ତି ବିନିଯୋଗ ହେବା ଅନୁଶୋଚନୀୟ।
-ଲାଲ ବାହାଦୂର ଶାସ୍ତ୍ରୀ

ସକାଳ THE SAKALA

## ଚାଉଳ ବୋଝ

ସଂଗ୍ରହ ପ୍ରକ୍ରିୟାକୁ ସଂପ୍ରସାରିତ ଓ ଶୃଙ୍ଖଳିତ କରି ଅଧିକରୁ ଅଧିକ ପରିମାଣର ଧାନ ସଂଗ୍ରହ ସକାଶେ ସରକାରଙ୍କ ଉପରେ ଚାଷୀ ସମୁଦାୟ ଚାପ ପ୍ରୟୋଗ କରୁଥିବା ବେଳେ ରାଜ୍ୟରେ ମହଜୁଦ ବ୍ୟବସ୍ଥା ନ ଥିବାରୁ ଶାସନକଳ ବ୍ୟସ୍ତ ଓ ବିବ୍ରତ। ଭାରତ ଖାଦ୍ୟ ନିଗମ ରାଜ୍ୟରୁ ବଳକା ଚାଉଳ ଉଠାଇ ନଥିବାରୁ ତାହାର ସଦୁପଯୋଗ ହୋଇପାରୁନି। ଶେଷରେ ସଂଗୃହୀତ ଚାଉଳ ପଡ଼ି ପଡ଼ି ସଢ଼ିଯିବା ସାର ହେବ। ଡବଲ୍ ଇଞ୍ଜିନ୍ ସରକାରରେ ମଧ୍ୟ ରାଜ୍ୟ ସରକାରଙ୍କ ଚାପ କେନ୍ଦ୍ର ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରୁନି। ଏମିତିରେ ଖାଦ୍ୟ ନିଗମ ରାଜ୍ୟରୁ ସଂଗ୍ରହ କରିଥିବା ଚାଉଳ ବାବଦ ଦେୟ ୮୦୦୦ କୋଟି ଟଙ୍କା ଦୀର୍ଘ ଦିନ ଧରି ବକେୟା ପକେଇ ରଖିଛି। ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ରାଜ୍ୟକୁ ତାହା ମିଳୁନି। ଏଭଳି ଏକ ସଂକଟଜନକ ପରିସ୍ଥିତିରେ ସରକାର ଆଗାମୀ ଖରିଫ ଋତୁରେ ଚାଉଳ ସଂଗ୍ରହକୁ କେତେ ଦୂର ଗୁରୁତ୍ୱ ଦେବେ ସେନେଇ ସନ୍ଦେହ ଉପୁଜିଛି। କେନ୍ଦ୍ରସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ରାସନ କାର୍ଡଧାରୀଙ୍କୁ ଇ-କେୱାଇସି ଦାଖଲ କରିବାର ବାଧ୍ୟବାଧକତା ରହିଛି। ସେପ୍ଟେମ୍ବର ୩୦ ତାରିଖ ଥିଲା ଏହାର ଶେଷ ଅବଧି। ଏଥିରେ ବ୍ୟତିକ୍ରମ କରିଥିବା ପ୍ରାୟ ୧୫.୬୭ ଲକ୍ଷ ହିତାଧିକାରୀ ଆଗାମୀ ଦିନରେ ମାଗଣା ଚାଉଳ ପାଇବାକୁ କେତେଦୂର ହକ୍‌ଦାର ହେବେ ସେ ନେଇ ସ୍ୱୟଂ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ଏହି ଜଟିଳ ପରିସ୍ଥିତିରେ ସରକାରଙ୍କ ଅସହାୟତା ବାରି ହୋଇପଡୁଛି।

ନଭେମ୍ବର ମାସରୁ ରାଜ୍ୟର ୧୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ମାଗଣା ଚାଉଳ ପାଇବାରୁ ବଞ୍ଚିତ ହେବେ - ଏଭଳି ଏକ ସୂଚନା ଦେଇ ସରକାର ଖାଉଟିଙ୍କ ମନରେ ନିଆଁ ଲଗାଇଦେଇଛନ୍ତି। ଯେତେଯାହା ହେଲେ ମଧ୍ୟ ଏହା କିଛି ଛୋଟିଆ କଥା ନୁହେଁ। ଆମ ସରକାର ଏପ୍ରକାରେ ସୂଚନା ଦେବା ପୂର୍ବରୁ ଇ-କେୱାଇସି ମିଆଦ ବୃଦ୍ଧି ସକାଶେ କେନ୍ଦ୍ର ଉପରେ ଚାପ ପ୍ରୟୋଗ କରିବାର ଥିଲା। ବ୍ୟବସ୍ଥା ଭଲ ଭାବରେ ଜାଣେ ଯେ କେଉଁ ପରିସ୍ଥିତିରେ ପଡ଼ି ହିତାଧିକାରୀ ଇ-କେୱାଇସି ଦାଖଲ କରିପାରୁନାହାନ୍ତି। ସରକାର ମାଗଣା ବ୍ୟବସ୍ଥା ଅନ୍ତରାଳରେ ଥିବା ଉଦ୍ଦେଶ୍ୟ ସଂପର୍କରେ ଅବଗତ ଥିଲେ ସୁଦ୍ଧା କାହିଁକି ସୁଧାରିବା ଦିଗରେ ଅଗ୍ରସର ହେଲେ ନାହିଁ? ଏକ୍ଷେତ୍ରରେ ସ୍ଥାନୀୟ ପ୍ରଶାସନ ଓ ରିଟେଲଙ୍କ ସହାୟତା ନିଆଯାଇ ପାରିଥା'ନ୍ତା। ମାଗଣା ଚାଉଳ ଯୋଗାଣ ବ୍ୟାହତ ହେଲେ ପରିସ୍ଥିତି ଆଗକୁ କେଉଁ ରୂପ ନେବ ତାହା ବିଭାଗୀୟ ମନ୍ତ୍ରୀ ନିଶ୍ଚୟ ବୁଝିସାରିଥିବେ। ତେଣୁ ୨୪ ଘଣ୍ଟା ବ୍ୟବଧାନରେ ରାଜ୍ୟରେ ବଳକା ଥିବା ଚାଉଳରୁ ଅତିରିକ୍ତ ୫ କେଜି ହିତାଧିକାରୀଙ୍କୁ ଦିଆଯିବାର ବ୍ୟବସ୍ଥା ସଂପର୍କରେ ସେ ସୂଚାଇଛନ୍ତି। ହେଲେ ବ୍ୟବସ୍ଥାରୁ ବାଦ ପଡୁଥିବା ୧୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ସଂପର୍କରେ କିଛି ଉଲ୍ଲେଖ କରିନାହାନ୍ତି। ତେଣୁ ଅନିଶ୍ଚିତତା ନିଶ୍ଚୟ ଜାରି ରହିଛି।

ଏକଥା ସତ ଯେ ସରକାର ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ତେଣୁ ଧାନ କ୍ୱିଣ୍ଟାଲ୍ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ହୋଇଥିବା ବେଳେ ୮ ଶହ ଟଙ୍କା ସହାୟତା ରାଶି ସଂଯୁକ୍ତ କରି ସରକାର ୩୧୦୦ ଟଙ୍କାରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରୁଛନ୍ତି। ଚାଷୀଙ୍କ ପକ୍ଷରୁ ଦାବି ହେଉଛି ସଂଗ୍ରହ ପ୍ରକ୍ରିୟାକୁ ଅଧିକ ବ୍ୟବସ୍ଥିତ ଓ ସଂପ୍ରସାରିତ କରିବା ପାଇଁ। ସରକାର କ'ଣ ଆଗାମୀ ଦିନରେ ଅଧିକ ଧାନ ସଂଗ୍ରହ କରିବାକୁ ସମର୍ଥ ହେବେ? ଭାରତୀୟ ଖାଦ୍ୟ ନିଗମ ରାଜ୍ୟରୁ ବଳକା ଚାଉଳ ଉଠାଉ ନଥିବାରୁ ଯେଉଁ ସମସ୍ୟା ସୃଷ୍ଟି ହୋଇଛି ତାହାର ସମାଧାନ ପାଇଁ ସରକାର ବାଟଘାଟ ପାଉନାହାନ୍ତି। ବାରମ୍ବାର ଅନୁରୋଧ ସତ୍ତ୍ୱେ କେନ୍ଦ୍ର ସରକାର ଏହି ଦାବିକୁ ଗୁରୁତ୍ୱ ଦେଉନାହାନ୍ତି। କୃଷି ଉତ୍ପାଦନର ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ମାନ୍ୟତା ଦେବା ପାଇଁ ହେଉଥିବା ଦାବିକୁ କେନ୍ଦ୍ର ଏଡ଼ାଇ ଆସିଥିବାବେଳେ ଆମ ରାଜ୍ୟ ଚାଉଳ ସମସ୍ୟାର ସମାଧାନ ହେବା ଆଶା ଊଣା। କହିବାକୁ ଗଲେ ସରକାରଙ୍କ ପାଇଁ ଧାନ ସଂଗ୍ରହ ଏକ ପ୍ରକାର ବୋଝ ହୋଇପଡ଼ିଛି।

## ଚାନ୍ଦିର ଚମକ

ଆରୋହଣ ପରେ ଅବରୋହଣ ହେଉଛି ମୌଳିକ ସତ୍ୟ। ଚାହିଦା ଅନୁଯାୟୀ ଯୋଗାଣ ହୋଇପାରୁନଥିବା ଯେକୌଣସି ସାମଗ୍ରୀ ମୂଲ୍ୟ ବୃଦ୍ଧି ଘଟିବା ଅବଧାରିତ। ଚାନ୍ଦି ବା ରୁପାର ବର୍ଦ୍ଧିତ ମୂଲ୍ୟକୁ ନେଇ ବିଶେଷଜ୍ଞଙ୍କ ଏହା ଏକ ଆକଳନ। ସାଂପ୍ରତିକ ବଜାରରେ ସୁନା ଓ ରୁପାର ମୂଲ୍ୟବୃଦ୍ଧିରେ ଯେଉଁ ପ୍ରତିଯୋଗିତାମୂଳକ ସ୍ଥିତି ପରିଲକ୍ଷିତ ହେଉଛି, ତାହା ଯଥାର୍ଥରେ ବିସ୍ମୟକର। ଆମ ଭୁବନେଶ୍ୱର ବଜାରରେ ରୁପା କେଜି ୨ଲକ୍ଷ ଟଙ୍କା ଅତିକ୍ରମ କରିଛି। ସମଗ୍ର ବିଶ୍ୱ ବଜାରରେ ରୁପାର ନିଅଣ୍ଟିଆ ସ୍ଥିତି ଦୃଷ୍ଟିରୁ ଏହି ମୂଲ୍ୟବୃଦ୍ଧି ଆଗାମୀ ଦିନରେ ଏକ ନୂଆ ଶୀର୍ଷରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

ଆଗକୁ ଧନତେରାସ ଓ ଦୀପାବଳୀ। ତେଣୁ ସୁନା କଏନ ବା ମୁଦ୍ରା ଓ ନିର୍ମିତ ମୂର୍ତ୍ତିର ଚାହିଦା ଅଧିକ। ବିଶେଷକରି ସୁନା ଅମୂଲ ମୂଲ ହୋଇପଡ଼ିଥିବାରୁ ସ୍ୱାଭାବିକ ଭାବେ ରୁପାର ଆଦର ବଢ଼ିଛି। ଚଳିତ ମାସ ୬ ତାରିଖରୁ ଏଥିମଧ୍ୟରେ ରୁପା ଦାମ ବଜାରରେ କେଜି ପିଛା ୪୩ ହଜାର ଟଙ୍କା ବଢ଼ିଛି। ଗତ ୧୨ ଓ ୧୩ ତାରିଖରେ ଯଥାକ୍ରମେ ମୂଲ୍ୟ ୭୦୦୦ ଓ ୯୦୦୦ ଟଙ୍କା ବଢ଼ିଥିବାରୁ ରୁପାର କେଜି ପ୍ରତି ମୂଲ୍ୟ ୨ ଲକ୍ଷ ୬ ହଜାର ଟଙ୍କାରେ ପହଞ୍ଚିଛି। ଏହି ବର୍ଦ୍ଧିତ ହାର ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ରୁପାରେ ଆଖିବୁଜା ନିବେଶ ବଢ଼ିଚାଲିଛି। ତେବେ ଏହାର ସୀମିତ ଉତ୍ପାଦନ ଅନ୍ୟଏକ କାରଣ। ଆମକୁ ଏଠାରେ କହିବାକୁ ପଡୁଛି ଯେ କେବଳ ଗହଣା, ଦେବଦେବୀଙ୍କ ମୂର୍ତ୍ତି ଓ ବାସନରେ ରୁପାର ଉପଯୋଗ ସୀମିତ ନାହିଁ। ସୌରପ୍ୟାନେଲ, ଇଲେକ୍ଟ୍ରୋନିକ୍ସ ସମଗ୍ରୀ ଏବଂ ବିଦ୍ୟୁତ୍ ଚାଳିତ ଗାଡ଼ିରେ ବ୍ୟବହୃତ ବ୍ୟାଟେରୀରେ ମଧ୍ୟ ରୁପା ବ୍ୟବହାର ହେଉଛି। ମାନବୀୟ ସୌଖୀନ ବାଦ ଦ୍ରୁତ ଶିଳ୍ପାୟନର ଆବଶ୍ୟକତା ମେଣ୍ଟାଇବା ପାଇଁ ଉତ୍ପାଦିତ ରୁପା ଯଥେଷ୍ଟ ନୁହେଁ। ତେଣୁ ଆଗାମୀଦିନରେ ରୁପାର ମୂଲ୍ୟ ଆହୁରି ବଢ଼ିବ। ଅନ୍ୟ ଏକ ଖବରରୁ ପ୍ରକାଶ ଯେ ରାଷ୍ଟ୍ରପତି ଟ୍ରମ୍ପ ଚଢ଼ା ବହିଃଶୁଳ୍କ ଘୋଷଣା କରିବା ପରେ ଲଣ୍ଡନ ମେଟାଲ ଏକ୍ସଚେଞ୍ଜରୁ ବିପୁଳ ପରିମାଣର ରୁପା ଆମେରିକା ପଠାଇଦିଆଯାଇଥିଲା। ତେଣୁ ଚାହିଦା ଅନୁଯାୟୀ ରୁପା ଯୋଗାଇବା ସମ୍ଭବ ହେଉନାହିଁ। ଆଉନ୍ସ ପିଛା ରୁପାର ମୂଲ୍ୟ ୫୨ ଡଲାରରେ ପହଞ୍ଚିଛି। ଏହାକୁ ଏକ ରେକର୍ଡ ବୃଦ୍ଧି ବୋଲି ବିଶେଷଜ୍ଞମାନେ କହୁଛନ୍ତି।

ସର୍ବୋପରି ବୁଲିୟନ ବଜାରରେ ପରିଲକ୍ଷିତ ନିଅଣ୍ଟିଆ ସ୍ଥିତି ଏବଂ ବିତ୍ତୀୟ ଅନିଶ୍ଚିତତା ଏବେ ଲାଗି ରହିଛି। ବିଶେଷକରି ଚୀନ ବିରୋଧରେ ଟ୍ରମ୍ପ ଶହେ ପ୍ରତିଶତ ଟାରିଫ ଘୋଷଣା କରିଥିବାରୁ ସ୍ଥିତି ଅଧିକ ବିଗିଡ଼ିବାରେ ଲାଗିଛି। ତେଣୁ ନିବେଶକଙ୍କ ଆଖି ଏବେ ସୁନା ଓ ରୁପା ଉପରେ। ପରିସ୍ଥିତି ଏପରି ହୋଇଛି ଯେ ରୁପା ନିବେଶ ପାଣ୍ଠି (ଇଟିଏଫ)ରେ ନୂତନ କ୍ରୟକୁ ସାମୟିକ ବନ୍ଦ କରାଯାଇଛି। ଏକଥା ସତ ଯେ ପାର୍ବଣ ପରେ ବିବାହ ଋତୁର ଆଗମନ ହେଉଥିବାରୁ ବଜାରରେ ଚାହିଦା ବର୍ଷତମାମ ଜାରି ରହିବ। ତେଣୁ ରୁପାର ମୂଲ୍ୟ ହ୍ରାସ ଘଟିବା ସମ୍ଭାବନା ପ୍ରାୟତଃ ଊଣା। ପୂର୍ବରୁ ସଞ୍ଚିତ ରୁପା ସାମଗ୍ରୀ ମାଧ୍ୟମରେ ଗହଣା ଦୋକାନୀ ଏବର ସ୍ଥିତିକୁ ସମ୍ମୁଖୀନ ହେଉଥିବାରୁ ହଠାତ୍ ନିଅଣ୍ଟ ବା ଅଭାବ ପରିଲକ୍ଷିତ ହେବ ନାହିଁ।

# ନୋବେଲ୍ ପ୍ରତ୍ୟାଶୀ ନଟସମ୍ରାଟଙ୍କ 'ମୋଗଲ୍ ତାମ୍‌ସା'

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ପ୍ରାୟ ସାତ କି ଆଠମାସ ଧରି ଅନ୍ତର୍ଜାତୀୟ ମଞ୍ଚରେ ଅଭିନୀତ ହେଉଥିବା ହାସ୍ୟୋଦ୍ଦୀପକ ଅଥଚ ଭିନ୍ନ ଏକ ଦୃଷ୍ଟିରୁ କାରୁଣ୍ୟଭିଜା ନାଟକଟି ଉପରେ ଏବେ ପରଦା ପଡ଼ିଯାଇଛି। ଲୋକମନୋରଞ୍ଜକ 'ମୋଗଲ ତାମସା'ର ମୁଖ୍ୟ ଚରିତ୍ର-ତୁଲ୍ୟ 'କ୍ଷଣ କ୍ଷଣକେ ଆନ ଆଚରଣ, ଆନ ଉଚ୍ଚାରଣ'ରେ ଆମକୁ ପ୍ରଚୁର ହସ, ପ୍ରଚୁର ବିନୋଦରେ ଆପ୍ୟାୟିତ କରିଚାଲିଥିବା ନଟସମ୍ରାଟ ଜଣକ ଏଥର ଅନ୍ୟ ରଙ୍ଗରସର ଅଭିନୟରେ ସମଆଟୋପ ସହ ଉତ୍ତୀର୍ଣ୍ଣ ହେବା ପାଇଁ ମୁହୂର୍ତ୍ତେ ଅବଶ୍ୟ ବିଳମ୍ବ କରିବେ ନାହିଁ, କିନ୍ତୁ ସେ ଅଭିନୟ ଆଉ ଏତେଟା ରୋଚକ, ଏତେଟା ବିରକ୍ତିକର ଭାବରେ ରୋମାଞ୍ଚକ ହେବାର ସମ୍ଭାବନା ନାହିଁ ନିଶ୍ଚୟ। ଏହାର କାରଣ ଅତି ସ୍ପଷ୍ଟ। ସଦ୍ୟ ସମାପ୍ତ ଏହି ଚର୍ଚ୍ଚିତ ନାଟକରେ ଏ ଅଭିନେତା ଏକାବେଳକେ ତିନି/ଚାରିଟି ଭୂମିକାରେ ଅଭିନୟ କରିବାର ମହାର୍ଘ ସୁଯୋଗ ପାଇଥିଲେ- କେତେବେଳେ ଅଝଟ ଅବୋଧ ବାଳକର ଅଭିନୟ ତ କେତେବେଳେ ଜଣେ ସଲାକୁସ୍ତି-ଯୋଦ୍ଧାର କି ଜଣେ ଦୁର୍ଦ୍ଦାନ୍ତ ଦେହବଳିଆ, ମୋଟାବୁଦ୍ଧିଆର ଅଭିନୟ। କିଏ ହୁଏତ କହିପାରନ୍ତି ଏ ଭୂମିକା ସବୁ ହାସ୍ୟରସ ସହ କିଛିଟା ଲଘୁ ବୀଭତ୍ସରସ ସିନା ସୃଷ୍ଟି କରିଥିବେ, କିନ୍ତୁ କାରୁଣ୍ୟରସ କାହିଁ? କାରୁଣ୍ୟରସ ଅବଶ୍ୟ ଥିଲା, କାରଣ ଏ ପକ୍‌କା ନାଟୁଆ ମଣିଷ ଜଣକ ମଝିରେ ମଝିରେ 'ଭିକ୍ଷାଂ ଦେହି, ଭିକ୍ଷାଂ ଦେହି' କହି ଭାରି ବିକଳ ସ୍ୱରରେ କାକୁତି ମିନତି ବି କରୁଥିଲେ ଏବଂ ନିରାଶ-ଜର୍ଜର ଭିକ୍ଷୁକଟିଏ ପରି ଅଭିସଂପାତ ବି ଦେଉଥିଲେ।

ଏ ଦୀର୍ଘ ଉପକ୍ରମଣିକାଟି ପଢ଼ିବା ପରେ ଆପଣମାନେ ଜାଣି ସାରିବେଣି ଏ ନଟସମ୍ରାଟ ହେଉଛନ୍ତି ଆମେରିକାର ମଉଡ଼ମଣି ଡୋନାଲଡ୍ ଟ୍ରମ୍ପ ମହୋଦୟ। ନୋବେଲ୍ ଶାନ୍ତି ପୁରସ୍କାର ରୂପକ ଅପରୂପ ସ୍ୱାଦଯୁକ୍ତ ଅମୃତଫଳଟିକୁ ନିଜ ଭିକ୍ଷାଝୁଲିରେ ଯେନତେନ ପ୍ରକାରେ ଖସାଇ ପକାଇବା ପାଇଁ ତାଙ୍କର ଦୁଃସହ ଲିପ୍‌ସାର ଦୃଶ୍ୟଶ୍ରାବ୍ୟ ନାଟକ ଇଏ। ମନେ ହୁଏ ସେ କବି 'ୱାଲଟ୍ ହ୍ୱିଟ୍‌ମ୍ୟାନ'ଙ୍କ 'ସଙ୍ଗ୍ ଅଫ୍ ମାଇସେଲଫ୍' କବିତାର ଏଇ କେତୋଟି ଫକ୍ତି 'ମୁଁ କ'ଣ ବାରବାର ନିଜକୁ ଖଣ୍ଡନ କରୁଛି? ବେଶ୍ ହେଲା, ଏବେ ଶୁଣ ମୋର ଦୃପ୍ତ ସ୍ୱୀକାରୋକ୍ତି / ହଁ, ମୁଁ ଖଣ୍ଡନ କରୁଛି ନିଜକୁ ବାରବାର / ମୁଁ ବିରାଟ, ବିପୁଳ / ମୁଁ ଏକ ନୁହେଁ, ଅନେକ / ମୋ ଭିତରେ ଅଗଣିତ ଭିନ୍ନ ଭିନ୍ନ ସତ୍ତା ବିଦ୍ୟମାନ' ରେ ନିହିତ ଗୂଢ଼ ଭାବନାର କଦର୍ଥ କରି ପକାଇଛନ୍ତି ଆପଣାର ସେ ବିଲକ୍ଷଣ ସ୍ଥୂଳ ବୁଦ୍ଧିରେ। ସେ ଭାବିନେଇଛନ୍ତି ଯେ ସେ ସତରେ ଜଣେ ବିରାଟ ପୁରୁଷ ଏବଂ ସେଥିପାଇଁ ନିଜକୁ, ନିଜର ମତ ମନ୍ତବ୍ୟ, ଆଚରଣ ବା ଉଚ୍ଚାରଣ ସବୁକୁ ବାରବାର ଖଣ୍ଡନ କରିବା ତାଙ୍କର ଦୈବାଧିକାର। ସ୍ଥୂଳ ବୁଦ୍ଧି ଓ ଅଳ୍ପ ବିଦ୍ୟା କି ଭୟଙ୍କର ସତେ!

ଆତ୍ମଗର୍ବ, ଆତ୍ମରତି, ଔଦ୍ଧତ୍ୟ ଓ ଓଲାପଣିଆର ବିଚିତ୍ର କକ୍‌ଟେଲ୍ ଡୋନାଲଡ ଟ୍ରମ୍ପ-ଏହା ଅବଶ୍ୟ ଅକାଟ୍ୟ ସତ୍ୟ। ମାତ୍ର ବିଚିତ୍ରତମ ହେଉଛି ନୋବେଲ୍ ଶାନ୍ତି ପୁରସ୍କାରଟି ପାଇଁ ତାଙ୍କର ଏ ଜ୍ୱରାକ୍ରାନ୍ତ ପ୍ରଳାପ, ଏ ଅଳିଅର୍ଦ୍ଦଳି, ଏ ରେରେକାର ଚିତ୍କାର ଓ ତମ୍ବିତୋଫାନ। କିନ୍ତୁ ସବୁ ଦୋଷ କ'ଣ ବିଚରା ଟ୍ରମ୍ପଙ୍କର? ତାଙ୍କରି ଦେଶର କୁଟିଳମନା ଯୁଦ୍ଧଖୋର କୂଟନୀତିଜ୍ଞ ହେନ୍‌ରୀ କିସିଂଜରଙ୍କୁ ନରୱେ ନୋବେଲ କମିଟି କ'ଣ ଦିନେ 'ବିଶ୍ୱଶାନ୍ତିଦୂତ'ର ମାନ୍ୟତା ଦେଇ ନଥିଲା ନୋବେଲ୍ ଶାନ୍ତି ପଦକଟି ଦୁର୍ବୋଧ ବିନମ୍ରତାର ସହ ପ୍ରଦାନ କରି? ଦିନେ ସେହି ନୋବେଲ୍ ଶାନ୍ତି କମିଟି କ'ଣ ହିଟ୍‌ଲର, ଷ୍ଟାଲିନ ଓ ମୁସୋଲିନୀମାନଙ୍କ ପରି ଗଣହତ୍ୟାକାରୀ ଅମଣିଷମାନଙ୍କୁ ନୋବେଲ୍ ଶାନ୍ତି ପୁରସ୍କାର ଦେବା ପାଇଁ ଅସଫଳ ମସୁଧା କରି ନ ଥିଲା? ଏ ପର୍ଯ୍ୟନ୍ତ ଯେଉଁମାନଙ୍କୁ ଏ କମିଟି ଶାନ୍ତି ସମ୍ମାନରେ ଭୂଷିତ କରିସାରିଛି, ସେମାନଙ୍କ ମଧ୍ୟରୁ ବେଶ୍ କେତେଜଣଙ୍କ ଯୋଗ୍ୟତା ଉପରେ ପ୍ରଶ୍ନବାଚୀ ଚିହ୍ନ ଲାଗିନି କି? ଏମିତି ଉଦାହରଣ, ଏମିତି ବିଡ଼ମ୍ବନାମାନ ଯେତେବେଳେ ଡୋନାଲଡ୍ ଟ୍ରମ୍ପଙ୍କ ଗୋଚରୀଭୂତ ହୋଇଥିବ, ସେତେବେଳେ କିପରି ଓ କାହିଁକି ବା ସେ ବିରତ ହୋଇଥା'ନ୍ତେ ଏମନ୍ତ ଏକ ସର୍ବଗ୍ରାସୀ (ଓ ସର୍ବନାଶୀ ବି) କାମନା-ପୋଷଣରୁ? ସେ କ'ଣ ହେନରୀ କିସିଂଜରଙ୍କ ମୁଖନିସୃତ 'ଆମେରିକାର କେହି ନୁହନ୍ତି ଶତ୍ରୁ, କେହି ନୁହନ୍ତି ମିତ୍ର-ସର୍ବାଗ୍ରେ ହିଁ ଆମେରିକାର ସ୍ୱାର୍ଥ' ମହାମନ୍ତ୍ରଟିର ପ୍ରୟୋଗ କରି ଚାଲିନାହାନ୍ତି ତାଙ୍କର ବିଦେଶ ନୀତିରେ? କାମ୍ବୋଡ଼ିଆରେ ବୋମାବର୍ଷଣ, ବଲଭିଆ ଓ ଚିଲିରେ ସାମରିକ ବିଦ୍ରୋହ, ଇଷ୍ଟ ତିମୋର୍ ଉପରେ ଇଣ୍ଡୋନେସିଆର ଆକ୍ରମଣ ଏବଂ ଏମିତି ଆହୁରି କେତେ କେତେ ହିଂସାତ୍ମକ, ଆକ୍ରମଣାତ୍ମକ କାର୍ଯ୍ୟ ଓ ଆଭିମୁଖ୍ୟ ଆମେରିକା ପ୍ରଦର୍ଶନ କରିଚାଲିଥିବା ବେଳେ ସେଥିପାଇଁ ପ୍ରୋତ୍ସାହନ ଦେଇଥିଲେ ହେନେରୀ କିସିଂଜର। ଆଉ କିଏ ବା ନ ଜାଣେ ଏଇ କିସିଂଜରୀୟ କୂଟନୀତି ଭିଏତ୍‌ନାମ, ଇରାକ୍ ଆଦି ଦେଶମାନଙ୍କରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନର ମୁଖ୍ୟ ଉତ୍‌ପ୍ରେରକ ବୋଲି! ଏମନ୍ତ ମହାନ୍ ଆମେରିକୀୟ ଜଣେ ଯଦି ନୋବେଲ୍ ଶାନ୍ତି ସମ୍ମାନରେ ଭୂଷିତ ହୋଇଥିଲେ, ଟ୍ରମ୍ପ ବା କାହିଁକି ନ ହେବେ, ବିଶେଷ କରି ସେ ସାତ ସାତଟି ଯୁଦ୍ଧ ବିରତିର କାର୍ପଟଦାର ହୋଇଥିବା ବେଳେ? ପାକିସ୍ତାନର ଅସୀମ ମୁନିର୍, ଇସ୍ରାଏଲର ନେତାନ୍ୟାହୁ ଆଦି ଟ୍ରମ୍ପ ହିଁ ନୋବେଲ୍ ଶାନ୍ତି ପୁରସ୍କାରର ହକ୍‌ଦାର ବୋଲି ନୋବେଲ୍ କମିଟିକୁ ଦୃଢ଼ ସୁପାରିସ କରିନାହାନ୍ତି କି? ଅବୋଲକରା ଭାରତ ସେମିତି କଲା ନାହିଁ ବୋଲି ସେ ତା'ଉପରେ ପ୍ରଚଣ୍ଡ 'ଟାରିଫ୍' ପ୍ରହାର କରି ନାହାନ୍ତି କି? 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍' (ମାଗା) ସ୍ୱପ୍ନଟିକୁ ଚରିତାର୍ଥ କରିବା ପାଇଁ କି କି ମହତ୍ ପଦକ୍ଷେପମାନ ନେଉନାହାନ୍ତି ସେ? ମାନବତା, ଉଦାରତା, ଭେଦଭାବହୀନତା ପରି ଶାଶ୍ୱତ ମୂଲ୍ୟବୋଧ ସବୁର ପ୍ରତୀକ 'ଷ୍ଟାଚ୍ୟୁ ଅଫ୍ ଲିବର୍ଟି'ର ଦେଶ ଆମେରିକାର ଗଣତାନ୍ତ୍ରିକ, ସାମ୍ବିଧାନିକ ବାତାବରଣକୁ ଧ୍ୱସ୍ତ ବିଧ୍ୱସ୍ତ କରି, ବିଶ୍ୱାୟନ ପରେ ପରେ ଦେଶ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ, ଅବାଧ ଯାତାୟତ ଓ ଜ୍ଞାନବିଜ୍ଞାନର ଆଦାନପ୍ରଦାନ ସବୁକୁ ସୁଗମ କରିବା ପାଇଁ ଉନ୍ମୁକ୍ତ ହୋଇଯାଇଥିବା ସବୁ ଦ୍ୱାର, ଗବାକ୍ଷ, ସବୁ ମାର୍ଗ ପୁନଶ୍ଚ ଅବରୁଦ୍ଧ କରି ଆମେରିକାର ସ୍ୱାତନ୍ତ୍ର୍ୟ, ଆମେରିକାର ପ୍ରଭୁତ୍ୱକୁ ନିରଙ୍କୁଶ ରଖିବା ପାଇଁ କି କି ଅଭିନବ ଚିନ୍ତନ-ପ୍ରସୂତ ତତ୍ତ୍ୱ ବାଢ଼ି ଦେଇନାହାନ୍ତି ସେ? ତେଣୁ ନୋବେଲ୍ ଶାନ୍ତି ତାଙ୍କର ପ୍ରାପ୍ୟ, ଶତ ପ୍ରତିଶତ ପ୍ରାପ୍ୟ - ଏମିତି ଭାବିବାରେ କିଛି ଅସ୍ୱାଭାବିକତା ଅଛି ବୋଲି କାହିଁକି ଟ୍ରମ୍ପ ମହୋଦୟ ଚିନ୍ତା କରିବେ?

କିନ୍ତୁ ହାୟ, ସବୁ ଛଳକୌଶଳ, ସବୁ ଧମକଚମକ ଓ ସବୁ କାନ୍ଦଣା, ପ୍ରାର୍ଥନାକୁ ବ୍ୟର୍ଥ କରିଦେଲେ ନରୱେ ନୋବେଲ୍ କମିଟିର ବିଚାରକମାନେ। ବୋଧହୁଏ ଏଇଥର ଖୁବ୍ ତୀବ୍ର ବେଗରେ ସେମାନଙ୍କ ଧମନୀରେ ପ୍ରବାହିତ ହୋଇ ଚାଲିଲା ବେଳେବେଳେ ଧିମେଇ ଯାଉଥିବା ସେ ବୈଶିଷ୍ଟ୍ୟାତ୍ମକ 'ସ୍କାଣ୍ଡିନେଭିଆନ୍' ଟାଣପଣିଆ ଏବଂ ସୁସ୍ଥବିଚାର-ପ୍ରବଣତାର ରସାୟନ। ଶାନ୍ତି, ଶାନ୍ତି ଚିତ୍କାର କରି ଅଶାନ୍ତି ସୃଷ୍ଟି କରି ଚାଲିଥିବା ହୁଙ୍କାପିଟିଆ, ଆଡ଼ବାୟା ଡୋନାଲଡଙ୍କ ପ୍ରତ୍ୟକ୍ଷ ବା ପରୋକ୍ଷ ଚାପ ଆଗରେ ମୁଣ୍ଡ ନ ନୁଆଁଇ ସେମାନେ ଭେନିଜୁଏଲାର ବିରୋଧୀ ଦଳର ନେତ୍ରୀ 'ମାଚାଡୋ'ଙ୍କୁ ନୋବେଲ୍ ଶାନ୍ତି (୨୦୨୫) ପୁରସ୍କାର ବିଜୟିନୀ ଭାବରେ ଘୋଷଣା କଲେ ଏବଂ ଏପରି କରି ସ୍ପଷ୍ଟ କରିଦେଲେ ଯେ ଶାନ୍ତି ଏକ ଲକ୍ଷ୍ୟ କେବଳ ନୁହେଁ, ଏହା ହେଉଛି ଏକ ନିରନ୍ତର ପ୍ରକ୍ରିୟା ଏବଂ ଗଣତନ୍ତ୍ର, ମାନବତା, ସମତା ଓ ବାକ୍ ସ୍ୱାଧୀନତାର ମାର୍ଗରେ ଏକ ସର୍ତ୍ତବିହୀନ ନିରବଚ୍ଛିନ୍ନ ଯାତ୍ରା। ଏହାସହିତ ମଧ୍ୟ ସ୍ପଷ୍ଟ କରିଦେଲେ ଯେ ଶାନ୍ତିର ମାର୍ଗ ହେଉଛି ଗାନ୍ଧୀଙ୍କ ମାର୍ଗ, ମାର୍ଟିନ୍ ଲୁଥର କିଙ୍ଗ, ନେଲସନ୍ ମାଣ୍ଡେଲା ଓ ମଦର ଟେରେସାଙ୍କ ମାର୍ଗ। ଡୋନାଲଡ୍ ଟ୍ରମ୍ପଙ୍କ ପରି ଜଣେ ଅସ୍ଥିରଚିତ୍ତ, ପ୍ରଚ୍ଛନ୍ନ ଫାସିବାଦୀ ଚରିତ୍ରର ରାଜନେତା ନୁହନ୍ତି, 'ମାଚାଡୋ'ଙ୍କ ପରି ଜଣେ ଉତ୍ସର୍ଗୀକୃତ ନାରୀନେତ୍ରୀ ଏ ମହତୀ ସମ୍ମାନର ଯୋଗ୍ୟା ବୋଲି ନିର୍ଣ୍ଣାୟକ ନିଷ୍ପତ୍ତି ନେଇ ଆମକୁ ତଥା ଏ ସମଗ୍ର ବିଶ୍ୱକୁ ଆଶ୍ୱସ୍ତ କରିବା ସଙ୍ଗେ ସଙ୍ଗେ ନରୱେ ନୋବେଲ ଶାନ୍ତି କମିଟି ଏଇ ବାର୍ତ୍ତାଟି ମଧ୍ୟ ଦେଇଛନ୍ତି - 'ବର୍ତ୍ତମାନର ବହୁଧା ବିଭକ୍ତ, ବିଭାଜିତ, ବହୁ ଦ୍ୱନ୍ଦ୍ୱ, ବିରୋଧାଭାସପୂର୍ଣ୍ଣ କାଳଖଣ୍ଡରେ ତଥାପି ମାନବତା, ମାନବିକତା, ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଅଙ୍ଗୀକାରବଦ୍ଧତାର ଦୀପଶିଖା କେଉଁଠି ନା କେଉଁଠି ପ୍ରଜ୍ୱଳିତ ଅଛି, କେଉଁଠି ନା କେଉଁଠି ସୁସ୍ଥ ବିଚାରବୋଧର ଜାହ୍ନବୀଧାରା ପ୍ରବାହିତ ହୋଇଚାଲିଛି'।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଠିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ଏମିତି ଖୁସି କାହିଁକି?

**ପ୍ରଣତି ଆଚାର୍ଯ୍ୟ ମିଶ୍ର**



ଖୁସି ପ୍ରକାଶ କରିବାର ଅନେକ ଉପାୟ ଅଛି। ହେଲେ ପ୍ରଶ୍ନ ହେଉଛି କାହିଁକି କିଛି ଲୋକ କେବଳ ବାଣ ଫୁଟାଇ ନିଜ ଖୁସି ପରିପ୍ରକାଶ କରନ୍ତି। ବାଣ କେବଳ ପରିବେଶ ପାଇଁ କ୍ଷତିକାରକ ନୁହେଁ, ବିପଜ୍ଜନକ ମଧ୍ୟ। ଏଥିଯୋଗୁଁ କୋଟି କୋଟି ଟଙ୍କାର ଆର୍ଥିକ କ୍ଷତି ସହିତ ଅନେକ ଲୋକଙ୍କ ମୃତ୍ୟୁ ଘଟେ। ସର୍ବୋଚ୍ଚ ନ୍ୟାୟାଳୟ ପରିବେଶ ପ୍ରଦୂଷଣ ସମ୍ବନ୍ଧୀୟ ଆବେଦନଗୁଡ଼ିକର ଶୁଣାଣି ବେଳେ ପ୍ରଶ୍ନ କରିଥିଲେ କେବଳ ଦିଲ୍ଲୀ-ଏନସିଆରରେ କାହିଁକି ବାଣ ଫୁଟାଇବା ନିଷେଧ ହେବ? ଦେଶର ଅନ୍ୟାନ୍ୟ ସହର ଯେଉଁଠାରେ ପ୍ରଦୂଷଣ ଏକ ଗମ୍ଭୀର ସମସ୍ୟା, ସେଠାରେ ମଧ୍ୟ ବାଣ ଫୁଟାଇବା କାହିଁକି ନିଷେଧ କରାଯିବ ନାହିଁ? ଦିଲ୍ଲୀ ଜନସାଧାରଣଙ୍କର ପରି ସମସ୍ତ ସହରର ଲୋକଙ୍କୁ ସ୍ୱଚ୍ଛ ବାୟୁ ଆହରଣର ସମାନ ଅଧିକାର ଅଛି। ପ୍ରଦୂଷଣ ସମ୍ପର୍କିତ ଯେକୌଣସି ନୀତି ସାରା ଦେଶରେ ସମାନ ହେବା ଉଚିତ।

୨୦୨୫, ମେ' ମାସରେ ସର୍ବୋଚ୍ଚ ନ୍ୟାୟାଳୟ ଉତ୍ତର ପ୍ରଦେଶ, ହରିୟାଣା ଓ ରାଜସ୍ଥାନ ସରକାରଙ୍କୁ ଜାତୀୟ ରାଜଧାନୀ ଅଞ୍ଚଳରେ ବାଣ ଫୁଟାଇବା ଉପରେ ନିଷେଧାଦେଶ ଜାରି କରିଛନ୍ତି। ଚେତାବନୀ ଦେଇଛନ୍ତି ନିର୍ଦ୍ଦେଶର ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ହେବ। ସର୍ବୋଚ୍ଚ ନ୍ୟାୟାଳୟ ପୂର୍ବରୁ ଅନେକ ଥର ଏହି ସମ୍ପର୍କରେ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ନିର୍ଦ୍ଦେଶଗୁଡ଼ିକୁ କେତେ ପରିମାଣରେ ପାଳନ କରାଯାଇଛି ତାହା ସର୍ବଜନବିଦିତ। ଯଦିଓ କିଛି ମହଲରେ ସବୁଜ ବାଣ ବିଷୟରେ ଏକ ସକାରାତ୍ମକ ଧାରଣା ରହିଛି, ତଥାପି ବାଣ ବ୍ୟବହାର ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟା ସୃଷ୍ଟି କରେ। ଏଥିରୁ ନିର୍ଗତ ପ୍ରଦୂଷଣ, ରାସାୟନିକ ପଦାର୍ଥ ଓ ବିଭିନ୍ନ କଠିନ ପଦାର୍ଥର ପରିବେଶ ଉପରେ ପ୍ରଭାବ କମ୍ ନୁହେଁ। ବିଡ଼ମ୍ବନାର ବିଷୟ ହେଉଛି ସାଧାରଣ ଲୋକ ସମସ୍ତ ନିର୍ଦ୍ଦେଶ, ସରକାରୀ କଟକଣା ଓ ପରାମର୍ଶକୁ କ୍ରମାଗତ ଭାବରେ ଅଣଦେଖା କରିଛନ୍ତି। ଦୀପାବଳୀ ସମୟରେ ଏବଂ ଏହାର ପାଖାପାଖି ଗୋଟିଏ କିମ୍ବା ଦୁଇ ଦିନ ପାଇଁ ରାସ୍ତାରେ ଚାଲିବା କଷ୍ଟକର ହୋଇପଡ଼େ। ଅନେକ ଦିନ ପର୍ଯ୍ୟନ୍ତ ବିଷାକ୍ତ ଧୂଆଁ ବାୟୁମଣ୍ଡଳରେ ରହିଥାଏ, ଯାହା ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି କରେ।

ପ୍ରଶ୍ନ ହେଉଛି ଏହା କାହାର ଖୁସି? ଏହି ପର୍ବରେ କିଏ ଭଲ ଭାବରେ ଆତସବାଜି ଫୁଟାଇପାରିବ ତାହା ଦେଖିବା ପାଇଁ ଏକ ପ୍ରତିଯୋଗିତା ହୋଇଥାଏ। ରିପୋର୍ଟ ଅନୁଯାୟୀ ଅନେକ ପରିବାର କିଛି ଘଣ୍ଟା ମଧ୍ୟରେ ୧୦୦୦ ରୁ ୧୦୦୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଆତସବାଜି ଜାଳିଥା'ନ୍ତି। ପ୍ରଶ୍ନ ହେଉଛି ଏହା କ'ଣ ପର୍ବ ପାଳନ କରିବାର ଉପାୟ ନା ପ୍ରଦୂଷଣ ସୃଷ୍ଟିକାରୀ ପ୍ରତିଯୋଗିତା? ଆତସବାଜି କେବଳ ବ୍ୟବହାରକାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରେ ନାହିଁ, ବରଂ ନିକଟରେ ଉପସ୍ଥିତ ଥିବା ଅନ୍ୟମାନଙ୍କୁ ମଧ୍ୟ ପ୍ରଭାବିତ କରେ।

ବୈଜ୍ଞାନିକଙ୍କ ମତାନୁଯାୟୀ ଆତସବାଜି ଜାଳିବା ଦ୍ୱାରା ସଲଫର ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ସୀସା ସମେତ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ନିର୍ଗତ ହୁଏ, ଯାହା ବିଭିନ୍ନ ଗମ୍ଭୀର ସମସ୍ୟା ସୃଷ୍ଟି କରେ। ଏସବୁ ଅତ୍ୟନ୍ତ ବିଷାକ୍ତ, ଯାହା ହୃଦୟ, ମସ୍ତିଷ୍କ, ଯକୃତ, ବୃକକ୍, ରକ୍ତ ଏବଂ ହାଡ଼କୁ ଗମ୍ଭୀର ଭାବରେ ପ୍ରଭାବିତ କରିପାରେ। ଶବ୍ଦ ପ୍ରଦୂଷଣ ବ୍ୟତୀତ ଏହା ମାଟି ଓ ଜଳ ପ୍ରଦୂଷଣ ମଧ୍ୟ ସୃଷ୍ଟି କରେ। ଆଜ୍‌ମା, ହୃଦ୍‌ଘାତ, ଚର୍ମ ରୋଗ ଆଦି ମଧ୍ୟ ବୃଦ୍ଧି କରେ। ଗବେଷଣା ଅନୁଯାୟୀ ଆତସବାଜି ସାର୍ବଜନୀନ ଜଳ ଯୋଗାଣ ଓ ଭୂତଳ ଜଳକୁ ମଧ୍ୟ ବିଷାକ୍ତ କରିପାରେ। ଯେଉଁମାନେ ସେହି ପାଣି ବ୍ୟବହାର କରନ୍ତି ସେମାନଙ୍କୁ ବିଭିନ୍ନ ଶାରୀରିକ ଏବଂ ମାନସିକ ରୋଗର ଶିକାର ହେବାକୁ ପଡ଼ିଥାଏ। ଏହା ଉଦ୍ଭିଦ ଉପରେ ପ୍ରତିକୂଳ ପ୍ରଭାବ ପକାଏ।

ଉତ୍ସବ ନାମରେ ଜଳାଯାଉଥିବା ଆତସବାଜି ଥରେ ହିଂସାତ୍ମକ ଓ କୋଳାହଳପୂର୍ଣ୍ଣ ସଂସ୍କୃତିର ଅଂଶ ଥିଲା। ମଧ୍ୟଯୁଗୀୟ ସମୟରେ ଏଗୁଡ଼ିକ ଭାରତରେ ବ୍ୟାପକ ହୋଇଗଲା ଏବଂ ଦେଖୁ ଦେଖୁ ଭାରତୀୟ ସମାଜର ପ୍ରତ୍ୟେକ ବର୍ଗରେ ଆନନ୍ଦ ପ୍ରକାଶ କରିବାର ଏକ ମାଧ୍ୟମ ହୋଇଗଲା। ଆମ ଦେଶରେ ଏଗୁଡ଼ିକ କୌଣସି ଉତ୍ସବ କିମ୍ବା ପର୍ବର ଅଂଶ ନଥିଲେ। କାରଣ ଏଗୁଡ଼ିକ ଏଠାରେ ନିର୍ମିତ ହୋଇନଥିଲା। ଶାନ୍ତି, ପ୍ରେମ, ସଦ୍ଭାବ ଏବଂ ସହିଷ୍ଣୁତାର ଭାରତୀୟ ସଂସ୍କୃତିରେ ନୃତ୍ୟ, ସଂଗୀତ କାର୍ଯ୍ୟକ୍ରମ, ଆମ୍ବ ପତ୍ରରେ ଘର ସଜାଇବା, ଚିତ୍ରକଳା କରିବା ଏବଂ ଖୁସି ପ୍ରକାଶ କରିବା ପାଇଁ ବିଭିନ୍ନ ପ୍ରତୀକ ବ୍ୟବହାର କରିବାର ପରମ୍ପରା ରହିଆସିଛି।

ରାଜ୍ୟ ପ୍ରଶାସନ ବାଣ ଫୁଟାଇବା ଉପରେ ସରକାରୀ ନିଷେଧ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ କେତେଦୂର କାର୍ଯ୍ୟକାରୀ କରିପାରିବେ ତାହା କେବଳ ଦୀପାବଳି ଏବଂ ଅନ୍ୟାନ୍ୟ ପର୍ବପର୍ବାଣି ସମୟରେ ଜଣାପଡ଼ିବ। ତଥାପି ଜନସଚେତନତା ବ୍ୟାପକ ଭାବରେ କରାଯିବା ଉଚିତ, ଯାହା ଦ୍ୱାରା ଭବିଷ୍ୟତରେ କୌଣସି ପ୍ରଦୂଷଣଜନିତ ସମସ୍ୟା ସୃଷ୍ଟି ନହୁଏ। ଆଶା କରାଯାଉଛି ଯେ ଭବିଷ୍ୟତରେ କେବଳ ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳରେ ନୁହେଁ, ବରଂ ପ୍ରଦୂଷଣ ସମସ୍ୟା ଲାଗି ରହିଥିବା ପ୍ରତ୍ୟେକ ସହରରେ ବାଣ ଫୁଟାଇବା ଉପରେ ନିଷେଧ ଲାଗୁ କରାଯିବ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ତିବ୍ବତରେ ବୌଦ୍ଧବିହାର

**ପ୍ରବୀର କୁମାର ପଟ୍ଟନାୟକ**

## ଦ୍ୱିତୀୟ-ବୁଦ୍ଧ କଥା



ପୂର୍ବପ୍ରକାଶିତ ଉତ୍ତାରୁ...

ଏଇଟି ଖ୍ରୀ ୧୪୪୫ ରେ ନିର୍ମିତ ହୋଇଥିଲା ସଙ୍ଘ-ଖା-ପାଙ୍କର ବଂଶଧର ତଥା ଗେଲୁଗ୍‌ସ୍‌ପା ସଂପ୍ରଦାୟର ପ୍ରଥମ ମହାଲାମା ଗେ ଡୁନ୍ ଡବ୍ ଙ୍କ ଦ୍ୱାରା। ଏହି ମହାବିହାରଟି ବୌଦ୍ଧଶିକ୍ଷାର ପ୍ରଧାନ କେନ୍ଦ୍ର। ତାସୀ-ଲୁନ୍-ପୋ ବିଶ୍ୱବିଦ୍ୟାଳୟଟି ମହାଲାମାଙ୍କ ଅଧ୍ୟକ୍ଷତାରେ ହିଁ ପରିଚାଳିତ। ଏହି ମହାଲାମା ପଞ୍ଚେନ ରିନ୍ ପୋ ଚେ ନାମରେ ପରିଚିତ। ମହାବିହାରଟି ଗୋଟିଏ କ୍ଷୁଦ୍ର ସହର ଏବଂ ଏଠାରେ ତିନି ହଜାର ଭିକ୍ଷୁ ରହିଥା'ନ୍ତି। (୬) ରା-ଡାଙ୍ଗ - ଏହି ମହାବିହାରଟି କଦମ୍‌ପା ସଂପ୍ରଦାୟର। ଏହା ଲାସାର ଉତ୍ତର ପୂର୍ବକୁ ଅବସ୍ଥିତ। ଏଇଟି ବୌଦ୍ଧ ଗୁରୁ ଅତୀସଙ୍କ ଶିଷ୍ୟ ବ୍ରମ୍-ଟନ୍ ଙ୍କ ଦ୍ୱାରା ଖ୍ରୀ ୧୦୫୫ରେ ପ୍ରତିଷ୍ଠିତ। ଏଠାରେ ଅତୀସଙ୍କ ଦେହାବଶେଷ ଏକ ବିରାଟ ରୌପ୍ୟ ସମାଧିରେ ସଂରକ୍ଷିତ। ଏହିଠାରେ ମଧ୍ୟ ପ୍ରସିଦ୍ଧ ବୌଦ୍ଧ ସାଧୁ ମିଲାରେପାଙ୍କର ସ୍ୱର୍ଣ୍ଣନିର୍ମିତ ପ୍ରତିମୂର୍ତ୍ତି ରଖାଯାଇଛି। ଏହି ସ୍ଥାନଟି ହେଉଛି ତିବ୍ବତରେ ପ୍ରାରମ୍ଭିକ କାଳର ପ୍ରଥମ ଓ ପ୍ରଧାନ ବୌଦ୍ଧ କେନ୍ଦ୍ର। (୭) ସା-ସ୍କ୍ୟ - ଏହି ମହାବିହାର ଖ୍ରୀ ୧୦୭୧ରେ ପ୍ରତିଷ୍ଠିତ। ସା-ସ୍କ୍ୟ ହେଉଛି ତିବ୍ବତୀୟ ବୌଦ୍ଧଧର୍ମର ଏକ ସଂସ୍କାରମୂଳକ ସଂପ୍ରଦାୟ ଏବଂ ଏହି ମହାବିହାରଟି ସେହି ନାମରେ ନାମିତ। ଏହି ମହାବିହାରର କୋଠା ସାତତାଲା ବିଶିଷ୍ଟ। ଏଠାରେ ଏକ ବିଶାଳ ଗ୍ରନ୍ଥାଗାର ରହିଛି। ତିବ୍ବତୀ ଓ ସଂସ୍କୃତ ଭାଷାରେ ଗ୍ରନ୍ଥମାନ ଏଠାରେ ରଖାଯାଇଛି। (୮) ଫୁଣ୍ଟସୋଲିଙ୍ଗ - ଏହି ବିହାରଟିକୁ ପ୍ରସିଦ୍ଧ ତିବ୍ବତୀୟ ଇତିହାସକାର ଲାମା ତାରାନାଥ ପ୍ରତିଷ୍ଠା କରିଥିଲେ। ଶାସକ୍ୟର ଉତ୍ତର ପାଖରେ ଜୋନାଙ୍ଗ ବୌଦ୍ଧବିହାର ପାଖାପାଖି ଏହି ବିହାରଟିରେ ଲାମା ତାରାନାଥ ନିଜେ ଶିକ୍ଷା ଗ୍ରହଣ କରିଥିଲେ। ଏହି ବିହାରଟିରେ ସେ ଅନେକ ବୌଦ୍ଧ ପ୍ରତିମୂର୍ତ୍ତି ଓ ବହୁ ସଂଖ୍ୟକ ଗ୍ରନ୍ଥ ସଂଗ୍ରହ କରି ପୂର୍ଣ୍ଣ କରିଦେଇଥିଲେ। ତାଙ୍କ ଦେହତ୍ୟାଗ ପରେ ପଞ୍ଚମ ମହାଲାମା (ଦଲାଇ ଲାମା) ଜବରଦସ୍ତ ଏହି ବିହାରଟିକୁ ନିଜର ଗେଲୁଗ୍‌ସ୍‌ପା ସଂପ୍ରଦାୟର ଅନୁଷ୍ଠାନ ଭାବେ ପରିଣତ କରି ଦେଇଥିଲେ। (୯) ସାମ-ନିଙ୍ଗ - ଏଇଟି ନିଙ୍ଗମା ସଂପ୍ରଦାୟର ବିହାର। ଏହି ବିହାରରେ ଉଭୟ ବୌଦ୍ଧ ଭିକ୍ଷୁ ଓ ଭିକ୍ଷୁଣୀ ରହିଥା'ନ୍ତି। ମାତ୍ର ଜଣେ ଭିକ୍ଷୁଣୀ ଦେଉଛନ୍ତି ଏହାର ମୁଖ୍ୟ। (୧୦) ଦେ-କୁଙ୍ଗ - ଜଣେ ବିଶିଷ୍ଟ ଶାସକ୍ୟ ଲାମାଙ୍କ ପୁତ୍ର କୋଞ୍ଚୋ-ୟାଲ୍‌ପୋ ଏହି ବିହାରଟିକୁ ଖ୍ରୀ ୧୧୬୬ ରେ ନିର୍ମାଣ କରିଥିଲେ। ଏହା ଲାସାର ଉତ୍ତର ପଶ୍ଚିମକୁ ପ୍ରାୟ ଶହେ ମାଇଲ ଦୂରରେ ଅବସ୍ଥିତ ଏବଂ କାଗ୍ୟପା ସଂପ୍ରଦାୟର ବିଶାଳ ବୌଦ୍ଧ ବିହାର ମଧ୍ୟରୁ ଗୋଟିଏ। (୧୧) ମିଣ୍ଡୋଲିଙ୍ଗ - ଏହା ହେଉଛି ନିଙ୍ଗ୍‌ମା ସଂପ୍ରଦାୟର ବିହାର ଓ ସମୟେ ବିହାରର ଦକ୍ଷିଣକୁ ଲାଗି ରହିଛି। ଏଥିରେ କୋଡ଼ିଏ ଗୋଟି ବୌଦ୍ଧମନ୍ଦିର ରହିଛି। ମୁଖ୍ୟ ମନ୍ଦିରଟି ନଅତାଲା ବିଶିଷ୍ଟ। ଏହି ବିହାରଗୁଡ଼ିକ ତିବ୍ବତର ପ୍ରସିଦ୍ଧ ବିହାର ମଧ୍ୟରୁ କେତୋଟି। ତିବ୍ବତର କୋଣ ଅନୁକୋଣରେ ବିଭିନ୍ନ ସଂପ୍ରଦାୟର ଅନେକ ବିହାର ରହିଛି। ଦକ୍ଷିଣ ଓ ପୂର୍ବ ତିବ୍ବତରେ ବିହାରମାନ ବହୁ ସଂଖ୍ୟାରେ ଅବସ୍ଥିତ। ବିହାରଗୁଡ଼ିକ ମଧ୍ୟରୁ ଅଧିକ ସଂଖ୍ୟକ ହେଉଛନ୍ତି ନିଙ୍ଗମା ସଂପ୍ରଦାୟର। ଏହି ନିଙ୍ଗମା ସଂପ୍ରଦାୟ ସିଧାସଳଖ ଭାବେ ପଦ୍ମସମ୍ଭବଙ୍କ ସହ ସଂଯୁକ୍ତ।(ସମାପ୍ତ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଏଥର ବ୍ୟବସାୟୀଙ୍କ ଦୀପାବଳି

# କାରବାର ଛୁଇଁବ ୪.୭୫ ଲକ୍ଷ କୋଟି

**ସର୍ବଭାରତୀୟ ବଣିକ ସଂଘର ଆକଳନ**



**କେବଳ ଦିଲ୍ଲୀରେ ହେବ ୭୫ ହଜାର କୋଟିର ବେପାର**

**ଧନ୍‌ତେରସ୍‌ରେ ସୁନା କାରବାର ଟପିବ ୫୦ ହଜାର କୋଟି**

**ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି):** ନବରାତ୍ରିରୁ ଦୀପାବଳି ଏବଂ ବିବାହ ଋତୁ ପର୍ଯ୍ୟନ୍ତ ସାରା ଦେଶରେ ଉତ୍ସବର ମାହୋଲ ଚାଲିଛି। ସବୁଠି କାରବାର ଉତ୍ସାହଜନକ ରହିଥିବାବେଳେ ବ୍ୟବସାୟୀମାନେ କାରବାରରେ ରେକର୍ଡ ଭାଙ୍ଗିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ଚଳିତଥର ଦୀପାବଳି ସାରା ଦେଶରେ ୪.୭୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରିଛି କନ୍‌ଫେଡ଼େରେସନ ଅଫ୍ ଅଲ ଇଣ୍ଡିଆ ଟ୍ରେଡ଼ର୍ସ (କ୍ୟାଟ୍)। ବାସ୍ତବରେ ଯଦି ଏହି ଆକଳନ ସତ୍ୟରେ ପରିଣତ ହୁଏ ତେବେ ଏହା ସର୍ବକାଳୀନ ରେକର୍ଡ ଭାଙ୍ଗିବ। ଏହି ପରିମାଣର କାରବାର ନେପାଳର ଜିଡିପି ୪ ଲକ୍ଷ କୋଟିରୁ ଅଧିକ ଓ ପାକିସ୍ତାନର ବାର୍ଷିକ ପ୍ରତିରକ୍ଷା ବଜେଟ୍‌ର ୬ଗୁଣ ବୋଲି କୁହାଯାଉଛି। ସମାନ ଓ ପାକିସ୍ତାନର ପ୍ରତିରକ୍ଷା ବଜେଟ୍‌ର ୪ ଗୁଣ।

ସୂଚନା ଅନୁସାରେ ୨୦୨୧ ଦୀପାବଳିରେ ଭାରତରେ ପ୍ରାୟ ୧.୨୫ ଲକ୍ଷ କୋଟି ଟଙ୍କା କାରବାର ହୋଇଥିଲା। ୨୦୨୨ରେ ଏହା ପାଖାପାଖି ଦ୍ୱିଗୁଣିତ ହୋଇ ୨.୨୫ ଲକ୍ଷ କୋଟିରେ ପହଞ୍ଚିଥିଲା। ମାତ୍ର ୨୦୨୩ ପରଠାରୁ ଦୀପାବଳି କାରବାର ରକେଟ୍ ବେଗରେ ଊର୍ଦ୍ଧ୍ୱଗାମୀ ହୋଇଛି। ୨୦୨୩ରେ ଭାରତରେ ଦୀପାବଳି କାରବାର ୩.୭୫ ଲକ୍ଷ କୋଟି ଛୁଇଁଥିଲା ଓ ୨୦୨୪ରେ ଏହା ୪.୨୫ ଲକ୍ଷ କୋଟି ହୋଇଥିଲା। ମାତ୍ର ଚଳିତ ବର୍ଷ ଏହା ୪.୭୫ ଲକ୍ଷ କୋଟି ଅତିକ୍ରମ କରିବ ବୋଲି କ୍ୟାଟ୍ ଆକଳନ କରିଛି। କେବଳ ରାଜଧାନୀ ନୂଆଦିଲ୍ଲୀରେ ୭୫ ହଜାର କୋଟି ଟଙ୍କାର କାରବାର ହେବା ଲକ୍ଷ୍ୟ ରଖାଯାଇଛି ଓ ଆସନ୍ତାକାଲି ଧନତେରସରେ ୫୦ ହଜାର କୋଟିର ସୁନା କ୍ରୟ ହୋଇପାରେ ବୋଲି ଆକଳନ କରାଯାଇଛି। ଯାହା ଫଳରେ କାରବାର ଦୃଷ୍ଟିରୁ ଚଳିତବର୍ଷର ଦୀପାବଳି କାରବାର ସର୍ବକାଳୀନ ରେକଡର୍ ଭାଙ୍ଗିବ ବୋଲି ଆଶା କରାଯାଉଛି।

ଦିଲ୍ଲୀ ସମେତ ୩୫ଟି ପ୍ରମୁଖ ସହରରେ ବ୍ୟବସାୟ ଧାରା ସମ୍ପର୍କରେ କ୍ୟାଟ୍ ପକ୍ଷରୁ କରାଯାଇଥିବା ସର୍ଭେକ୍ଷଣରେ ଚମକପ୍ରଦ ତଥ୍ୟ ମିଳିଛି। ଲୋକେ ଘର ସାଜସଜ୍ଜା ସାମଗ୍ରୀ, ଘରୋଇ ଉତ୍ପାଦ, ପୋଷାକପତ୍ର, ଇଲେକ୍‌ଟ୍ରୋନିକ୍ସ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରେ ଭାରତୀୟ ବ୍ରାଣ୍ଡକୁ ଅଧିକ ଗୁରୁତ୍ୱ ଦେଉଥିବା କ୍ୟାଟ୍‌ର ସାଧାରଣ ସମ୍ପାଦକ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି। ସେ କହିଛନ୍ତିଯେ ଚଳିତ ବର୍ଷ ଦୀପାବଳିରେ ବଜାରରେ ଚୀନ ସାମଗ୍ରୀ ବିଶେଷ ଉପଲବ୍ଧ ନାହିଁ। ଆମଦାନକାରୀମାନେ ଚୀନ୍‌ରୁ ଦୀପାବଳି ସମ୍ବନ୍ଧୀୟ ସାମଗ୍ରୀ ଆଣିବା ବନ୍ଦ କରିଦେଇଛନ୍ତି। ୨୦୨୦ର ଗାଲୱାନ୍ ଘଟଣା ପରଠାରୁ ବ୍ୟବସାୟୀ ଏବଂ ଗ୍ରାହକ ଉଭୟ ସ୍ଥାନୀୟ ଭାବରେ ନିର୍ମିତ ଉତ୍ପାଦ ଆଡ଼କୁ ମୁହାଁଇଛନ୍ତି। ନବରାତ୍ରି ସହିତ ଆରମ୍ଭ ହୋଇଥିବା ପାର୍ବଣ ଋତୁ ଦୀପାବଳି, ଛଠ୍‌ପୂଜା ଏବଂ ବିବାହ ଋତୁ ପର୍ଯ୍ୟନ୍ତ ଜାରି ରହିବ, ଯାହା ବ୍ୟବସାୟର ସୁଯୋଗ ବୃଦ୍ଧି କରିବ। ଚଳିତ ବର୍ଷ ଦୀପାବଳି କେବଳ ଆଲୋକର ପର୍ବ ନୁହେଁ, ବରଂ ଭାରତର ଆର୍ଥିକ ଶକ୍ତିର ଉତ୍ସବ। ସେ କହିଛନ୍ତି ଯେ ଭାରତୀୟ ସାମଗ୍ରୀ ଉପରେ ଖର୍ଚ୍ଚ ହେଉଥିବା ପ୍ରତ୍ୟେକ ଟଙ୍କା ଦେଶର ଅଭିବୃଦ୍ଧିରେ ଯୋଗଦାନ ଦିଏ ଏବଂ ସ୍ଥାନୀୟ କାରିଗର, ନିର୍ମାତା ଏବଂ ବ୍ୟବସାୟୀଙ୍କୁ ସମର୍ଥନ କରେ। ଦିଲ୍ଲୀ ବଜାରର ଦୃଢ଼ ଅଭିବୃଦ୍ଧି ଦେଶବ୍ୟାପୀ ବର୍‌ଦ୍ଧିତ କାରବାରର ଧାରା ପ୍ରତିଫଳିତ କରେ। ଏହି ପାର୍ବଣ ଋତୁରେ ଦେଶ ସାରା ବିକ୍ରି ୪.୭୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବ ବୋଲି ଆଶା କରାଯାଉଛି, ଯାହା ଦେଶର ଖୁଚୁରା ଅର୍ଥନୀତି ପାଇଁ ଏକ ନୂତନ ରେକର୍ଡ ସ୍ଥାପନ କରିବ।

# କେନ୍ଦୁଝରକୁ ଶ୍ରେଷ୍ଠ ଜିଲ୍ଲା ପୁରସ୍କାର

**'ଧରତୀ ଆବା ଜନଭାଗୀଦାରି ଅଭିଯାନ'**

**ଭୁବନେଶ୍ୱର,୧୭।୧୦(ସମିସ):** ଧରତୀ ଆବା ଜନଭାଗୀଦାରି ଅଭିଯାନ ଅଧୀନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ଅନୁକରଣୀୟ ଅବଦାନ ପାଇଁ କେନ୍ଦୁଝର ଜିଲ୍ଲାକୁ ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଆଦି କର୍ମଯୋଗୀ ଅଭିଯାନ, ଜାତୀୟ କନକ୍ଲେଭ-୨୦୨୫ରେ ମନ୍ତ୍ରଣାଳୟର ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇଥିଲେ। ଏହି ଅବସରରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ସଚିବ ବିଭୁ ନାୟାରଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି ରାଜ୍ୟ ଏସସିଏସଟି ଡିପାର୍ଟମେଣ୍ଟ କମିଶନର ତଥା ସଚିବ ପି. ପରମେଶ୍ୱରନ୍।

ଏହି ଅବସରରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ କହିଥିଲେ, ଏହି ସମ୍ମାନ ସମଗ୍ର କେନ୍ଦୁଝରବାସୀଙ୍କର। ଏହା ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀ ଏବଂ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକର ସାମୂହିକ ପ୍ରୟାସର ପ୍ରମାଣ ବୋଲି ସେ କହିଛନ୍ତି। ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ଓ ଯେଉଁମାନେ ଏହାର ସର୍ବାଧିକ ଆବଶ୍ୟକତା ରଖିଛନ୍ତି, ସେମାନଙ୍କୁ କିପରି ଲାଭ ମିଳିବ, ତାହା ଆମର ଲକ୍ଷ୍ୟ ବୋଲି ଶ୍ରୀ ସିଂହ କହିଛନ୍ତି।

ସୂଚନା ଅନୁସାରେ, ଅନ୍ତର୍ଭୁକ୍ତୀକରଣ ଶାସନର ଦୃଷ୍ଟିକୋଣ ସହ ସଂଯୁକ୍ତ ହୋଇ ଆଦିବାସୀ ଅଞ୍ଚଳରେ ସକ୍ରିୟ ସମାବେଶୀ ଅଂଶଗ୍ରହଣ ଏବଂ ବିକାଶର ସ୍ଥାୟୀ ମଡେଲଗୁଡ଼ିକୁ ପ୍ରୋତ୍ସାହିତ କରିବାରେ ଜିଲ୍ଲା ଉଲ୍ଲେଖନୀୟ ପ୍ରଗତି ଦେଖାଇଛି। ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ ଭାରତ ସରକାରଙ୍କ ପ୍ରୟାସର ଏକ ଅଂଶ ଭାବରେ ଆରମ୍ଭ ହୋଇଥିଲା ଧରତୀ ଆବା ଜନଭାଗୀଦାରୀ ଅଭିଯାନ। ଶିକ୍ଷା, ଜୀବିକା ବୃଦ୍ଧି, ମହିଳା ସଶକ୍ତୀକରଣ ଏବଂ ଡିଜିଟାଲ୍ ଅନ୍ତର୍ଭୁକ୍ତି ମାଧ୍ୟମରେ ଆଦିବାସୀ ଅଞ୍ଚଳରେ ଜୀବନର ଗୁଣବତ୍ତା ଉନ୍ନତ କରିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନର ପ୍ରତିବଦ୍ଧତାକୁ ଦର୍ଶାଇ ଜାତୀୟସ୍ତରରେ ଏହି ମାନ୍ୟତା ହାସଲ କରିଛି।

## ମହିଳା ହିଂସାକୁ ନେଇ ରାଜ୍ୟପାଳଙ୍କ ଚିନ୍ତା ପ୍ରକଟ

# 'ଅପରାଧ ନିୟନ୍ତ୍ରଣ ଦାୟିତ୍ୱ ସମସ୍ତଙ୍କର'

**ଭୁବନେଶ୍ୱର, ୧୭।୧୦(ସମିସ):** ନିକଟରେ ପଶ୍ଚିମବଙ୍ଗର ଦୁର୍ଗାପୁର ଘଟିଥିବା ଗଣଦୁଷ୍କର୍ମ, ବାଲେଶ୍ୱର ଫକୀରମୋହନ ଘଟଣା ଓ ଗୋପାଳପୁର ସମୁଦ୍ରକୂଳ ଗଣଦୁଷ୍କର୍ମ ଆଦି ଘଟଣା ଆଦି ଚିନ୍ତାଜନକ। ଏଭଳି ଅପରାଧ କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ବିଶେଷକରି ଶିକ୍ଷାନୁଷ୍ଠାନମାନଙ୍କରେ ଯେପରି ଏଭଳି କୌଣସି ଘଟଣା ନ ଘଟେ, ସେଥିପାଇଁ ସମସ୍ତ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉପରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ଶୁକ୍ରବାର ଡଃ କମ୍ଭମପାଟି ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ରାଜ୍ୟର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଏକାଧିକ ପ୍ରସଙ୍ଗରେ ଆଲୋଚନା ଅବସରରେ ଉପରୋକ୍ତ ଘଟଣାମାନଙ୍କୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏହାସହ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏଭଳି ଘଟଣା ଘଟିଲେ, ତୁରନ୍ତ ଆଇସିସିର ଦୃଷ୍ଟି ଆକର୍ଷଣ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଅପରାଧ ନିୟନ୍ତ୍ରଣ ପାଇଁ ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି ରାଜ୍ୟପାଳ କହିବା ସହିତ ସମାଜକୁ ସଚେତନ ହେବାକୁ ଆହ୍ୱାନ ଦେଇଛନ୍ତି। ଏଭଳି ଘଟଣାରେ ତୁରନ୍ତ ପୁଲିସ ସହାୟତା ନେବା ସହ ମହିଳାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଛନ୍ତି।

**ଓଡ଼ିଶା ଏକ ଅର୍ଥନୈତିକ ସୁସ୍ଥ ରାଜ୍ୟ**

**୩ ମାସ ମଧ୍ୟରେ ୧୩ କୁଳପତି ନିଯୁକ୍ତି ସରିବ**

ସେହିପରି ୨୦୩୬ ସୁଦ୍ଧା ରାଜ୍ୟର ସ୍ଥିତି ସମ୍ପର୍କରେ ସୂଚନା ଦେଇ ରାଜ୍ୟପାଳ କହିଛନ୍ତି ଯେ ଓଡ଼ିଶା ଏକ ଅର୍ଥନୈତିକ ସୁସ୍ଥ ରାଜ୍ୟ। ଦେଶ ବିକାଶରେ ଓଡ଼ିଶା ଅନେକ ଅବଦାନ ରହିଛି। ରାଜ୍ୟର ପ୍ରାକୃତିକ ଖଣିଜ ସମ୍ପଦସାଙ୍ଗକୁ ଓଡ଼ିଶା ଲୋକଙ୍କ ଆଶାବାଦୀ ଚିନ୍ତାଧାରା ରାଜ୍ୟକୁ ଆଗକୁ ବଢ଼ାଇନେବ। ତେଣୁ,୨୦୩୬ ଓଡ଼ିଶା ନିଶ୍ଚିତ ଭାବେ ଏକ ବିକଶିତ ରାଜ୍ୟରେ ପରିଣତ ହୋଇପାରିବ। ସେହିପରି କୁଳାଧିପତି ଭାବେ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଫାଙ୍କାଥିବା କୁଳପତି ଓ ଅନ୍ୟ ପଦବୀ ପୂରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟପାଳ କହିଛନ୍ତି ଯେ ବର୍ତ୍ତମାନ ୧୩ ଟି ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନାହାନ୍ତି। ଏହି ପଦ ପୂରଣ ପାଇଁ ପ୍ରକ୍ରିୟା ଜାରି ରହିଛି। ଆସନ୍ତା ୨-୩ ମାସ ମଧ୍ୟରେ ଏହା ପୂରଣ ହୋଇଯିବା ନେଇ ରାଜ୍ୟପାଳ ଆଶା ପ୍ରକଟ କରିଛନ୍ତି।

ସେହିପରି ଅନ୍ୟପ୍ରସଙ୍ଗଗୁଡ଼ିକ ମଧ୍ୟରେ ମହାନଦୀ ଜଳ ବିବାଦ, ଯୁବବର୍ଗଙ୍କ ଦକ୍ଷତା ବିକାଶ, ପେସା ଆଇନ୍, ପାନୀୟ ଜଳ, ଜାତୀୟ ରାଜପଥ, ରେଳ ଯୋଗାଯୋଗ ଆଦି ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମେତ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ବାବଦରେ ଅଧିକ ସଚେତନତା ସୃଷ୍ଟି କରିବାକୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

# ଅବଶିଷ୍ଟାଂଶ...

### ଏସ୍‌ସିବି ଏମ୍‌ସ...

ଏବେ ଅଚଳ ହୋଇ ପଡ଼ିଥିବା ଖୋଦ୍ ଏସ୍‌ସିବି କର୍ତ୍ତୃପକ୍ଷ ସ୍ୱୀକାର କରିଛନ୍ତି। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁସାରେ ଏସ୍‌ସିବିରେ କାଜୁଆଲିଟିଠାରୁ ଆରମ୍ଭ କରି ଆଇସିୟୁ ପର୍ଯ୍ୟନ୍ତ ସବୁଠି ଅଚଳ ମେସିନ୍ ପଡ଼ି ରହିଛି। ବାୟୋକେମେଷ୍ଟ୍ରି ବିଭାଗରେ ୨ଟି ମେସିନ୍ ଅଚଳ। ବ୍ଲଡ ବ୍ୟାଙ୍କରେ ୫ଟି, ସିଟିଭିଏସ୍‌ରେ ୩ଟି, ହୃଦରୋଗ ବିଭାଗରେ ୩ଟି, କାଜୁଆଲିଟିରେ ୨ଟି, ସେଣ୍ଟ୍ରାଲ ଆଇସିୟୁରେ ୩ଟି, ଯକୃତ ପ୍ରତିରୋପଣ ୟୁନିଟରେ ୭ଟି, ଟ୍ରମା ଆଇସିୟୁରେ ୪ଟି ଯନ୍ତ୍ର କାମ କରୁନାହିଁ। ପେଡିଆଟ୍ରିକ ଆଇସିୟୁରେ ୨ଟି, ସର୍ଜରୀ ବିଭାଗର ଅସ୍ତ୍ରୋପଚାର ଥିଏଟର ୬ଟି ମିଶାଇ ଫିଜିଓଲୋଜି, ରେଡିଓଲୋଜି, ନ୍ୟୁରୋଲୋଜି, ଫାର୍ମାକୋଲୋଜି, ଇଏନଟି, ଚକ୍ଷୁ ବିଭାଗ ଭଳି ଅନେକ ବିଭାଗର ମେସିନ ଅକାମୀ ହୋଇ ପଡ଼ି ରହିଛି। ଅଚଳ ମେସିନ ଗୁଡିକ ମଧ୍ୟରେ ରହିଛି ବିଦେଶରୁ ଆମଦାନୀ ହୋଇଥିବା ବହୁ ଦାମୀ ମେସିନ୍।

ପୂର୍ବ ସରକାର ଅମଳରେ ଆରମ୍ଭ ହୋଇଥିବା ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ ୨୦୨୪ ସୁଦ୍ଧା ଶେଷ ହେବା ଲକ୍ଷ୍ୟ ରହିଥିଲା। ଏବେ ଏହି ସମ୍ପ୍ରସାରଣ କାର୍ଯ୍ୟ କେବେ ସରିବ ତାହାର କିଛି ଠିକଣା ନାହିଁ। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରାଜ୍ୟର ସବୁଠୁ ବଡ଼ ପ୍ରତିଷ୍ଠାନ ଓ ପ୍ରତିଦିନ ହଜାର ହଜାର ଲୋକ ନିର୍ଭର କରୁଥିବା ଏସ୍‌ସିବିରେ ସ୍ୱାସ୍ଥ୍ୟସେବା ସରକାର ପରିବର୍ତ୍ତନ ପରେ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଏଠାରେ ୮୯ଟି ମେସିନ୍ ଅଚଳ ହୋଇ ପଡ଼ି ରହିଥିଲା। ଏହା ମଧ୍ୟରେ ଆହୁରି କିଛି ମେସିନ ଅଚଳ ହୋଇଥିବା ସୂଚନା ବି ମିଳିଛି। ଅଚଳ ମେସିନ ଗୁଡିକ ଆଇସିୟୁ, କାର୍ଡିଓ ଥୋରାସିସ ଆଣ୍ଡ ଭସ୍କୁଲାର ସର୍ଜରୀ(ସିଟିଭିଏସ୍), ଯକୃତ ପ୍ରତିରୋପଣ ୟୁନିଟ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ରହିଥିବା ଜଣାପଡ଼ିଛି। କେଇମାସ ତଳେ ଖୋଦ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ କଟକ ବଡ଼ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିବାବେଳେ ମେସିନ ଅଚଳ ଯୋଗୁଁ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରରେ ତାଙ୍କର ପରୀକ୍ଷା କରାଯାଇଥିଲା। ଏହା ପରେ ମଧ୍ୟ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏଥିରେ ଚେତି ନାହାନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ଡ଼ାକ୍ତରଖାନା କର୍ତ୍ତୃପକ୍ଷ ମିଳିମିଶି ଏସ୍‌ସିବିକୁ ଏକ ମୃତ ସଂସ୍ଥାରେ ପରିଣତ କରିବାକୁ ଷଡ଼ଯନ୍ତ୍ର କରୁଥିବା ଏବେ ଅଭିଯୋଗ ହେବାରେ ଲାଗିଛି।

### ଦିଲ୍ଲୀରୁ ସିଣ୍ଡିକେଟ୍...

ହଜାର ଟଙ୍କା ଓ ଅନେକ ଦସ୍ତାବିଜ୍ କ୍ରାଇମବ୍ରାଞ୍ଚ ଜବତ କରିଛି। ଏହି ଘଟଣାରେ ଅଭିଯୁକ୍ତ ମୁନାକୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଉପରୋକ୍ତ ଘଟଣାରେ ଗିରଫ ପ୍ରାର୍ଥୀମାନଙ୍କଠାରୁ ଜବତ କରାଯାଇଥିବା ୧୧୦ରୁ ଅଧିକ ମୋବାଇଲର ଫୋରେନ୍‌ସିକ୍ ଯାଞ୍ଚ ପ୍ରକ୍ରିୟା ଦୁଇ ତିନି ମାସ ଲାଗିଯିବ ବୋଲି କୁହାଯାଇଛି।

କ୍ରାଇମବ୍ରାଞ୍ଚ ଡିଜି କହିଛନ୍ତି ଯେ ସମସ୍ତ ଘଟଣାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି। ନୂଆଦିଲ୍ଲୀରେ ରହି ସେ ଏହି ଅପରାଧ ସିଣ୍ଡିକେଟ୍ ଚଳାଉଥିଲା। ବିଜୟନଗରମ୍ ଯାଉଥିବା ପ୍ରାର୍ଥୀମାନେ ଗତ ୨୯ ତାରିଖରେ ଧରାପଡ଼ିଯିବା ପରଠାରୁ ଶଙ୍କରଙ୍କ ମୋବାଇଲ ସ୍ୱିଚ୍-ଅଫ୍ ହୋଇଯାଇଥିଲା। ଏପରିକି, ଏହି ସିଣ୍ଡିକେଟ୍‌ରେ କାମ କରୁଥିବା ସମସ୍ତଙ୍କୁ ନିଜ ନିଜ ଜାଗା ଛାଡ଼ିବା ସହ ମୋବାଇଲ ବନ୍ଦ ରଖିବାକୁ କୁହାଯାଇଥିଲା। ବିଜୟନଗରମ୍ ଯାଉଥିବା ବେଳେ ପ୍ରାର୍ଥୀମାନେ ଧରାପଡ଼ିବା ତଥା କଥା ଚାକିରି ବେପାର ସମ୍ପର୍କରେ ଲୋକଲୋଚନକୁ ଆସିବା ପରେ ଆଉ ଦୀଘା ଯୋଜନା କାର୍ଯ୍ୟକାରୀ ହୋଇନଥିଲା।

ଦୀଘାଠାରେ ବି ପ୍ରାର୍ଥୀମାନଙ୍କୁ ଆଗୁଆ ପ୍ରଶ୍ନପତ୍ର ଦେଇ ଅଭ୍ୟାସ କରିବା ପାଇଁ ସମସ୍ତ ବନ୍ଦୋବସ୍ତ ହୋଇସାରିଥିଲା। ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ଅରବିନ୍ଦ ଦାସକୁ ଦୀଘାଠାରେ ପ୍ରଶ୍ନପତ୍ର ଅଭ୍ୟାସ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଉଭୟ ମୁନା ଓ ଅରବିନ୍ଦ ସମସ୍ତ ଘଟଣା ସମ୍ପର୍କରେ ମାଷ୍ଟରମାଇଣ୍ଡ ଶଙ୍କରକୁ ରିପୋର୍ଟ କରିଆସୁଥିଲେ। ଶଙ୍କର ଇତିମଧ୍ୟରେ ୩ଥର ସ୍ଥାନ ପରିବର୍ତ୍ତନ କରିଥିବା ବେଳେ ଖୁବ୍‌ଶୀଘ୍ର ତାକୁ ଗିରଫ କରାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଜି ଶ୍ରୀ ମିଶ୍ର କହିଛନ୍ତି। ଏପରିକି, ସେ ନୂଆଦିଲ୍ଲୀ ମଧ୍ୟ ଛାଡ଼ିସାରିଥିବା କୁହାଯାଇଛି।

ଅନ୍ୟପଟରେ ପ୍ରାର୍ଥୀମାନେ ବିଜୟନଗରମ୍ ଯିବା ପାଇଁ ଅଭିଯୁକ୍ତ ମୁନା ମହାନ୍ତି ଗତ ୨୭.୧୦.୨୦୨୫ରେ ଟ୍ରାଭେଲ୍ସ ସଂସ୍ଥାରୁ ତିନୋଟି ବସ୍ ବୁକ୍ କରିଥିଲେ ଏବଂ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଏବଂ ତାଙ୍କ ମାଆଙ୍କ ଆକାଉଣ୍ଟରୁ ୨ଲକ୍ଷ ୩୦ହଜାର ଟଙ୍କା ଦେଇଥିଲେ। ଏହି ପ୍ରମାଣ କ୍ରାଇମବ୍ରାଞ୍ଚର ହସ୍ତଗତ ହୋଇଛି। ମୁନା ଓ ତା'ର ସହଯୋଗୀ ଶ୍ରୀକାନ୍ତ ଏହାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିବା ବେଳେ ଟି. ଅଭିମନ୍ୟୁ ଦୋରା ଉଭୟଙ୍କୁ ଦଶପଲ୍ଲାର ତାଙ୍କ ଫାର୍ମ ହାଉସରେ ଆଶ୍ରୟ ଦେବ ସହ ପୁଲିସର ଗତିବିଧି ସମ୍ପର୍କରେ ଖବର ଦେଉଥିଲେ। ସେହିଭଳି ନିଜର ଜଣେ ଭଉଣୀ ପରିଚୟ ଦେଇ ପ୍ରିୟଦର୍ଶିନୀ ସାମଲ ନାମକ ଜନୈକା ମହିଳାଙ୍କୁ ମୁନା ଏହି ସଂଗଠିତ ଅପରାଧରେ ସାମିଲ କରିଥିଲେ। ପ୍ରିୟଦର୍ଶିନୀ ମାଧ୍ୟମରେ ପ୍ରାର୍ଥୀଙ୍କଠାରୁ ଅର୍ଥ ଆଦାୟ ହୋଇଥିଲା। ପରବର୍ତ୍ତୀ ସମୟରେ ଘଟଣା ଜଣାପଡ଼ିଯିବାରୁ ଗିରଫ ହୋଇଥିବା ପ୍ରାର୍ଥୀମାନଙ୍କର ପିତାମାତାଙ୍କୁ ସେମାନଙ୍କର ପ୍ରମାଣପତ୍ର ଫେରସ୍ତ କରିଥିଲେ। ଉକ୍ତ ପ୍ରମାଣପତ୍ର ଫେରାଇ ଦେଇ କେଳେଙ୍କାରୀ ଘଟଣାରେ ପ୍ରମାଣ ନଷ୍ଟ କରିଥିଲେ ବୋଲି ଡିଜି କହିଛନ୍ତି। ଏବେ ବି କ୍ରାଇମବ୍ରାଞ୍ଚର ୫ଟି ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

### ରିପୋର୍ଟ ମାଗିଲେ...

ଉପରେ ଆଲୋଚନା ପାଇଁ ଇଡି, ସିବିଆଇ ଏବଂ କ୍ରାଇମ୍‌ବ୍ରାଞ୍ଚ ସେମାନଙ୍କର ରିପୋର୍ଟ ପ୍ରଦାନ କରିବେ। ଏହିସବୁ ପ୍ରସଙ୍ଗ ଉପରେ ସବିଶେଷ ଆଲୋଚନା ପରେ ଆସନ୍ତା ନଭେମ୍ବର ୯ ତାରିଖରେ ମୁମ୍ବାଇଠାରେ ଏହି ପ୍ରସଙ୍ଗରେ ଏସ୍‌ଆଇଟିର ପରବର୍ତ୍ତୀ ବୈଠକ ହେବ ବୋଲି ସୂଚନା ମିଳିଛି।


**TRUST FUND DEGREE COLLEGE**
BARGARH - 768 028

**WALK IN INTERVIEW FOR LADY PEON & SWEEPER**

Desirous lady candidates having Non-matric qualification may attend the interview for **Lady Peon (01 Post)** and lady candidates having UP/ME qualification may attend the interview for **Lady Sweeper (01 Post)** to be held on **dt. 27.10.2025 at 10.00 A.M.** in college premises.
**N.B. - No T.A. / D.A. will be provided to the candidate.**

Sd/- Principal in-Charge-cum-Secretary
TRUST FUND DEGREE COLLEGE, BARGARH

**AFFIDAVIT**
I, Rahul Sagar Behera, S/o.: Sagar Kumar Behera, resident of Sripadganj, Ward No.: 13, PO.: Baripada, Dist.: Mayurbhanj, Odisha, PIN-757001 declare by this affidavit No.: 21677 dated 02.08.2025 now onwards I shall be known as **Rahul Behera** for all future purposes.

**AFFIDAVIT**
By virtue of an affidavit No-6699 before the Executive Magistrate, Chandbali dtd: 15-10-2025. I, Runurani Majhi, W/O-Shatrughan Mandal, Vill-Narendrapur, P.O.-Karanjamala, P.S.-Bansada, Dist-Bhadrak, Odisha, declare that I have changed my name from **Runurani Mandal to Runurani Majhi**, Henceforth, I will be known as **RUNURANI MAJHI** for all purpose.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, CF No. 69 dated 14.10.2025, I, Purna Chandra Bisoyi, Vill- Pankalbadi, Po. - Pangadi, Ps.- Buguda, Dist.- Ganjam have changed the name of my minor son from Pravav Bisoyi (old name) to Parnav Bisoyi (new name). Henceforth, he shall be known as **Pranav Bisoyi** for all purposes.
Sd/- Purna Chandra Bisoyi

**AFFIDAVIT**
By virtue of an affidavit sworn before Executive Magistrate, Udala, Mayurbhanj No-5388, dated 17.10.2025, I, Gananath Nayak, At- Sarbanaghati, Po- Sarbanaghati, Ps-Kaptipada, Dist- Mayurbhanj, Odisha-757077 declare that I have changed my name from Gananayh Nayak to Gananath Nayak. Henceforth, I will be known as **Gananath Nayak** for all purposes.
Gananath Nayak

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
By virtue of an affidavit sworn before Executive Magistrate Jajpur, Dated- 17.10.2025, No-10119, I, Rasmita Acharya, W/o- Niranjan Mohapatra, At-Jalapur, Po- Markandapur, Ps/Dist-Jajpur, Odisha Pin-755007 declare that I have Change my Surname From Rasmita Mohapatra to Rasmita Acharya. Henceforth I shall be known as Rasmita Acharya for all purposes.
Rasmita Acharya

**AFFIDAVIT**
I BHUDHADEV PANDA, S/o- Diwakar Panda, resident of Ashok Nagar, Plot No. 12, Unit -2, Bhubaneswar, DT.- Khurda-751009, Odisha declare by this Affidavit No.1554, Dated 12/10/2025, that now onwards I shall be known as **BUDDHADEV PANDA** for all future purpose.

**AFFIDAVIT**
I, Irsad Khan, aged about 37 years, S/o- Nasir Khan resident of At- Raid Bazar, Po- Sunugoradi, Khelar, Dist- Puri, Pin-752114, Odisha declare by this affidavit No. 2112, dtd- 17/10/2025, that now onwards I shall be known as **IRSHAD KHAN** for all future purposes.

**AFFIDAVIT**
I, S.Deptyrani Mohanta, Daughter of Army No 14491576M Hav Madhaba Charan Mohanta (Retd) residing at Vill- Ramachandrapur, PO-Baikala, PS- Turumunga,Dist-Keonjhar, Odisha , have changed my name from Deepty S, DOB-07.10.1991 to S.Deptyrani Mohanta, DOB-01.06.1992 vide affidavit dated 03.10.2025 before The Court of Executive Magistrate, Keonjhar (Odisha). Hence both Deepty S, DOB-07.10.1991 and S.Deptyrani Mohanta, DOB-01.06.1992 is same and one person. Henceforth, I will be known as **S.Deptyrani Mohanta,** DOB 01/06/1992 for all purpose.

**AFFIDAVIT**
I, Pranati Samaniray, aged about 41 years, W/o- Dillip Baliarsingh, resident of At/Po- Sanapadar, Ps- Begunia, Dist- Khurda, PIN- 752064, Odisha declared by this affidavit No. 2111, dtd- 17/10/2025 that now onwards I shall be known as **PRANATI SAMANTARAY** for all future purposes.

**AFFIDAVIT**
By virtue of an affidavit sworn before the Executuve Magistrate, Nabarangpur, dated 16.10.2025 I, DHANMATI JANI, W/o- NAKULA JANI, Vill.- Bamanadeiguda, Po.- Chere-cheta, Ps.- Papadahandi, Dist.- Nabarangpur, Odisha, Pin - 764071, declare that I have changed the name of my Daughter from **DROUPADI JANI** to **DRUPUTA JANI**. Henceforth, She shall be known as **DRUPUTA JANI** for all purposes.
Sd/- Dhanmati Jani

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar dated- 09/10/2025. I, **Ravindra Arjun Nayak,** Address: Plot No. 1060/2146, Mahadev Nagar, Kalinga Nagar, Patrapada, PS- Khandagiri, Bhubaneswar, Dist- Khordha, PIN-751019, Odisha declare that I have changed my minor daughter's name from **Trupti Rani Ravindra Nayak** to **Trupti Rani Nayak.** Henceforth, she shall be known as **Trupti Rani Nayak** (new name) for all purposes.
Ravindra Arjun Nayak

**AFFIDAVIT**
I ITISHREE, W/o- BUDDHADEV PANDA, resident of Ashok Nagar, Plot No 12, Unit -2, Bhubaneswar, DT.- Khurda-751009, Odisha declare by this Affidavit No.1555, Dated 12/10/2025, that now onwards I shall be known as **ITISHREE PANDA** for all future purpose.

**AFFIDAVIT**
I ARCHANA MISHRA@ ARCHANA KUMARI MISHRA, W/o- DINESH KUMAR PALLO, resident of Parabeda, Aurobindo Nagar, Po./Ps.- Jeypore, Dist.- Koraput - 764001, Odisha declare by this Affidavit No.1556, Dated 12/10/2025, that now onwards I shall be known as **ARCHANA PALLO** for all future purpose.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar dated- 09/10/2025. I, **Ravindra Nayak,** S/o Arjun Nayak, Address: Plot No.1060/2146, Mahadev Nagar, Kalinga Nagar, Patrapada, PS- Khandagiri, Bhubaneswar, Dist- Khordha, PIN-751019, Odisha declare that I have changed my name from **Ravindra Arjun Nayak to Ravindra Nayak.** Henceforth, I shall be known as **Ravindra Nayak** (new name) for all purposes.
Ravindra Nayak

Phone No.(06854) 241159 /232714
PBX No. 232713 / 232716, Fax: 232718 / 241640
E. mail: ceo@koraputccb.com

**KORAPUT CENTRAL CO-OPERATIVE BANK LTD;**
HEAD OFFICE: N.K.T.ROAD, JEYPORE – 764003: DIST: KORAPUT (ODISHA)

Notification No. 2746/Estt.I/2025-26 | Date: 17.10.2025

**CONTRACTUAL ENGAGEMENT OF PROFESSIONALS**

Applications in the prescribed format are invited from the interested professionals for the following posts at Koraput Central Cooperative Bank Ltd., Jeypore on contractual basis for a period of three years.

1. Professional 1- General Banking Expert
2. Professional 2- Credit Expert
3. Professional 3- Banking IT Expert

The eligibility criteria, engagement/selection process, the terms and conditions and other related matters of the engagement are available as Annexure-I on our website www.koraputccb.com and the same may be downloaded by the prospective candidates. Interested candidates are advised to download the application forms from the site. Duly completed and signed application along with self-attested documents should reach us on or before 05.11.2025 through Courier / Registered Post / Speed Post inscribing on the Envelope "Application for engagement of Professional 1 / 2 / 3 at Koraput Central Cooperative Bank."at the under noted address:

The Secretary,
Koraput Central Cooperative Bank Ltd.,
Head Office, N.K.T. Road, Jeypore,
Dist-Koraput-764003
ceo@koraputccb.com

Any application received after the stipulated period will not be considered. Applications of ineligible candidates shall be summarily rejected and no correspondences in the matter of rejection shall be entertained on any circumstances.

Secretary
K.C.C. Bank Ltd., Jeypore

**OFFICE OF THE PRINCIPAL CUM SECRETARY**
**Maa Markama +3 College, Bissamcuttack, Dist: Rayagada, PIN – 765019.**
www.mmplus3college.in / mmdegreecollege@gmail.com

**WALK - IN - INTERVIEW**

A walk in Interview will be held in the college premises as per the date and time mentioned in column 6 for the following post of Arts (Management) and Science (Self Finance) on purely temporary basis. Candidates are required to attend the interview with original and photocopies of testimonial for verification. CV may kindly be sent to the college email id in advance.

| Sl. No | Name of the Post | No of Post | Qualification | Age | Date & Time of Interview |
|---|---|---|---|---|---|
| 1 | 2 | 3 | 4 | 5 | 6 |
| **ARTS (MANAGEMENT)** | | | | | |
| 1 | Physical Education Teacher | 01 | Bachelor of Physical Education and Above | As per Govt. norms | 02.11.2025 11 A.M. |
| 2 | Peon (ST Category) | 01 | 10th | | |
| **SCIENCE (SELF FINANCING)** | | | | | |
| 1 | Laboratory Attendant (Biological Science) | 01 | Minimum +2 Science and above | As per Govt. norms | 02.11.2025 11 A.M. |
| 2 | Lect-in-Mathematics, Botany, Zoology. | 01 each | Minimum 55% of Mark at PG level. (M.Phil. NET/PHD will be given preference ) | As per Govt. norms | 09.11.2025 11 A.M. |

N.B :- No TA/DA Shall be given for attending the interview.
Registration will be started from 10.00 A.M onwards.

Sd/-
Principal cum Secretary

# ଘଷିପୁରା ବିଡିଓଙ୍କୁ ହିତାଧିକାରୀଙ୍କ ଅଭିଯୋଗ



ଆନନ୍ଦପୁର, ୧୭।୧୦ (ସମିସ): ଘଷିପୁରା ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଡ ଶମ୍ଭୁନାଥ ରାଉତ ଏକ ନିଆରା ଢଙ୍ଗରେ ସାଧାରଣ ଲୋକଙ୍କ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ସେହିକ୍ରମରେ ସରକାରଙ୍କ ଗରିବ କଲ୍ୟାଣ ଯୋଜନାଗୁଡ଼ିକରୁ ବଞ୍ଚିତ ବହୁ ଗରିବ ଲୋକଙ୍କୁ ବିଡ଼ିଓଙ୍କ ପାଖରେ ଫେରାଦ କରାଇ ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ସାଧାରଣ ଜନମଙ୍ଗଳ ଆବଶ୍ୟକ ଯୋଜନା ମଧ୍ୟରେ ବୃଦ୍ଧବୃଦ୍ଧା, ବିଧବା, ଭିନ୍ନକ୍ଷମ ଭତ୍ତା, ରାସନ୍ କାର୍ଡ, ଅନ୍ତ୍ୟୋଦୟ ଗୃହ, ପ୍ରଧାନମନ୍ତ୍ରୀ ଆବାସ, ବିକଶିତ ଗାଁ ବିକଶିତ ଓଡ଼ିଶା ଭଳି ଉନ୍ନତିମୂଳକ କାର୍ଯ୍ୟକ୍ରମର ସୁଫଳ କିଭଳି ଗରିବ ଜନସାଧାରଣଙ୍କ ପାଖରେ ଅପହଞ୍ଚ ହୋଇଛି ତାର ନମୁନା ସାଧାରଣ ହିତାଧିକାରୀଙ୍କ ପାଖରୁ ଅବଗତ ହୋଇଥିଲେ। ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ବାରମ୍ବାର ଫେରାଦ ହୋଇ ମଧ୍ୟ ଏପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇ ନ ଥିବା କଥା ଡ ରାଉତ ପ୍ରକାଶ କରିବା ସହ ନିଜର କ୍ଷୋଭ ପ୍ରକାଶ କରିଥିଲେ। ବ୍ଲକର ବିଭିନ୍ନ ବିଭାଗକୁ ଯାଇ ସଂପୃକ୍ତ ଅଧିକାରୀଙ୍କୁ ଭେଟିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତରୁ ଶତାଧିକ ଲୋକ ନିଜର ସମସ୍ୟା ପାଇଁ ଉପସ୍ଥିତ ଥିଲେ। ଭବିଷ୍ୟତରେ ଏହି ସମସ୍ୟାଗୁଡ଼ିକ ସମାଧାନ କରାଯିବ ବୋଲି ବିଡ଼ିଓ ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ ଦିନରେ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ବିଡ଼ିଓଙ୍କ ଦ୍ୱାରା ଅଭିଯୋଗ ଶୁଣାଣି କରିବା ପାଇଁ ଜିଲ୍ଲପାଳଙ୍କୁ ଅନୁରୋଧ କରିବେ ବୋଲି ନିଜର ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# କେଶଦୁରାପାଳ କାର୍ତ୍ତିକେଶ୍ୱର ପୂଜା ପାଇଁ ମାଟି ଅନୁକୂଳ



ଆନନ୍ଦପୁର, ୧୭।୧୦ (ସମିସ): ଘଷିପୁରା ବ୍ଲକ କେଶଦୁରାପାଳ କାର୍ତ୍ତିକେଶ୍ୱର କମିଟି ପକ୍ଷରୁ ମାଟି ଅନୁକୂଳ ବିଧି ଅନୁଯାୟୀ କରାଯାଇଛି। ସକାଳ ୧୦ଟା ସମୟରେ ପୂଜା ମଣ୍ଡପରୁ ଶଙ୍ଖ, ଘଣ୍ଟ, ସଂକୀର୍ତ୍ତନ ମାଧ୍ୟମରେ ସ୍ଥାନୀୟ ରେମାଳ ନଦୀ କୂଳରେ ପୂଜକ ଦାଶରଥୀ ଆଚାର୍ଯ୍ୟଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଆସନ୍ତା ନଭେମ୍ବରରେ ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ପୂଜା ବିଧି ଅନୁସାରେ ଅନୁଷ୍ଠିତ ହେବ। ଗ୍ରାମର କୁରାଳ ସାହି, ଉପର ସାହି, ସୁତାର ସାହିର ସମସ୍ତ ଗୌରଭକ୍ତ ସଂକୀର୍ତ୍ତନ କରିଥିଲେ। କେଶଦୁରାପାଳ ଗ୍ରାମର ପୂର୍ବତନ ସରପଞ୍ଚ ପଶୁରାମ ମହାରଣା, ହରିପ୍ରସାଦ ମିଶ୍ର, ଚିନ୍ତାମଣି ସୁତାର, ଭିକାରୀ ବିନ୍ଧାଣି, ରବୀନ୍ଦ୍ର ବିନ୍ଧାଣି, କୃଷ୍ଣଚନ୍ଦ୍ର ବିନ୍ଧାଣି, ଉମାକାନ୍ତ ଓଝା, ନୀଳମଣି ଓଝା, ଅଭିମନ୍ୟୁ ଓଝା, ଲକ୍ଷ୍ମୀଧର ସାଉ, ବସନ୍ତ ମହାରଣା, ସୁରେଶ ସାହୁ, କାବୁଲି ଓଝା, ଲକ୍ଷ୍ମୀଧର ସାହୁ କାର୍ଯ୍ୟକ୍ରମରେ ସାମିଲ ଥିଲେ। କର୍ତ୍ତା ଥିଲେ ଆଲୋକ ମନ୍ତ୍ରି।

# ମିଳୁନି ସାର; କଳାବଜାରୀ ମାଲେମାଲ୍

ଆନନ୍ଦପୁର,୧୭।୧୦ (ସମିସ): ଆନନ୍ଦପୁର ଉପଖଣ୍ଡରେ ସାର ମିଳୁ ନଥିବାରୁ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ସମବାୟ ସମିତିରେ ଚାଷୀଙ୍କୁ ସାର ଯୋଗାଇ ଦେବାକୁ ସରକାର ଘୋଷଣା କରିଥିଲେ ମଧ୍ୟ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ୭୦ ପ୍ରତିଶତ ଧାନଗଛ ଉଜୁଡ଼ିଯିବା ଆଶଙ୍କାରେ ରହିଛନ୍ତି ଚାଷୀ। ବାରମ୍ବାର ଦାବି ସତ୍ତ୍ୱେ ସାର ମିଳୁ ନଥିବା ଚାଷୀ ଅଭିଯୋଗ କରିଛନ୍ତି। ଠିକ୍ ସମୟରେ ସାର ଆସୁ ନଥିବାରୁ ଚାଷୀ ସେମାନଙ୍କ ଆବଶ୍ୟକ ମେଣ୍ଟାଇବା ପାଇଁ ଚଢା ଦରରେ କିଣିବାକୁ ବାଧ୍ୟ ହେଉଛନ୍ତି। ବାହାର ଦୋକାନରେ ସାର ମିଳୁଥିବା ବଳେ ସରକାରୀ କେନ୍ଦ୍ରକୁ କାହିଁକି ଆସୁନି ବୋଲି ଚାଷୀ ପ୍ରଶ୍ନ ଉଠାଇଛନ୍ତି। କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଭଣ୍ଡାରିଡିହା ସୋସାଇଟିକୁ ଏପର୍ଯ୍ୟନ୍ତ ୟୁରିଆ ସାର ପହଞ୍ଚିଲା ନାହିଁ। ସୋସାଇଟି ଅଧୀନରେ ଥିବା ସମୁକନେଣ୍ଡି ଓ ଭଣ୍ଡାରିଡିହା ପଞ୍ଚାୟତର ଶହ ସହ ଚାଷୀ ହତାଶ ହୋଇଛନ୍ତି। ୟୁରିଆ ବସ୍ତା ସରକାରୀ ଭାବେ ୨୬୬ ଟଙ୍କା ବଦଳରେ ଚାଷୀ କଳା ବଜାରରେ ୭୦୦-୮୦୦ ଟଙ୍କାରେ କିଣିବାକୁ ବାଧ୍ୟ ହୋଇଛନ୍ତି। ଏ ପ୍ରସଙ୍ଗରେ ଆନନ୍ଦପୁର ଏଆରସିଏସଙ୍କୁ ଜଣାଇବା ମଧ୍ୟ ଚାଷୀଙ୍କ ନିକଟରେ ଗୋଟିଏ ଦାନା ୟୁରିଆ ପହଞ୍ଚିଲା ନାହିଁ। ଗତବର୍ଷ ଖଲିଆମେଣ୍ଟା ସୋସାଇଟି ଲାଇସେନ୍ସରେ ନବଗଠିତ ଭଣ୍ଡାରିଡିହା ପଞ୍ଚାୟତର ଚାଷୀଙ୍କୁ ସାର ଯୋଗାଇ ଦିଆ ଯାଇଥିଲା। ଏଥର ସୋସାଇଟିର ଦାୟିତ୍ୱରେ ଥିବା ସମ୍ପାଦକ ସୋସାଇଟିର ଲାଇସେନ୍ସ, ନିଜସ୍ୱ ଜମି ଓ ଗୋଦାମ ଘର ନଥିବାରୁ ସାର ଆସିପାରୁନାହିଁ ବୋଲି ଗଣମାଧ୍ୟମକୁ କହିଥିଲେ। ତେବେ ଚାଷୀଙ୍କର ପ୍ରଶ୍ନ ନୂଆ ସୋସାଇଟି ଗଠନ ବେଳେ ସରକାର ଏ ଦିଗ ପ୍ରତି ନଜର ଦେଇ ନଥିଲେ କି? ଯଦି ବିଭାଗୀୟ ଅଧିକାରୀଙ୍କ ଜ୍ଞାତସାରରେ ଏପରି ହେଲା ଚାଷୀ ସାର ପାଇଲେ ନାହିଁ, ଦଲାଲଙ୍କ ଶିକାର ହେଲେ ଏଥିପାଇଁ ଦାୟୀ କିଏ? ମୋହନ ସରକାର ଚାଷୀଙ୍କୁ ସବୁପ୍ରକାର ସହଯୋଗର କଥା କହୁଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଚାଷୀଙ୍କ ଦୁରବସ୍ଥା ପାଇଁ ଦାୟୀ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

# ସଙ୍ଗମକୁ ନୂତନ ପଞ୍ଚାୟତ ଗଠନ ନେଇ ବିଡିଓଙ୍କୁ ଦାବିପତ୍ର

ହାଟଡ଼ିହୀ,୧୭।୧୦(ସମିସ)




କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ସଙ୍ଗମକୁ ନୂତନ ପଞ୍ଚାୟତ ଗଠନ ନେଇ ୬୦ରୁ ଅଧିକ ଗ୍ରାମବାସୀ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଡ଼ିଓଙ୍କ ଅନୁପସ୍ଥିତିରେ ଏବିଡ଼ିଓ ରଶ୍ମିରେଖା ନାଏକ ଦାବିପତ୍ର ଗ୍ରହଣ କରିଛନ୍ତି। ଉକ୍ତ ଗ୍ରାମଟି ଢେଙ୍କା ପଞ୍ଚାୟତ ଅଧୀନରେ ଅଛି। ଜନସଂଖ୍ୟା ଦୃଷ୍ଟିରୁ ଏହି ପଞ୍ଚାୟତଟି ଏକ ଜନବହୁଳ ପଞ୍ଚାୟତ। ଏହା ୧୦ଟି ରାଜସ୍ୱ ଗ୍ରାମକୁ ନେଇ ଗଠନ ହୋଇଥିବା ବେଳେ ଏଥିରେ ୧୯ଟି ୱାର୍ଡ ଅଛି। ଏହା ମଧ୍ୟରୁ ୩ଟି ରାଜସ୍ୱ ଗ୍ରାମ ଯଥା ସଙ୍ଗମ, ପୁରୁଣାପାଣି, ଝଣଝଣା ଓ ୬ଟି ଅଣ ରାଜସ୍ୱ ଗ୍ରାମ ଯଥା ଡେଙ୍ଗାତୁଆ, କାଳିଆମ୍ବ, ଜଳଦା, ଚାପଲ, ବିଣାପାଟିଆ, ମହାଦେବପୁର ଆଦି ଗ୍ରାମକୁ ନେଇ ସଙ୍ଗମକୁ ନୂତନ ପଞ୍ଚାୟତ ଭାବେ ଗଠନ ପାଇଁ ଉଲ୍ଲେଖ କରିଛନ୍ତି। ଏହି ଗ୍ରାମଗୁଡିକ ଅନେକ ସମସ୍ୟାରେ ସମ୍ମୁଖୀନ ହୋଇଥାନ୍ତି। ଅନେକ ସମୟରେ ବହୁତ ସରକାରୀ ସୁବିଧାରୁ ବଞ୍ଚିତ ହେବାକୁ ପଡୁଛି। ପଞ୍ଚାୟତର ମୁଖ୍ୟ ଗ୍ରାମ ଢେଙ୍କାରେ ସମସ୍ତ ସରକାରୀ ସୁବିଧା ସୀମିତ ରହି ଯାଉଛି। ଗ୍ରାମ ଗୁଡିକର ବୃଦ୍ଧାବୃଦ୍ଧ ଓ ଅକ୍ଷମ ବ୍ୟକ୍ତି ଢେଙ୍କା ପଞ୍ଚାୟତ ଅଫିସକୁ ଯାଇ ସରକାରୀ ଚାଉଳ ଓ ଭତ୍ତା ଆଣିବାରେ ବିଶେଷ ଅସୁବିଧା ଭୋଗିବାକୁ ପଡୁଛି। ଏପରିକି ରାସ୍ତାଘାଟ ନିର୍ମାଣରେ ମଧ୍ୟ ସଠିକ ସୁବିଧା ମିଳି ପାରୁନାହିଁ। ଏହି ଗ୍ରାମଗୁଡିକ ଢେଙ୍କା ପଞ୍ଚାୟତ ପାଖରୁ ୩-୪ କିମି ଦୂର ହୋଇଥିବାରୁ ଯିବା ଆସିବାରେ ସୁବିଧା ହୋଇ ପାରୁନାହିଁ।

ଅପରପକ୍ଷରେ, ଏହି ଗ୍ରାମଗୁଡିକ ଗୋଟିଏ ପଞ୍ଚାୟତ ହେବାପାଇଁ ସମସ୍ତ ଆବଶ୍ୟକତା ପୂରଣ କରୁଅଛି। ଗ୍ରାମଗୁଡିକରେ ୫ହଜାର ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ପାଖାପାଖି ସାଢେ ୩ହଜାର ଭୋଟର ଅଛନ୍ତି। ଏହି ଗ୍ରାମଗୁଡିକରେ ଶତକଡା ୭୦ଭାଗ ଲୋକ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଅଟନ୍ତି। ପୁନଶ୍ଚ ହଦଗଡ଼ ହସ୍ତୀ ଅଭୟାରଣ୍ୟର କୋର ଅଞ୍ଚଳରେ ଥିବା ପିତାନାଉ ଓ ଦଲକି ଗ୍ରାମରୁ ପାଖାପାଖି ୨୫୦ରୁ ଅଧିକ ଲୋକଙ୍କୁ ବିସ୍ଥାପିତ କରି ଝଣଝଣା ଗ୍ରାମରେ ଆଣି ରଖାଯାଇଛି। ଯାହାକି ସମସ୍ତେ ଅନୁସୂଚିତ ଜନଜାତି ଅଟନ୍ତି। ଭୌଗଳିକ ଦୃଷ୍ଟିକୋଣରୁ ସମସ୍ତଙ୍କୁ ସାମିଲ କରାଗଲେ ଏକ ଭଲ ପଞ୍ଚାୟତ ହୋଇପାରିବ।

ସରକାରଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ପଞ୍ଚାୟତ ପୁନର୍ଗଠନ ଯୋଜନାରେ ସାମିଲ କରି ସଙ୍ଗମକୁ ଏକ ପଞ୍ଚାୟତର ମାନ୍ୟତା ଦେବା ପାଇଁ ସେମାନେ ଦାବି କରିଛନ୍ତି। ଗ୍ରାମବାସୀ ଅବହେଳିତ ଅବସ୍ଥାରେ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ରହୁଥିବାରୁ ସଙ୍ଗମକୁ ପଞ୍ଚାୟତ ଗଠନ କରିବାକୁ ଦାବି କରିଛନ୍ତି। ଏଥିପାଇଁ ସେମାନେ କେନ୍ଦୁଝର ଜିଲ୍ଲାପାଳ, ପଞ୍ଚାୟତିରାଜ ସଚିବ, ପଞ୍ଚାୟତିରାଜ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇଥିବା ବେଳେ ଆଜି ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ପଦ୍ମନାଭ ସ୍ୱାଇଁ, ସୁଧାକର ନାୟକ, କୁଶଧ୍ୱଜ ପାତ୍ର, ବାସନ୍ତୀ ପଲେଇ, ମାମିନା ବେହେରା, ଅଭୟ ସେନାପତି, ନିରଞ୍ଜନ ମୁଦୁଲି, ଆଶିଷ ସେନାପତି, ରମେଶ ପହି, ଅଜୟ ନାହାକ, ହରିହର ନାହାକ, ଶ୍ରୀନିବାସ ନାଇକ, ଆରତ ମହାରଣା, ରତ୍ନାକର ଜେନା, ରାମଚନ୍ଦ୍ର ପାତ୍ର, ଅନିରୁଦ୍ଧ ନାଇକ, ଭାଗୀରଥି ଟୁଡୁ, ଜିତେନ୍ଦ୍ର ଟୁଡୁ, ପ୍ରଫୁଲ୍ଲ ପହି, ପ୍ରଭାତ ବିଶ୍ୱାଳ, ସୁବାସ ବିଶ୍ୱାଳ, ସୁଦର୍ଶନ ନାୟକ, କୁଶ ପାତ୍ର, ବାସନ୍ତୀ ପଲେଇ, ଅଭୟ ସେନାପତି, ନିରଞ୍ଜନ ମୁଦୁଲି, ଆଶିଷ ସେନାପତି, ମାମିନା ବେହେରା, ମହେନ୍ଦ୍ର ସେନାପତି, ରମେଶ ପହି, ଅଜୟ ନାୟକ, ବସନ୍ତ ପରିଡ଼ା, ହରିହର ନାୟକ, ଶ୍ରୀନିବାସ ନାୟକ, ରତ୍ନାକର ଜେନା, ରାମଚନ୍ଦ୍ର ପାତ୍ର, ରାଧାରାଣୀ ପାତ୍ର, ଅକ୍ଷୟପାତ୍ର, ଅନିରୁଦ୍ଧ ନାୟକ, ବିନୋଦ ସାଣ୍ଡିଲ, ଅଜିତ କୁମାର ଜେନା, ଭାଗୀରଥି ଟୁଡୁ, ସନ୍ତୋଷ ତାମୁଲିଆ, ଜିତେନ୍ଦ୍ର ଟୁଡୁ, ଲୁଗୁ ହେମ୍ବ୍ରମ, ଘାସିରାମ କିସ୍କୁ, ଖଗେଶ୍ୱର ମୁଦୁଲି, ଫଗ ସୋରେନ୍, ଧନେଶ୍ୱର ହେମ୍ବ୍ରମ, କାରିଆ ମାଝୀ, ଶଙ୍କର ମାଝୀ, ନୃସିଂହ ଦାସ, ସଂଯୁକ୍ତା ଦାସ, ଉମାକାନ୍ତ ତାମୁଲିଆ, ରମାକାନ୍ତ ମୁଦୁଲି, ସୌଦାମିନୀ ମୁଦୁଲି, ଗଣେଶ ମୁଦୁଲି ଉପସ୍ଥିତ ଥିଲେ।

● ମୋବାଇଲ ଦେଖାଇ ଶିଶୁକନ୍ୟାକୁ ଦୁଷ୍କର୍ମ

# ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍, ପୀଡ଼ିତାକୁ ୧୦ ଲକ୍ଷ ସହାୟତା ନିର୍ଦ୍ଦେଶ

କେନ୍ଦୁଝର, ୧୭।୧୦(ସମିସ): କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନାଞ୍ଚଳରେ ୨୦୨୨ ଅକ୍ଟୋବରରେ ଘଟିଯାଇଥିବା ବହୁଚର୍ଚ୍ଚିତ ଶିଶୁକନ୍ୟା ଦୁଷ୍କର୍ମ ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି। କେନ୍ଦୁଝର ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ମୋନାଲିଶା ମହାନ୍ତି ମାମଲାଟିର ୧୬ ଜଣ ସାକ୍ଷୀ ଏବଂ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତକୁ ୨୦ ବର୍ଷ ଜେଲ ଦଣ୍ଡାଦେଶ, ୨ ହଜାର ଜରିମାନା, ଅନାଦେୟ ଅଧିକ ୧ ବର୍ଷ ଜେଲଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହ କୋର୍ଟ ପୀଡିତା ଶିଶୁକନ୍ୟାକୁ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଆଦେଶରେ ଉଲ୍ଲେଖ କରିଛନ୍ତି। ସୂଚନା ଅନୁସାରେ, ଅଭିଯୁକ୍ତ ସଚୀନ ଓରାମ(୩୭) ଏବଂ ପୀଡ଼ିତା ଶିଶୁକନ୍ୟା ପଡୋଶୀ ଭାବେ ବସବାସ କରନ୍ତି। ୩୧/୧୦/୨୦୨୨ରେ ଶିଶୁକନ୍ୟା ଏବଂ ଅଭିଯୁକ୍ତର ଛୋଟ ପୁଅ ଘର ଅଗଣାରେ ସାଙ୍ଗ ହୋଇ ଖେଳୁଥିଲେ। ଅଭିଯୁକ୍ତ ପୀଡ଼ିତାକୁ ମୋବାଇଲ ଦେଖେଇବ କହି ଘର ଭିତରକୁ ଡାକି ନେଇ ଦୁଷ୍କର୍ମ କରିବାକୁ ଉଦ୍ୟତ ହୋଇଥିଲା। ଶିଶୁକନ୍ୟା ଯନ୍ତ୍ରଣାରେ କାନ୍ଦିବାରୁ ଭୟରେ ଅଭିଯୁକ୍ତ ଲୁଚିଯାଇଥିଲା। ପୀଡିତା ଘରକୁ ଦୌଡ଼ି ଆସି ନିଜ ମା'ଙ୍କୁ ଘଟଣା ବାବଦରେ ଜଣାଇଥିଲା। ଏବାବଦରେ ଶିଶୁର ମା' ବାହାରେ ଥିବା କନ୍ୟାଟିର ବାପା ଏବଂ ବଡ଼ବାପାକୁ ଜଣାଇଥିଲେ। ପୀଡିତାର ବଡ଼ ବାପା ପୁଲିସରେ ଏତଲା ଦେଇଥିଲେ। ରୁଗୁଡ଼ି ଥାନା କେଶ ନମ୍ବର ୯୭/୨୦୨୨ ଅନୁସାରେ ମାମଲା ରୁଜୁକରି ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ଏହି ମାମଲାର ଶୁକ୍ରବାର ସ୍ୱତନ୍ତ୍ର ପୋକ୍ସେ କୋର୍ଟ ରାୟ ପ୍ରକାଶକରି ଉପରୋକ୍ତ ଦଣ୍ଡ ବିଧାନ କରିଛନ୍ତି। ସରକାରଙ୍କ ପକ୍ଷରୁ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପିପି ମାମଲା ପରିଚାଳନା କରୁଥିଲେ।

# ବିଜ୍ଞାନ ପରୀକ୍ଷଣ ସମ୍ବନ୍ଧୀୟ ବ୍ଲକ୍‌ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ତେଲକୋଇ, ୧୭।୧୦(ସମିସ): ବିଜ୍ଞାନ ଶିକ୍ଷାକୁ ପ୍ରୋତ୍ସାହିତ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆଦୃତ କରିବା ଉଦ୍ଦେଶ୍ୟରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ୟୁଏସି ଓ ଆଇଏଲ୍‌ପି ଦ୍ୱାରା ବ୍ଲକସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ତେଲକୋଇ ବାଳିକା ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ତେଲକୋଇ ବ୍ଲକ ଅନ୍ତର୍ଗତ ୪୦ଟି ଉଚ୍ଚବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଯୋଗେଶ ବେହେରା ବିଜ୍ଞାନ ପରୀକ୍ଷଣ ପାଇଁ ପିଲାଙ୍କ ପ୍ରତ୍ୟକ୍ଷ ଅନୁଭୂତି ଏବଂ ଗୁଣାତ୍ମକ ପରିବେଶ ସୃଷ୍ଟି ଉପରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଶିକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ ୟୁଏସିର ନିରନ୍ତର ଉଦ୍ୟମକୁ ସ୍ୱାଗତ କରିବା ସହ ଶିକ୍ଷା ହିଁ ବିକାଶର ଭିତ୍ତିଭୂମି ତାହା ମତ ପୋଷଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ୟୁଏସି ସମ୍ପାଦକ ନିମାଇଁ ନାରାୟଣ ଶତପଥୀ ଅନୁଷ୍ଠାନ ତେଲକୋଇ ଓ ବାଂଶପାଳ ବ୍ଲକ୍‌ରେ ଗ୍ରହଣ କରିଥିବା ବହୁବିଧ କାର୍ଯ୍ୟକ୍ରମ ସହ ଶିକ୍ଷାର ଗୁଣାତ୍ମକ ବିକାଶ ନିମନ୍ତେ ବିଜ୍ଞାନ କୀଟ ପ୍ରଦାନ ଓ ପରୀକ୍ଷଣ, କ୍ୟାରିଅର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।

ସମସ୍ତ ଶିକ୍ଷକ ବିଜ୍ଞାନ କୀଟକୁ ନେଇ ଶ୍ରେଣୀ ଆଧାରିତ ୧୫୦ରୁ ଅଧିକ ପରୀକ୍ଷଣ ସମ୍ବନ୍ଧରେ ଡେମୋ ପ୍ରଦର୍ଶନ କରିଥିଲେ। ଆଇଏଲ୍‌ପି, ବାଙ୍ଗାଲୁରୁର ଆଇଟି ଇଞ୍ଜିନିୟର ବିଜୟକୃଷ୍ଣ ପଣ୍ଡା ପ୍ରୟୋଗ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଥିଲେ। ୟୁଏସିର କ୍ଷେତ୍ର ସଂଯୋଜକ ଅଶୋକ କୁମାର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଶିବବ୍ରତ ଦାସ, ମନୋଜ କୁମାର ପ୍ରଧାନ, ବାସନ୍ତୀ ନାୟକ, ସୁଜ୍ଞାନ ମିଶ୍ର, ଯଶୋଦା ନାୟକ, ସ୍ମିତାରାଣୀ ପହି, ଧିରେନ ମହାନ୍ତ ଓ ସୋମନାଥ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନରେ ସହଯୋଗ କରିଥିଲେ।

# ବ୍ୟବସାୟୀ ସୁବାସ ସିଂଙ୍କ ଦେହାନ୍ତ

ଆନନ୍ଦପୁର, ୧୭।୧୦ (ସମିସ): ଆନନ୍ଦପୁରର ବିଶିଷ୍ଟ ମଞ୍ଜି ବ୍ୟବସାୟୀ ତଥା ଗୌଡ଼ସାହି ନିବାସୀ ସୁବାସଚନ୍ଦ୍ର ସିଂହ (୬୭)ଙ୍କ ଯକୃତଜନିତ ରୋଗରେ ପରଲୋକ ହୋଇଯାଇଛି। ସେ ଆଜକୁ ପ୍ରାୟ ୪୦ ବର୍ଷଧରି ଆନନ୍ଦପୁର ଅଞ୍ଚଳରେ ମଞ୍ଜି ବ୍ୟବସାୟ କରି ଚାଷୀମାନଙ୍କ ମହଲରେ ବେଶ



ପରିଚିତ। କିଛିଦିନ ହେବ ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ। ଖବର ପାଇ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ୧୦ ମାସ ବିତିଲା; ମିଳିଲାନି ମଣ୍ଡିରେ ଦେଇଥିବା ଧାନର ପାଉଣା

ହାଟଡ଼ିହୀ,୧୭।୧୦(ସମିସ): ମଣ୍ଡିରେ ଧାନ ଦେଲେ ୨୪ ଘଣ୍ଟା ଭିତରେ ଚାଷୀଙ୍କୁ ପ୍ରାପ୍ୟ ଦେବାର ନିୟମ ଥିବାବେଳେ କେନ୍ଦୁଝର ଜିଲ୍ଲାରେ ତାହାର ବ୍ୟତିକ୍ରମ ଦେଖାଦେଇଛି। ଜଣେ ଚାଷୀ ଧାନ ଦେବାର ୧୦ ମାସ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାକୁ ତାଙ୍କର ପ୍ରାପ୍ୟ ମିଳିନାହିଁ। ବାରମ୍ବାର ସମିତିକୁ ଦୌଡି ଦୌଡି ନିରାଶ ହେବା ସାର ହେଉଛି। ପରେ ଏଆରସିଏସ, ଡିଆରସିଏସ୍. କେନ୍ଦୁଝର ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଭେଟି ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳୁନି।

ଅଭିଯୋଗ ଅନୁଯାୟୀ, ହାଟଡ଼ିହୀ ବ୍ଲକ ବରାଙ୍ଗ ଗ୍ରାମର ଚାଷୀ ଶାନ୍ତିଲତା ରାଉତ ସଢ଼ା ସମବାୟ ସମିତିରେ ଖୋଲିଥିବା ମଣ୍ଡିରେ ଗତ ଜାନୁଆରୀ ୧୦ ତାରିଖରେ ଆଖି ସ୍କାନ କରିବା ସହ ୭୫ କୁଇଣ୍ଟାଲ ଧାନ ଦେଇଥିଲେ। ତାଙ୍କ ଫର୍ମର ଆଇଡି ନମ୍ବର ଏଫ୍ ୮୦୭୦୦୪୯୩୦। ଧାନ ପଞ୍ଜୀକରଣ ବେଳେ ସେ ତାଙ୍କ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆକାଉଣ୍ଟ ୫୪୦୮୧୦୧୧୦୦୦୭୬୯୭ ନମ୍ବର ମଧ୍ୟ ଦେଇଥିଲେ। ଏହି ଧାନ ବାବଦକୁ ତାଙ୍କୁ ୨ଲକ୍ଷ ୨୪ ହଜାର ୫ଶହ ଟଙ୍କା ମିଳିବା କଥା କିନ୍ତୁ ଅନେକ ଦିନ ଅପେକ୍ଷା କରିବା ପରେ ମଧ୍ୟ ତାଙ୍କ ଆକାଉଣ୍ଟକୁ ଟଙ୍କା ଆସି ନଥିଲା। ସେ ଏନେଇ ସମିତିର ସମ୍ପାଦକଙ୍କୁ ଭେଟିବା ପରେ ଟୋଲ୍ ଫ୍ରି ନମ୍ବରରେ କଲ୍ କରିବା ପରେ ଧାନ ଟଙ୍କା ଦିଆ ସରିଥିବା ଜାଣିଥିଲେ। ଶାନ୍ତିଲତା

**ସମିତିରେ ଭୁଲ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଚାଷୀ**

ରାଉତଙ୍କ ପୁଅ ଅନାଦି ରାଉତ ସଙ୍ଗେ ସଙ୍ଗେ ବ୍ୟାଙ୍କକୁ ଯାଇ ଚେକ୍ କରିବା ପରେ ଟଙ୍କାଟିଏ ଆସି ନ ଥିବା ଜାଣିଥିଲେ। ସେହିଦିନଠାରୁ ମା' ଓ ପୁଅ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରି ଆସୁଥିଲେ ବି କିଛି ସୁଫଳ ମିଳିନି। ଧାନ ଟଙ୍କା ପାଇ ନଥିବାରୁ ସେ ଚାଷ ପାଇଁ କରିଥିବା ଧାର କରଜ ଶୁଝି ପାରୁନଥିବା ପ୍ରକାଶ କରିଛନ୍ତି। ତାଙ୍କ ଧାନ ଟଙ୍କା ଅନ୍ୟ ଏକାଉଣ୍ଟକୁ ଯାଇଥିବା ଜାଣିବା ପରେ ସେ ବିବ୍ରତ ହୋଇପଡିଛନ୍ତି। ସମବାୟ ସମିତି କର୍ତ୍ତୃପକ୍ଷ ଭୁଲ ଏକାଉଣ୍ଟ ନମ୍ବର ଦେଇ ଏପରି କରିଥିବା ଅଭିଯୋଗ କରିଛନ୍ତି। ସମବାୟ ସମିତିକୁ କିପରି ତାଙ୍କ ଟଙ୍କା ପାଇବେ ସେନେଇ ପଚାରିବାକୁ ଯାଇଥିବା ବେଳେ ସମ୍ପାଦିକା ତାଙ୍କୁ ନାଲି ଆଖି ଦେଖାଇ ଫେରାଇ ଦେଇଥିବା ଅଭିଯୋଗ କରିଛନ୍ତି। ଯଦି ୭ଦିନ ଭିତରେ କୌଣସି ପଦକ୍ଷେପ ଗ୍ରହଣ ନକଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସମିତି ସମ୍ପାଦିକା ରଞ୍ଜିତା ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ପୂର୍ବ ସମ୍ପାଦକ ଭୁଲ ଏକାଉଣ୍ଟ ପକାଇଥିଲେ। ଆମେ ପରବର୍ତ୍ତୀ ସମୟରେ ସଂଶୋଧନ କରି ଦେଇଥିଲୁ ଯାହ ଡ଼ିଆରସିଏସ୍‌ଙ୍କ ଅଫିସରେ ଏଯାଏଁ କରାଯିବା କଥା; ମାତ୍ର ତାହା କରି ନଥିଲେ କିପରି ? ସେ ଚାଷୀ ଟଙ୍କା ପାଇବେ ସେନେଇ ଆମେ ବାରମ୍ବାର ମଧ୍ୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଜଣାଇବୁ ବୋଲି ସେ କହିଛନ୍ତି।

# ୧୫ତମ ଚକ୍ରଧର ସ୍ମାରକୀ ଫୁଟ୍‌ବଲ ପ୍ରତିଯୋଗିତା ଆରମ୍ଭ



ଚମ୍ପୁଆ,୧୭।୧୦(ସମିସ): ଚମ୍ପୁଆ ବ୍ଲକ ରଜିଆ ମିନି ଷ୍ଟାଡିୟମଠାରେ ୧୫ତମ ଚକ୍ରଧର ମେମୋରିଆଲ ଆନ୍ତରାଜ୍ୟ ଫୁଟ୍‌ବଲ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ସମ୍ମାନିତ ଅତିଥି ଭାବେ ଚମ୍ପୁଆ ଓକିଲ ସଂଘ ସଭାପତି ରମେଶଚନ୍ଦ୍ର ପ୍ରଧାନ, ସମାଜସେବୀ ଅଜୟ ଦାସ, ପୂର୍ବତନ ଫୁଟବଲ ଖେଳାଳି ସଂଜୟ ନାଏକ ଓ ସ୍ଥାନୀୟ ସରପଞ୍ଚ ସନ୍ତୋଷ କୁମାର ନାଏକଙ୍କ ସମେତ ରଙ୍ଗାମାଟିଆ ସରପଂଚ ମାଧୁରୀ ନାଏକ, କରଞ୍ଜିଆ ସରପଞ୍ଚ ସୁପ୍ରିୟା ମୁଣ୍ଡା ଓ ସୁନାପଶି ସରପଞ୍ଚ ସଂଜିତା ଚାତାର ପ୍ରମୁଖ ଯୋଗ ଦେଇଥିଲେ। ୨୪ଟି ଆନ୍ତରାଜ୍ୟ ଦଳକୁ ନେଇ ଅନୁଷ୍ଠିତ ଏହି ପ୍ରତିଯୋଗିତା ୩ ଦିନ ଧରି ଅନୁଷ୍ଠିତ ହେବ ବୋଲି ସଭାପତି ସୁବ୍ରତ ଗିରି ଓ ସମ୍ପାଦକ ବିବେକାନନ୍ଦ ପାତ୍ର ସୂଚନା ଦେଇଛନ୍ତି। ଖେଳ ପ୍ରାରମ୍ଭରେ ଦିବଙ୍ଗତ ଚକ୍ରଧରଙ୍କ ପାଇଁ ନିରବ ପ୍ରାର୍ଥନା ଅନୁଷ୍ଠିତ ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହି ପ୍ରତିଯୋଗିତାର ଅନ୍ତିମ ତଥା ଫାଇନାଲ ମ୍ୟାଚ୍ ୧୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଚାମ୍ପିଅନ, ରନର୍ସଅପ ଓ ତୃତୀୟ ଦଳ ପାଇଁ ଆକର୍ଷଣୀୟ ଅର୍ଥରାଶି ସହିତ ଟ୍ରଫିର ରହିଛି। ଏହି ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ ବିକେଏଚଡି ଏକାଦେଶ ସହ ସିବାନୀ ଏଫସି ଗୁମୁରିଆ ସହିତ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାକୁ ରେଫରି ଭାବରେ ସୁବ୍ରତ ପୁରହିତ, ରାଜକୁମାର ପାଣିଗ୍ରାହି, ଚୁନୁ ସିଂ, ଏମଡି ସଫିକୁଲ୍, ଗଣପତି ମଣ୍ଡଳ ଓ ରିକି ଦତ ପରିଚାଳନା କରିବେ ବୋଲି ଜଣାଯାଇଛି।

# ବ୍ଲକ୍‌ସ୍ତରୀୟ ପ୍ରତିଭା ଅନ୍ୱେଷଣ ଶିଶୁ ମହୋତ୍ସବ 'ସୁରଭି'

ବାଲିବନ୍ଧ, ୧୭।୧୦(ସମିସ): ଝୁମ୍ପୁରା ବ୍ଲକ ମୁଖ୍ୟାଳୟସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟରେ ଶୁକ୍ରବାର ଝୁମ୍ପୁରା ଗୋଷ୍ଠୀ ଶିକ୍ଷାଧିକାରୀ ଭଗବାନ ମିଶ୍ରଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ପ୍ରତିଭା ଅନ୍ୱେଷଣ ଶିଶୁ ମହୋତ୍ସବ ସୁରଭି-୨୦୨୫ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଝୁମ୍ପୁରା ଥାନାଧିକାରିଣୀ ସମବାରୀ ହାଁସଦା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଝୁମ୍ପୁରା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶଚନ୍ଦ୍ର ମହାନ୍ତ, ସମ୍ମାନିତ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ଝୁମ୍ପୁରା ବ୍ଲକ ପ୍ରତିନିଧି ମହେନ୍ଦ୍ର ପଟ୍ଟନାୟକ, ସାଂସଦ ପ୍ରତିନିଧି ପଞ୍ଚାନନ ସାହୁ, ଅବସରପ୍ରାପ୍ତ ଏବିଇଓ ବିଜୟାନନ୍ଦ ବେହେରା, ଅତିରିକ୍ତ ଗୋଷ୍ଠୀଶିକ୍ଷାଧିକାରୀ ମୁକୁନ୍ଦ ଚରଣ ସାହୁ, ଜୟନ୍ତୀ ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ। ଏବିଓ-ବିଆରସିସି ନବକିଶୋର ସାମଲ ସ୍ୱାଗତ ଅଭିଭାଷଣ ରଖିଥିଲେ। ସରକାରୀ ଉଚ୍ଚବିଦ୍ୟାଳୟ, ବଡଡୁମୁରିଆର




ସହକାରୀ ଶିକ୍ଷକ ବିଜୟ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲକର ୧୨ଟି କ୍ଲଷ୍ଟର ୩ଶହ ଛାତ୍ରଛାତ୍ରୀ ସଂଗୀତ, ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ, ସାଧାରଣଜ୍ଞାନ, ଓଡ଼ିଆ ହସ୍ତାକ୍ଷର, ଶିଳ୍ପକଳା, ମଡେଲ ୟୁନାଇଟେଡ ନେଶନ ପ୍ୟାଭିଲିୟନ ଏବଂ ଗ୍ରୁପ ଡ୍ୟାନ୍ସରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ସମସ୍ତ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରଥମସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ସମସ୍ତ ସିଆରସିସି, ବରିଷ୍ଠ ଶିକ୍ଷକ ପ୍ରମୁଖ ସହଯୋଗ କରିଥିଲେ।

## ଗୋରୁ ବୋଝେଇ ୬ ଭ୍ୟାନ୍ ଜବତ

ମହୁଲଡିହା/ ଠାକୁରମୁଣ୍ଡା, ୧୭।୧୦(ସମିସ): ମହୁଲଡିହା ଥାନା ପୁଲିସ ଆନନ୍ଦପୁର-ଠାକୁରମୁଣ୍ଡା ନଂ ୫୩ ରାଜ୍ୟ ରାଜପଥରେ ପାଟ୍ରୋଲିଂ କରୁଥିବା ବେଳେ ଆନନ୍ଦପୁର ଆଡ୍ରୁ ଚୋରାରେ ଗୋରୁ ବୋଝେଇ କରି ଆସୁଥିବା ୬ଟି ପିକଅପ ଜବତ କରି ଥାନାକୁ ଆଣିଛି। ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ତତ୍ପରତା ଫଳରେ କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକଙ୍କ ନିର୍ଦ୍ଦେଶନାରେ ଖବର ପାଇ ମହୁଲଡିହା ଥାନା ଆଇଆଇସି ଅରୁଣ କୁମାର ଟୁଡୁ, ଏଏସଆଇ ସନ୍ତୋଷ କୁମାର ନାୟକ, ବିଜୟକୃଷ୍ଣ ସାନ୍ତରା ଓ ପୁଲିସ କର୍ମଚାରୀଙ୍କ ସହିତ ଗୁରୁବାର ରାତିରେ ମହୁଲଡିହା-ଭାଲିଆଡାଳ ରାସ୍ତାର ପୁରୁଣାପାଣି ପୋଲ ବାଙ୍କରେ ଗାଡ଼ିଗୁଡ଼ିକ ଜବତ କରିଥିଲେ। ୬ଟି ଭ୍ୟାନରେ ମୋଟ ୪୮ ଗୋରୁ ବୋଝେଇ ହୋଇ ଉଦଳା ଆଡ଼କୁ ଯାଉଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ୫ ଜଣ ଡ୍ରାଇଭରକୁ ଅନ୍ଧାରରେ ଧରି ଥାନାରେ ଅଟକ ଥିବା ବେଳେ ଜଣେ ଖସିଯାଇଛି। ଗାଡ଼ିଗୁଡ଼ିକ ଥାନାକୁ ଆଣି ଥାନାଧିକାରୀ ଆନିମଲ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି। ପ୍ରାଣୀ ଚିକିତ୍ସକଙ୍କୁ ଡାକି ସମସ୍ତ ଗୋରୁର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି।

## ଯୁବକଙ୍କ ମୃତଦେହ ଉଦ୍ଧାର

ବୈଶିଙ୍ଗା, ୧୭।୧୦(ସମିସ): ବେତନଟୀ ଥାନା ଅଧୀନ ବାହାନଡା ଗ୍ରାମରେ ଶ୍ୱଶୂରଘରେ ରହୁଥିବା ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ବେତନଟୀ ପୁଲିସ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରିଛି। ମୃତକ ହେଲେ ବାଙ୍ଗିରିପୋଷି ବଜାର ଅଞ୍ଚଳର ଜୀତେନ୍ଦ୍ର ପଟ୍ଟନାୟକ (୪୬)। ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି।

## ଠାକୁରମୁଣ୍ଡାରେ ମେଗା ରକ୍ତଦାନ ଶିବିର, ୨୧୭ ୟୁନିଟ୍ ସଂଗ୍ରହ

ଠାକୁରମୁଣ୍ଡା/ମହୁଲଡିହା, ୧୭।୧୦(ସମିସ): କରଞ୍ଜିଆର ବିଧାୟକ ପଦ୍ମଚରଣ ହାଇବ୍ରୁଙ୍କ ଜନ୍ମଦିନ ଅବସରରେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା ବେଳେ ୨୧୭ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ବିଧାୟକ ନିଜସ୍ୱ ପାଣ୍ଠିରୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ହସ୍ତାନ୍ତର କରିଛନ୍ତି। ଆମ୍ବୁଲାନ୍ସଟି ଖୁମଠାଣ ଜୟ ହନୁମାନ ଟ୍ରଷ୍ଟ ଦ୍ୱାରା ପରିଚାଳିତ ହେବ। ବିଧାୟକଙ୍କ ଦ୍ୱାରା ରକ୍ତ ଭଣ୍ଡାରର ଗୃହ ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି। ବିଜେପି ସଭାପତି (ପଶ୍ଚିମ) ଜୁରିଲାଲ ମହାନ୍ତ, ପୂର୍ବତନ ସଭାପତି ତଥା ବରିଷ୍ଠ ନେତା କୃପାସିନ୍ଧୁ ମହାନ୍ତ, ବାଞ୍ଛାନିଧି ପୃଷ୍ଟି, କୁନା ପଣ୍ଡା ପ୍ରମୁଖ ଅନ୍ୟମାନେ ଉପସ୍ଥିତ ଥିଲେ। ସରକାରୀ କର୍ମଚାରୀ, ଠାକୁରମୁଣ୍ଡା ଡ୍ରାଇଭର ମହାସଂଘ, ସାଧାରଣ ଜନତାଙ୍କ ସମେତ ବହୁ ଅନୁଷ୍ଠାନ ସାମିଲ ହୋଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।

## ୧୬ଟି ପ୍ରକଳ୍ପର ଶିଳାନ୍ୟାସ

ବୈଶିଙ୍ଗା, ୧୭।୧୦(ସମିସ): ବଡ଼ସାହି ନିର୍ବାଚନମଣ୍ଡଳୀର ବିଧାୟକ ସନାତନ ବିଜୁଳି ବେତନଟୀ ବ୍ଲକ ଗସ୍ତକରି ମାରାଥନ କାର୍ଯ୍ୟକ୍ରମ କରିଥିବା ବେଳେ ଗୋଟିଏ ଦିନରେ ୧କୋଟି ୫୭ଲକ୍ଷ ୪୩ହଜାର ୫ଶହ ୨୭ଟଙ୍କାର ୧୬ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ବେତନଟୀର ପିଏମଶ୍ରୀ ଏମପିସି ହାଇସ୍କୁଲରେ ୧୨ଲକ୍ଷ ଟଙ୍କାରେ ପିଏମଶ୍ରୀ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଗଡ଼ଦେଉଳିଆ ଠାରୁ ମାରାଥନ ଶିଳାନ୍ୟାସ କାର୍ଯ୍ୟକ୍ରମର ଆରମ୍ଭ କରିଥିବା ବେଳେ ରଙ୍ଗାମାଟିଆ, ହେମପୁର, ପଣସିଆ, ରଘୁପୁର, ହରିପୁର, ଦୁର୍ଗାପୁର, ରାଉତରା, ଭ୍ରମରଗୋଡା, ବେତନଟୀ, ତୁଳସୀଚଉରା, ଆଗ୍ରିଆ, ଯୁଗୋଳ ସମେତ ଖଇରିବଣି ପରି ବିଭିନ୍ନ ସ୍ଥାନରେ ୧୬ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। କାର୍ଯ୍ୟକ୍ରମରେ ବିଡିଓ ସୁଶାନ୍ତ କୁମାର ସୂତାର, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ସୌମ୍ୟଶ୍ରୀ ଭୋଇ, ଇଂ. ପ୍ରଶାନ୍ତ ବେହେରା, ଇଂ. ପୁଲିସ ସେଠୀଙ୍କ ସମେତ ସମ୍ପୃକ୍ତ ପଞ୍ଚାୟତର ଯନ୍ତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଲକ୍ଷ୍ମୀବସ୍‌ର ହେଉନି ରକ୍ଷଣାବେକ୍ଷଣ; ବସ୍ ଖରାପ, ଯାତ୍ରୀ ହନ୍ତସନ୍ତ

କୁଳିଅଣା, ୧୭।୧୦(ସମିସ): କୁଳିଅଣା ବ୍ଲକରେ ଲକ୍ଷ୍ମୀବସ୍ ଦିନକୁ ଦିନ ଅତ୍ୟନ୍ତ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ସଠିକ ଭାବେ ରକ୍ଷଣାବେକ୍ଷଣ ହେଉନଥିବାରୁ ଭଲ ବସ୍‌ଗୁଡ଼ିକ ଖରାପ ହେଉଛି ବୋଲି ଅଭିଯୋଗ ହେଉଛି। ବିପର୍ଯ୍ୟସ୍ତ ସେବା ଯୋଗୁଁ ଯାତ୍ରୀ ହନ୍ତସନ୍ତ ହେବାରେ ଲାଗିଛନ୍ତି। ଏହିପରି ଅବସ୍ଥା କୁଳିଅଣା ବ୍ଲକ ଚାନ୍ଦୁଆ ଅଞ୍ଚଳରେ ଦେଖିବାକୁ ମିଳିଛି। ବ୍ଲକର ସମସ୍ତ ୧୭ଟି ପଞ୍ଚାୟତକୁ ସମୁଦାୟ ୯ଟି ଲକ୍ଷ୍ମୀ ବସ୍ ଚଳାଚଳ କରିଥାଏ। ପରିବହନ ସେବା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ କରିବା ପାଇଁ ପୂର୍ବ ସରକାରଙ୍କ ସମୟରେ ଲକ୍ଷ୍ମୀବସ ସେବା ଆରମ୍ଭ ହୋଇଥିଲା। ଗ୍ରାମାଞ୍ଚଳରୁ ସହରକୁ ତଥା ଜିଲ୍ଲା ମୁଖ୍ୟାଳୟକୁ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ସେବା କାର୍ଯ୍ୟକାରୀ କରାଯାଇଥିଲା। ଏହା ଜନସାଧାରଣଙ୍କ ପାଇଁ ବେଶ ସହାୟକ ହେଉଥିବା ବେଳେ ସ୍ୱଳ୍ପଖର୍ଚ୍ଚରେ ଲୋକେ ଖୁବ କମ ସମୟରେ ଯାତାୟାତ




କରୁଥିଲେ। କିନ୍ତୁ ରାଜ୍ୟରେ ବିଜେପି ସରକାର ଗଠନ ହେବା ପରଠୁ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। କୁଳିଅଣା ବ୍ଲକରେ ଲକ୍ଷ୍ମୀବସ ଗୁଡ଼ିକ ଖରାପ ହୋଇଥିବା ବେଳେ ମରାମତି ମଧ୍ୟ ହେଉନାହିଁ। ଯାହାଫଳରେ ଯାତ୍ରୀମାନେ ଅତି ହିନସ୍ତା ହୋଇ ଚାଲି ଚାଲି ଯାଆଆସ କରୁଛନ୍ତି। ପୂର୍ବରୁ ବ୍ଲକରେ ୯ଟି ଭଲ ଲକ୍ଷ୍ମୀ ବସ୍ ଥିବା ବେଳେ ତାହାକୁ ଅନ୍ୟ ବ୍ଲକକୁ ପ୍ରଦାନ କରାଯାଇଛି। ଅନ୍ୟ ବ୍ଲକର ଖରାପ ବସ୍ ଗୁଡ଼ିକ ବ୍ଲକରେ ଚଳାଚଳ କରୁଛି ବୋଲି ଯାତ୍ରୀ ଅଭିଯୋଗ କରିଛନ୍ତି। ଯାହାଫଳରେ ପ୍ରତିଦିନ ନିହାତି ଗୋଟିଏ ବସ ଖରାପ ହେବାରେ ଲାଗିଛି। କୁଳିଅଣା ବ୍ଲକର ବହୁ ଅଗମ୍ୟ ଅଞ୍ଚଳରୁ ସ୍ୱଳ୍ପ ମୂଲ୍ୟରେ ଯାତ୍ରୀ ପରିବହନ ବ୍ୟବସ୍ଥା ଏହା ଦ୍ୱାରା ବାଧା ପ୍ରାପ୍ତ ହେବାରେ ଲାଗିଛି। ଛାତ୍ରଛାତ୍ରୀ, ମହିଳା ଓ ଦିନ ମଜୁରିଆ ସମେତ ଜନସାଧାରଣ ମୁଖ୍ୟାଳୟ ଯିବା ଆସିବା କଷ୍ଟସାଧ ହେଉଛି। ଉକ୍ତ ପୁରୁଣା ବସଗୁଡ଼ିକ ଠିକ୍ ଭାବେ ମରମତି କରିବା ନେଇ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ଯାତ୍ରୀମାନେ ନିବେଦନ କରିଛନ୍ତି।

## ବଡ଼ସାହି ବସ୍‌ଷ୍ଟାଣ୍ଡ ନିର୍ମାଣ ସ୍ଥାନ ପରିବର୍ତ୍ତନ ଦାବି

ବଡସାହି, ୧୭।୧୦(ସମିସ): ବଡ଼ସାହିରେ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପୂର୍ବରୁ ବିଭାଗୀୟ ଅନୁମୋଦନ ଲାଭ କରିଥିଲା। ମାତ୍ର ସ୍ଥାନ ଅଭାବ ପାଇଁ ଏହି କାର୍ଯ୍ୟ ଆଗକୁ ଯାଇପାରୁନଥିଲା। ମାତ୍ର ତୁରନ୍ତ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନିକ ଚାପଫଳରେ, ବଡ଼ସାହି ରାଜସ୍ୱ ବିଭାଗ ତାଳପଦାଠାରେ ସ୍ଥାନ ଯୋଗାଇଦେବା ପାଇଁ ସ୍ଥିର କରିଥିଲେ। ମାତ୍ର ଯେଉଁ ସ୍ଥାନ ସ୍ଥିରିକୃତ ହୋଇଥିଲା, ଏହାକୁ ନେଇ ଅସନ୍ତୋଷ ମୁଣ୍ଡ ଟେକିଛି। ଏହି ସ୍ଥାନ ସମ୍ମୁଖରେ କିଛି ଲୋକଙ୍କର ଦୈନନ୍ଦିନ ଜୀବନ ଜୀବିକା ପାଇଁ ଦୋକାନ ଗୃହ ରହିଥିବାରୁ ଏହାକୁ ଅନ୍ୟତ୍ର ସ୍ଥାନାନ୍ତରଣ ପାଇଁ ଦାବି ହୋଇଛି। ଏହି ଦୋକାନ ଗୃହଗୁଡିକ ଉଚ୍ଛେଦ ପାଇଁ ପ୍ରଶାସନିକ ସ୍ତରରେ ସଜବାଜ ଆରମ୍ଭ ହୋଇଥିବା ବେଳେ ଗ୍ରାମବାସୀ ଏହାର ପୁନଃବିଚାର କରିବା ପାଇଁ ଗୁରୁବାର ବାରିପଦା ସହର ଉପଜିଲ୍ଲାପାଳ ଓ ବଡସାହି ତହସିଲଦାରଙ୍କୁ ସାକ୍ଷାତ କରି ଅଭିଯୋଗ ପ୍ରଦାନ କରିଛନ୍ତି। କାହାରି କିଛି କ୍ଷତି ନ ହେବା ଭଳି ଅନ୍ୟତ୍ର ବହୁ ଭଲ ସ୍ଥାନ ଥିବା ବେଳେ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଏହାକୁ ସ୍ଥାନାନ୍ତରଣ କରିବା ପାଇଁ କହିଛନ୍ତି। କାରଣ ବଡସାହି-ମାଣଡ୍ରୀ ମୁଖ୍ୟରାସ୍ତାର ଦକ୍ଷିଣପାର୍ଶ୍ୱରେ ବହୁଦିନ ମଜୁରିଆ, ଗରିବ ଓ ବିପିଏଲ ବର୍ଗର ଲୋକମାନେ ଦୋକାନ କରି ନିଜ ପରିବାର ପ୍ରତିପୋଷଣ କରୁଥିବା ବେଳେ ଏହା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଉଚ୍ଛେଦ ଫଳରେ ସେମାନେ କ୍ଷତିଗ୍ରସ୍ତ ହେବା ସହିତ ବହୁ ଅସୁବିଧାର ସମ୍ମୁଖୀନ ହେବେ। ଏହାର ସ୍ଥାୟୀ ସମାଧାନ ଓ ବସ୍‌ଷ୍ଟାଣ୍ଡ ନିର୍ମାଣ କିପରି ସୁରଖୁରରେ ହୋଇପାରିବ ସେଥିପାଇଁ ଏହାର ପୁନଃବିଚାର କରି ନୂତନ ସ୍ଥାନ ଚୟନ କରିବାକୁ ସରପଞ୍ଚ ବାଘରାୟ ମାଝୀଙ୍କ ସହିତ ଗ୍ରାମବାସୀ ଦାବି କରିଛନ୍ତି। ଏସମ୍ପର୍କରେ ତହସିଲଦାର କରୁଣାକର ଧିନ୍ଦାଙ୍କୁ ପଚାରିବାର ସେ କହନ୍ତି, ଏଥିରେ ପୁନଃବିଚାର କରିବାର ଅଧିକାରୀ ମୋର ନାହିଁ, ଜିଲ୍ଲାପାଳ ଓ ଓଏସ୍‌ଆର୍‌ଟିସିର ଜେନେରାଲ ମ୍ୟାନେଜର ଯାହା କିଛି ସିଦ୍ଧାନ୍ତ କରିବେ। କିନ୍ତୁ ଆମେ ତାଙ୍କୁ ୨୨ତାରିଖ ସୁଦ୍ଧା ସ୍ଥାନ ଛାଡ଼ିବାକୁ ନୋଟିସ୍ ଦେଇଛୁ ବୋଲି କହିଛନ୍ତି।

## ଦୁଆରଶୁଣି ଘାଟି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଶେଷ ପାଇଁ ପୂଜାର୍ଚ୍ଚନା

ବାରିପଦା, ୧୭।୧୦(ସମିସ): ବିଗତ କିଛି ବର୍ଷ ଧରି ମରଣଯନ୍ତା ପାଲଟିଥିବା ୪୯ନଂ ଜାତୀୟ ରାଜପଥର ଦ୍ୱାରଶୁଣି ଘାଟି ରାସ୍ତା ଉନ୍ନତିକରଣ ସହିତ ୪ ଲେନ ବିଶିଷ୍ଟ ସମ୍ପ୍ରସାରଣ କରିବା ସକାଶେ ଭଞ୍ଜସେନା ପକ୍ଷରୁ ନିରବିଚ୍ଛିନ୍ନ ଭାବେ ୨୦୨୦ ମସିହାରୁ ସରକାରଙ୍କୁ ଦାବିପତ୍ର ପ୍ରଦାନ, ଧାରଣା ଓ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଭଳି ସମସ୍ତ ପ୍ରୟାସ ହୋଇଆସିଛି। ତତସହିତ ଘାଟି ରାସ୍ତା ସମ୍ପ୍ରସାରଣ ପାଇଁ ସରକାରଙ୍କ ତରଫରୁ ସବୁଜ ସଂକେତ ମିଳିଲା ପରେ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଶସ୍ତିକରଣ ସହିତ ଯଥାଶୀଘ୍ର କାର୍ଯ୍ୟ ସମାପ୍ତି ପାଇଁ ଜିଲ୍ଲା ଉପସଭାପତି ମନୋରଞ୍ଜନ ବାରିକଙ୍କ ପୌରୋହିତ୍ୟରେ ମା' ଦ୍ୱାରଶୁଣିଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇଥିଲ। କାର୍ଯ୍ୟକ୍ରମରେ ଭଞ୍ଜସେନା ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଆଦିବାସୀ ଶାଖା ସଭାପତି ବାଜୁନ୍ ହାଁସଦାଃ, ଆବାହକ ରାକେଶ ବେହେରା, ଜିଲ୍ଲା ସଂଯୋଜକ ସାମନ୍ତ ଶେଖର ପାଲ୍, ଉପାଧ୍ୟକ୍ଷା କନିକା ବୋଷ, ଜିଲ୍ଲା ସୋସିଆଲ ମିଡିଆ ସଂଯୋଜକ ସନ୍ତୋଷ ଗିରି, ବାଙ୍ଗିରିପୋଷି ବ୍ଲକ ସଭାପତି ସତ୍ୟପ୍ରକାଶ ମହାନ୍ତି, ସାରସକଣା ବ୍ଲକ ସଭାପତି ହାଡିବନ୍ଧୁ ମହାନ୍ତ, ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁ, ଜାମଦା ବ୍ଲକ ସମ୍ପାଦକ ଭାଗବତ ହେମ୍ବ୍ରମ, ବାଙ୍ଗିରିପୋଷି ବ୍ଲକ ଉପସଭାପତି ସୁମନ୍ତ ଗିରି, ବାରିପଦା ସହର ସଭାପତି ରାକେଶ୍ ମହାନ୍ତି, ଯୁବ ସମ୍ପାଦକ ଗୌରାଙ୍ଗ ଘଡେଇ, ଶ୍ୟାମାଖୁଣ୍ଟା ବ୍ଲକ କାର୍ଯ୍ୟକାରୀ ସଭାପତି ଦୀପକ୍ ବେହେରା, ଗଣମାଧ୍ୟମ ସଂଯୋଜକ ମୁକ୍ତିଦତ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ମା' ଫୁଲସୁନ୍ଦରୀଙ୍କ ପୂଜା ଓ ନୂଆଁଖାଇ ପର୍ବ

ଶୁଳିଆପଦା, ୧୭।୧୦(ସମିସ): ଇଷ୍ଟଦେବୀ ମା' ଫୁଲସୁନ୍ଦରୀଙ୍କ ପୂଜା ଓ ନୂଆଁଖାଇ ପର୍ବ ପାଳିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଫାନିଆ ପଞ୍ଚାୟତ ମୁଣ୍ଡାକଟା ହରିଜନସାହିରେ ପ୍ରତ୍ୟକ୍ଷଦେବୀ ମା' ଫୁଲସୁନ୍ଦରୀଙ୍କ ବଡ଼ପୂଜା ହେବାସହିତ ସାହିର ଆବାଳବୃଦ୍ଧବନିତା ନୂଆ ଖାଇଥାନ୍ତି। ପଶ୍ଚିମ ଓଡ଼ିଶା ଭଳି ଏହି ସାହିରେ ସମସ୍ତେ ନୂଆଚୂଡା, ଚାଉଳ ଓ ନୂତନ ବସ୍ତ୍ର ପରିଧାନ କରି ଉପବାସ ରହି ଇଷ୍ଟଦେବୀଙ୍କ ପାଖରେ ଭୋଗ ଲଗାଇଥାନ୍ତି। ପରେ ସମସ୍ତେ ନୂଆ ଚୂଡା, ଚାଉଳ ସେବନ କରିଥାନ୍ତି। ଯିଏ ଯେଉଁଠି ଥାଏ ଏହି ଦିନଟିରେ ଘରକୁ ଆସନ୍ତି ମାଙ୍କ ଆଶୀର୍ବାଦ ପାଇଁ।

## ପାନୀୟ ଜଳର ସଂରକ୍ଷଣ ଓ ସୁପରିଚାଳନା କର୍ମଶାଳା

ମହୁଲଡିହା, ୧୭।୧୦(ସମିସ): ଠାକୁରମୁଣ୍ଡା ବ୍ଲକ ପରିସରରେ ଥିବା ସଭାଗୃହରେ ବିଶୁଦ୍ଧ ପାନୀୟଜଳର ସଂରକ୍ଷଣ ଓ ସୁପରିଚାଳନା ସମ୍ପର୍କିତ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପେସା ସଂଯୋଜକ ମଦନମୋହନ ମହାନ୍ତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଏପିଓ ଧ୍ୟାନଚନ୍ଦ୍ର ମହାନ୍ତ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟଙ୍କଧର ମହାନ୍ତ, ଠାକୁରମୁଣ୍ଡା ବ୍ଲକ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ମଣ୍ଡଳ, ଜିପିଡିଓ ଯାଜ୍ଞପ୍ରଭା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବ୍ଲକର ୧୮ଟି ପଞ୍ଚାୟତରେ କାର୍ଯ୍ୟରତ ଏସଇଏମଙ୍କ ସମେତ ଜିପିଏଲଏଫ ଫେଡେରେସନର ସଭାପତି, ସମ୍ପାଦିକା, ଏମବିକେ ସିଆରପି ୱାଡ ମେମ୍ବରଙ୍କ ସମେତ ୫୦ଜଣ ଶିବିରରେ ଯୋଗଦେଇ ପ୍ରଶିକ୍ଷଣ ନେଇ ଥିଲେ।

## ଆୟୁର୍ବେଦିକ ଚିକିତ୍ସା ଶିବିର

କୁଆମରା, ୧୭।୧୦(ସମିସ): ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଜିଲ୍ଲା ପ୍ରଭାରୀ ଚିନୁ ଦାଶଙ୍କ ନେତୃତ୍ୱରେ ଗୋପବନ୍ଧୁ ନଗର ବ୍ଲକ ଜୟପୁର ପଞ୍ଚାୟତ ରାଇଡିହି ଓ କାଳିମେଘି ଗ୍ରାମରେ ମାଗଣା ଆୟୁର୍ବେଦିକ ଓ ପଞ୍ଚ୍ୟଗବ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଦୁଇଟି ଗ୍ରାମର ୬୫ଜଣ ବିଭିନ୍ନ ରୋଗର ଚିକିତ୍ସା ହୋଇଥିବା ବେଳେ ଡା. ସମ୍ପଦ କୁମାର ଜେନା ଓ ଆଲୋକ ମିଶ୍ର ଯୋଗଦେଇ ରୋଗୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ବ୍ଲକ ସଭାପତି ରବୀନ୍ଦ୍ର ପୁଥାଳ, ଭାଗିରଥି ଦେହୁରୀ, ଶରତ ଚନ୍ଦ୍ର ମୁର୍ମୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନର ଉପଖଣ୍ଡସ୍ତରୀୟ ବୈଠକ

କରଞ୍ଜିଆ, ୧୭।୧୦(ସମିସ): ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନର କରଞ୍ଜିଆ ଉପଖଣ୍ଡସ୍ତରୀୟ ବାର୍ଷିକ ବୈଠକ ସ୍ଥାନୀୟ ଡାକ୍ତରଖାନାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଉପଖଣ୍ଡ ଶାଖା ସମ୍ପାଦକ ଡା. ଗୌରାଙ୍ଗ ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଓଏମଏସଏ (ଓମଶା) ର ରାଜ୍ୟ ସମ୍ପାଦକ ଡା. ସଞ୍ଜୀବ ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ରାଜ୍ୟ କୋଷାଧ୍ୟକ୍ଷ ଡା. କ୍ଷୀରୋଦ ଚନ୍ଦ୍ର ପାଳ, ଉତ୍ତର ଜୋନର ସମ୍ପାଦକ ଡା. ଶୁଭ୍ରାଂଶୁ ପରିଡ଼ା, ଓଏସଡିଏମଓ ଡା. ନଗେନ୍ଦ୍ର ନାଥ ମହାପାତ୍ର ଯୋଗଦେଇ ମତବ୍ୟକ୍ତ କରିଥିଲେ। ବୈଠକରେ ୧୦ଦଫା ଦାବି ସମ୍ପର୍କରେ ଆଲୋଚନା କରାଯାଇ ପ୍ରସ୍ତାବ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଦାବିକୁ ସରକାର ତୁରନ୍ତ ଗ୍ରହଣ ନକରିଲେ ତାହାଲେ ଆଗାମୀ ୨୧ତାରିଖଠାରୁ ସମୂହ ଭାବେ କଳାପୋଷାକ ପରିଧାନ ଓ ଆସନ୍ତା ୩ ତାରିଖଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ (ଓପିଡି) କରାଯିବ। ତେବେ ଜରୁରୀ କାଳୀନ ଚିକିତ୍ସା ଚାଲୁ ରହିବ। ଶେଷରେ କରଞ୍ଜିଆ ଏସଡିଏମଓ ଡା. ନଗେନ୍ଦ୍ର ନାଥ ମହାପାତ୍ର ଯୋଗଦେଇଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ତମ୍ବାକୁ ବର୍ଜନ ଦିବସ

ବୈଶିଙ୍ଗା, ୧୭।୧୦(ସମିସ): ଅଁଳା ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବଶ୍ୱ ତମ୍ବାକୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଜିତ୍ କୁମାର ଜେନାଙ୍କ ମାର୍ଗଦର୍ଶନରେ ସମସ୍ତ ଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ପ୍ରାର୍ଥନା ସଭାରେ ଯୋଗଦେଇ ନିଶା ମୁକ୍ତ ଶପଥ ପାଠ କରିଥିଲେ। ପରେ ଆଲୋଚନାଚକ୍ର ଆୟୋଜିତ ହୋଇଥିବା ବେଳେ ସଫଳ ଉପସ୍ଥାପନା ପାଇଁ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଶୁଭବନ୍ତ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଶିକ୍ଷକ ଶୁଭାଶିଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବନବିଭାଗକୁ ସହଯୋଗ ପାଇଁ ଗ୍ରାମବାସୀଙ୍କ ବୈଠକ

ମହୁଲଡିହା, ୧୭।୧୦(ସମିସ): କରଞ୍ଜିଆ ବନଖଣ୍ଡ ସାତକୋଶିଆ ବନ୍ୟପ୍ରାଣୀ ଅଧୀନ ସାଳଚୁଆ ଓ ଧୁଡିବାହାଳି ଗ୍ରାମ ସଂଲଗ୍ନ ସଂରକ୍ଷିତ ଜଙ୍ଗଲର ସୁରକ୍ଷା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଧୁଡିବାହାଳି ବଡାମଶାଳରେ ବୈଠକ ଅନୁଷ୍ଠିତ ହୋଇଛି। ପ୍ରକାଶ ଥାଉ କି ସାତକୋଶିଆ ସଂରକ୍ଷିତ ଜଙ୍ଗଲରେ ୨୦୧୩, ୨୦୧୭ ଓ ୨୦୨୧ ମସିହାରେ ସଂରକ୍ଷଣ ପାଇଁ ବନବିଭାଗ ପକ୍ଷରୁ ପ୍ଲାଣ୍ଟେସନ ହୋଇଥିଲା। ନଦୀ ଖମଣ, ଗଳାପଥର, ମହାପାତ୍ର ଡାହି, ଡଙ୍ଗାଧର, ଭୋଲଖନ୍ଦି, ସଦାବିନ୍ଧା ଓ ସ୍ୱାମଗଡ଼ିଆ ପ୍ରାୟ ୧୭୫ ହେକ୍ଟର ଜଙ୍ଗଲରେ ଔଷଧୀୟ ଚାରାରୋପଣ ହୋଇଥିଲା। ସେଥିମଧ୍ୟରୁ ସଦା ବିନ୍ଧା ଓ ସ୍ୱାମଗଡ଼ିଆରେ ଏବେ ବାଲିଡିହା ପଟୁ ଲୋକେ ଆସି ଜଙ୍ଗଲ ହାଣି ସଫା କରୁଥିବା ସ୍ଥାନୀୟ ଲୋକେ ଦେଖି ଗ୍ରାମବାସୀଙ୍କୁ କହିଥିଲେ। ଏହାଶୁଣି ଗ୍ରାମର ତ୍ରିଶକ୍ତି ଯୁବକ ସଂଘ, ଦୋଳି ମା' ପାଟ ବୈଦ୍ୟ ସଂଘ ଓ ୫ଟି ଏସଏଚଜିର ମହିଳା ଧୁଡିବାହାଳି ବଡାମଶାଳରେ ଏକତ୍ରିତ ହୋଇ ୧୯ ତାରିଖ ଉଜୁଡା ଜଙ୍ଗଲର ସୁରକ୍ଷା ବନବିଭାଗ ସହିତ ସମସ୍ତେ ଜଙ୍ଗଲକୁ ଯାଇ ବନବିଭାଗକୁ ସହଯୋଗ କରିବେ ବୋଲି ସ୍ଥିର ହୋଇଛି।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ

ସାନକେରକୋ, ୧୭।୧୦(ସମିସ): ବଡ଼ସାହି ଗୋଷ୍ଠୀଶିକ୍ଷା ଅଧୀନସ୍ଥ ସାନକେରକୋ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ 'ସୁରଭି' ୨୦୨୫ କାର୍ଯ୍ୟକ୍ରମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାନକେରକୋ ପରସରରେ ଅନୁଷ୍ଠିତ ହୋଇଯାଇଛି। ସାନକେରକୋ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଶ୍ରୀରାମ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମର ଆୟୋଜକ ଥିବା ବେଳେ ସଭାପତି ତଥା ପ୍ରଧାନଶିକ୍ଷୟିତ୍ରୀ ତପସ୍ୱିନୀ ଗିରି, ସାନକେରକୋ କ୍ଲଷ୍ଟରର ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ଦୟାନିଧି ପ୍ରତିହାରୀ ଏବଂ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ପ୍ରଦୀପ କୁମାର ଦାସ ଉପସ୍ଥିତ ଥିଲେ। ନିମନ୍ତ୍ରିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିକାଶ ଚନ୍ଦ୍ର ମହାନ୍ତ, ସମାଜସେବୀ ଜିତେନ୍ ମହାନ୍ତ, ୱାର୍ଡମେମ୍ବର ପ୍ରଦୀପ ପ୍ରତିହାରୀ, ସ୍ୱାସ୍ଥ୍ୟକର୍ମୀ ସୁଜାତା ମହାନ୍ତ, ପ୍ରତାପପୁର ସିଆରସିସି ସଞ୍ଜୀବ କୁମାର ସାହୁ, ଯଦୁନାଥପୁର ସିଆରସିସି ଶାଙ୍ଖ କିସ୍କୁ ଏବଂ ଅବସରପ୍ରାପ୍ତ ଇଟମୁଣ୍ଡିଆ



ସିଆରସିସି ମାନସ ରଞ୍ଜନ ସୁତାର ପ୍ରମୁଖ ଉପସ୍ଥିତ ଥିଲେ। ୧୩ଟି ବିଦ୍ୟାଳୟର ସମୁଦାୟ ୧୯୩ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ 'ତମାଖୁ ବର୍ଜନ ଶପଥ' ଏବଂ 'ହାତ ଧୁଆ' ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

**କୁଳିଅଣା:** କୁଳିଅଣା ବ୍ଲକରେ କଷ୍ଟରସ୍ତରୀୟ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମ 'ସୁରଭି' ପାଳିତ ହୋଇଯାଇଛି। ଚାନ୍ଦୁଆ ସ୍ଥିତ ସରକାରୀ କେଜିଭିବି ଉଚ୍ଚ ବିଦ୍ୟାଳୟରେ ଆୟୋଜନ ହୋଇଥିବା ବେଳେ ପ୍ରଥମ ଅଧ୍ୟାୟରେ ପ୍ରଧାନଶିକ୍ଷୟିତ୍ରୀ ଆରୁଷ୍ଟ ମଣି ବାସ୍କେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସ୍କୁଲ ସଭାପତି ବିଜୟ ସିଂ ଯୋଗଦେଇ କ୍ରାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ



ପ୍ରଧାନଶିକ୍ଷୟିତୀ ଆରୁଷ ମଣି ବାସ୍କେ, ସଭାପତି ଭାବେ ସିଆରସିସି ପ୍ରଦୀପ କୁମାର ଧଳ, ଶିକ୍ଷକ ଦୀପକ ବାରିକ, ରମେଶ ବେହେରା, ଜଗନ୍ନାଥ ରଣା ଉପସ୍ଥିତ ଥିଲେ। ୧୨ଟି କଷ୍ଟର ସ୍କୁଲ ପିଲାମାନେ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୀତ, ପ୍ରବନ୍ଧ, ଖେଳ କାର୍ଯ୍ୟ ଏବଂ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚାନ୍ଦୁଆ କେଜିବିଭି ସୁଲ ପ୍ରଥମ ସ୍ଥାନ ଅଧିକାର କରିବା ସହ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

**ବେତନଟୀ/ବୈଶିଙ୍ଗା:** ସଠିଲୋ କ୍ଲଷ୍ଟର ଆଞ୍ଚଳିକ ସାଧାରଣ କର୍ମୀ ସଞ୍ଜୟ କୁମାର ପଣ୍ଡିତଙ୍କ ସଭାପତିତ୍ୱରେ ସରକାରୀ ଉପ୍ରା ବିଦ୍ୟାଳୟ ସଠିଲୋରେ




'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପ୍ଳବ କର ମୁଖ୍ୟଅତିଥି ଭାବେ ଯୋଗଦେବା ସହିତ ପ୍ରାକ୍ତନ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ଜୟଚନ୍ଦ୍ର ଦାସ ମଞ୍ଚ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। ସଠିଲୋ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ବର୍ଗର ୯ଟି, କନିଷ୍ଠ ବର୍ଗର ୯ଟି ଏବଂ ଏଫଏଲଏନ ବର୍ଗର (ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର) ୧୨ଟି ବିଭାଗରେ ପ୍ରତିଯୋଗିତା କରାଯାଇଥିଲା। ମୋଟ ୯୦ଜଣ ପ୍ରତିଯୋଗୀ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସଠିଲୋ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଦଳଗତ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରାକ୍ତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ ମୁଖ୍ୟଅତିଥି ଭାବରେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ଜୟଚନ୍ଦ୍ର ଦାସ, ରଶ୍ମିତା ଭୂୟାଁ, କମଳାକାନ୍ତ ସିଂ, ବୈରାଗୀ ମହାନ୍ତ, ନରହରି ମହାନ୍ତ, ହରିଷ୍ଚନ୍ଦ୍ର ତୁଙ୍ଗ, ଅନନ୍ୟା ପାଢ଼ୀ, ଆକାଶ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

**ବୈଶିଙ୍ଗା:** ବୈଶିଙ୍ଗା ଥାନା ଅଧୀନ ବଡଛୁରୁଣୀ ସ୍ଥିତ ପଦ୍ମଲୋଚନ ହାଇସ୍କୁଲରେ ଛଚିନାପଦା କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇଯାଇଛି। ମୁଖ୍ୟଅତିଥି ଭାବେ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର ଯୋଗଦେଇଥିଲେ। ଛଚିନାପଦା କ୍ଲଷ୍ଟରର ସିଆରସିସି ପ୍ରଦୀପ କୁମାର ଦାସ ସଂଯୋଜନା କରିଥିଲେ। ପଦ୍ମଲୋଚନ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ତପସ୍ୱିନୀ ବେହେରା ମଞ୍ଚାସିନ ଥିଲେ। ଜଗଦୀଶ ମହାନ୍ତ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଧାଂଶୁ ସାହୁ କୁନି କୁନି ପିଲାମାନଙ୍କୁ ନେଇ ପ୍ରତିଯୋଗିତା ପରିଚାଳନା କରିଥିଲେ। ପ୍ରଫୁଲ୍ଲ ବେହେରା, ଉଦୟନାଥ ବେହେରା, ରୁକ୍ମଣୀ ଗିରି ଏବଂ ଚକ୍ରଧର ସେଠୀ ଏବଂ ଆୟୋଜକ ପଦ୍ମଲୋଚନ ହାଇସ୍କୁଲର ଦୁଇଜଣ ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ଖୁଣ୍ଟା:** ଖୁଣ୍ଟା ବ୍ଲକଅଧୀନସ୍ଥ ୧୦ଟି ବିଦ୍ୟାଳୟକୁ ନେଇ ସରକାରୀ ଉଚ୍ଚ ବିଦ୍ୟାଳୟ, ଧାନଘେରାଠାରେ ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜିକା ସୁକାନ୍ତି ସାହୁଙ୍କ ଆୟୋଜନାରେ ଶିଶୁ ମହୋତ୍ସବ 'ସୁରଭି' ପାଳିତ ହୋଇଛି। କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନକେନ୍ଦ୍ର, ଖୁଣ୍ଟାର ସଂଯୋଜକ ବୃନ୍ଦାବନ ମାଣ୍ଡି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଧାନଘେରା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ କୁମାର ଛାଟିଆ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବୃନ୍ଦାବନ ମାଣ୍ଡି, ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷକ ବ୍ରଜକିଶୋର ମହାନ୍ତି ଓ ବିଦ୍ୟାଳୟର ଚେୟାରମ୍ୟାନ ଯୋଗେଶ୍ୱର ପରିଡ଼ା ଯୋଗଦେଇଥିଲେ। ନରେନ୍ଦ୍ରନାଥ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ୧୦ଟି ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସୁକାନ୍ତି ସାହୁ, ଜୟନ୍ତ କୁମାର ଛାଟିଆଙ୍କ ସହିତ ଅତିରିକ୍ତ



ଗୋଷ୍ଠୀ ଶିକ୍ଷାଧିକାରୀ ଅଞ୍ଜଳି ମହାନ୍ତ ପୁରସ୍କାର ବିତରଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। 'ସୁରଭି' କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଅଞ୍ଜଳି ମହାନ୍ତ କାର୍ଯ୍ୟକ୍ରମକୁ ଉଦ୍‌ଯାପନ କରିଥିଲେ।

**ସାରସକଣା:** ସାରସକଣା ବ୍ଲକ ଅଧୀନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମୁରୁଣିଆଠାରେ ମୁରୁଣିଆ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ



ହୋଇଯାଇଛି। ମୁଖ୍ୟଅତିଥି ଭାବରେ ମୁରୁଣିଆ ପଞ୍ଚାୟତର ସରପଞ୍ଚ ବିରଞ୍ଚି ନାରାୟଣ ନାଏକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ ସୁଜାତା ରାଣୀ ସିଂ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ଗିରି, ମୁଖ୍ୟବକ୍ତା, ପି.କରଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମରଞ୍ଜନ ପରିଡ଼ା, ଅବସରପ୍ରାପ୍ତ ଶିକ୍ଷକ ଜଗଦୀଶ ଜେନା ଓ ସୁଶାନ୍ତ କୁମାର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଆୟୋଜିତ ବିଦ୍ୟାଳୟର ଛାତ୍ରୀମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। କ୍ଲଷ୍ଟରର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ପ୍ରଶାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

**କପ୍ତିପଦା:** ଶାଳଚୁଆ କ୍ଲଷ୍ଟରରେ୧୨ଟି ବିଦ୍ୟାଳୟକୁ ନେଇ ଶିଶୁ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୦୦ ଜଣ ଛାତ୍ରଛାତ୍ରୀ



ଭାଗ ନେଇଥିଲେ। ସିଆରସିସି ଦଶରଥ ମୁର୍ମୁ, ପରିତୋଶ ମହାକୁଡ, ଅର୍ଚ୍ଚନା ପଣ୍ଡା, ପ୍ରଦୀପ ବେହେରା ଓ ରାଜକିଶୋର ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ସିଂ, ମୁଖ୍ୟବକ୍ତା ଭାବେ ଶ୍ରୁତିମୟୀ ଦାସ ଯୋଗଦେଇଥିଲେ। ମୋଟ ୭୫ ଜଣ ପିଲାଙ୍କୁ ପୁରସ୍କୃତ କରାଯାଇଥିଲା। ରାଜକିଶୋର ସାର୍ ସଭା ପରିଚାଳନା କରିଥିଲେ ଓ ଅନ୍ୟମାନେ ସହଯୋଗ କରିଥିଲେ।

**ପ୍ରତାପପୁର:** ବଡ଼ସାହି ଗୋଷ୍ଠୀଶିକ୍ଷା ଅଧୀନସ୍ଥ ପ୍ରତାପପୁର ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ସରକାରୀ ପ୍ରାଥମିକ ବିଦ୍ୟାଳୟ



ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତାପପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସଞ୍ଜୀବ କୁମାର ସାହୁ କାର୍ଯ୍ୟକ୍ରମର ଆୟୋଜକ ଥିବାବେଳେ ସଭାପତି ପ୍ରଧାନଶିକ୍ଷୟିତ୍ରୀ ପାର୍ବତୀ ନାଏକ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ ମାଧପୁରର ପ୍ରଧାନଶିକ୍ଷକ ରବୀନ୍ଦ୍ର ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥିଭାବେ ଦଧିବାମନ ଜୀଉ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ଭାରତୀ ବାରିକ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହେମନ୍ତ ରଣା, ସମାଜସେବୀ ଭବାନୀ ଶଙ୍କର ବେହେରା, ସାନକେରକୋ ସିଆରସିସି ରାମଚନ୍ଦ୍ର ବେହେରା, କମଳାଶୋଳ ସିଆରସିସି ସୁନୀଲ ମହାନ୍ତ ଓ ଯଦୁନାଥପୁର ସିଆରସିସି ଶାଙ୍ଖ କିସ୍କୁ ପ୍ରମୁଖ ଯୋଗଦେଇଥିଲେ। ୧୨ଟି ବିଦ୍ୟାଳୟର ୧୬୮ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ 'ତମାଖୁ ବର୍ଜନ ଶପଥ' ଏବଂ 'ହାତ ଧୁଆ' ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷକ ସୁବ୍ରତ କିଶୋର ଆଚାର୍ଯ୍ୟ ଓ ରଞ୍ଜନ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ସ୍ୱରୂପ ଅଧିକାରୀ, ରାଜକିଶୋର ପାଣିପାତ୍ର, ମହେଶ୍ୱର ମହାନ୍ତ, ବିଜୟ କୁମାର ଗିରି, ଶିକ୍ଷୟିତ୍ରୀ ରତ୍ନାବତୀ ନାୟକଙ୍କ ପ୍ରମୁଖ ସହଯୋଗ କରିଥିଲେ।





ସକାଳ
THE SAKALA
www.sakalaepaper.com

# ପ୍ରଥମ ଉଡ଼ାଣ ଭରିଲା ସ୍ୱଦେଶୀ ତେଜସ୍



ନାସିକ୍, ୧୭ ।୧୦(ଏଜେନ୍ସି): ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଲଢୁଆ ବିମାନ ତେଜସ ଶୁକ୍ରବାର ତା'ର ପ୍ରଥମ ଉଡ଼ାଣ ଭରିଛି । ଭାରତୀୟ ବାୟୁସେନାକୁ ମାର୍କ-୧ଏ ଲଢୁଆ ବିମାନ ଉପଲବ୍ଧ କରାଇବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ (ହାଲ୍) ମହାରାଷ୍ଟ୍ରର ନାସିକ୍‌ରେ ତୃତୀୟ ପ୍ରଡକସନ ଲାଇନ୍ ଆରମ୍ଭ କରିଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହାର ଉଦ୍‌ଘାଟନ କରିଛନ୍ତି । ନାସିକର ଓଝାରରେ ନିର୍ମିତ ଏହି ଲାଇଟ୍ କମ୍ବାକ୍ଟ ବିମାନ ତେଜସ ପ୍ରଥମଥର ପାଇଁ ଆକାଶରେ ଉଡିଛି । ଏହି ପ୍ରଡକ୍ସନ ଲାଇନ୍ ଜରିଆରେ ବାୟୁସେନାକୁ ୨୦୩୨-୩୩ ସୁଦ୍ଧା ୧୮୦ଟି ତେଜସ୍ ବିମାନ ଉପଲବ୍ଧ କରାଯିବା ଲକ୍ଷ୍ୟ ରଖାଯାଇଛି । ଏବେ ଏଠାରେ ପ୍ରତିବର୍ଷକ ୮ଟି ଫାଇଟର ଜେଟ୍ ନିର୍ମାଣ କରାଯାଉଛି । ଏହାକୁ ବଢ଼ାଇ ୧୦ରେ କରାଯିବ ବୋଲି କୁହାଯାଇଛି । ବାୟୁସେନା ପାଇଁ ତେଜସ୍ ବିମାନ ନିର୍ମାଣ କରୁଥିବା ହାଲକୁ ଗତ ସେପ୍ଟେମ୍ବରରେ ଆମେରିକା ଚତୁର୍ଥ ଇଞ୍ଜିନ ପଠାଇଥିଲା । ଏହି ଜେଟ୍ ବିମାନର ଡେଣାରେ ୯ଟି ସ୍ଥାନରେ ମିସାଇଲ ଖଞ୍ଜା ଯାଇପାରିବ ଓ ଏହା ହିଁ ଏହି ବିମାନର ସ୍ୱତନ୍ତ୍ରତା । ପ୍ରତ୍ୟେକ ତେଜସ୍ ମାର୍କ-୧ଏ ବିମାନର ମୂଲ୍ୟ ୬୦୦ କୋଟି ଟଙ୍କା ବୋଲି କୁହାଯାଇଛି । ଏହାର ଗତି ଘଣ୍ଟାପ୍ରତି ୨୨୦୫ କିମି । ଏହା ଶବ୍ଦର ଗତିଠାରୁ ଦୁଇଗୁଣା ବେଗରେ ଗତି କରିପାରିବ ।

# ପାକ୍ ସେନା ଶିବିରରେ ଆକ୍ରମଣ; ୭ ସୈନ୍ୟ ମୃତ



ଇସଲାମାବାଦ୍, ୧୭ ।୧୦(ଏଜେନ୍ସି): ପାକିସ୍ତାନର ନର୍ଥ ୱାଜିରସ୍ଥାନର ମୀର ଅଲି ଅଞ୍ଚଳରେ ଏକ ସେନା ଶିବିର ଉପରେ ଆତ୍ମଘାତୀ ଆକ୍ରମଣ ହୋଇଛି । ଏଥିରେ ୭ ପାକିସ୍ତାନ ସୈନ୍ୟ ମୃତ୍ୟୁବରଣ କରିଥିବା ବେଳେ ୧୩ ଜଣ ଲୋକ ଆହତ ହୋଇଛନ୍ତି । ତେବେ ଏହି ଆକ୍ରମଣରେ ଆମର କୌଣସି ସୈନିକ ମୃତାହତ ହୋଇନାହାନ୍ତି ବୋଲି ଅଧିକାରୀମାନେ ଦାବି କରିଛନ୍ତି । ଆକ୍ରମଣ କରିଥିବା ୪ ଜଣ ଉଗ୍ରବାଦୀ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି । ଜଣେ ଉଗ୍ରବାଦୀ ବିସ୍ଫୋରକ ଭର୍ତ୍ତି ଥିବା ଏକ ଗାଡିକୁ ଆଣି ସେନା ଶିବିର ପାଚେରୀରେ ଧକ୍କା ଦେଇଥିଲା । ଏହାପରେ ଅନ୍ୟ ୩ଜଣ ଶିବିର ମଧ୍ୟକୁ ପ୍ରବେଶ କରିବାକୁ ପ୍ରୟାସ କରିଥିଲେ । କିନ୍ତୁ ଏମାନେ ଜାବାବି କର୍ଯ୍ୟାନୁଷ୍ଠାନରେ ମୃତ୍ୟୁବରଣ କରିଥିଲେ । ଉଗ୍ରବାଦୀଙ୍କୁ ସଫଳତାର ସହ ମୁକାବିଲା କରିଥିବାରୁ ପାକିସ୍ତାନ ଗୃହମନ୍ତ୍ରୀ ମୋହସିନ ନକ୍‌ବୀ ସେନାକୁ ପ୍ରଶଂସା କରିଛନ୍ତି । ଗତକିଛି ଦିନ ହେବ ଉତ୍ତର ୱାଜରିସ୍ଥାନରେ ଉଗ୍ରବାଦୀଙ୍କ ଆକ୍ରମଣ ବୃଦ୍ଧି ପାଇଛି । ଫଳରେ ଏହି ଅଞ୍ଚଳରେ ସତର୍କତା ବୃଦ୍ଧି କରାଯିବା ସହ ସୁରକ୍ଷାବଳକୁ ନିୟୋଜିତ କରାଯାଇଛି । ଏହି ଆକ୍ରମଣ ପଛରେ ତେହରିକ-ଇ-ତାଲିବାନ ପାକିସ୍ତାନ(ଟିଟିପି)ର ହାତ ରହିଛି ବୋଲି କୁହାଯାଇଛି । ଗତ ୩ ମାସ ମଧ୍ୟରେ ପାକିସ୍ତାନରେ ଆତଙ୍କବାଦୀ ଅକ୍ରମଣରେ ଯଥେଷ୍ଟ ବୃଦ୍ଧି ପାଇଛି ।

## ସର୍ଭେକୁ ଭୁଲ ବୁଝିଛନ୍ତି ମୂର୍ତ୍ତି ଦମ୍ପତି: ସିଦ୍ଧରମେୟା

ବେଙ୍ଗାଲୁରୁ, ୧୭ ।୧୦(ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଇନ୍‌ଫୋସିସ୍ ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତି ଓ ତାଙ୍କ ପତ୍ନୀ ସୁଧା ମୂର୍ତ୍ତି ରାଜ୍ୟରେ ଚାଲିଥିବା ସର୍ଭେରେ ସାମିଲ ହେବାକୁ ମନା କରିବା ପରେ ପ୍ରତିକ୍ରିୟା ଦେଇଛନ୍ତି । ସର୍ଭେକୁ ନେଇ ମୂର୍ତ୍ତି ଦମ୍ପତି ଭୁଲ ବୁଝିଛନ୍ତି ବୋଲି ସେ ଶୁକ୍ରବାର କହିଛନ୍ତି । ରାଜ୍ୟର ୭ କୋଟି ଜନତା ପାଇଁ ଏହି ସର୍ଭେ କରାଯାଉଛି ବୋଲି ୨୦ଥର କହିସାରିଛି । ତଥାପି ଯଦି କେହି ବୁଝି ନପାରୁଛନ୍ତି, ତାହେଲେ କ'ଣ କରିପାରିବି ବୋଲି ସେ ପ୍ରଶ୍ନ କରିଛନ୍ତି । କେବଳ ପଛୁଆ ବର୍ଗ ପାଇଁ ଏହି ସର୍ଭେ କରାଯାଉ ନାହିଁ । ଏହା ସମାଜର ସବୁ ବର୍ଗଙ୍କ ପାଇଁ ଉଦିଷ୍ଟ । ଏହା ଏକ ସାମାଜିକ- ଆର୍ôଥକ ଓ ଶିକ୍ଷଣିକ ସର୍ଭେ । ବାରମ୍ବାର ବୁଝାଇବା ସତ୍ତ୍ୱେ କିଛି ଲୋକ ଏହି ସର୍ଭେକୁ ଭୁଲ ବୁଝୁଛନ୍ତି । ତେଣୁ ମୂର୍ତ୍ତି ଦମ୍ପତି ଏହାକୁ ଭଲ ଭାବେ ହୃଦୟଙ୍ଗମ କରିବା ଉଚିତ ବୋଲି ସେ ସ୍ପଷ୍ଟ କରିଛନ୍ତି । ପୂର୍ବରୁ ମୂର୍ତ୍ତି ଦମ୍ପତି ଏହି ସର୍ଭେ ପାଇଁ ଉଦିଷ୍ଟ ଫର୍ମ ପୂରଣ କରିବାକୁ ମନା କରିଦେଇଥିଲେ । ଆମେ କୌଣସି ପଛୁଆ ବର୍ଗ ସହିତ ଜଡିତ ନୁହଁ, ତେଣୁ ଏହି ସର୍ଭେରେ ଭାଗ ନେବାକୁ ଚାହୁଁ ନାହୁଁ ବୋଲି ସୁଧା ମୂର୍ତ୍ତି କହିଥିଲେ ।

## ଇଞ୍ଜିନିୟରିଂ କଲେଜ୍‌ରେ ଛାତ୍ରୀଙ୍କୁ ଦୁଷ୍କର୍ମ: ଅଭିଯୁକ୍ତ ସହପାଠୀ ଗିରଫ୍

ବେଙ୍ଗାଲୁରୁ, ୧୭ ।୧୦(ଏଜେନ୍ସି): ବେଙ୍ଗାଲୁରୁସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜ କ୍ୟାମ୍ପସ୍‌ରେ ଜଣେ ଛତ୍ରୀଙ୍କୁ ଦୁଷ୍କର୍ମ କରାଯାଇଥିବାର ଘଟଣା ସାମ୍ନାକୁ ଆସିଛି । ପୁଲିସ ଏହି ମାମଲରେ କଲେଜର ଅନ୍ୟଜଣେ ଛାତ୍ର ଜୀବନ ଗୌଡ଼ାଙ୍କୁ ଗିରଫ କରିଛି । ଅଭିଯୁକ୍ତ ସେହି କଲେଜରେ ଷଷ୍ଠ ସେମିଷ୍ଟାରର ଛାତ୍ର ଓ ପୀଡିତା ସପ୍ତମ ସେମିଷ୍ଟାରରେ ଛାତ୍ରୀ ବୋଲି ପୁଲିସ କହିଛି । ଅକ୍ଟୋବର ୧୦ ତାରିଖ ଅପରାହ୍ଣ ସାଢ଼େ ଗୋଟେରୁ ୧.୫୦ ମଧ୍ୟରେ ଘଟଣା ଘଟିଥିଲା । କିନ୍ତୁ ଛାତ୍ରୀ ଜଣକ ୫ ଦିନ ପରେ ଅର୍ଥାତ ୧୫ ତାରିଖରେ ଏଫ୍‌ଆଇଆର ଦାଏର କରିଥିଲେ । ଅଭିଯୁକ୍ତ କଲେଜର ସପ୍ତମ ମହଲାରେ ଭେଟିବାକୁ ଡାକିଥିଲେ । ସଠାରେ ସେ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର କରିଥିଲେ । ଛାତ୍ରୀଜଣକ ଷଷ୍ଠ ମହଲାକୁ ଚାଲିଯାଇଥିଲେ । ଅଭିଯୁକ୍ତ ପିଛା କରି ଛାତ୍ରୀଙ୍କୁ ପୁରୁଷ ଟଏଲେଟ୍‌କୁ ଟାଣି ନେବା ସହ ଦ୍ୱାର ବନ୍ଦ କରି ଦୁଷ୍କର୍ମ କରିଥିଲେ ବୋଲି ଛାତ୍ରୀ ଏଫ୍‌ଆଇଆର୍‌ରେ ଉଲ୍ଲେଖ କରିଛନ୍ତି । ଦୁହେଁ ସାଥି ହୋଇ ପଢୁଥିଲେ । କିନ୍ତୁ ଷଷ୍ଠ ସେମିଷ୍ଟାରରେ ଅଭିଯୁକ୍ତ ଫେଲ୍ ହୋଇଥିଲେ । କଲେଜର ସପ୍ତମ ମହଲାରେ ସିସିଟିଭି କ୍ୟାମେରା ଲଗାଯାଇନାହିଁ । ପୁଲିସରେ ଅଭିଯୋଗ କରିବାକୁ ଛାତ୍ରୀ ଦ୍ୱିଧାବୋଧ କରୁଥିଲେ । ସେ ଏହି ଘଟଣା ନିଜ ପତାମାତାଙ୍କୁ ଜଣାଇବା ପରେ ସେ ହନୁମନ୍ତନଗର ଥାନାରେ ଅଭିଯୋଗ କରିଥିଲେ ।

## ପୂର୍ବତନ ଆମେରିକା ଏନ୍‌ଏସ୍‌ଏଙ୍କ ବିରୋଧରେ ୧୮ ମାମଲା

ୱାଶିଂଟନ୍, ୧୭ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ଜାତୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଭାବେ କାର୍ଯ୍ୟ କରିଥିବା ଜନ୍ ରବର୍ଟ ବୋଲ୍ଟନଙ୍କ ବିରୋଧରେ ଗୋପନୀୟ ସୂଚନାର ଅନୈତିକ ବ୍ୟବହାର ଓ ଏହାକୁ ଲିକ୍ କରିବା ପାଇଁ ମାମାଲା ରୁଜୁ ହୋଇଛି । ଜାତୀୟ ସୁରକ୍ଷା ସହିତ ଜଡ଼ିତ ଗୋପନୀୟ ତଥ୍ୟ ତଥା ସୂଚନା ସେୟାର କରିବା କାରଣରୁ ଓ ୮ ଗୋପନୀୟ ଦସ୍ତାବିଜ ନିଜ ପାଖରେ ରଖିବା କାରଣରୁ ୧୦ଟି ଅଭିଯୋଗ କରାଯାଇଛି । ବୋଲ୍ଟନ ଟ୍ରମ୍ପ ପ୍ରଶାସନ ପାଇଁ କାର୍ଯ୍ୟ କରୁଥିବା ବେଳେ ନିଜ ଗତିବିଧିର ନୋଟ୍ସ ଓ ଡାଏରୀ ଏଣ୍ଟ୍ରିଜ୍ ଆମେରିକା ଅନ୍‌ଲାଇନ୍ (ଏଓଏଲ୍)ରେ ସେଭ୍ କରିଥିଲେ । ଏଥିରେ ଜାତୀୟ ସୁରକ୍ଷା ସହିତ ଜଡିତ କେତୋଟି ସମ୍ବେଦନଶୀଳ ତଥ୍ୟ ସାମିଲ ରହିଥିଲା । ଏହାକୁ ସେ ନିଜକୁ ଓ ନିଜର ପରିବାର ସଦସ୍ୟଙ୍କୁ ମଧ୍ୟ ମେଲ୍ କରିଥିଲେ ବୋଲି ଯାଞ୍ଚ୍ ଏଜେନ୍ସିଗୁଡିକ ତରଫରୁ କୁହାଯାଇଛି । ୭୬ ବର୍ଷୀୟ ବୋଲ୍ଟନ ଯଦି ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ତାଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ହୋଇପାରେ ବୋଲି କୁହାଯାଇଛି ।

### ବିହାରରେ ସରିଲା ପ୍ରଥମ ପର୍ଯ୍ୟାୟ ପ୍ରାର୍ଥିପତ୍ର ଦାଖଲ

# ମହାମେଣ୍ଟରେ ହୋଇପାରିଲାନି ଆସନ ବୁଝାମଣା



ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ ଶେଷ ହୋଇଛି । କ୍ଷମତାସୀନ ମେଣ୍ଟ ଏନ୍‌ଡିଏ ଆସନ ବୁଝାମଣା କରି ନିର୍ବାଚନ ପାଇଁ ଜୋରସୋରରେ ପ୍ରସ୍ତୁତି କରୁଥିବାବାଳେ ବିରୋଧୀ ମେଣ୍ଟ ଇଣ୍ଡିଆରେ କେଁ ଲାଗି ରହିଛି । ଏ ପର୍ଯ୍ୟନ୍ତ ଏହି ମହାମେଣ୍ଟର ସହଯୋଗୀଙ୍କ ମଧ୍ୟରେ ଆସନ ଚୂଡ଼ାନ୍ତ ହୋଇପାରିନାହିଁ । ତେବେ ପ୍ରମୁଖ ଦଳ କଂଗ୍ରେସ ଏବଂ ଆରଜେଡି ପରସ୍ପରର ଆସନରେ ନିଜ ପ୍ରାର୍ଥୀଙ୍କୁ ଟିକେଟ ଦେବା ଆରମ୍ଭ କରିଦେଇଛନ୍ତି । ଏହା ମେଣ୍ଟରେ ନୂଆ ବିବାଦ ସୃଷ୍ଟି କରିଛି । ଦଳମାନଙ୍କ ମଧ୍ୟରେ ସବୁ କିଛି ଠିକ୍ ନାହିଁ ବୋଲି ଏଥିରୁ ସ୍ପଷ୍ଟ ହେଉଛି । ଦୀର୍ଘ ଦିନ ହେଲା ଏକାଠି ପ୍ରଚାର କରୁଥିବା ଆରଜେଡି ନେତା ତେଜସ୍ୱୀ ଯାଦବ ଏବଂ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଫାଇନାଲ ମ୍ୟାଚ୍ ପୂର୍ବରୁ ବି ଖେଳାଳି ଧାର୍ଯ୍ୟ କରିପାରିନାହାନ୍ତି । ଏହା ମହାମେଣ୍ଟ ପାଇଁ ଝଟ୍‌କା ସାବ୍ୟସ୍ତ ହୋଇପାରେ ବୋଲି କୁହାଯାଉଛି । ଅନ୍ୟପଟେ ଏନ୍‌ଡିଏ ଆସନ ବଣ୍ଟନ ସାରି ପ୍ରଚାରପ୍ରସାର ଜୋରସୋରରେ ଲାଗିପଡ଼ିଛି । ଏହି କ୍ରମରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଆସନ ବଣ୍ଟନକୁ ନେଇ ଅସନ୍ତୁଷ୍ଟ ଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି । ଏଠାରୁ ବାହାରିବା ପରେ ନୀତୀଶଙ୍କ ନେତୃତ୍ୱାରେ ହିଁ ଦଳ ନିର୍ବାଚନ ଲଢ଼ିବ ବୋଲି କହିଛନ୍ତି ।

ଅନ୍ୟପକ୍ଷରେ ବିରୋଧୀଙ୍କ ମହାମେଣ୍ଟରେ ଆସନ ବଣ୍ଟନକୁ ନେଇ ଏବେ ବି ଟଣାଓଟରା ଜାରି ରହିଛି । କିଏ କେଉଁ ଆସନରୁ ଲଢ଼ିବ ତାହାକୁ ନେଇ ଚାଲିଥିବା କଳି ତୁଟି ପାରୁନି । ଏହି ନିର୍ବାଚନ ପାଇଁ ଦୁଇ ଦଳ କିଛି ଆସନରେ ପ୍ରାର୍ଥୀ ଘୋଷଣା କରି ସାରିଥିଲେ ବି ବୁଝାମଣା ନେଇ ଆଲୋଚନା ଜାରି ରହିଛି । ଶେଷ ସମୟରେ ଦୁଇ ଦଳ ନାମାଙ୍କନ ପ୍ରତ୍ୟାହାର କରି ଜଣେ ଅନ୍ୟ ଜଣଙ୍କୁ ସମର୍ଥନ ଦେଇପାରନ୍ତି ବୋଲି କୁହାଯାଉଛି । ଏହି ବିବାଦ ଏନ୍‌ଡିଏକୁ ବଳ ଯୋଗାଉଛି । ମହାମେଣ୍ଟ ଅଡୁଆକୁ ନେଇ ଦଳୀୟ ନେତାଙ୍କ ସହିତ ଲୋକଙ୍କ ମଧ୍ୟରେ ସଂଶୟ ବଢ଼ିବାରେ ଲାଗିଛି । ଏହି ଆଲୋଚନାରେ ଜଡ଼ିତ କଂଗ୍ରେସ ନେତା କହ୍ନେୟା କୁମାର କହିଛନ୍ତି ଯେ ବେଗ ଅପେକ୍ଷା ସହଯୋଗ ଜରୁରୀ । ବୁଝାମଣା ପାଇଁ ସମୟ ଦରକାର । ଖୁବଶୀଘ୍ର ଆସନ ବଣ୍ଟନ ଘୋଷଣା କରାଯିବ । ସେହପରି ପବନ ଖେଡ଼ା କହିଛନ୍ତି ଯେ ବୁଝାମଣା ନେଇ ଆଲୋଚନା ଜାରି ରହିଛି । ଚିହ୍ନ ବଣ୍ଟା ସରିଯାଇଛି । ପ୍ରାର୍ଥୀମାନେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି । ଖୁବଶୀଘ୍ର ସ୍ଥିତି ସ୍ପଷ୍ଟ ହୋଇଯିବ ଏବଂ ବିଜୟୀ ହୋଇ ମହାମେଣ୍ଟ ହିଁ ସରକାର ଗଠନ କରିବ । ତେଣୁ ଆସନ ବଣ୍ଟନକୁ ନେଇ ବିଜେପି ଚିନ୍ତା କରିବାର ଆବଶ୍ୟକତା ନାହିଁ ।

୨୦୨୦ ଅପେକ୍ଷା ଚଳିତ ଥର ମହାମେଣ୍ଟ ପରିବାର ବଡ଼ ହୋଇଯାଇଛି । ଏଥିରେ ସିପିଆଇ (ଏମଏଲ), ସିପିଆଇ, ସିପିଆଇ (ଏମ) ଏବଂ ମୁକେଶ ସାହାନୀଙ୍କ ଭିଆଇପି ସାମିଲ ହୋଇଛି । ଜେଏମଏମ ସହ ମଧ୍ୟ ଚର୍ଚ୍ଚା ଜାରି ରହିଛି । ଏତେ ଦଳ ସାମିଲ ହୋଇଥିବାରୁ କିଏ କେଉଁଠୁ ଆଉ କେତେ ଆସନରେ ଲଢିବ ତାହାର ନିଷ୍ପତ୍ତି ସହଜରେ ହୋଇପାରୁ ନାହିଁ । ଏହା ସହିତ ଆରଜେଡିର କ୍ଷମତା ବୃଦ୍ଧି କରିବାକୁ କଂଗ୍ରେସ ଚାହୁଁନାହିଁ । ଏହି ଦଳ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଦେଖାଇବାକୁ ଅନିଚ୍ଛା ପ୍ରକାଶ କରିସାରିଛି । ଏହାରି ମଧ୍ୟରେ କଂଗ୍ରେସ ଧୈର୍ଯ୍ୟ ଏବଂ ମନୋବଳ ପ୍ରଦର୍ଶନ କରି ୪୮ ଆସନରେ ପ୍ରାର୍ଥୀ ଦେଇଛି । ପ୍ରଦେଶ ଅଧ୍ୟକ୍ଷ ରାଜେଶ ରାମଙ୍କୁ କୁଟୁମ୍ବା, ସିଏଲବି ନେତା ସକିଲ ଅହମ୍ମଦ ଖାନଙ୍କୁ କଡୱା ଏବଂ ଯୁବ କଂଗ୍ରେସ ମୁଖ୍ୟ ଗରିବ ଦାସଙ୍କୁ ବଛୱାରାରୁ ପ୍ରାର୍ଥୀ କରାଯାଇଛି । ତେବେ ସିପିଆଇର ଅବଧେଶ ରୟ ବଛୱାରାରୁ ବି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଏହା ମହାମେଣ୍ଟର ଏକତା ପାଇଁ କଣ୍ଟା ସାବ୍ୟସ୍ତ ହୋଇଛି । କିନ୍ତୁ ଆସନ ଚୂଡ଼ାନ୍ତ ହୋଇଗଲା ପରେ ଅନ୍ୟ ଦଳର ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିପାରନ୍ତି । ସୂଚନା ଅନୁଯାୟୀ ଆରଜେଡି କଂଗ୍ରେସକୁ ୬୧ ଆସନ ଦେବା ପାଇଁ ରାଜି ହୋଇଛି । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ଗୁରୁବାର ପ୍ରାର୍ଥିପତ୍ର ଦାଖଲ ଶେଷ ହେବ । ତେଣୁ ଏହା ପୂର୍ବରୁ ମେଣ୍ଟରେ ଆସନ ଚୂଡ଼ାନ୍ତ ହୋଇପାରେ ।

### ଗୁଜରାଟରେ ତିନି ବର୍ଷରେ ବଦଳିଲା ସମ୍ପୂର୍ଣ୍ଣ କ୍ୟାବିନେଟ

## ରିଭାଭାଙ୍କ ସମେତ ଶପଥନେଲେ ୨୬ ମନ୍ତ୍ରୀ



ଗାନ୍ଧୀନଗର, ୧୭।୧୦ (ଏଜେନ୍ସି): ଗୁଜାରଟରେ ମାତ୍ର ତିନି ବର୍ଷ ଭିତରେ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲଙ୍କୁ ଛାଡ଼ି ସମ୍ପୂର୍ଣ୍ଣ ସରକାର ବଦଳି ଯାଇଛି । ଗୁରୁବାର ୧୬ ମନ୍ତ୍ରୀ ଇସ୍ତଫା ଦେଇଥିବାବେଳେ ଶୁକ୍ରବାର ୨୬ ମନ୍ତ୍ରୀ ଶପଥ ଗ୍ରହଣ କରିଛନ୍ତି । କ୍ୟାବିନେଟରେ ୧୯ ନୂଆ ଚେହେରା ସାମିଲ ହୋଇଛନ୍ତି । ଗତ ଥରର ୬ମନ୍ତ୍ରୀ ନିଜ ପଦ ବଜାୟ କରିବାରେ ସଫଳ ହୋଇଛନ୍ତି । ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ କୌଣସି ଅଭିଯୋଗ ଏବଂ ଆଇନଗତ ମାମଲା ବିନା ଉକ୍ତ ମନ୍ତ୍ରୀମାନଙ୍କୁ ପଦରୁ ହଟାଇ ଦିଆଗଲା । ୨୦୨୭ ବିଧାନସଭା ନିର୍ବାଚନକୁ ଦେଖି ସରକାର ଏହି ଅଦଳବଦଳ କରିଥିବା କୁହାଯାଉଛି ।

କ୍ରିକେଟର ରବୀନ୍ଦ୍ର ଜାଡେଜାଙ୍କ ପତ୍ନୀ ରିଭାଭାଙ୍କୁ କ୍ୟାବିନେଟ ମନ୍ତ୍ରୀ ହୋଇଛନ୍ତି । ସେହିପରି ହର୍ଷ ସାଙ୍ଘଭୀଙ୍କୁ ପଦୋନ୍ନତି ଦିଆଯାଇଛି । ରାଷ୍ଟ୍ରମନ୍ତ୍ରୀରୁ ସେ ଏବେ କ୍ୟାବିନେଟ ପାହ୍ୟା ପାଇ ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି । ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ହଟାଇବା ଲାଗି ନେଇଥିବା ପଦକ୍ଷେପ ଯୋଗୁଁ ତାଙ୍କୁ ଏହି ପୁରସ୍କାର ମିଳିଛି । ଏହି ମନ୍ତ୍ରିମଣ୍ଡଳରେ ୮ ଓବିସି, ୩ ଏସ୍‌ସି, ୪ ଏସ୍‌ଟି ଏବଂ ୩ ମହିଳା ସାମିଲ ଅଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସମେତ ୮ ମନ୍ତ୍ରୀ ପଟେଲ ସମାଜରୁ ଆସୁଛନ୍ତି । ଜାତିଗତ ସମୀକରଣ ପାଇଁ ଏପରି କରାଯାଇଥିବା କୁହାଯାଉଛି ।

## ହର୍ଷ ସାଙ୍ଘଭୀ ଉପ-ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ, ୧୭ ।୧୦(ଏଜେନ୍ସି): ଗୁଜରାଟର ନୂଆ ମନ୍ତ୍ରୀମଣ୍ଡଳ ଶପଥ ନେବା ପରେ ହର୍ଷ ସାଙ୍ଗଭୀଙ୍କୁ ନେଇ ସବୁଆଡେ ଚର୍ଚ୍ଚା ଆରମ୍ଭ ହୋଇଛି । ହର୍ଷଙ୍କୁ ଉପ-ମୁଖ୍ୟମନ୍ତ୍ରୀ ଭାବେ ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି । ହର୍ଷଙ୍କୁ ତାଙ୍କ ଦୃଷ୍ଟାନ୍ତମୂଳକ କାର୍ଯ୍ୟ ପାଇଁ ଭବିଷ୍ୟତର ଅମିତ ଶାହା ବୋଲି ବିବେଚନା କରାଯାଉଛି । ସୁରତରେ ଜନ୍ମିତ ହର୍ଷ ମାତ୍ର ୪୦ ବର୍ଷ ବୟସରେ ଗୁଜରାଟ ରାଜନୀତିରେ ଧମାକା କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହାପୂର୍ବରୁ ସେ ଗୃହ ରଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ପାଦନ କରି ଚର୍ଚ୍ଚିତ ହୋଇଥିଲେ । ନିଜ ଅସାଧାରଣ କାର୍ଯ୍ୟ ମାଧ୍ୟମରେ ସେ କେନ୍ଦ୍ରୀୟ ନେତୃତ୍ୱଙ୍କ ପ୍ରଭାବିତ କରିବା ସହ ବିଶ୍ୱାସଭାଜନ ହୋଇପାରିଥିଲେ । ବ୍ୟବସାୟରେ ସଫଳତା ହାସଲ କରିଥିବା ହର୍ଷ ଖୁବ୍ କମ୍ ସମୟ ମଧ୍ୟରେ ରାଜ୍ୟ ରାଜନୀତିରେ ନିଜର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି । ପୁଣି ଯଦି ୨୦୨୭ରେ ବିଜେପି ପୁଣି କ୍ଷମତାକୁ ଆସେ ତେବେ ହର୍ଷଙ୍କୁ ନେତୃତ୍ୱ ପ୍ରଦାନ କରାଯାଇପାରେ ବୋଲି ଅନୁମାନ କରାଯାଉଛି । ଜୈନ ସମ୍ପ୍ରଦାୟରେ ଜନ୍ମିତ ହର୍ଷ ମାଜୁରା ସିଟ୍‌ରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି । ରାଷ୍ଟ୍ରମନ୍ତ୍ରୀ ଭାବେ ସେ ଗୃହ ବିଭାଗ ସମେତ ଉଦ୍ୟୋଗ, ପରିବହନ ଓ କ୍ରୀଡ଼ା ମନ୍ତ୍ରଣାଳୟର ଦାୟିତ୍ୱରେ ରହିଥିଲେ । ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ଯେ, ବାଂଲାଦେଶ ଅନୁପ୍ରବେଶକାରୀଙ୍କ ଠିକଣା ଉପରେ କିଛିଦିନ ତଳେ ଜୋରଦାର ବୁଲ୍‌ଡୋଜର ଚଳାଇ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସର୍ବକନିଷ୍ଠ ଗୃହମନ୍ତ୍ରୀ ଭାବେ ସେ ନିଜର ଦାୟିତ୍ୱକୁ ସଫଳତାର ସହ ସମ୍ପାଦନ କରିଥିଲେ ।

# ନିଜ ନାମରେ ବିଶାଳ ଦ୍ୱାର ନିର୍ମାଣ କରିବେ ଟ୍ରମ୍ପ

ୱାଶିଂଟନ, ୧୭ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଶର ୧୫୦ତମ ସ୍ୱାଧୀନତା ଦିବସ ଅବସରରେ ରାଜଧାନୀ ୱାଶିଂଟନ ଡିସିରେ ନିଜ ନାମରେ ଏକ ବିଶାଳ ଦ୍ୱାର ତଥା ଗେଟ୍ ନିର୍ମାଣ କରିବେ । ଏହି ସ୍ମାରକର ନାମ 'ଆର୍କ ଡି ଟ୍ରମ୍ପ' ରଖାଯିବ । ଏହି ଦ୍ୱାରା ଦେଇ ୱାଶିଂଟନକୁ ଲୋକେ ପ୍ରବେଶ କରିବେ । ଖାସ୍ କରି ଭିର୍ଜିନିଆ ରାଜ୍ୟରୁ ୱାଶିଂଟନ ଡିସିକୁ ପ୍ରବେଶ ଏହି ଦ୍ୱାରା ଦେଇ ଲୋକେ ପ୍ରବେଶ କରିବେ । ଏହାର ଡିଜାଇନ୍ ପ୍ୟାରିସର 'ଆର୍କ ଡି ଟ୍ରାଇଓମ୍ଫେ' ସହ ମେଳ ଖାଉଛି । ବୁଧବାର ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ଏହାର ୩ଟି ଭିନ୍ନ ଭିନ୍ନ ଆକାରର ମଡେଲ ଦେଖାଇଥିଲେ । ଟ୍ରମ୍ପ ହିଁ ଏହାର ଯୋଜନା ପ୍ରସ୍ତୁତ କରିଥିଲେ ବୋଲି କୁହାଯାଇଛି । ଏହି ଦ୍ୱାରା ହ୍ୱାଇଟ୍ ହାଉସ୍‌ଠାରୁ ମାତ୍ର ୪ କିମି ଦୂରରେ ନିର୍ମାଣ କରାଯିବ । ଟ୍ରମ୍ପଙ୍କ ଯୋଜନା ଅନୁସାରେ ଏହି ଗେଟ୍ ପୋଟୋମେକ ନଦୀର ଆରପାରିରେ ଲିଙ୍କନ ମେମୋରିଆଲର ସାମ୍ନାରେ ନିର୍ମାଣ ହେବ । କଏହି ନଦୀର ସେପଟେ ଭିର୍ଜିନିଆର ରାଜ୍ୟର ସୀମା ଆରମ୍ଭ ହୋଇଛି । ଏହାର ନିର୍ମାଣରେ କେତେ ଅର୍ଥ ଖର୍ଚ୍ଚ ହେବ ସେ ନେଇ କିଛି କୁହାଯାଇନାହିଁ । ସାଧରଣତଃ ନୂଆ ସ୍ମାରକ ନିର୍ମାଣ ପାଇଁ କଂଗ୍ରେସର ଅନୁମତି ଜରୁରି ହୋଇଥାଏ ଓ କେତୋଟି ପର୍ଯ୍ୟାୟରେ ପରେ ହିଁ ଏହାର ଅନୁମତି ପ୍ରାପ୍ତ ହୋଇଥାଏ । ଏହାକୁ ନିର୍ମାଣ କରିବାରେ କେତେବର୍ଷ ଲାଗି ପାରେ । ଏଥିପାଇଁ ଆସନ୍ତାବର୍ଷ ଆମେରିକାର ୨୫୦ତମ ସ୍ୱାଧୀନତା ପାଳନ ଅବସରରେ ଏହାକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିବା କଷ୍ଟକର ମନେ ହେଉଛି । ହ୍ୱାଇଟ୍ ହାଉସ୍‌ରେ ମଧ୍ୟ କେତୋଟି ପରିବର୍ତ୍ତନ କରିବାକୁ ଟ୍ରମ୍ପ ଯୋଜନା କରୁଛନ୍ତି ବୋଲି କୁହାଯାଇଛି ।

## ଟ୍ରମ୍ପଙ୍କୁ ଡରନ୍ତିନି ମୋଦୀ: ଆମେରିକା ଗାୟିକା



ଜଣାଶୁଣା ଆମେରିକା ଗାୟିକା ମେରୀ ମିଲ୍‌ବେନ୍ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ ସମାଲୋଚନା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ମୋଦୀ ଭୟ କରୁଛନ୍ତି ବୋଲି ରାହୁଲ ମନ୍ତବ୍ୟ ଦେଇଥିଲେ । ମେରୀ ରାହୁଲଙ୍କ ଏହି ମନ୍ତବ୍ୟକୁ ସମାଲୋଚନା କରି ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରିଛନ୍ତି । 'ରାହୁଲ ଗାନ୍ଧୀ ଆପଣ ଭୁଲ କହୁଛନ୍ତି, ମୋଦୀ ଟ୍ରମ୍ପଙ୍କୁ ଡରନ୍ତି ନାହିଁ । ସେ ଭାରତର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେଇଥାନ୍ତି । ଟ୍ରମ୍ପ ଯେପରି ଆମେରିକାର ଉନ୍ନତି ପାଇଁ କାର୍ଯ୍ୟ କରିଥାନ୍ତି, ଠିକ୍ ସେହିପରି ଆମେରିକା ସହ ଦୀର୍ଘ ସମୟର ରଣନୀତିକୁ ଦୃଷ୍ଟିରେ ରଖି ମୋଦୀ କାର୍ଯ୍ୟ କରିଥାନ୍ତି' ବୋଲି ମେରୀ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି । ମୋଦୀଙ୍କ ନେତୃତ୍ୱକୁ ଆପଣ ବୁଝିବାକୁ ସକ୍ଷମ ହେବେ ବୋଲି ଆଶା କରୁଛି । ସବୁଠୁ ଭଲ ହେବ, ଆପଣ ନିଜର 'ଆଇ ହେଟ୍ ଇଣ୍ଡିଆ' ଗସ୍ତକୁ ପ୍ରତ୍ୟାବର୍ତ୍ତନ କରନ୍ତୁ, ଯାହାର ଏକମାତ୍ର ଦର୍ଶକ ହିଁ ଆପଣ ବୋଲି ସେ ଉଲ୍ଲେଖ କରିଛନ୍ତି ।

## 'ଡିଜିଟାଲ ଆରେଷ୍ଟ' ସମ୍ପୂର୍ଣ୍ଣ ନ୍ୟାୟ ବ୍ୟବସ୍ଥା ଉପରେ ଆକ୍ରମଣ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି): ଦେଶରେ ଅନ୍‌ଲାଇନ ଠକେଇ ଏବଂ ଡିଜିଟାଲ ଆରେଷ୍ଟ ଭଳି ଘଟଣା ହୁ ହୁ ହୋଇ ବଢ଼ିବାରେ ଲାଗିଛି । ଏହାକୁ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି । ଏହି ମାମଲାରେ ନିଜେ ହସ୍ତକ୍ଷେପ କରି କେନ୍ଦ୍ର ସରକାର ଏବଂ ସିବିଆଇକୁ ଜବାବ ମାଗିଛନ୍ତି । ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ ଏହା କୌଣସି ସାଧାରଣ ଅପରାଧ ନୁହେଁ । କୋର୍ଟଙ୍କ ନାମ, ମୋହର ଏବଂ ନିର୍ଦ୍ଦେଶର ନକଲକୁ ଜାଲିଆତି କରିବା ସମ୍ପୂର୍ଣ୍ଣ ନ୍ୟାୟ ବ୍ୟବସ୍ଥା ଉପରେ ଆକ୍ରମଣ । ବିଚାରପତିଙ୍କ ଜାଲ୍ ସ୍ୱାକ୍ଷର, ନିର୍ଦ୍ଦେଶ ଦେଖାଇ ନିର୍ଦ୍ଦୋଷ ଲୋକଙ୍କୁ, ବିଶେଷକରି ବୃଦ୍ଧଙ୍କୁ ଫସାଇବା ଗମ୍ଭୀର ଅପରାଧ । ଏହା ଆଇନ ବିରୋଧୀ କାମ । ଏହା ଦ୍ୱାରା କୋର୍ଟ ଉପରେ ଲୋକଙ୍କ ଭରସା ହ୍ରାସ ପାଉଛି । ହରିୟାଣାର ଏକ ଠକେଇ ମାମଲା ବିଷୟରେ ଉଲ୍ଲେଖ କରି ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି । ସୂଚନା ଅନୁଯାୟୀ ହରିୟାଣା ଅମ୍ବାଲାରେ ଜଣେ ୭୩ ବର୍ଷୀୟ ବୃଦ୍ଧ ଦମ୍ପତିଙ୍କଠାରୁ ଠକ ୧.୦୫ କୋଟି ଟଙ୍କା ଲୁଟି ନେଇଥିଲେ । ସୁପ୍ରିମକୋର୍ଟ ଏବଂ ଯାଞ୍ଚ ଏଜେନ୍ସିଙ୍କ ନକଲି ନିର୍ଦ୍ଦେଶ, ବିଚାରପତିଙ୍କ ଜାଲ୍ ସ୍ୱାକ୍ଷର ଦେଖାଇ ଉଭୟଙ୍କୁ ଗିରଫ କରିଥିଲେ । ଏହି ମାମଲାକୁ ନେଇ ଗତ ୨୧ ତାରିଖରେ ମହିଳା ପ୍ରଧାନ ବିଚାରପତି ବିଆର ଗଭାଇଙ୍କୁ ଚିଠି ଲେଖି ସମ୍ପୂର୍ଣ୍ଣ ପ୍ରସଙ୍ଗ କହିଥିଲେ । ପରେ ସୁପ୍ରିମକୋର୍ଟ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ ।

## କରୁର ଦଳାଚକଟାକୁ ନେଇ ହାଇକୋର୍ଟଙ୍କୁ ଜଣାଇଲେ ଇସି

# ବିଜୟଙ୍କ ଦଳକୁ ମାନ୍ୟତା ମିଳିନି



ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି): ଅଭିନେତାରୁ ରାଜନେତା ପାଲଟି ଥିବା ବିଜୟଙ୍କ ତମିଲଗା ଭେଟ୍ରି କଝଗମ (ଟିଭିକେ) ମାନ୍ୟତା ପ୍ରାପ୍ତ ରାଜନୈତିକ ଦଳ ନୁହେଁ । ଏକ ଆଞ୍ଚଳିକ ଦଳର ମାନ୍ୟତା ପାଇବା ପାଇଁ ଜରୁରୀ ସର୍ତ୍ତକୁ ଏହି ଦଳ ପୂରଣ କରୁନାହିଁ । ଆଞ୍ଚଳିକ ମାନ୍ୟତା ପାଇବା ପାଇଁ କୌଣସି ଦଳକୁ ଅତିକମରେ ୬ ପ୍ରତିଶତ ବୈଧ ଭୋଟ ଏବଂ ୨ଟି ବିଧାନସଭା ସିଟ୍ କିମ୍ବା ଲୋକସଭାର ଗୋଟିଏ ଆସିନ ଜିତିବା ଜରୁରୀ । ମାଡ୍ରାସ ହାଇକୋର୍ଟରେ କରୁର ଦଳାଚକଟା ମାମଲାରେ ଶୁଣାଣି ଚାଲିଥିବାବେଳେ ଶୁକ୍ରବାର ଭାରତୀୟ ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଟିଭିକେକୁ ରଦ୍ଦ କିମ୍ବା ଅଣ-ମାନ୍ୟତା ପ୍ରାପ୍ତ ଘୋଷଣା ଏବଂ କରୁର ରାଲି ପାଇଁ ବିଜୟଙ୍କ ବିରୋଧୀ ଏତଲାରେ ଅତିରିକ୍ତ ଧାରା ଯୋଡିବା ପାଇଁ ହୋଇଥିବା ଆବେଦନ ଉପରେ ଆଜି ମୁଖ୍ୟ ବିଚାରପତି ମନିନ୍ଦ୍ର ମୋହନ ଶ୍ରୀବାସ୍ତବଙ୍କ ଖଣ୍ଡପୀଠ ଶୁଣାଣି କରିଥିଲେ । ହାଇକୋର୍ଟ କହିଥିଲେ ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଯାଇ ଏତଲାରେ ପରିବର୍ତ୍ତନ କରିହେବ । ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ କୁହାଯାଇଥିଲା ଯେ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବିଜୟଙ୍କ ରାଲି ଆୟୋଜନ କରାଯାଇଥିଲା । ଅବହେଳା ଏବଂ ନିୟମ ଉଲ୍ଲଙ୍ଘନ ଯୋଗୁଁ ଏହି ଅଘଟଣ ହୋଇଥିଲା । ଏଥିରେ ୪୧ ଜଣଙ୍କ ମୃତ୍ୟୁ ହୋଇଥିଲା । ଏହି ଆବେଦନରେ ଟିଭିକେର ରାଜନୈତିକ ରାଲି ଆୟୋଜନ ଉପରେ କଟକଣା ଏବଂ ପୀଡ଼ିତ ପରିବାରଙ୍କୁ କୋଟିଏ ଟଙ୍କା ଲେଖାଏଁ ଦେବା ପାଇଁ ବିଜୟଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଥିଲା । ବିଜୟ ଏବଂ ଟିଭିକେ ମୁଖ୍ୟଙ୍କୁ ଅଭିଯୁକ୍ତ କରିବା ପାଇଁ ଏକ ଜନସ୍ୱାର୍ଥ ମାମଲା ମଧ୍ୟ ଦାଏର କରାଯାଇଥିଲା । ପୁଲିସ ଜାଣିଶୁଣି ଅଭିନେତାଙ୍କୁ ସୁରକ୍ଷା ଦେଉଥିବା କୁହାଯାଇଥିଲା । ଏହା ଉପରେ ବିଚାର କରି ନିର୍ବାଚନ କମିଶନ, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି । ଏହି ଅଘଟଣକୁ ନେଇ ଆଗତ ଅନ୍ୟ ମାମଲା ସହ ପିଆଇଏଲର ବିଚାର କରାଯିବ ବୋଲି ଖଣ୍ଡପୀଠ କହିଥିଲେ ।

## ପେରୁରେ ଜେନ୍- ଜେଡ୍ ପ୍ରଦର୍ଶନ; ଜଣେ ମୃତ

ଲିମା, ୧୭ ।୧୦(ଏଜେନ୍ସି): ଲାଟିନ ଆମେରିକୀୟ ଦେଶ ପେରୁରେ ଦୁର୍ନୀତି ବିରୋଧରେ ଜେନ୍- ଜେଡ୍ ବିକ୍ଷୋଭ ପ୍ରଦର୍ଶନ କରିଛି । ଆନ୍ଦୋଳନ ଅବସରରେ ଗୁରୁବାର ଜଣେ ଯୁବକ ମୃତ୍ୟୁବରଣ କରିଛନ୍ତି ଓ ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି । ଏଥିରେ ୮୦ ପୁଲିସକର୍ମୀ ଓ ୧୦ଜଣ ସାମ୍ବାଦିକ ସାମିଲ ରହିଛନ୍ତି । ହଜାର ହଜାର ଯୁବକ ଆନ୍ଦୋଳନ କରି ନୂଆ ରାଷ୍ଟ୍ରପତି ଜୋଶ ଜେରୀଙ୍କ ଇସ୍ତଫା ଦାବି କରିଥିଲେ । ଜେରୀ କିନ୍ତୁ ଇସ୍ତଫା ଦେବାକୁ ମନା କରିଦେଇଥିଲେ । ଗତ ଅକ୍ଟୋବର ୧୦ରେ ଜୋରୀ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ସଂସଦ ପୂର୍ବତନ ରାଷ୍ଟ୍ରପତି ଡିନା ବୋଲୁଆର୍ତେଙ୍କୁ ପଦରୁ ହଟାଇବାକୁ ନିଷ୍ପତ୍ତି ନେଇଥିଲା । ଗତ ୫ ବର୍ଷ ମଧ୍ୟରେ ଜେରୀ ଷଷ୍ଠ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେଇଛନ୍ତି ।

## ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ବୈଶିଙ୍ଗା,୧୭।୧୦(ସମିସ): ବୈଶିଙ୍ଗା ଥାନା ଅଧୀନ ବନ୍ଧସାହି ଗ୍ରାମର ବାୟା ମୁର୍ମୁ (୪୦) ଗତକାଲି ପାଖ ଗାଁକୁ କାମ କରିବାକୁ ଯାଇଥିଲା ବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘରକୁ ଫେରିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବେତନଟୀ ଡାକ୍ତରଖାନା ଓ ପରେ ଅବସ୍ଥା ଗୁରୁତର ହେବାରୁ ବାରିପଦା ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ହେଲେ ଆଜି ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ବୈଶିଙ୍ଗା ପୁଲିସ ପୁଲିସ ଅପମୃତ୍ୟୁ ମାମଲା ରୁଜୁ ପୂର୍ବକ ତଦନ୍ତ ଆରମ୍ଭ କରିଛି।

## ଦୁର୍ଘଟଣାରେ ୨ ଗୁରୁତର, ଜଣେ ଆହତ

କୁଆମରା,୧୭।୧୦(ସମିସ): ଆଜି ପୃଥକ ଦୁର୍ଘଟଣାରେ ୨ ଜଣ ଯୁବକଙ୍କ ଅବସ୍ଥା ଗୁରୁତର ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ବଡ଼ସାହି ଥାନା ଅଧୀନ ଚେଙ୍ଗୁଆ ମଙ୍ଗଳପୁର ଗ୍ରାମର ଜିତୁ ସିଂ (୨୩) ସ୍କୁଟିରେ କୁଆମରା ଆସୁଥିବା ବେଳେ ଖିରିପଦା ସ୍ଥିତ ଖଲାଡସାହି ନିକଟରେ ପୋଲରେ ବାଡେଇ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ କୁଆମରା ଡାକ୍ତରଖାନାକୁ ନିଆଯାଇଥିବା ବେଳେ ସ୍କୁଟିଟିକୁ କୁଆମରା ଫାଣ୍ଡି ପୋଲିସ ଅଟକ ରଖିଛି। ସେହିପରି ରାଇରଙ୍ଗପୁର ଅଞ୍ଚଳର ଇର୍ଫାନ ଖାନ୍ (୨୧) ଓ କୁଆମରା ଗ୍ରାମର ମଦନ ବେହେରା ସ୍କୁଟିରେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଏଥିରେ ଇର୍ଫାନ ଗୁରୁତର ହୋଇଥିବା ବେଳେ ମଦନ ଆହତ ହୋଇଛନ୍ତି। ସେମାନଙ୍କୁ କୁଆମରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

କୁଆମରା,୧୭।୧୦(ସମିସ): ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଖୁଣ୍ଟା ଥାନା ଅନ୍ତର୍ଗତ କନ୍ହେଇବନ୍ଧ ଗ୍ରାମର ହରିଶ ଚନ୍ଦ୍ର ଖଣ୍ଡେଇ (୫୫)। ପରିବାର ଲୋକେ ତାଙ୍କୁ ଉଦଳା ଡାକ୍ତରଖାନା ନେଇଥିଲେ, ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପୁଲିସ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁ କରିଛି।

## ବନାଞ୍ଚଳସ୍ତରୀୟ ସମନ୍ୱୟ ବୈଠକ



ତୁରୁମୁଙ୍ଗା, ୧୭।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ କାର୍ଯ୍ୟାଳୟରେ ଶୁକ୍ରବାର ରେଞ୍ଜସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୯ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦଙ୍କ ବ୍ଲକ ପ୍ରତିନିଧି ପ୍ରହଲ୍ଲାଦ ପଲେଇ, ସମ୍ମାନିତ ଅତିଥି ଭାବେ ରେଞ୍ଜର ବନବିହାରୀ ସର୍ଦ୍ଦାର, ବିଜେପି ପାଟଣା ମଣ୍ଡଳ ସଭାପତି ବ୍ରଜକିଶୋର ସେଠୀ, ବରିଷ୍ଠ ସାମ୍ବାଦିକ ନୃସିଂହନାଥ ସିଂହ, ସାଂସଦଙ୍କ ଥାନା ପ୍ରତିନିଧି ଯୁଧିଷ୍ଠିର ମହାନ୍ତ, ଡୁମୁରିଆ ଏଲଆଇ ରଘୁବର ମହାନ୍ତ, ପାଟଣା ବନପାଳ ନିରଞ୍ଜନ ସେଠୀ, ସାହାରପଡା ବନପାଳ ଶ୍ରୀମନ୍ତ ବେହେରା, ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। ବୈଠକରେରେ ହାତୀ ମଣିଷ ଲଢେର, ହାତୀ ଦ୍ୱାରା କ୍ଷତି ଗ୍ରସ୍ତଙ୍କ କ୍ଷତିପୂରଣ, ବନାଗ୍ନିରୁ ଜଙ୍ଗଲକୁ ସୁରକ୍ଷା, ବନ୍ୟପ୍ରାଣୀପ୍ରେମୀ ପୁରସ୍କାର, ଭିଏସଏସ ନୂତନ ଗୃହ ନିର୍ମାଣ ଉପରେ ଆଲୋଚନା କାରାଯାଇଥିଲା।

## ଏବିଭିପି ଚମ୍ପୁଆ ଟାଉନ ୟୁନିଟ୍ ଗଠିତ



ଚମ୍ପୁଆ, ୧୭।୧୦ (ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଚମ୍ପୁଆ ନଗର ତରଫରୁ ଚମ୍ପୁଆ ଟାଉନ ୟୁନିଟ୍ ୨୦୨୫-୨୬ ଗଠନ କରାଯାଇଛି। ଟାଉନ ୟୁନିଟ୍ ସଭାପତି ଭାବେ ରାଜକିଶୋର ମହନ୍ତ ତଥା ଉପସଭାପତି ଭାବେ ପ୍ରହଲ୍ଲାଦ ମହାନ୍ତଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଟାଉନ ୟୁନିଟ୍ ସମ୍ପାଦକ ଭାବରେ ଶୁଭମ୍ ଶେଖର ସାହୁ ଏବଂ ସହସମ୍ପାଦକ ଭାବେ ଜୟଶ୍ରୀ ନାୟକ ଏବଂ ଅଭିଷେକ ବାରିକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଟାଉନ ଏସ ଏଫ୍ ଏସ ପ୍ରମୁଖ ଭାବରେ ରଞ୍ଜନ ମହାନ୍ତ ଏବଂ ରଶ୍ମି ମହାକୁଡ, ଟାଉନ ଏସଏଫଡି ପ୍ରମୁଖ ଭାବେ ଜୀବନଦୀପ ପ୍ରଧାନ, ସୁଭଦ୍ରା ନାୟକ, ଟାଉନ ଆରକେଏମ ପ୍ରମୁଖ ଭାବେ ଶ୍ରୁତି ମହାନ୍ତି ଏବଂ ବିପ୍ଳବ ଦେ, ଟାଉନ ସୋସିଆଲ ମିଡ଼ିଆ ସଂଯୋଜକ ଭାବେ ଉତ୍କଳ କେଶରୀ ବେହେରା ଏବଂ ସତ୍ୟଜିତ ମହାରଣାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଖେଲୋ ଭାରତ ସଂଯୋଜକ ଭାବେ ରାହୁଲ ବେହେରା ଏବଂ ପ୍ରିୟଙ୍କା ବେହେରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଜନଜାତି ପ୍ରମୁଖ ଭାବେ କ୍ଷୀରୋଦ ମୁଣ୍ଡା ଏବଂ ନିଶା ଲୋହାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରିଣ୍ଟ ଏବଂ ପବ୍ଲିକେସନ ପ୍ରମୁଖ ଭାବେ ମୀରା ମହାକୁଡ ଏବଂ ବିକାଶ ମହାନ୍ତଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ଶିଶୁ ମନ୍ଦିରର ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ, ଶିକ୍ଷା ବିକାଶ ସମିତିର ଉତ୍ତର ସମ୍ଭାଗ ସଂଯୋଜକ ଗଙ୍ଗାଧର କର, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଚମ୍ପୁଆ ଖଣ୍ଡର କର୍ଯ୍ୟବାହ ଦୁଷ୍ମନ୍ତ ମହାନ୍ତ, ପୂର୍ବତନ ନଗର ସଭାପତି ଗିରିଜା ଶଙ୍କର କର, ପୂର୍ବ କ୍ଷେତ୍ର ଏସଏଫ୍ଏସ ସଂଯୋଜକ ଅଜିତ ମହାନ୍ତ ଏବଂ ଜିଲ୍ଲା ସଂଯୋଜକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସ୍ୱରାଜ କେତନ ମହାନ୍ତ ତଥା ଅନ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

**ବେଆଇନ ବାଲିଘାଟକୁ ବିରୋଧ**

# ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା





ଆନନ୍ଦପୁର, ୧୭।୧୦(ସମିସ): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଘସିପୁରା ଓ ହାଟଡିହି ତହସିଲ ଇଲାକାରେ ଚୋରା ବାଲି କାରବାରକୁ ପ୍ରଶାସନ ନିୟନ୍ତ୍ରଣ କରିପାରୁ ନଥିବା ବେଳେ ଅଞ୍ଚଳବାସୀଙ୍କ ବିରୋଧ ଯୋଗୁଁ ବିଭିନ୍ନ ସ୍ଥାନରେ ଉତ୍ତେଜକ ପରିସ୍ଥିତି ସୃଷ୍ଟି ହେଉଛି। ଚୋରା ଚାଲାଣ ପ୍ରତିବାଦରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ଗ୍ରାମବାସୀ ଆଜି ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଛନ୍ତି। ହାଟଡିହି ତହସିଲ ଅନ୍ତର୍ଗତ କରଗୋଳା ଗ୍ରାମକୁ ଲାଗିଥିବା ବୈତରଣୀ ନଦୀର ବାଲିଉସ୍କୁ ବେଆଇନ ଭାବେ ଉତ୍ତୋଳନ କରାଯାଇ ଗାଁ ରାସ୍ତାରେ ଚାଲାଣ କରୁଥିବାରୁ ଧନଜୀବନ ବିପନ୍ନ ହୋଇପଡିଛି। ବାଲିଘାଟ ପାଇଁ ଗ୍ରାମବାସୀଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଜଙ୍ଗଲର ଶତାଧିକ ବଡ଼ଗଛକୁ କାଟି ଦିଆଯାଇଛି। ଘଟଣାକୁ କେନ୍ଦ୍ରକରି ଜିଲ୍ଲାପାଳଙ୍କଠାରୁ ଆରମ୍ଭକରି ଜିଲ୍ଲା ଖଣି ବିଭାଗ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ୨ ଦିନ ତଳେ ତହସିଲଦାରଙ୍କ ସମେତ ଖଣି ବିଭାଗ ଅଧିକାରୀ ସମ୍ପୃକ୍ତ ଘାଟ ନିକଟକୁ ଯାଇ ଟ୍ରେଞ୍ଚ ଖୋଳିବା ପାଇଁ ଆୟୋଜନ କରିବା ସହ ଚାରୋଟି ହାଇୱା ଜବତ କରିବା ପରେ ଗାଡିଗୁଡିକୁ ଛାଡି ଦେଇଥିଲେ। ଟ୍ରେଞ୍ଚ ମଧ୍ୟ ଖୋଳା ଗଲାନାହିଁ। ତେବେ କାହା ଚାପରେ ଚେପା ହେଉଛି ପ୍ରଶାସନ ତାକୁ ନେଇ ପ୍ରଶ୍ନ ଉଠାଇ ଗ୍ରାମବାସୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଧାରଣାରେ ବସିରହିଛନ୍ତି। ଅନ୍ୟପଟେ ପ୍ରଶାସନିକ ସ୍ତରରେ ଏକ ଟିମ ଗଠନ କରାଯାଇ ତୁରନ୍ତ ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ନୀଳମାଧବ

## ମୌଲାନାଗୁଡ଼ା-ଗୋଧୂଳି ରାସ୍ତା ଶୋଚନୀୟ; ବିଭାଗ ଚୁପ୍



ଚମ୍ପୁଆ,୧୭।୧୦(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଏନ୍ଏସି ମୌଲାନାଗୁଡା ବସ୍ତିଠାରୁ ଗୋଧୂଳି ପର୍ଯ୍ୟନ୍ତ ୫କି.ମି. ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଏନେଇ ଗ୍ରାମବାସୀ ଦୁଇଥର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ ମଧ୍ୟ କରିସାରିଛନ୍ତି। ନା ଶୁଣୁଛି ଗ୍ରାମ୍ୟ ଉନ୍ନୟନ ବିଭାଗ ନା ଏନ୍ଏସି। ଆମ ବିଭାଗର ନୁହେଁ କହି ଉଭୟ ପରସ୍ପରକୁ ଦୋଷ ଲଦୁଥିବା ବେଳେ ଯିବାଆସିବାରେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି ଗାଁ ଲୋକେ। ଏହି ରାସ୍ତାଟି ବସ୍ତି, ଭାଲିଆଡିପା, ଗୋଧୂଳି, ରାମ ତୀର୍ଥ ଓ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟ ଯାଏଁ ଲମ୍ବିଛି। ଗାଁ ଲୋକମାନଙ୍କର ପାଇଁ ଲାଇଫଲାଇନ କୁହାଯାଉଥିବା ଏ ରାସ୍ତାଟିର ଅନେକ ସ୍ଥାନ ଖାଲଖମାରେ ଭର୍ତ୍ତି ହୋଇରହିଛି। ବର୍ଷା ଦିନରେ ପାଣି ଜମି ରହୁଥିବାରୁ ସାଇକଲ ଓ ବାଇକ୍ ଆରୋହୀମାନେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଆସୁଥିବା ଗର୍ଭବତୀ, ପ୍ରସୂତି ମହିଳା ଓ ଗୁରୁତର ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏପରିକି ଏ ସମସ୍ତ ଗାଁର ସ୍କୁଲ, କଲେଜ ପଢ଼ିବା ପାଇଁ ଚମ୍ପୁଆ ଆସୁଥିବା ଛାତ୍ରଛାତ୍ରୀମାନେ କାଉନସିଲରଙ୍କ ନିକଟରେ ଅଭିଯୋଗ ମଧ୍ୟ କରୁଛନ୍ତି; କିନ୍ତୁ କେହି ଶୁଣୁନାହାନ୍ତି। ଏହି ଗାଁ ରାସ୍ତାଟି ରାତି ଅଧରେ ବାଲି ଓ ଖଣି ମାଫିଆଙ୍କ ଚରାଭୂଇଁ ପାଲଟିଥିବା ନେଇ ମଧ୍ୟ ଅଭିଯୋଗ ହେଉଛି। ଫଳରେ ରାସ୍ତାଟି ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡିଛି। ଖାଲି ସେତିକି ନୁହେଁ; ଏହି ରାସ୍ତା କଡ଼ରେ ଦୁଇଟି ଶୈବପୀଠ ସହ ବୈତରଣୀ ନଦୀକୂଳର ମନଲୋଭା ସ୍ଥଳ ଅନେକ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଣଦେଖା କରିଆସୁଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ପଦକ୍ଷେପ ନେବାକୁ ଦାବି ହେଉଛି।

## ଟ୍ରାକ୍ଟର ଭର୍ତ୍ତି ଅଫୁଟା ବାଣ ଓ ବାରୁଦ ଜବତ

ବୈଶିଙ୍ଗା,୧୭।୧୦(ସମିସ): ବୈଶିଙ୍ଗା ପୁଲିସ ମହୁଲପାଟଣା ଗ୍ରାମ ମଝିରେ ଥିବା ବାସନ୍ତୀ ପୂଜାମଣ୍ଡପ ଓ ଏକ ନିର୍ମାଣଧୀନ କୋଠାରୁ ୧୨ବସ୍ତାରୁ ଅଧିକ ହାତ ତିଆରି ବାଣ ଜବତ କରିଥିବା ଜଣାପଡ଼ିଛି। ସମ୍ପୃକ୍ତ ଅଭିଯୁକ୍ତ ଏବେବି ନିଖୋଜ। ଆଜି ପୁଣି ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ତାଙ୍କ ଟିମ ସହିତ ପୁରୁଣିଆ ଗାଁ ଭିତରେ ଥିବା ବୈଦ୍ୟନାଥ ଧଳଙ୍କ ଏକ ପରିତ୍ୟକ୍ତ ଘରେ ଚଢ଼ଉ କରିଥିଲେ। ସେଠାରୁ ଟ୍ରାକ୍ଟର ଭର୍ତ୍ତି ଅଫୁଟା ହାତ ତିଆରି ବାଣ ଓ ବାରୁଦ ଜବତ କରିଛନ୍ତି।

## ଜାତୀୟସ୍ତରୀୟ ଜନଜାତୀୟ ଫିଲ୍ମ ଫେଷ୍ଟିଭାଲରେ ଓଡ଼ିଶାର ସଫଳତା




ବାରିପଦା,୧୭।୧୦(ସମିସ): ଭାରତ ସରକାରଙ୍କ ଜନଜାତି ମନ୍ତ୍ରାଳୟ ତଥା ଡଃ ରାମଦୟାଲ ମୁଣ୍ଡା ଜନଜାତି କଲ୍ୟାଣ ଓ ଗବେଷଣା ସଂସ୍ଥାର ମିଳିତ ଆନୁକୂଲ୍ୟରେ ଝାଡ଼ଖଣ୍ଡର ରାଞ୍ଚିଠାରେ ପ୍ରଥମ ଜନଜାତୀୟ ଫିଲ୍ମ ଫେଷ୍ଟିଭାଲ୍୨୦୨୫ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଅନୁଷ୍ଠିତ ମହୋତ୍ସବରେ ଭାରତର ୧୫ଟି ରାଜ୍ୟରୁ ୧୪୨ଟି ଫିଲ୍ମ ପଞ୍ଜୀକରଣ କରିଥିବା ବେଳେ ୫୨ଟି କ୍ଷୁଦ୍ର ଓ ପ୍ରାମାଣିକ ଚଳଚିତ୍ର ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲା। ସେଥିମଧ୍ୟରୁ ଓଡିଶାର ୪ଟି କ୍ଷୁଦ୍ର ଚଳଚିତ୍ର ମଧ୍ୟରୁ ରମେଶ ହେମ୍ବ୍ରମଙ୍କ ‘ପୁଇସା ଦାରେ’ ୨ୟ ଏବଂ ଦୀପକ କୁମାର ବେଶ୍ରାଙ୍କ ‘ପପାୟା’ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇ ଓଡିଶା ପାଇଁ ସୁନାମ ଆଣିଛନ୍ତି। ତତସହିତ ଓଡିଶାର ଅନ୍ୟ ଦୁଇଟି ଫିଲ୍ମ ଶ୍ୟାମା ସୁନ୍ଦର ମାଝିଙ୍କ ‘ବ୍ରେକିଙ୍ଗ ଦି ବାରିୟାର୍ସ’ ଓ ରାଜମୋହନ ସୋରେନଙ୍କ ‘ହେଣ୍ଡେ ସୋନା’ ମଧ୍ୟ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ଝାଡ଼ଖଣ୍ଡ ସରକାରଙ୍କ ଅନୁସୂଚିତ ଜାତି ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଚମର ଲିଣ୍ଡା, ଜନଜାତି କଲ୍ୟାଣ ଓ ଗବେଷଣା ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶକ ରାକେଶ ଓରାଓନ ତଥା ଫିଲ୍ମ ନିର୍ମାତା ମେଘନାଦ ପ୍ରମୁଖ ଉପସ୍ଥିତ ରହି ଏହି ପୁରସ୍କାର ପ୍ରଦାନ କରିଥିଲେ। ପ୍ରକାଶ ଥାଉକି ଓଡିଶାର ଏହି ଫିଲ୍ମ ନିର୍ମାତା ମାନେ ବିଭିନ୍ନ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପୁରସ୍କୃତ ହୋଇ ରାଜ୍ୟ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି।

## ଆନ୍ତଃଜାତୀୟ ଗରିବ ଦୂରୀକରଣ ଦିବସ

ବଡସାହି,୧୭।୧୦(ସମିସ): ବଡସାହି ବ୍ଲକ୍ ଅଧୀନ ସୁହାଗପୁର ପଞ୍ଚାୟତ ଗୁଆବେହେରା ଗ୍ରାମରେ ‘ଆନ୍ତଃଜାତୀୟ ଗରିବ ଦୂରୀକରଣ ଦିବସ’ ପାଳିତ ହୋଇଯାଇଛି। ଏଥିରେ ଶିମିଳିପାଳ କଳାଞ୍ଜିୟ ଜିବିଦମ ହନିବିର ପ୍ରଡ୍ୟୁସର କମ୍ପାନୀର ଡାଇରେକ୍ଟର ଜାପକୀ ସିଂ, ମୟୂରଭଞ୍ଜ ପ୍ରଡ୍ୟୁସର କମ୍ପାନୀର ଡାଇରେକ୍ଟର ଭାରତୀ ହାଁସଦା, ବେତନଟୀ କଳାଞ୍ଜିୟମ ଏସଏଚଜି ମହାସଂଘର ସଭାପତି ପଦ୍ମାବତୀ ମହାନ୍ତ, ବଡସାହି ମହାସଂଘର ସଭାପତି ନିର୍ମଳୀ ଘୋଷ, ଧାନ ଫାଉଣ୍ଡେସନର ଆଞ୍ଚଳିକ ସଂଯୋଜକ ଜ୍ୟୋତିପ୍ରକାଶ ରାଉତ, ମ୍ୟୁଚୁଆଲ ଇନସ୍ୟୁରାନ୍ସର ପ୍ରକଳ୍ପ ସଂଯୋଜକ ରଶ୍ମିରଂଜନ ଖାର, ଆକଉଟାଣ୍ଟ ସୁଶାନ୍ତ ଦେ, ଏଫ୍ପିଓ ମ୍ୟାନେଜର କୈଳାସ ମହାନ୍ତ, ସଂଯୋଜକ ବୁଦ୍ଧେଶ୍ୱର ମହାନ୍ତ ପ୍ରମୁଖ ଯୋଗଦେଇ ଏହି ‘ଆନ୍ତଃଜାତୀୟ ଗରିବ ଦୂରୀକରଣ ଦିବସ’ର ବିଭିନ୍ନ ଦିଗ ଓ ଏହାର ନିରାକରଣ ଉପରେ ବିଶଦ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କଳାଞ୍ଜିୟମ ଏସଏଚଜି ମହାସଂଘର ମହିଳା ମାନେ ଉପସ୍ଥିତ ଥିଲେ।

## ବ୍ଲକ୍ସ୍ତରୀୟ ଉଲ୍ଲାସ ତାଲିମ

କପ୍ତିପଦା,୧୭।୧୦(ସମିସ)

ବ୍ଲକ୍ ସ୍ତରୀୟ ଉଲ୍ଲାସ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିକ୍ଷା ସ୍ୱେଚ୍ଛାସେବୀଙ୍କୁ ନେଇ ଏହି ତାଲିମ କାର୍ଯ୍ୟକ୍ରମରେ ତାଲିମ ଦାତା ଭାବରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ସିଂ, ସମ୍ବଳ ସାଧକ ଶିକ୍ଷକ ସନ୍ତୋଷ ସାହୁ ଉପସ୍ଥିତ ରହି ନବ ସାକ୍ଷରଙ୍କୁ ମୌଳିକ ସାକ୍ଷରତା ଓ ମୌଳିକ ସଂଖ୍ୟା ଜ୍ଞାନ, ଜୀବନ କୌଶଳ, ଧନ୍ଦାମୂଳକ ଶିକ୍ଷା, ମୌଳିକ ଶିକ୍ଷା, ନିରନ୍ତର ଶିକ୍ଷା ପ୍ରଦାନ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ନବ ସାକ୍ଷରମାନଙ୍କର ପଞ୍ଜୀକରଣ ତଥା ଶିକ୍ଷା ସ୍ୱେଚ୍ଛାସେବୀଙ୍କର ନାମ ପଞ୍ଜୀକରଣ ପାଇଁ ଆବଶ୍ୟକ ବୈଷୟିକ ସହାୟତା ଦିଲ୍ଲୀପ କୁମାର ମହାନ୍ତ, ଶିକ୍ଷକ ଅଚ୍ୟୁତାନନ୍ଦ ଦାସ ପ୍ରଦାନ କରିଥିଲେ। ପଞ୍ଜିକୃତ ସମସ୍ତ ଶିକ୍ଷା ସ୍ୱେଚ୍ଛାସେବୀଙ୍କୁ ନବସାକ୍ଷର ମାନଙ୍କ ପାଇଁ ଉଦ୍ଦିଷ୍ଟ ପୁସ୍ତକ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ସଫଳ ହେବାରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଶୋକ କୁମାର ସେଠୀ, ଶିଶିର ପାଢ଼ୀ, ଚିତ୍ତରଞ୍ଜନ ରାଉଳ, ଶରତ ମଲ୍ଲିକ, ନନ୍ଦନ ଭଦ୍ରା ତଥା ଅନ୍ୟ ସିଆରସିସି ଗଣ ସହାୟତା ପ୍ରଦାନ କରିଥିଲେ।

## ମହିଳା କଲେଜରେ ବିଶ୍ୱ ଖାଦ୍ୟ ଦିବସ ପାଳନ



ବାରିପଦା,୧୭।୧୦(ସମିସ): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି। ବିଶ୍ୱ ଖାଦ୍ୟ ଦିବସ ପାଳନ ଅବସରରେ ଗୃହବିଜ୍ଞାନ ବିଭାଗର ଛାତ୍ରୀମାନଙ୍କ ତରଫରୁ ଖାଦ୍ୟମେଳା ଆୟୋଜନ କରି ବିଭିନ୍ନ ପ୍ରକାର ସୁଷମ ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନ କରାଯାଇଥିଲା। ଅପରାହ୍ନରେ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରୀମା' ମହିଳା ମହାବିଦ୍ୟାଳୟର ଗୃହବିଜ୍ଞାନ ବିଭାଗର ଅଧ୍ୟାପିକା ଜ୍ୟୋସ୍ନା ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଖାଦ୍ୟର ଗୁଣାବତ୍ତା, ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତିର ପ୍ରଣାଳୀ, ବିଭିନ୍ନ ଖାଦ୍ୟର ପୋଷଣ ଓ ଭିଟାମିନକୁ ଅପରିବର୍ତ୍ତିତ ରଖିବାର କୌଶଳ ଆଦି ସମ୍ପର୍କରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ମହାବିଦ୍ୟାଳୟର ଅଧକ୍ଷା ଡ. ସାଗରିକା ସିଂହ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ଖାଦ୍ୟର ସ୍ୱାଦ ଓ ଗୁଣାବତ୍ତା ସମ୍ପର୍କରେ ଆଲୋକପାତ କରିବା ସହିତ ଖାଦ୍ୟମେଳା ଆୟୋଜନ କରିଥିବା ଗୃହବିଜ୍ଞାନ ବିଭାଗର ଛାତ୍ରୀ ଓ ଅଧ୍ୟାପିକାମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ। ଗୃହବିଜ୍ଞାନ ବିଭାଗର ଅଧ୍ୟାପିକା ସୁଶ୍ରୀ ପ୍ରଭାସିନୀ ଖୁଣ୍ଟିଆ ସଭା ପରିଚାଳନା କରିଥିଲାବେଳେ ଗୃହବିଜ୍ଞାନ ବିଭାଗର ବିଭାଗ ମୁଖ୍ୟ ତଥା ମନସ୍ତତ୍ତ୍ୱ ବିଭାଗର ସହକାରୀ ପ୍ରଫେସର୍ ଡ. ଦେବସ୍ମିତା ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଅବସରରେ ବିଭାଗ ତରଫରୁ ରୋଷେଇ, ରଙ୍ଗୋଲି, ରାପିଡ୍ ଫାୟାର, ସାଲାଡ ସାଜସଜ୍ଜା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବିଭାଗର ଅନ୍ୟତମ ଅଧ୍ୟାପିକା ସତ୍ୟବତୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଗୃହବିଜ୍ଞାନ ବିଭାଗର ଅନ୍ୟତମ ଅଧ୍ୟାପିକା ଶୁଭ୍ରାନ୍ତି ରେଖା ରାୟ, ଅନୁଜା ସାହୁ, ଗୃହବିଜ୍ଞାନ ବିଭାଗର ପ୍ରଦର୍ଶକ ବଳମଦିନା ଟେଟେ ପ୍ରମୁଖ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ତମାଖୁ ମୁକ୍ତ ଅଭିଯାନ ୩.୦ରେ ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ



ବାରିପଦା,୧୭।୧୦(ସମିସ): ସ୍ୱାସ୍ଥ୍ୟ ଉପରେ ତମାଖୁର କୁପ୍ରଭାବ ସମଗ୍ର ବିଶ୍ୱରେ ଚିନ୍ତାର କାରଣ ହୋଇଥିବା ବେଳେ ସାରା ରାଜ୍ୟରେ ବର୍ତ୍ତମାନ ଯୁବସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦ ଆରମ୍ଭ ହୋଇଛି। ଜିଲ୍ଲା ସ୍ୱାସ୍ଥ୍ୟ ଉପବିଭାଗ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ତମାଖୁ ମୁକ୍ତ ଅଭିଯାନ ୩.୦ ପ୍ରଗତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାଷ ଚନ୍ଦ୍ର ନାୟକ ଅଭିଯାନ ବିଷୟରେ ଉପସ୍ଥାପନ କରିଥିଲେ। ବିବରଣୀ ଅନୁସାରେ ୨୦୨୫-୨୬ରେ ୦୯ଟି ସ୍କ୍ୱାର୍ଡ ଜିଲ୍ଲାରେ କାର୍ଯ୍ୟକାରୀ ହୋଇ ସମୁଦାୟ ୨୦,୮୦୦ଟଙ୍କା ଫାଇନ ଆଦାୟ ହୋଇଛି। ବିଭିନ୍ନ ସ୍ଥାନ ଯଥା, ସ୍କୁଲ, କଲେଜ, ସର୍ବସାଧାରଣ ସ୍ଥାନ, ପ୍ରତିଟି ପଞ୍ଚାୟତ ସମେତ ବର୍ତ୍ତମାନ ସୁଦ୍ଧା ୧୦ଟି ବ୍ଲକର ୧୧୭ ଜଣ ସରପଞ୍ଚଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ନିହାର ରଞ୍ଜନ ପୃଷ୍ଟି ଜିଲ୍ଲା ଅଣ ସଂକ୍ରାମକ ପରିଚାଳକ ବିସ୍ତୃତ ଭାବରେ ଜିଲ୍ଲାରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ତମାଖୁ ମୁକ୍ତ ଯୁବା ଅଭିଯାନ କାର୍ଯ୍ୟକ୍ରମରେ ୧୬୦ଟି ସ୍କୁଲରେ ଯୁବପିଢିଙ୍କ ମଧ୍ୟରେ ତମାଖୁ ସେବନ ଜନିତ ସମସ୍ୟା ଓ ତହିଁରେ ସଚେତନତା ସୃଷ୍ଟି କରିବାପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ଶପଥ ପାଠ, ପ୍ରଶିକ୍ଷଣ ଜିଲ୍ଲା ସ୍ୱାସ୍ଥ୍ୟ ସଂଚାଳକଙ୍କ ଦ୍ୱାରା କରାଯିବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲାର ୨୦ ଗାଁ ମାନଙ୍କୁ ତମାଖୁ ମୁକ୍ତ କରାଯିବ ଏବଂ ତହିଁରେ ୪୦ରୁ ଅଧିକ ସୂଚନା, ଶିକ୍ଷା ଓ ଯୋଗାଯୋଗ ମାଧ୍ୟମରେ ପ୍ରଚାର ପ୍ରସାର କରିବାର ଯୋଜନା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କରାଯାଇଛି। ଚଳିତ ବର୍ଷ ଆରମ୍ଭ ହୋଇଥିବା ତମାଖୁ ମୁକ୍ତ ଅଭିଯାନ ୩.୦ ଅକ୍ଟୋବର ୧୦ରୁ ଆରମ୍ଭ ହୋଇଛି ଏବଂ ଏହା ୯ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ। ସଚେତନତା ମାରାଥନ, ରାଲି, ରେଡ଼ିଓ ବାର୍ତ୍ତା, ଲୋକକଳା, ଚିତ୍ର ପ୍ରଦର୍ଶନୀ, ସୋସିଆଲ ମିଡ଼ିଆ ପ୍ରଚାର ଓ ପଥପ୍ରାନ୍ତ ନାଟକ, ନୁକ୍କାଡ଼ ନାଟକ ମାଧ୍ୟମରେ ତମାଖୁ ବର୍ଜନ ବିଷୟରେ ଜନସଚେତନତା ସୃଷ୍ଟି କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ନିମନ୍ତ୍ରିତ ଅତିଥି ଓ ଅଧିକାରୀ ମାନେ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ଜିଲ୍ଲା ଅଣସଂକ୍ରମକ ଡଃ ଜ୍ଞାନେନ୍ଦ୍ର ମହାନ୍ତି, ଡ ମିତ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିଷାନ, ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଜିଲ୍ଲା ଡ୍ରଗ କଣ୍ଟ୍ରୋଲର ରୁଦ୍ର ନାରାୟଣ ସାହୁ, ଡ୍ରଗ ଇନ୍ସପେକ୍ଟର ଦିବ୍ୟରଞ୍ଜନ ନାୟକ ଓ ପ୍ରଦୀପ କୁମାର ସାହୁ, ଖାଦ୍ୟ ଅଧିକାର ସଂଯୁକ୍ତା ହେମ୍ବ୍ରମ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ସମଗ୍ର ଶିକ୍ଷାର ଜିଲ୍ଲା ସଂଯୋଜକ ନିରଞ୍ଜନ ନାଏକଙ୍କ, ଜିଲ୍ଲା ସମ୍ପ୍ରସାରଣ ଅଧିକାରୀ ଧନୁ ମୁର୍ମୁ ଓ ଗଣେଶ୍ୱର ମହାନ୍ତି, ଡ ଶୁଭମ୍ ଶ୍ରୀତମ ସାମନ୍ତରାୟ ଉପସ୍ଥିତ ଥିଲେ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ପୁସ୍ତକ ଲୋକାର୍ପଣ ଉତ୍ସବ



ବାରିପଦା,୧୭।୧୦(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଲୋକାର୍ପଣ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥି ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡ. ଭରତ ଚନ୍ଦ୍ର ଦାଶଙ୍କ ଲିଖିତ କବିତା ଗ୍ରନ୍ଥ ‘ପ୍ରୀତିସିକ୍ତା’କୁ ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ଉପସଭାପତି ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା ଅଧକ୍ଷତା କରିଥିଲେ। ବାଲେଶ୍ୱର ପାଳିଆବିନ୍ଧା ବିଏନଏମ୍ଏ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ସ୍ତମ୍ଭକାର ଡ. ବିଶ୍ୱରଞ୍ଜନ ଦାସ ଆଲୋଚକ ଭାବରେ ଯୋଗଦାନ ସାରଗର୍ଭକ ଭାଷଣ ରଖିଥିଲେ। ସାହିତ୍ୟିକ ଭାବାବେଗକୁ ଶୃଙ୍ଖଳରେ ବାନ୍ଧିଦେଲେ ସାହିତ୍ୟ ସଂକୁଚିତ ହୋଇଯାଏ ଓ କାଳଜୟୀ ହୋଇପାରେ ନାହିଁ ବୋଲି ସେ ମତ ରଖିଥିଲେ। ସାଂସ୍କୃତିକ ପରିଷଦର ସମ୍ପାଦକ ଡ. ବିଚିତ୍ରନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପରିଷଦର ସହ-ସମ୍ପାଦକ ଡ ଶିଶିର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗର ଅଧ୍ୟାପିକା ଡ. ବିନ୍ଧେଶ୍ୱରୀ କଳିଆ, ଅଧ୍ୟାପକ ରାଜକୁମାର ପାତ୍ର, ହୃଷୀକେଶ ମହାନ୍ତଙ୍କ ସମେତ ଓଡ଼ିଆ, ଇଂରାଜୀ, ସଂସ୍କୃତ ଓ ସାନ୍ତାଳୀ ବିଭାଗର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀଗଣ ଯୋଗଦାନ କରିଥିଲେ।

■ ସୁଲତାନ ଅଫ୍ ଜୋହର କପ୍

## ରେକର୍ଡ ୮ମ ଥର ଫାଇନାଲ ଖେଳିବ ଭାରତ



ଜୋହର ବହରୁ, ୧୭।୧୦ (ଏଜେନ୍ସି): ମାଲେସିଆରେ ଚାଲିଥିବା ୧୩ତମ ସୁଲତାନ ଅଫ୍ ଜୋହର କପ୍ ଜୁନିଅର (୨୧ ବର୍ଷରୁ କମ୍) ହକି ଟୁର୍ଣ୍ଣାମେଣ୍ଟରେ ଭାରତ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଭାରତ ଏହାର ଅନ୍ତିମ ପୁଲ୍ ପର୍ଯ୍ୟାୟ ମ୍ୟାଚରେ ୨-୧ ଗୋଲ୍‌ରେ ଆୟୋଜକ ମାଲେସିଆକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ଭାରତର ଗୁର୍‌ଜୋତ୍ ସିଂହ ଓ ସୌରଭ ଆନନ୍ଦ କୁଶୱାହ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଏଥିସହ ଭାରତ ୫ ମ୍ୟାଚ ଖେଳି ୩ ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ଡ୍ର ସହ ୧୦ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲରେ ସ୍ଥାନ ପକ୍କା କରିଛି। ପୂର୍ବରୁ ପ୍ରଥମ ଦଳ ଭାବେ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିସାରିଥିଲା। ଫଳରେ ଶନିବାର ସନ୍ଧ୍ୟା ୬ଟାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ସୁଲତାନ ଅଫ୍ ଜୋହର କପରେ ଭାରତ ୧୨ଥର ଅଂଶଗ୍ରହଣ କରି ରେକର୍ଡ ୮ମଥର ଲାଗି ଫାଇନାଲ ଖେଳିବ। ଭାରତ ୩ଥର ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିବାବେଳେ ୪ଥର ରନର୍ସଅପ୍ ହୋଇଥିଲା।

## ଚାମୁଣ୍ଡେଶ୍ୱରନାଥ ଆଇସିଏ ଖେଳାଳି ପ୍ରତିନିଧି



ମୁମ୍ବଇ, ୧୭।୧୦ (ଏଜେନ୍ସି): ବିସିସିଆଇର ଆଗାମୀ ଆପେକ୍ସ କାଉନସିଲ୍ ବୈଠକରେ ଭି. ଚାମୁଣ୍ଡେଶ୍ୱରନାଥ ଇଣ୍ଡିଆନ କ୍ରିକେଟର୍ସ ଆସୋସିଏସନ (ଆଇସିଏ)ର ଖେଳାଳି ପ୍ରତିନିଧି ଭାବେ ଭାଗନେବେ। ସେ ଦିଲୀପ ଭେଙ୍ଗସରକାରଙ୍କ ସ୍ଥାନରେ ଆପେକ୍ସ କାଉନସିଲ୍ ବୈଠକରେ ଯୋଗଦେବେ। ଭେଙ୍ଗସରକାର ଆଇସିଏର ଖେଳାଳି ପ୍ରତିନିଧି ଭାବେ ୩ ବର୍ଷ ପୂରଣ କରିସାରିଛନ୍ତି। ଗତ ୧୫ ଓ ୧୬ ତାରିଖ ଦୁଇଦିନ ଧରି ଆଇସିଏର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଭାରତୀୟ ଦଳର ପୂର୍ବତନ ଅଧିନାୟିକା ସାନ୍ତା ରଙ୍ଗାସ୍ୱାମୀ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସେହିଭଳି ଆପେକ୍ସ କାଉନସିଲ ସଦସ୍ୟ ଲାଗି ହୋଇଥିବା ନିର୍ବାଚନରେ ଚାମୁଣ୍ଡେଶ୍ୱରନାଥ ୭୫୫-୮୩ ଭୋଟରେ ଭି. ଜାଡେଜାଙ୍କୁ ହରାଇଥିଲେ। ଚାମୁଣ୍ଡେଶ୍ୱରନାଥ ଆନ୍ଧ୍ରପ୍ରଦେଶ ରଣଜୀ ଟ୍ରଫି ଦଳର ପୂର୍ବତନ ଅଧିନାୟକ। ଏଥିପୂର୍ବରୁ ସେ ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ୍‌ର ସଦସ୍ୟ ରହିଥିଲେ।

## ଟି-୨୦ ବିଶ୍ୱକପ : ୨୦ତମ ଟିମ୍‌କୁ ଯୋଗ୍ୟତା

ଦୁବାଇ,୧୭।୧୦(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ୨୦୨୬ ଟି-୨୦ ପୁରୁଷ ବିଶ୍ୱକପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ୨୦ଟି ଦଳ ଭାଗନେବେ। ମସ୍କାଟରେ ଚାଲିଥିବା ଏସିଆ/ଇଷ୍ଟ ଏସିଆ-ପ୍ୟାସିଫିକ୍ କ୍ୱାଲିଫାୟରରେ ୟୁଏଇ, ଓମାନ ଓ ନେପାଳ ପ୍ରଥମ ୩ଟି ସ୍ଥାନରେ ରହି ଯୋଗ୍ୟତା ଅର୍ଜନ କରିବା ପରେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେବାକୁ ସମସ୍ତ ୨୦ଟି ଦେଶ ନାମ ଚୂଡ଼ାନ୍ତ ହୋଇଛି। ଏହା ମଧ୍ୟରୁ ଭାରତ ଓ ଶ୍ରୀଲଙ୍କା ଆୟୋଜକ ଦେଶ ଭାବେ ପ୍ରଥମେ ଯୋଗ୍ୟତା ଅର୍ଜନ କରିଥିଲେ। ଅଷ୍ଟ୍ରେଲିଆ, ବାଂଲାଦେଶ, ଆଫଗାନିସ୍ତାନ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଆମେରିକା ଓ ୱେଷ୍ଟଇଣ୍ଡିଜ୍ ୨୦୨୪ରେ ଅନୁଷ୍ଠିତ ବିଶ୍ୱକପ୍‌ରେ ପ୍ରଥମ ୭ଟି ସ୍ଥାନ ଅଧିକାର କରି ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିଲେ। ଏମାନଙ୍କ ପରେ ପାକିସ୍ତାନ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ ଆଇସିସି ର୍‌ୟାଙ୍କିଂରେ ଆଗରେ ଥିବାରୁ ଯୋଗ୍ୟତା ଅର୍ଜନ କରିଛନ୍ତି। କ୍ୱାଲିଫାଇଙ୍ଗ୍ ଟୁର୍ଣ୍ଣାମେଣ୍ଟରେ ସଫଳତା ପାଇ କାନାଡା, ଇଟାଲୀ, ନେଦରଲାଣ୍ଡସ, ନାମିବ୍ୟା, ନେପାଳ, ଓମାନ ଓ ୟୁଏଇ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଆସନ୍ତାବର୍ଷ ଫେବୃଆରୀ- ମାର୍ଚ୍ଚରେ ଏହି ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଭାରତ ଡିଫେଣ୍ଡିଂ ଚାମ୍ପିଅନ ଓ ଆୟୋଜକ ଦଳ ଭାବେ ଖେଳିବ।



ଭୁବନେଶ୍ୱରରେ ଶୁକ୍ରବାର ତିଲୋ ଆଥଲେଟିକ୍ ଆସୋସିଏସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ 'ଗେମ୍‌ଚେଞ୍ଜର'ରେ ଅତିଥିମାନେ ଦୂତୀ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଦିନିକିଆ ସିରିଜ୍ ଟ୍ରଫି ଉନ୍ମୋଚିତ

# ପର୍ଥରେ ଭାରତୀୟ ଦଳର ଜୋର୍‌ଦାର୍ ଅଭ୍ୟାସ

ପର୍ଥ,୧୭।୧୦(ଏଜେନ୍ସି)



ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଭାରତୀୟ କ୍ରିକେଟ ଦଳର ଜୋରଦାର ଅଭ୍ୟାସ ଆରମ୍ଭ ହୋଇଯାଇଛି। ପର୍ଥରେ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଏକତ୍ର ହେବା ପରେ ଆଜି ପଡ଼ିଆରେ ଅଭ୍ୟାସ କରିଛନ୍ତି। ଆଜି ମଧ୍ୟ ସିରିଜ୍ ଲାଗି ଆନୁଷ୍ଠାନିକ ଆରମ୍ଭ ହୋଇଛି। ଉଭୟ ଦଳର ଖେଳାଳି ଏକତ୍ର ହୋଇ ସିରିଜ୍ ଶୁଭାରମ୍ଭ କରିଛନ୍ତି। ଖେଳ ପୂର୍ବରୁ ଏହା ଖେଳାଳିଙ୍କ ମଧ୍ୟରେ ବନ୍ଧୁତ୍ୱଭାବ ସୃଷ୍ଟି କରିଥାଏ। ଖେଳ ପଡ଼ିଆରେ ପ୍ରତିଦ୍ୱନ୍ଦ୍ୱିତା ଭିନ୍ନ ଏକ ସ୍ଥିତି ସୃଷ୍ଟି କରିଥାଏ। ଏସବୁକୁ ମୁକାବିଲା କରିବାକୁ ଉଭୟ ଦଳ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଭାରତୀୟ ଦଳର ଦୁଇ ତାରକା ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଦୀର୍ଘ ୭ମାସ ପରେ ଭାରତ ପକ୍ଷରୁ ଏବଂ ୫ ମାସ ପରେ ପ୍ରଥମଥର ପଡ଼ିଆକୁ ଓହ୍ଲାଇଛନ୍ତି। ଅପଟସ ଷ୍ଟାଡିୟମ୍‌ରେ ଏମାନଙ୍କୁ ଦେଖିବା ଲାଗି ଢ଼େର ସମର୍ଥକ ଉପସ୍ଥିତ ଥିଲେ। ନେଟ୍ସରେ ବିରାଟ କୋହଲି ଭଲ ଭାବେ ଖେଳୁଥିଲେ ମଧ୍ୟ ରୋହିତ ଶର୍ମା ଲୟକୁ ଆସି ପାରି ନ ଥିଲେ।

ଅନ୍ୟ ପକ୍ଷରେ ଉଭୟ ବରିଷ୍ଠ ଓ ଅଭିଜ୍ଞ ଖେଳାଳିଙ୍କ ଉପସ୍ଥିତି ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଅନେକ କିଛି ଶିଖିବାକୁ ସୁଯୋଗ ପାଇବେ। ଉଭୟ ଖେଳାଳି ଉପଦେଶ ଦେବାରେ ଆଦୌ କଞ୍ଜୁସ ହେବେ ନାହିଁ ବୋଲି ସମସ୍ତେ ଜାଣନ୍ତି। ଏଣୁ ଗିଲ୍‌ଙ୍କୁ ଏହି ସିରିଜ୍‌ରେ ବେଶ ଫାଇଦା ମିଳିବ। ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଦଳ ବିପକ୍ଷରେ ରଣନୀତି ପ୍ରସ୍ତୁତ କରିବା ପୂର୍ବରୁ ମଧ୍ୟ ଏହି ଦୁଇ ଖେଳାଳି ସେମାନଙ୍କ ଅଭିଜ୍ଞତାରୁ ନିଶ୍ଚିତ କିଛି ଖେଳାଳି ତଥା ଅଧିନାୟକ ଗିଲ୍‌ଙ୍କୁ ଉପଦେଶ ଦେବେ। ରୋହିତ ଶର୍ମାଙ୍କ ଅବସର ପରେ ଶୁବମନ ଗିଲଙ୍କ ନେତୃତ୍ୱ ପ୍ରଦାନ କରାଯାଇଛି। ଗିଲ୍‌ଙ୍କ ନେତୃତ୍ୱରେ ଭାରତ ଦୁଇଟି ଟେଷ୍ଟ ସିରିଜ୍ ଖେଳିସାରିଛି। ଏଠାରେ ରବିବାର ଅଷ୍ଟ୍ରେଲିଆ ସହ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଗିଲ ଦିନିକିଆ ନେତୃତ୍ୱରେ ଡେବ୍ୟୁ କରିବେ। ଇଂଲଣ୍ଡରେ ପ୍ରଥମଥର ଅଧିନାୟକ ହୋଇଥିବା ଗିଲ ୭୫୪ ରନ୍ କରି ସମସ୍ତଙ୍କୁ ପଛରେ ପକାଇଦେଇଥିଲେ। ଏବେ ପର୍ଥରେ ସେ ତାଙ୍କର ତଥା ଭାରତୀୟ କ୍ରିକେଟ ଲାଗି ଏକ ନୂଆ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି।

ଆଜିର ଅଭ୍ୟାସରେ ଉଭୟ ଦଳର ଖେଳାଳି ନେଟ୍ସରେ ଉପସ୍ଥିତ ଥିଲେ। କିନ୍ତୁ ଷ୍ଟାଡିୟମ୍‌ରେ ଉପସ୍ଥିତ ଥିବା ଦର୍ଶକ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ନଜରରେ ଥିଲେ ବିରାଟ କୋହଲି। ଏଥିରୁ କୋହଲିଙ୍କ କ୍ରେଜ୍ ଏଯାଏ କମିନାହିଁ ବୋଲି ସ୍ପଷ୍ଟ ହୋଇଯାଇଛି। ପର୍ଥ ପିଚ୍ ଫାଷ୍ଟ ବୋଲରଙ୍କୁ ସୁହାଇଥାଏ। ଏଣୁ ଫାଷ୍ଟ ବୋଲରମାନେ ଏଠାରେ ଅଧିକ ବୋଲିଂ କରିଥିଲେ। ରୋହିତ ଓ ବିରାଟ ମଧ୍ୟ ସମାନ ସମୟ ଅଭ୍ୟାସରେ କଟାଇଥିଲେ। ଅର୍ଶଦୀପ ସିଂହ, ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା ଓ ମହମ୍ମଦ ସିରାଜ ରିଦମକୁ ଆସିବା ଲାଗି ଉଦ୍ୟମ କରିଥିଲେ। ସ୍ପିନରମାନେ ବୋଲିଂ କରିଥିଲେ ମଧ୍ୟ ସେମାନଙ୍କୁ ବେଶି ସୁଯୋଗ ମିଳି ନ ଥିଲା। ଆସନ୍ତାକାଲି ପିଚ୍ ଦେଖିବା ପରେ ଟିମ୍ ମ୍ୟାନେଜମେଣ୍ଟ କିଛି ସୂଚନା ପାଇବେ। ଏଥିରୁ ଚୂଡ଼ାନ୍ତ ଖେଳାଳି ଚୟନ କରାଯିବ।

### ଗ୍ରୀନ୍ ଆଉଟ, ଲାବୁସେନ ଇନ୍

ଅଷ୍ଟ୍ରେଲିଆର ଷ୍ଟାର ଅଲରାଉଣ୍ଡର କାମେରନ ଗ୍ରୀନ୍ ଆହତ ହେବା ଯୋଗୁ ଏହି ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ଏହା ଫଳରେ ସିରିଜ୍ ଆରମ୍ଭରୁ ଘରୋଇ ଦଳକୁ ଶକ୍ତ ଧକ୍କା ଲାଗିଛି। ଗତବର୍ଷ ଅସ୍ତ୍ରୋପଚାର ପରେ ଗ୍ରୀନ୍ ବୋଲିଂ କରିନାହାନ୍ତି। ଏବେ ସେ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ବରିଷ୍ଠ ଖେଳାଳି ମାର୍ନସ ଲାବୁସେନଙ୍କୁ ସାମିଲ କରାଯାଇଛି। ଫର୍ମରେ ନ ଥିବା ଲାବୁସେନ ଘରୋଇ କ୍ରିକେଟରେ ୫ଟି ମ୍ୟାଚ୍‌ରୁ ୪ଟି ଶତକ ହାସଲ କରିବା ପରେ ଦଳକୁ ଫେରିଛନ୍ତି। ଗ୍ରୀନ୍‌ଙ୍କ ପୂର୍ବରୁ ୱିକେଟକିପର ବ୍ୟାଟର ଜୋଶ୍ ଇଂଲିଶ ମଧ୍ୟ ଆଘାତ ଜନିତ କାରଣ ଯୋଗୁ ଦଳରୁ ବାଦ୍ ପଡ଼ିଛନ୍ତି। ପତ୍ନୀ ଗର୍ଭବତୀ ଥିବାରୁ ଲେଗ୍ ସ୍ପିନର ଆଦାମ ଜାମ୍ପା ତାଙ୍କ ଘରେ ଅଛନ୍ତି। ସେ ପ୍ରଥମ ଦିନିକିଆ ଖେଳିବେ ନାହିଁ। ସେହିପରି ଶେଫିଲ୍ଡ ସିଲ୍ଡ ମ୍ୟାଚ ଖେଳୁଥିବାରୁ ଅନ୍ୟତମ ୱିକେଟରକ୍ଷକ ଆଲେକ୍ସ କ୍ୟାରୀ ମଧ୍ୟ ପ୍ରଥମ ଦିନିକିଆରେ ଖେଳିବେ ନାହିଁ। ଏଣୁ ଅଷ୍ଟ୍ରେଲିଆ ଆହତ ସମସ୍ୟାକୁ ନେଇ ଅଡୁଆରେ ପଡ଼ିଛି।

## ୯ ବର୍ଷରେ ସବୁଠୁ ନିମ୍ନ ଫିଫା ର୍‌ୟାଙ୍କିଙ୍ଗରେ ଭାରତ

ଜୁରିକ, ୧୭।୧୦ (ଏଜେନ୍ସି): ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ପକ୍ଷରୁ ସଦ୍ୟ ପ୍ରକାଶିତ ର୍‌ୟାଙ୍କିଙ୍ଗ୍‌ରେ ଭାରତ ଦୁଇଟି ସ୍ଥାନ ହରାଇ ୧୩୬କୁ ଖସିଯାଇଛି। ଫଳରେ ଭାରତୀୟ ପୁରୁଷ ଫୁଟବଲ୍ ଦଳ ଗତ ୯ ବର୍ଷ ମଧ୍ୟରେ ଫିଫା ର୍‌ୟାଙ୍କିଙ୍ଗରେ ସବୁଠୁ ଖରାପ ପ୍ରଦର୍ଶନ କରିଛି। ୨୦୧୬ ନଭେମ୍ବରରେ ପ୍ରକାଶିତ ଫିଫା ମାନ୍ୟତାରେ ଭାରତ ୧୩୭ତମ ସ୍ଥାନରେ ରହିଥିଲା। ଫିଫା ମାନ୍ୟତାରେ ଭାରତ ଏହାର ଶ୍ରେଷ୍ଠ ର୍‌ୟାଙ୍କିଙ୍ଗ ୧୯୯୬ ଫେବୃଆରୀରେ ହାସଲ କରିଥିଲା। ଏଥିରେ ଭାରତ ମାନ୍ୟତାର ୯୪ତମ ସ୍ଥାନରେ ରହିଥିଲା। ସଦ୍ୟ ପ୍ରକାଶିତ ଫିଫା ର୍‌ୟାଙ୍କିଙ୍ଗରେ ସ୍ପେନ ଶୀର୍ଷରେ ସ୍ଥିର ରହିଛି। ବିଶ୍ୱ ଚାମ୍ପିଅନ ଆର୍ଜେଣ୍ଟିନା ଗୋଟିଏ ସ୍ଥାନ ଉପରକୁ ଉଠି ଦ୍ୱିତୀୟରେ ପହଞ୍ଚିଛି। ସେହିଭଳି ଫ୍ରାନ୍ସ ଦ୍ୱିତୀୟରୁ ୩ୟ ସ୍ଥାନକୁ ଖସିଯାଇଛି। ର୍‌ୟାଙ୍କିଙ୍ଗରେ ଇଂଲଣ୍ଡ ୪ର୍ଥ, ପର୍ତ୍ତୁଗାଲ ୫ମ, ନେଦରଲାଣ୍ଡସ ୬ଷ୍ଠ, ବ୍ରାଜିଲ ୭ମ, ବେଲଜିୟମ ୮ମ, ଇଟାଲୀ ୯ମ ଓ ଜର୍ମାନୀ ୧୦ମ ସ୍ଥାନରେ ରହିଛନ୍ତି।

## ମହିଳା ଟି-୨୦ ଦ୍ରୁତତମ ଶତକ ହାସଲ କଲେ କିରଣ



ନାଗପୁର, ୧୭।୧୦ (ଏଜେନ୍ସି): ଭାରତୀୟ ବ୍ୟାଟର୍ କିରଣ ନାଭଗିରେ ମହିଳା ଟି-୨୦ କ୍ରିକେଟ୍‌ରେ ଦ୍ରୁତତମ ଶତକ ହାସଲ କରିବାର ବିଶ୍ୱରେକର୍ଡ କରିଛନ୍ତି। ନାଗପୁରର ଭିସିଏ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ବିସିସିଆଇ ସିନିଅର ମହିଳା ଟି-୨୦ ଏକ ମ୍ୟାଚରେ ପଞ୍ଜାବ ବିପକ୍ଷରେ ମହାରାଷ୍ଟ୍ର ପକ୍ଷରୁ ଖେଳି କିରଣ ୩୪ ବଲରେ ଶତକ ହାସଲ କରିଥିଲେ। ୩୧ ବର୍ଷୀୟା ଡାହାଣହାତୀ ବ୍ୟାଟର୍ କିରଣ ତାଙ୍କ ୩୫ ବଲ୍ ପାଳିରେ ୧୦୬ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହି ପାଳିରେ ସେ ୧୪ଟି ଚୌକା ଓ ୭ଟି ଛକା ମାରିଥିଲେ। ତାଙ୍କ ଷ୍ଟ୍ରାଇକରେଟ୍ ୩୦୨.୮୬ ରହିଥିଲା। ପଞ୍ଜାବ ପକ୍ଷରୁ ୧୧୧ ରନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ କିରଣ ଏକାକୀ ୧୦୬ ରନ କରି ମହାରାଷ୍ଟ୍ରକୁ ୧୨ ଓଭର ଓ ୯ ୱିକେଟ୍ ବଳକାଥାଇ ବିଜୟୀ କରାଇଥିଲେ। ଏଥିସହ କିରଣ ମହିଳା ଟି-୨୦ ଇତିହାସରେ ଦ୍ରୁତତମ ଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ନ୍ୟୁଜିଲାଣ୍ଡର ସୋଫି ଡିଭାଇନଙ୍କ ନାମରେ ରହିଥିଲା। ସୋଫି ୨୦୨୧ରେ ୱେଲିଂଟନ ପକ୍ଷରୁ ଖେଳି ଓଟାଗୋ ବିପକ୍ଷରେ ୩୬ ବଲରେ ଶତକ ମାରିଥିଲେ। ଅନ୍ତର୍ଜାତୀୟ ମହିଳା ଟି-୨୦ରେ ୱେଷ୍ଟଇଣ୍ଡିଜର ଡେଣ୍ଡ୍ରା ଡଟିନ ୨୦୧୦ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩୮ ବଲରେ ଶତକ ଅର୍ଜନ କରିଥିଲେ। ସେହିଭଳି ମହିଳା ଟି-୨୦ ଇତିହାସରେ ଶତକ ହାସଲ କରିଥିବା ବ୍ୟାଟର୍‌ଙ୍କ ମଧ୍ୟରେ କେବଳ କିରଣଙ୍କ ଷ୍ଟ୍ରାଇକରେଟ୍ ୩୦୦ରୁ ଊର୍ଦ୍ଧ୍ୱ ରହିଛି।

ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ

## ସେମିରେ ଓଡିଏମ୍ ପବ୍ଲିକ୍ ସ୍କୁଲ




ଭୁବନେଶ୍ୱର,୧୭।୧୦(ସମିସ): ଓଡ଼ିଏମ୍ ପବ୍ଲିକ୍ ସ୍କୁଲ ୩-୨ ଗୋଲରେ ଜଟଣୀର କୁଶମାଟି ସ୍କୁଲ୍‌କୁ ପରାସ୍ତ କରି ତୃତୀୟ ଦଳ ଭାବେ ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଗତକାଲି ଓଡିଏମ୍‌ର ଗ୍ଲୋବାଲ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଥିଲା। ଆଜିର ଖେଳରେ ପବ୍ଲିକ୍ ସ୍କୁଲ ପକ୍ଷରୁ ସୁରଜ ଖାଲକୋ, ନିଖିଲ ହେମ୍ବ୍ରମ ଓ ବିଶାଲ ଲୋହାର ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। କୁଶମାଟି ହାଇସ୍କୁଲର ରୁଦ୍ରପ୍ରସାଦ ନାୟକ ୨ଟି ଗୋଲ ଶୁଝାଇଥିଲେ। ରୁଦ୍ରପ୍ରସାଦଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଅଶୋକ କୁମାର ପଟ୍ଟନାୟକ, ବିବେକାନନ୍ଦ ଦାସ, ଚିନ୍ମୟ କୁମାର ଦାସ ଓ ଟୁର୍ଣ୍ଣାମେଣ୍ଟ ଆୟୋଜକ ଭେଟେରାନ ଫୁଟବଲ ସଂଘର ସଭାପତି ନବରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତାକାଲି ବା ଶନିବାର ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ବିକାଶ ରେସିଡେନ୍‌ସିଆଲ ସ୍କୁଲ ସହ ୟୁନିଟ୍-୧ ସରକାରୀ ହାଇସ୍କୁଲ ମଧ୍ୟରେ ଖେଳାଯିବ। ଆଜିର ଖେଳ ପରିଚାଳନା କରିଥିଲେ ରେଫରି ଦିବ୍ୟ ମଙ୍ଗରାଜ, ଅମିତ ନାୟକ, ଚନ୍ଦ୍ରକାନ୍ତ ବାରିକ ଓ ସୁଦୀପ ଦାସ। ଟି ମୋହନ ରାଓ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ।

■ ମହିଳା ବିଶ୍ୱକପ୍ କ୍ରିକେଟ

## ଦକ୍ଷିଣ ଆଫ୍ରିକାର ୪ର୍ଥ ବିଜୟ

କଲମ୍ବୋ,୧୭।୧୦(ଏଜେନ୍ସି): ଏଠାରେ ଶୁକ୍ରବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ମହିଳା ବିଶ୍ୱକପ୍‌ର ୧୮ତମ ଲିଗ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୧୦ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରି ଏହି ଟୁର୍ଣ୍ଣାମେଣ୍ଟରେ ଚତୁର୍ଥ ବିଜୟ ହାସଲ କରିଛି। ଏହି ବିଜୟ ଫଳରେ ଦଳ ପଏଣ୍ଟ ତାଲିକାରେ ଇଂଲଣ୍ଡକୁ ହଟାଇ ଦ୍ୱିତୀୟ ସ୍ଥାନକୁ ଉନ୍ନିତ ହୋଇଛି। ବର୍ଷା ଯୋଗୁଁ ଖେଳ ୫ ଘଣ୍ଟା ବାଧାପ୍ରାପ୍ତ ହେବା ଫଳରେ ମ୍ୟାଚ୍‌କୁ ୨୦ ଓଭର ବିଶିଷ୍ଟ କରାଯାଇଥିଲା। ବର୍ଷା ପୂର୍ବରୁ ୧୨ ଓଭରରେ ୨ ୱିକେଟ ହରାଇ ୪୬ ରନ୍ କରିଥିବା ଶ୍ରୀଲଙ୍କା ୭ ୱିକେଟରେ ୧୦୫ ରନ୍ କରିଥିଲା। କିନ୍ତୁ ଡିଏଲଏସ୍ ମେଥଡ ଅନୁଯାୟୀ ଦକ୍ଷିଣ ଆଫ୍ରିକା ଆଗରେ ୨୦ ଓଭରରେ ୧୨୧ ରନ୍‌ର ଲକ୍ଷ୍ୟ ରହିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୪.୫ ଓଭରରେ କୌଣସି ୱିକେଟ ନ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳର ଏନ୍ ମାଲବାଙ୍କୁ ୩ଟି ଓ ମାସାବା କ୍ଲାସ୍‌ଙ୍କୁ ୨ଟି ୱିକେଟ ମିଳିଥିଲା। ବ୍ୟାଟିଂରେ ଲୌରା ୱଲଭାର୍ଟ ୬୦ ଓ ତାଜମିନ ବ୍ରିଟ୍ସ ୫୫ ରନ୍‌ରେ ଅପରାଜିତ ରହିଥିଲେ। ଏଠାରେ ଆସନ୍ତାକାଲି ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ।

ରଣଜୀ ଟ୍ରଫି

## ବିଜୟରୁ ବିଦର୍ଭ, ହରିୟାଣାର ଅଭିଯାନ ଆରମ୍ଭ

ବେଙ୍ଗାଲୁରୁ, ୧୭।୧୦ (ଏଜେନ୍ସି)



ଚଳିତ ରଣଜୀ ଟ୍ରଫିର ୯୧ତମ ସଂସ୍କରଣରେ ବିଦର୍ଭ ଓ ହରିୟାଣା ଦମ୍‌ଦାର ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବେଙ୍ଗାଲୁରୁରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ବିଦର୍ଭ ଏକ ଇନିଂସ ଓ ୧୭୯ ରନରେ ନାଗାଲାଣ୍ଡକୁ ପରାସ୍ତ କରିଛି। ସେହିଭଳି ସୁରଟରେ ଖେଳାଯାଇଥିବା ଏଲିଟ୍ ଗ୍ରୁପ୍-ସି'ର ଅନ୍ୟ ଏକ ମୁକାବିଲାରେ ହରିୟାଣା ୯୬ ରନରେ ରେଳବାଇକୁ ହରାଇଦେଇଛି। ଇନିଂସ ବିଜୟ ଲାଗି ବିଦର୍ଭ ୭ ଓ ହରିୟାଣା ୬ ପଏଣ୍ଟ ଅର୍ଜନ ପାଇଛି।

ନାଗାଲାଣ୍ଡ ବିପକ୍ଷ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ପ୍ରଥମ ଇନିଂସରେ ୪୬୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଅମନ ମୋଖାଡେ ସର୍ବାଧିକ ୧୮୩ ରନ କରିଥିଲେ। ଏହାପରେ ବ୍ୟାଟିଂ କରିଥିବା ନାଗାଲାଣ୍ଡ ପ୍ରଥମ ଇନିଂସରେ ୧୭୧ ରନରେ ସୀମିତ ରହିଥିଲା। ୨୯୨ ରନ ପଛରେ ଥାଇ ଫଲୋଅନ ପାଇଥିବା ନାଗାଲାଣ୍ଡ ଦ୍ୱିତୀୟ ଇନିଂସରେ ମଧ୍ୟ ପୁଣିଥରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଶୁକ୍ରବାର ତୃତୀୟ ଦିବସରେ ନାଗାଲାଣ୍ଡ ୧୧୩ ରନରେ ସମସ୍ତ ୱିକେଟ୍ ହରାଇଥିଲା। ଅମନ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

ସେହିଭଳି ସୁରଟର ପିଠୱାଲା ଷ୍ଟାଡିୟମରେ ହରିୟାଣା ଓ ରେଳବାଇ ମଧ୍ୟରେ ଏଠାରେ ଅନୁଷ୍ଠିତ ମ୍ୟାଚରେ ବୋଲରଙ୍କ ପ୍ରଭାବ ଦେଖିବାକୁ ମିଳିଛି। ଫଳରେ ୩ ଦିନରେ ୪୦ ୱିକେଟ ପତନ ଘଟିବା ସହ ଫଳାଫଳ ବାହାରିଯାଇଥିଲା। ପ୍ରଥମେ ବ୍ୟାଟିଂ କରି ହରିୟାଣା ୧୭୧ ରନ କରିଥିବାବେଳେ ରେଳବାଇ ୧୨୮ରେ ସୀମିତ ରହିଥିଲା। ୪୩ ରନରେ ଆଗୁଆ ରହିଥିବା ହରିୟାଣା ଦ୍ୱିତୀୟ ଇନିଂସରେ ୨୦୫ ରନ କରିଥିଲା। ଫଳରେ ରେଳବାଇ ସାମ୍ନାରେ ୨୪୯ ରନ ଲକ୍ଷ୍ୟ ରହିଥିଲା। ଏହାକୁ ପିଛା କରିଥିବା ରେଳବାଇ ଶୁକ୍ରବାର ୩ୟ ଦିବସରେ ୧୫୨ ରନରେ ଦ୍ୱିତୀୟ ପାଳିରେ ଅଲ୍‌ଆଉଟ୍ ହୋଇଯାଇଥିଲା।

### ରଜତ ପାଟିଦାରଙ୍କ ଦ୍ୱିଶତକ

ଅପରପକ୍ଷରେ ରଜତ ପାଟିଦାର ପ୍ରଥମଶ୍ରେଣୀ କ୍ୟାରିୟରର ପ୍ରଥମ ଦ୍ୱିଶତକ ହାସଲ କରିଛନ୍ତି। ମଧ୍ୟପ୍ରଦେଶର ନେତୃତ୍ୱ ନେଉଥିବା ପାଟିଦାର ୨୦୫ ରନ କରି ଅପରାଜିତ ରହିବା ଫଳରେ ତାଙ୍କ ଦଳ ପ୍ରଥମ ଇନିଂସରେ ୮ ୱିକେଟରେ ୫୧୯ ରନର ବିଶାଳ ସ୍କୋର କରିଛି। ପଞ୍ଜାବ ପ୍ରଥମ ପାଳିରେ ୨୩୨ ରନ କରିଥିଲା। ଫଳରେ ମଧ୍ୟପ୍ରଦେଶ ୨୮୭ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି।

ଏଆଇଟିଏ-ଓଟିଏ ଚାମ୍ପିଅନସିପ୍ ସିରିଜ୍-୭

## ଓଡ଼ିଶାର ସୁତବ୍ୟ ରନର୍ସ ଅପ୍




ଭୁବନେଶ୍ୱର,୧୭।୧୦(ସମିସ): ଓଡ଼ିଶାର ପ୍ରତିଭାବାନ ଜୁନିଅର ଖେଳାଳି ସୁତବ୍ୟ କର୍ମକାର ମିସନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେସନ ଆନୁକୂଲ୍ୟରେ ଅନୁଷ୍ଠିତ ଏଆଇଟିଏ-ଓଟିଏ ଚାମ୍ପିଅନସିପ୍ ସିରିଜ୭ ଟେନିସ ଟୁର୍ଣ୍ଣାମେଣ୍ଟରେ ରନର୍ସ ଅପ୍ ହୋଇଛନ୍ତି। ଓଡ଼ିଶା ଟେନିସ ସଂଘ ବ୍ୟାନରରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ମହାରାଷ୍ଟ୍ରର ଅର୍ଜୁନ ଅତୁଲ ପରଦେଶୀ ୬-୩, ୬-୧ ସିଧାସଳଖ ସେଟ୍‌ରେ ସୁତବ୍ୟଙ୍କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଥିଲେ। ଖେଳ ଶେଷରେ ତାମିଲନାଡୁର ଅନ୍ୟତମ ପ୍ରତିଭାବାନ ଖେଳାଳି ଓଜେସ ଥେୟଜୋ ଜୟପ୍ରକାଶ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ତଥା ଦେଶର ଅନେକ ୧୮ ବର୍ଷରୁ କମ୍ ଶୀର୍ଷ ଖେଳାଳି ଅଂଶଗ୍ରହଣ କରିଥିଲେ।

# ଶାଢ଼ି ସମ୍ଭାର



ଶାଢ଼ି ଭାରତୀୟ ସଂସ୍କୃତି ଓ ପରମ୍ପରାର ଏକ ଅଭିନ୍ନ ଅଂଶ। ଏହା କେବଳ ଏକ ପରିଧାନ ନୁହେଁ, ସଂସ୍କୃତି, ଐତିହ୍ୟ ଓ ଶିଳ୍ପକଳାର ପରିଚୟ ଭାବେ ଜଣାଯାଏ। ବର୍ତ୍ତମାନ ଫେଶନ ଦୁନିଆରେ ବହୁ ଆଧୁନିକ ପୋଷାକ ମିଳୁଥିଲେ ହେଁ, ଶାଢ଼ିର ଲୋକପ୍ରିୟତା ସବୁବେଳେ ରହିଛି। ଏହି ପାରମ୍ପରିକ ଶାଢ଼ି ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ରହିଥାଏ। ପ୍ରତ୍ୟେକ ଶାଢ଼ି ନିଜସ୍ୱ ସ୍ୱତନ୍ତ୍ରତା ତଥା ବିଶେଷତା ପାଇଁ ଜଣାଯାଏ। ତେବେ ଭାରତରେ ପ୍ରସିଦ୍ଧି ଲାଭ କରିଥିବା ସେହିଭଳି କେତେକ ପାରମ୍ପରିକ ଶାଢ଼ିକୁ ନେଇ ଏହି ଆଲେଖ୍ୟ।

### ପଟୋଲା

ଶାଢ଼ି କଥା କହିଲେ , ପଟୋଲା ଚିତ୍ର ସାମ୍ନାକୁ ଆସିଥାଏ। ଗୁଜୁରାଟ ପାଟନରେ ପ୍ରସ୍ତୁତ ହେଉଥିବା ଏହି ଶାଢ଼ି ପାରମ୍ପରିକ ଶାଢ଼ି ଭାବେ ପରିଚିତ। ଏଥିରେ ଭାରତର ଉତ୍କୃଷ୍ଟ ଶିଳ୍ପକଳା ଦେଖିବାକୁ ମିଳିଥାଏ। ଏହି ଶାଢ଼ି ପ୍ରସ୍ତୁତ କରିବା ପାଇଁ ମାସ ମାସ ସମୟ ଲାଗିଥାଏ। ଏଥିପାଇଁ ଡବଲ୍ ଇକତ୍ ଟେକ୍ନିକ୍ ବ୍ୟବହାର ହୋଇଥାଏ। ପ୍ରତ୍ୟେକ ଶାଢ଼ି ଜଟିଳ ଜ୍ୟାମିତିକ ଡିଜାଇନ୍, ଚମକଯୁକ୍ତ ରଙ୍ଗ ଓ ସୂକ୍ଷ୍ମ କାରିଗରୀ ପାଇଁ ଜଣାଯାଏ।

### କାଞ୍ଜିବରମ

କାଞ୍ଜିବରମ ଶାଢ଼ି ଭାରତୀୟ ସଂସ୍କୃତି ଓ ଐତିହ୍ୟର ପ୍ରତୀକ। ଭାରତର ପ୍ରାଚୀନ, ସୁନ୍ଦର ଓ ଆକର୍ଷଣୀୟ ଶାଢ଼ି ମଧ୍ୟରୁ ଏହା ଗୋଟିଏ। ତାମିଲନାଡ଼ୁ କାଞ୍ଚିପୁରମ୍‌ରେ ଏହି ଶାଢ଼ି ପ୍ରସ୍ତୁତ ହୋଇଥାଏ। ଏହାକୁ ଶୁଦ୍ଧ ରେଶମ ସୂତାରେ ବୁଣାଯାଏ। ଶାଢ଼ିକୁ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ଏଥିରେ ଜରି ବ୍ୟବହାର ହୋଇଥାଏ। ଏହି ଶାଢ଼ିର ଇତିହାସ ୪୦୦ ବର୍ଷ ପୁରୁଣା। ଏଥିରେ ମନ୍ଦିର, ପ୍ରାକୃତିକ ଦୃଶ୍ୟ, ହାତୀ, ମୟୁର ଭଳି ଅନ୍ୟାନ୍ୟ କଳାକୃତି ଦେଖିବାକୁ ମିଳିଥାଏ। ବିଶେଷତା ଅନୁଯାୟୀ, ଏହି ଶାଢ଼ିର ପଣତକାନି, ବର୍ଡର ଓ ମଝିଭାଗକୁ ପୃଥକ୍ କରି ବୁଣାଯାଏ। ତେଣୁ ଏହା ଅନ୍ୟ ଶାଢ଼ି ଠାରୁ ସ୍ୱତନ୍ତ୍ର। ଦକ୍ଷିଣ ଭାରତରେ ବିବାହ ଉତ୍ସବରେ ଏହା ମୁଖ୍ୟ।



### ବନାରସୀ

ଭାରତରେ ପ୍ରସିଦ୍ଧି ଲାଭ କରିଥିବା ଲୋକପ୍ରିୟ ଶାଢ଼ି ମଧ୍ୟରୁ ଗୋଟିଏ ବନାରସୀ ଶାଢ଼ି। ଏହା ଉତ୍ତରପ୍ରଦେଶ ବାରଣସୀରେ ପ୍ରସ୍ତୁତ ହୋଇଥାଏ। ଏହାର ଭବ୍ୟ ଡିଜାଇନ୍ , ସୂକ୍ଷ୍ମ କାରୁକାର୍ଯ୍ୟ ଏହାକୁ ସ୍ୱତନ୍ତ୍ର କରିଥାଏ। ଏଥିରେ ସୁନା ଓ ରୂପାର ଜରିକାମ ହୋଇଥାଏ। ଅବଶ୍ୟ ସମୟକ୍ରମେ ଏଥିରେ ନକଲି ଜରିକାମ ଦେଖିବାକୁ ମିଳୁଛି। ଏଥିରେ ଫୁଲ , ପତ୍ର , ମୟୂର, ଓ ଜ୍ୟାମିତିକ ଚିତ୍ର ଭଳି ପାରମ୍ପରିକ ମୋଗଲକାଳର ଡିଜାଇନ୍ ରହିଥାଏ।

### ମୁଗା ସିଲ୍କ

ମୁଗା ସିଲ୍କ ଆସାମର ପ୍ରାଚୀନ ଶାଢ଼ି ଭାବେ ପରିଚିତ। ଏହି ଶାଢ଼ି ମୁଗା ସିଲ୍‌କରୁ ପ୍ରସ୍ତୁତ ହୋଇଥାଏ। ଏହା ବିଶ୍ୱର ସବୁଠୁ ନିଆରା ଓ ଦୀର୍ଘସ୍ଥାୟୀ ଶାଢ଼ି ଭାବେ ପରିଚିତ। ତେଣୁ ପିଢ଼ି ପରେ ପିଢ଼ିକୁ ଏହାକୁ ଉପହାର ଭାବେ ଦିଆଯାଇଥାଏ। ଏହା ଦେଖିବାକୁ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ। ବିଶେଷତା ଅନୁଯାୟୀ ଏଥିରେ ଯେ କୌଣସି ଏମ୍ବ୍ରୋଡୋରୀ ସହଜରେ କରାଯାଇପାରେ। ଏହାର ମୂଲ୍ୟ ପାଞ୍ଚହଜାରରୁ ନେଇ ଦୁଇ ଲକ୍ଷ ଯାଏ ରହିଛି।

### ସମ୍ବଲପୁରୀ

ସମ୍ବଲପୁରୀ ଶାଢ଼ି ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ପରମ୍ପରାର ପ୍ରତୀକ ଭାବେ ପରିଚିତ। ଏହା ବିଶେଷ କରି ସମ୍ବଲପୁର, ସୋନପୁର ଓ ବରଗଡ଼ ଆଦି ସ୍ଥାନରେ ବୁଣାଯାଇଥାଏ। ବୁଣାକାରମାନେ ଖୁବ୍ ଯତ୍ନରେ ଏହା ବୁଣିଥାନ୍ତି। ଏହି ହାତବୁଣା ଶାଢ଼ି ସ୍ୱତନ୍ତ୍ରତା ଓ ଭବ୍ୟତା ପାଇଁ ଜଣାଯାଏ। ଏହା ଇକତ୍ ଟେକ୍ନିକ୍‌କୁ ଆପଣାଇ ବୁଣାଯାଇଥାଏ। ଯନ୍ତ୍ର ନିର୍ମିତ ଶାଢ଼ି ତୁଳନାରେ ଏହା ଅଧିକ ସୁନ୍ଦର ଦେଖାଯାଏ। ଏଥିରେ ପାରମ୍ପରିକ ରୂପାଙ୍କନ ଯଥା-ଶଙ୍ଖ, ଚକ୍ର, ଫୁଲ, ସମେତ ଆଦିବାସୀ ଚିତ୍ର ରହିଥାଏ। ଦିନକୁ ଦିନ ଏହି ସମ୍ବଲପୁରୀ ଶାଢ଼ିର ଚାହିଦା ବୃଦ୍ଧିପାଉଛି।



# ବ୍ରଣ ମୁକ୍ତ ତ୍ୱଚାର ଯତ୍ନ



ଋତୁ ଅନୁଯାୟୀ ତ୍ୱଚାରେ ନାନା ସମସ୍ୟା ଦେଖିବାକୁ ମିଳିଥାଏ। ପ୍ରତିଥର ପାର୍ଲର ଯାଇ ତ୍ୱଚାର ଯତ୍ନ ନେବା ସମସ୍ତଙ୍କ ପାଇଁ ସମ୍ଭବ ହୋଇ ନ ଥାଏ। ତେଣୁ କୋମଳ ଓ ବ୍ରଣମୁକ୍ତ ତ୍ୱଚା ଚାହୁଁଥିଲେ, ଏଥିପାଇଁ ସ୍କିନ୍‌କେୟାର୍ ରୁଟିନ୍‌ରେ ସାମାନ୍ୟ ପରିବର୍ତ୍ତନ କରିପାରିବେ।

### ଦିନରେ ଦ୍ୱିଥର ଫେସ୍‌ୱାସ୍

ଅଧିକାଂଶ ତ୍ୱଚାରେ ଧୂଳି, ମାଟି ଓ ତେଲ ଆଦି ଜମି ରହିଥାଏ। ଏହାକୁ ଅନେକ ଲୋକେ ସଫା କରନ୍ତିନି। ଏହା ତ୍ୱଚାରେ ଜମି ବ୍ରଣ ହୋଇଥାଏ। ଏଥିପାଇଁ ତ୍ୱଚାକୁ ଦିନକୁ ଦୁଇରୁ ତିନି ଥର ସଫା କରନ୍ତୁ। ଏହାଦ୍ୱାରା ତ୍ୱଚାରେ ଜମିଥିବା ଧୂଳିମାଟି ବାହାରିଥାଏ। ତ୍ୱଚାରେ ଅତିରିକ୍ତ ତୈଳ ବାହାରିଯାଏ। ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ।

### ଡାଏଟର୍ ରଖନ୍ତୁ ଧ୍ୟାନ

ଡାଏଟ୍ ଅନୁସାରେ ଖାଦ୍ୟ ନ ଖାଇଲେ ଅନେକ ତ୍ୱଚାଜନିତ ସମସ୍ୟା ଦେଖାଯାଇଥାଏ। ତେଣୁ ଡାଏଟ୍‌ର ଧ୍ୟାନ ରଖିବା ଜରୁରୀ। ପ୍ରତିଦିନ ଖାଦ୍ୟରେ ସତେଜ ଫଳ, ପନିପରିବା ଓ ଫାଇବର ଯୁକ୍ତ ଖାଦ୍ୟ ମିଶାଇ ଖାଇବା ଭଲ।

### ଉତ୍ତମ ନିଦ୍ରା

ନିଦ୍ରାଭାବ ଓ ଅଧିକ ଚିନ୍ତା କରିବା ଦ୍ୱାରା ବ୍ରଣ ସମସ୍ୟା ହୋଇଥାଏ। ତେଣୁ ଚିନ୍ତା କମ କରିବା ସହ ସୁସ୍ଥ ନିଦ୍ରା ନେବା ଜରୁରୀ।

ମୋ ହାଣ୍ଡିଶାଳରୁ...

# ବେସନ ଗୁଡ଼ ବର୍ଫି

### ଆବଶ୍ୟକ ସାମଗ୍ରୀ

ବେସନ – ଏକ କପ୍, ସୁଜି – ଏକ କପ୍, ଗୁଡ଼- ୨୫୦ ଗ୍ରାମ୍, କ୍ଷୀର – ଏକ କପ୍, ଗୁଜୁରାତି ଗୁଣ୍ଡ – ଅଧ ଚାମଚ, ପିସ୍ତାବାଦାମ୍ – ସାତ , ଆଠଟି, କଖାରୁ ମଞ୍ଜି – ଅଳ୍ପ, ଗୁଣ୍ଡ କାଜୁ – ଏକ ଚାମଚ, ଦେଶୀ ଘିଅ – ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳି

ଗ୍ୟାସ୍ ଲଗାଇ କଡ଼େଇ ବସାଇ ଘିଅ ଦିଅନ୍ତୁ। ଘିଅ ଗରମ ହୋଇଆସିଲେ ସେଥିରେ ବେସନ ଦେଇ ଭାଜନ୍ତୁ। ଏହାପରେ ଏଥିରେ ଏକ କପ୍ ସୁଜି ମିଶାଇ ଏପାଖସେପାଖ କରନ୍ତୁ। ସୁଜିକୁ ବେସନରେ ଭଲଭାବେ ମିଶାନ୍ତୁ। ଏହା ଭାଜି ହୋଇ ହାଲୁକା ନାଲି ରଙ୍ଗ ହୋଇଆସିଲେ, ସେଥିରେ ଅଳ୍ପ କ୍ଷୀର ଦେଇ ପୁଣି ଥରେ ଭାଜନ୍ତୁ। ବହଳିଆ ହୋଇଗଲେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏହାପରେ ଏକ ପ୍ୟାନ୍ ବସାଇ ସେଥିରେ ଗୁଡ଼ ଦେଇ ଶିରା ପ୍ରସ୍ତୁତ କରନ୍ତୁ। ଧୀରେ ଧୀରେ ଗୁଡ଼ ତରଳି ଶିରା ହୋଇଯିବା ପରେ ଏହାକୁ ପ୍ରସ୍ତୁତ କରି ରଖିଥିବା ବେସନରେ ମିଶାଇ ଦିଅନ୍ତୁ। ଏଥିରେ ଅଳ୍ପ ଗୁଜୁରାତି ମିଶାନ୍ତୁ। ଏହାକୁ ଭଲରେ ଗୋଳାଇ ଏକ ପାତ୍ରରେ କାଢ଼ି ଚାରିପାଖକୁ ସମାନ କରନ୍ତୁ। ଉପରେ ଡ୍ରାଏଫ୍ରୁଟ୍ ପକାନ୍ତୁ। ଛୁରୀରେ କାଟି ପରଷନ୍ତୁ 'ବେସନ ଗୁଡ଼ ବର୍ଫି'।



# ଆକର୍ଷଣୀୟ ଚୁଡ଼ି

ସାଧାରଣତଃ ଯୁବତୀଙ୍କ ପାଇଁ ଚୁଡ଼ିକୁ ନେଇ ବହୁ ବିକଳ୍ପ ରହିଥାଏ। କିନ୍ତୁ ଶାଢ଼ି ତଥା ଲେହେଙ୍ଗା ସହ କେଉଁ ଚୁଡ଼ି ପିନ୍ଧିଲେ ବେଶୀ ସୁନ୍ଦର ଦେଖାଯାଏ। ଜାଣିବା ସେ ବିଷୟରେ...



### ପେଷ୍ଟାଲ ଚୁଡ଼ି

ପେଷ୍ଟାଲ ରଙ୍ଗର ଚୁଡ଼ି ହାଲୁକା ଗୋଲାପି ରଙ୍ଗର ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ। ଏଥିରେ ମିନାକରୀ କାମ ମଧ୍ୟ ରହିଥାଏ। ଏହାକୁ ଗାଢ଼ ରଙ୍ଗର ଚୁଡ଼ି ସହ ମଧ୍ୟ ପିନ୍ଧିପାରିବେ।

### ସବୁଜ ଚୁଡ଼ି ଓ ସୁନେଲି କଡ଼ା

ସବୁଜ ରଙ୍ଗର ଚୁଡ଼ି ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ। ଏଥିସହ ସୁନେଲି ରଙ୍ଗର କଡ଼ା ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ। ସେହିପରି ସବୁଜ ଚୁଡ଼ି ସୁହାଗର ପ୍ରତୀକ ଭାବେ ଜଣାଯାଏ।

### ମେରୁନ୍ ଚୁଡ଼ି ସହ କୁନ୍ଦନ କଡ଼ା

କୁନ୍ଦନ ଚୁଡ଼ି ସବୁ ଆଉଟ୍‌ଫିଟ୍‌କୁ ମାନିଥାଏ। କିନ୍ତୁ ମେରୁନ୍ ରଙ୍ଗ ସବୁଠୁ ଭିନ୍ନ ଓ ନିଆରା ଦିଶିଥାଏ। ଅଧିକାଂଶ ଯୁବତୀ ଲେହେଙ୍ଗା ଓ ଶାଢ଼ିରେ ମେରୁନ ରଙ୍ଗ ଚୁଡ଼ି ପିନ୍ଧିବାକୁ ପସନ୍ଦ କରନ୍ତି।

# ଦୀପକୁ ସଜାନ୍ତୁ

ଆଲୋକର ପର୍ବ ଦୀପାବଳି। ଦୀପାବଳିରେ ଘରେ ଆଲୋକ, ରଙ୍ଗ ଓ ଉତ୍ସବର ମାହୋଲ ଖେଳିଯାଏ। ଏହା ଅନ୍ଧକାରକୁ ଦୂର କରି ଆଲୋକ ପ୍ରଦାନ କରିଥାଏ। ଏଥିପାଇଁ ସମସ୍ତେ ଘରେ ରଙ୍ଗୋଲି, ଲିଚୁଲାଇଟ୍ ଆଦି ଲଗାଇ ସଜାଇଥାନ୍ତି। ସେହିପରି ଦୀପାବଳିରେ ଘରକୁ ନୂଆ ଶୈଳୀରେ ଆଲୋକିତ କରିବାକୁ ଚାହୁଁଥିଲେ, ଏହି ଉପାୟ ଆପଣାନ୍ତୁ।





### ଆକ୍ରେଲିକ୍ ରଙ୍ଗ କରନ୍ତୁ

ମାଟିଦୀପକୁ ସୁନ୍ଦର ତଥା ରଙ୍ଗିନ୍ କରିବାକୁ ଚାହୁଁଥିଲେ ଏହାକୁ, ନାଲି, ସୁନେଲି , ସବୁଜ ଓ ହଳଦିଆ ରଙ୍ଗ ଭଳି ଆକ୍ରେଲିକ୍ ରଙ୍ଗ କରିପାରିବେ। ଏହାକୁ ଆକର୍ଷଣୀୟ କରିବା ପାଇଁ ଉପରେ ଗ୍ଲିଟର୍ ଓ ଗୋଲ୍‌ଡେନ୍ ରଙ୍ଗର ବର୍ଡର ତିଆରି କରିପାରିବେ।

### ମିରର୍ ଓ ଷ୍ଟୋନ୍

ଏହା ଉପରେ ଛୋଟ ମୋତିମାଳି, ରଙ୍ଗିନ୍ ଷ୍ଟୋନ୍ ଆଦି ଅଠାରେ ଲଗାଇପାରିବେ। ଏଥିରେ ଦୀପ ଖୁବ୍ ସୁନ୍ଦର ଦିଶିଥାଏ। ସେହିପରି ଦୀପରେ ଲେସ୍ ଓ ରିବନ ଲଗାନ୍ତୁ। ଏହା ପାରମ୍ପରିକ ସାଙ୍ଗକୁ ଏକ କ୍ଲାସି ଲୁକ୍ ଦେଇଥାଏ।

### ବାର୍ନିଶ ରଙ୍ଗ ଲଗାନ୍ତୁ

ଦୀପ ସଜାଇବା ପରେ ତା ଉପରେ ଏକ ବାର୍ନିଶ ପରସ୍ତ ଲଗାନ୍ତୁ। ଏହାଦ୍ୱାରା ରଙ୍ଗ ଓ ସାଜସଜ୍ଜା ଦୀର୍ଘ ସମୟ ରହିଥାଏ।

### ଭାସମାନ ଦୀପ

ଏଥିପାଇଁ ଦୀପରେ ତେଲ ଭର୍ତ୍ତି କରନ୍ତୁ। ଏହାପରେ ଏକ ରସ ଠିପି କିମ୍ବା ଏକ ଛାଞ୍ଚରେ ସଳିତା ଲଗାନ୍ତୁ। ଏହାକୁ ଦିଆସିଲ୍ ଲଗାଇ ଜଳାଇଲେ ପାଣିରେ ଭାସିଥାଏ। ଏହା ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ। ଚାହିଁଲେ ଏଥିରେ ଫୁଲ, ପାଖୁଡ଼ା ସଜାଇପାରିବେ।

# ନିମ୍ବ-ତୁଳସୀ ହେୟାର ସିରମ୍

ବର୍ତ୍ତମାନ ସମୟରେ କେଶଝଡ଼ା, ରୂପି, ସ୍କାଲ୍ପ ସଂକ୍ରମଣ ଆଦି ମୁଖ୍ୟ ସମସ୍ୟା ପାଲଟିଛି। ନାନା ପ୍ରସାଧନ ଲଗାଇଲେ ମଧ୍ୟ ଏହି ସମସ୍ୟା ସହଜରେ ଦୂର ହୁଏ ନାହିଁ। ତେଣୁ ଆୟୁର୍ବେଦ ଅନୁଯାୟୀ ପ୍ରାକୃତିକ ଉପାୟରେ କେଶରେ ସୁନ୍ଦର ଓ ଚମକ ଆଣିବାକୁ ଚାହୁଁଥିଲେ ନିମ୍ବ , ତୁଳସୀ ହେୟାର୍ ସିରମ୍ ଲଗାଇପାରିବେ।

### ପ୍ରସ୍ତୁତି

ଏଥିପାଇଁ ଏକ ମୁଠା ନିମ୍ବପତ୍ର, ଏକ ମୁଠା ତୁଳସୀ ପତ୍ର , ନଡ଼ିଆ ତେଲ, ଅଲିଭ୍ ଅଏଲ୍ ଓ ଭିଟାମିନ୍ ଇ କ୍ୟାପ୍‌ସୁଲ ନିଅନ୍ତୁ। ନିମ୍ବ ଓ ତୁଳସୀପତ୍ରକୁ ଭଲରେ ଧୋଇ ଦିଅନ୍ତୁ। ଗୋଟିଏ ପାତ୍ରରେ ପାଣି ଗରମ କରି ସେଥିରେ ନିମ୍ବ ଓ ତୁଳସୀ ପତ୍ର ପକାଇ ଭଲରେ ଫୁଟାନ୍ତୁ। ପାଣି ଅଧା ହୋଇଆସିଲେ ଏହାକୁ ଛାଣି ଦିଅନ୍ତୁ। ଥଣ୍ଡା ହୋଇଗଲେ ସେଥିରେ , ନଡ଼ିଆ ତେଲ, ବାଦାମ ତେଲ ଓ ଭିଟାମିନ୍ ଇ କ୍ୟାପ୍‌ସୁଲ୍ ମିଶାନ୍ତୁ। ଏହାକୁ ଏକ ସ୍ପ୍ରେ ବୋତଲରେ କାଢ଼ି ରଖନ୍ତୁ।

### ଲଗାଇବା ବିଧି

ପ୍ରଥମେ କେଶକୁ ହାଲୁକା ଓଦା କରି ସିରମ୍‌କୁ କେଶମୂଳ ଓ କେଶଅଗରେ ଭଲ ଭାବେ ଲଗାନ୍ତୁ। ହାତ ସାହାଯ୍ୟ ହାଲୁକା ମସାଜ୍ କରନ୍ତୁ। ଏହାଦ୍ୱାରା ସିରମ୍ ସବୁଆଡ଼େ ଭଲରେ ଲାଗିଥାଏ। ଏହାକୁ ଦୁଇ ତିନି ଘଣ୍ଟା ଛାଡ଼ି ଦିଅନ୍ତୁ। ଚାହିଁଲେ ରାତିସାରା ଲଗାଇ ରଖିପାରିବେ। ଏହାପରେ ହାଲୁକା ସାମ୍ପୁରେ ଧୋଇ ଦିଅନ୍ତୁ। ଏପରି ଦୁଇ ସପ୍ତାହ କଲେ ସୁଫଳ ମିଳିଥାଏ।

### ଫାଇଦା

- ନିମ୍ବ ଓ ତୁଳସୀରେ ଆଣ୍ଟିଫଙ୍ଗଲ ଓ ଆଣ୍ଟିବ୍ୟାକ୍ଟେରିୟଲ୍ ଗୁଣ ଥାଏ। ଯାହା ରୂପିକୁ ମୂଳରୁ ଦୂର କରିଥାଏ।
- କେଶକୁ ପୋଷଣ ଦେଇ କେଶଝଡ଼ାକୁ ରୋକିଥାଏ। ନିୟମିତ ବ୍ୟବହାର ଦ୍ୱାରା କେଶ ଘନ ହେବା ସହ ମଜଭୂତ ହୋଇଥାଏ।
- ଏଥିସହ କେଶମୂଳ କୁଣ୍ଡାଇହେବା, ନାଲିପଡ଼ିବା ଭଳି ସମସ୍ୟା ମଧ୍ୟ ଦୂର କରିଥାଏ।



ଜୁନିଅର ବିଶ୍ୱକପ୍ ବ୍ୟାଡମିଣ୍ଟନ

## ପଦକ ନିଶ୍ଚିତ କଲେ ତନ୍ୱୀ



ଗୁଆହାଟୀ,୧୭।୧୦(ଏଜେନ୍ସି): ଭାରତର ତନଭି ଶର୍ମା ଏଠାରେ ଚାଲିଥିବା ଜୁନିଅର ବିଶ୍ୱକପ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ପଦକ ଜିତିବା ନିଶ୍ଚିତ କରିଛନ୍ତି। ଆଜି ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ଖେଳରେ ତନ୍ଭି ୧୩-୧୫, ୧୫-୧୯, ୧୫-୧୦ରେ ଜାପାନର ସାକି ମାତ୍ସୁମୋଟୋଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିବା ସହ ପଦକ ନିଶ୍ଚିତ କରିଛନ୍ତି। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ସେମିଫାଇନାଲରେ ପ୍ରବେଶ କରିଥିବା ଖେଳାଳି ପଦକ ଜିତିଥାନ୍ତି। ଏଣୁ ସେମିଫାଇନାଲରେ ହାରିଗଲେ ମଧ୍ୟ ତନ୍ଭି ପଦକ ବିଜୟୀ ହେବେ। ଏହି ପ୍ରତିଯୋଗିତାରେ ପଦକ ଜିତିବାରେ ୨୦୦୮ ପରେ ସେ ହେବେ ପ୍ରଥମ ଭାରତୀୟ ଖେଳାଳି। ୨୦୦୮ ପୁଣେରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ସାଇନା ନେହ୍ୱାଲ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ଥିଲା ଭାରତର ଶେଷ ପଦକ। ତନ୍ଭି ଏବେ ପଦକ ବିଜୟୀ ହେବେ। ପୂର୍ବରୁ ୨୦୦୬ ଇଞ୍ଚେଅନ୍ ଟୁର୍ଣ୍ଣାମେଣ୍ଟରେ ସାଇନା ରୌପ୍ୟ ଓ ୧୯୯୬ ସିଲକେବର୍ଗ ଟୁର୍ଣ୍ଣାମେଣ୍ଟରେ ଅପର୍ଣ୍ଣା ପୋପଟ ମଧ୍ୟ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ୧୬ ବର୍ଷିୟା ତନ୍ଭି କେଉଁ ସଫଳତାକୁ ଦୋହରାଇବେ ତାହା ସମୟ କହିବ।

ବାରବାଟୀ ରଣଜୀ: ଶିବାଲିକ ଶର୍ମା ଓ ମିତେଶ ପଟେଲଙ୍କ ଶତକ

# ଓଡ଼ିଶା ବିପକ୍ଷରେ ବରୋଦା ଇନିଂସ ଅଗ୍ରଣୀ

କଟକ, ୧୭।୧୦ (ସମିସ): ଓପନର ଶିବାଲିକ ଶର୍ମା ଓ ୱିକେଟରକ୍ଷକ ମିତେଶ ପଟେଲଙ୍କ ଶତକ ବଳରେ ଏଠାରେ ଚାଲିଥିବା ଓଡ଼ିଶା ବିପକ୍ଷ ରଣଜୀ ମୁକାବିଲାରେ ଭ୍ରମଣକାରୀ ବରୋଦା ଦଳ ପ୍ରଥମ ଇନିଂସରେ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ବାରବାଟୀର ସ୍ଲୋ ୱିକେଟରେ ଏହି ଅଗ୍ରଣୀ ବରୋଦାକୁ ରଣଜୀ ସିଜନର ପ୍ରଥମ ମ୍ୟାଚ୍‌ରେ ଅଧିକ ପଏଣ୍ଟ ସଂଗ୍ରହ ରାସ୍ତା ପରିଷ୍କାର କରିନେଇଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ଓଡ଼ିଶା ୨୭୧ ରନ୍ କରିଥିଲା। ଜବାବରେ ଶିବାଲିକ ୧୨୪ ଓ ମିତେଶ ଅପରାଜିତ ୧୦୦ ରନ୍ କରିବା ଫଳରେ ତୃତୀୟ ଦିନ ଖେଳ ଶେଷସୁଦ୍ଧା ବରୋଦା ୭ ୱିକେଟ ହରାଇ ୪୧୩ ରନ୍ କରିନେଇଛି। ଏହା ଫଳରେ ବରୋଦା ହାତରେ ୩ଟି ପ୍ରଥମ ଇନିଂସ ୱିକେଟ ବାକିଥାଇ ୧୪୨ ରନ୍‌ରେ ଆଗୁଆ ରହିବା ସହ ମ୍ୟାଚ୍‌ରେ ନିଜର ସ୍ଥିତି ମଜଭୁତ କରିନେଇଛି। ଶୁକ୍ରବାର ଷ୍ଟମ୍ପ ଅପସାରଣ ବେଳକୁ ମିତେଶଙ୍କ ସହ ରସିକ ଦାର ସଲାମ ୪୫ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକୀର୍ତ୍ତି ପାଣ୍ଡେ ୭୧ ରନ୍‌ର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ। ଓଡ଼ିଶା ପକ୍ଷରୁ ବାମହାତୀ ସ୍ପିନର ସୁମିତ ଶର୍ମା ସର୍ବାଧିକ ୩ଟି ୱିକେଟ ପାଇଛନ୍ତି। ଏହି ମ୍ୟାଚ୍‌ର ଖେଳ ଆଉ ଗୋଟିଏ ଦିନ ବାକିଥିଲାବେଳେ ଓଡ଼ିଶାକୁ ୧ ପଏଣ୍ଟ ହାସଲ



କରିବାକୁ ବା ମ୍ୟାଚ୍ ଡ୍ର ରଖିବାକୁ ସଂଘର୍ଷ କରିବାକୁ ପଡ଼ିବ।

ଶୁକ୍ରବାର ସକାଳେ ବରୋଦା ତାହାର ଅସମାପ୍ତ ପ୍ରଥମ ଇନିଂସ ୨ ୱିକେଟରେ ୧୨୭ ରନ୍‌ରୁ ଖେଳ ଆରମ୍ଭ କରି ମନ୍ଥର ଗତିରେ ଖେଳିଥିଲା। ଦୁଇ ଅପରାଜିତ ବ୍ୟାଟର ଶିବାଲିକ୍ ଶର୍ମା ଓ ସୁକୀର୍ତ୍ତି ପାଣ୍ଡେ ତୃତୀୟ ୱିକେଟ ଭାଗୀଦାରିରେ ୧୬୦ ରନ୍ ଯୋଗ କରିବା ପରେ ଡେବ୍ୟୁଟାଣ୍ଟ ବାଦଲ ବିଶ୍ୱାଳ ଏହି ଭାଗୀଦାରିକୁ ଭାଙ୍ଗିଦେଇଥିଲେ। ୨୪୮ ବଲ୍‌ରୁ ୧୦ ଚୌକା ଓ ୨ ଛକା ସହ ୧୨୪ ରନ୍ କରିଥିଲାବେଳେ ଶିବାଲିକ ଓଡ଼ିଶାର ବାଦଲ ବିଶ୍ୱାଳଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ଏହାର କିଛି ସମୟ ମଧ୍ୟରେ ତାଙ୍କ ସେଞ୍ଚୁରି ପାର୍ଟନର ସୁକୀର୍ତ୍ତି ପାଣ୍ଡେ ମଧ୍ୟ ଆଉଟ ହୋଇଯାଇଥିଲେ। ସୁକୀର୍ତ୍ତି ୨୩୩ ଟି ବଲ୍‌ର ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି ମାତ୍ର ୪ଟି ଚୌକା ଓ ଗୋଟିଏ ଛକା ସହ ୭୧ ରନ୍‌ରେ ବାଦଲଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ଏମାନଙ୍କ ଆଉଟ ପରେ ମଧ୍ୟ ବରୋଦା ଦୃଢ଼ତାର ସହ ବ୍ୟାଟିଂ କରିଥିଲା। ୭ମ ୱିକେଟରେ ଅଭିଜ୍ଞ ଅତୀତ ସେଠ୍ ଓ ୱିକେଟ ରକ୍ଷକ ମିତେଶ ପଟେଲ ୫୨ ରନ୍ ଏବଂ ଅବିଭକ୍ତ ୮ମ ୱିକେଟ ଭାଗୀଦାରିରେ ମିତେଶ ଓ ରସିକ ଦାର ସଲାମ ୮୯ ରନ୍ ଉଠାଇ ଓଡ଼ିଶାର ଆଶାକୁ ମହାନଦୀକୁ ଫିଙ୍ଗିଦେଇଥିଲେ। ଏହି ଯୋଡ଼ିଙ୍କ ସଫଳ ବ୍ୟାଟିଂ ଯୋଗୁଁ ଓଡ଼ିଶା ଆଉ ମ୍ୟାଚ୍ ଜିତିବା ଆଶା କରିପାରିବ ନାହିଁ। ଷ୍ଟମ୍ପ ଅପସାରଣ ବେଳକୁ ମିତେଶ ୧୩୯ ବଲ୍‌ରେ ୧୧ ଚୌକା ସହ ଠିକ୍ ୧୦୦ ଓ ରସିକ ୪୬ ବଲ୍‌ରୁ ୩ ଚୌକା ଓ ୨ ଚୌକା ସହ ୪୫ ରନ୍‌ରେ ଅପରାଜିତ ଅଛନ୍ତି। ଅଧିନାୟକ ଅତୀତ ସେଠଙ୍କ ବ୍ୟାଟ୍‌ରୁ ୨୮ ରନ୍ ମିଳିଛି।

ଏଭଳି ଏକ ଧୀମା ୱିକେଟରେ ରନ୍ ସଂଗ୍ରହ କରିବା କଷ୍ଟକର ହୋଇଥିଲା। ଯାହା ଫଳରେ ବରୋଦାର ବ୍ୟାଟରମାନେ ଧୈର୍ଯ୍ୟର ସହ ବ୍ୟାଟିଂ କରି ଦଳକୁ ପ୍ରଥମ ଇନିଂସ ଅଗ୍ରଣୀ କରାଇଥିଲେ। ଘରୋଇ ମାଟିରେ ଓଡ଼ିଶାର ବୋଲରମାନେ ସୁନ୍ଦର ବୋଲିଂ କରିଥିଲେ। କିନ୍ତୁ ୱିକେଟ ନେବାରେ ସେପରି ସଫଳତା ପାଇ ନ ଥିଲେ। ଘରୋଇ ଦଳର ବାମହାତୀ ସ୍ପିନର ସୁମିତ ଶର୍ମା ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିଲେ। ଅନ୍ୟତମ ସ୍ପିନର ବାଦଲ ବିଶ୍ୱାଳ ୨ଟି ଓ ଗୋବିନ୍ଦ ପୋଦ୍ଦାରଙ୍କୁ ଗୋଟିଏ ୱିକେଟ ମିଳିଥିଲା। ବରୋଦାର ଜଣେ ଖେଳାଳି ଓପନର ଜ୍ୟୋତ୍ସ୍ନିଲ ସିଂ ରନ୍‌ଆଉଟ ହୋଇଥିଲେ।

ସିକେ ନାଇଡୁ ଟ୍ରଫି

## ଆୟୁଷଙ୍କୁ ୮ ୱିକେଟ; ଓଡ଼ିଶାର ଦୃଢ଼ ଜବାବ

କଟକ,୧୭।୧୦(ସମିସ): ୨୩ ବର୍ଷରୁ କମ୍ ପୁରୁଷ ବର୍ଗର ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିକେ ନାଇଡୁ ଟ୍ରଫିର ପ୍ରଥମ ଲିଗ୍ ମ୍ୟାଚ୍‌ରେ ଘରୋଇ ହାଇଦ୍ରାବାଦ୍ ଦଳକୁ କଡା ଜବାବ ଦେଇଛି ଭ୍ରମଣକାରୀ ଓଡ଼ିଶା ଦଳ। ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଏହି ମ୍ୟାଚ୍ ଜାରି ରହିଛି। ଓଡ଼ିଶାର ପ୍ରଥମ ପାଳି ୧୫୯ରନରେ ସୀମିତ ରହିବା ପରେ ହାଇଦ୍ରାବାଦ୍ ୧୯୫ରନରେ ଅଲଆଉଟ ହୋଇଛି। ଓଡ଼ିଶାର ଆୟୁଷ ବାରିକ ୪୫ରନ





ବିନିମୟରେ ୮ଟି ୱିକେଟ ଅକ୍ତିଆର କରିଛନ୍ତି। ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ଶୁକ୍ରବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୨ ୱିକେଟ ବିନିମୟରେ ୧୮୧ରନ କରିଛି।

ଗୁରୁବାର ଖେଳର ପ୍ରଥମ ଦିବସରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବା ପରେ ହାଇଦ୍ରାବାଦ ୪ ୱିକେଟ ହରାଇ ୧୦୯ ରନ ସଂଗ୍ରହ କରିଥିଲା। ଅମନ ରାଓ ୫୫ରନ ଏବଂ ନାଇଟ ୱାଚମ୍ୟାନ ଶଶାଙ୍କ ଶୂନରେ ଅପରାଜିତ ଥିଲେ। ଓଡ଼ିଶାର ବାମହାତୀ ସ୍ପିନର ଆୟୁଷ ପ୍ରଥମ ଦିବସରେ ୨ଟି ୱିକେଟ ଦଖଲ କରିଥିଲେ। ଆଜି କ୍ରମାଗତ ଭାବେ ଆୟୁଷ ୱିକେଟ ଅକ୍ତିଆର କରି ଅପ୍ରତ୍ୟାଶିତ ଭାବେ ହାଇଦ୍ରାବାଦକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ। ଅମନ ୯୦ରନରେ ଆୟୁଷଙ୍କ ଶିକାର ହୋଇଥିଲେ। ୩୭ରନରେ ଦଳ ଶେଷ ୫ ୱିକେଟ ହରାଇଥିଲା। ୨ ୱିକେଟ ବିନିମୟରେ ୧୮୧ରନ ସଂଗ୍ରହ କରିଥିବା ଓଡ଼ିଶା ୧୪୫ରନର ଅଗ୍ରଣୀ ହାସଲ କରିଛି। ଓମ ଟି ମୁଣ୍ଡେ ୯୮ରନ ଏବଂ ଶ୍ରେୟାଂଶ ଭରଦ୍ୱାଜ ୧୭ରନରେ ଅପରାଜିତ ଅଛନ୍ତି। ଅଧିନାୟକ ସାଇଦୀପ ମହାପାତ୍ର ଏବଂ ଓପନର ପାନକଳ ଶଶାଙ୍କ ଯଥାକ୍ରମେ ୨୬ରନ ଏବଂ ୩୫ରନରେ ଆଉଟ ହୋଇଛନ୍ତି। ଖେଳ ଆଉ ଦୁଇ ଦିନ ବାକି ଥିବା ଯୋଗୁଁ ମ୍ୟାଚ୍‌ର ଫଳାଫଳ ନିଶ୍ଚିତ ବୋଲି ଅନୁମାନ କରାଯାଉଛି।

ବରିଷ୍ଠ ମହିଳା ଟି-୨୦

## ତ୍ରିପୁରାକୁ ହରାଇଲା ଓଡ଼ିଶା

କଟକ,୧୭।୧୦(ସମିସ): ଗ୍ୱାଲିୟରର ଶ୍ରୀମନ୍ତ ମାଧବରାଓ ସିନ୍ଧିଆ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ବରିଷ୍ଠ ମହିଳା ଟି-୨୦ ଲିଗ୍‌ର ଏକ ମ୍ୟାଚରେ ଓଡ଼ିଶା ୯ ୱିକେଟରେ ତ୍ରିପୁରାକୁ ହରାଇଛି। କ୍ରମାଗତ ୫ଟି ମ୍ୟାଚ୍‌ରେ ପରାଜୟ ପରେ ଦଳର ଏହା ପ୍ରଥମ ବିଜୟ। ଆସନ୍ତା ୧୯ ରେ ହରିୟାଣା ବିପକ୍ଷରେ ଓଡ଼ିଶା ଅନ୍ତିମ ଲିଗ୍ ମ୍ୟାଚ୍ ଖେଳିବ। ଆଜିର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ତ୍ରିପୁରା ୯୭ରନରେ ଅଲଆଉଟ ହୋଇଥିଲା। ଇନ୍ଦ୍ର ରାଣୀ ଜମାତିଆ ସର୍ବାଧିକ ୩୦ରନ କରିଥିଲେ। ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୩ଟି ୱିକେଟ ପାଇଥିଲେ। ମାଧୁରୀ ମେହଟା(୪୦ରନ) ଓ ସରିତା ମେହର(୪୭ରନ) ଅପରାଜିତ ପାଳି ଖେଳି ଓଡ଼ିଶାକୁ ସହଜ ବିଜୟ ପ୍ରଦାନ କରିଛନ୍ତି।

## ବିନୁ ମଙ୍କଡ଼ ଟ୍ରଫି: ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶା

କଟକ, ୧୭।୧୦ (ସମିସ): ୧୯ବର୍ଷରୁ କମ୍ ବାଳକ ବିନୁ ମଙ୍କଡ ଟ୍ରଫିରେ ଓଡ଼ିଶା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ହରିୟାଣାର ସେହବାଗ ଅନ୍ତର୍ଜାତୀୟ ସ୍କୁଲ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ଶେଷ ଲିଗ୍‌ରେ ଦଳ ୬ ୱିକେଟରେ ବରୋଦାକୁ ହରାଇଛି। ପ୍ରଥମ ଲିଗ୍‌ରେ ପରାଜୟ ସତ୍ତ୍ୱେ କ୍ରମାଗତ ୪ଟି ବିଜୟ ପଏଣ୍ଟ ପାଇ ଓଡ଼ିଶା ଗ୍ରୁପ-ଏ ଟେବଲର ୨ୟ ସ୍ଥାନରେ



ରହିଛି। ଆସନ୍ତା ୨୫ ତାରିଖରେ ପ୍ରିକ୍ୱାର୍ଟର ମୁକାବିଲାରେ ଓଡ଼ିଶା ତାମିଲନାଡୁକୁ ଭେଟିବ। ଆଜିର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବରୋଦା ୧୦୭ରନରେ ଅଲଆଉଟ ହୋଇଥିଲା। ହେଟ୍ ଜି ପଟେଲ ସର୍ବାଧିକ ୩୪ରନ କରିଥିବା ବେଳେ ଓଡ଼ିଶାର ପ୍ରିୟାଂଶୁ ମହାନ୍ତି ଏବଂ ରୁଦ୍ର ପ୍ରସାଦ ମଲ୍ଲିକ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ପ୍ରୟାନ ପ୍ରନ୍ତିକ ସାମଲଙ୍କ ୩୪ରନ ଏବଂ ବିଶ୍ୱଜିତ ପ୍ରଧାନଙ୍କ ଅପରାଜିତ ୨୭ରନ ବଳରେ ଓଡ଼ିଶା ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା।





| PRODUCTS | EX-SHOWROOM PRICE | GST BENEFITS |
|---|---|---|
| DESTINI PRIME | ~~₹80 904~~ ₹74 580# | ₹6 324 |
| PLEASURE+ | ~~₹76 773~~ ₹70 772# | ₹6 001 |

Book now for assured delivery on Dhanteras

+ INSTANT DISCOUNT UP TO ₹10 000^ HDFC BANK CREDIT CARDS FESTIVE TREATS Powered by pine labs + PER DAY EMI STARTING FROM ₹79$ | DOWN PAYMENT STARTING FROM ₹1 999$ | EXCLUSIVE CORPORATE OFFERS UP TO ₹2 200~

INDIA'S FIRST 5 YEAR WARRANTY *Conditions apply

Hero GoodLife Stand a chance to win 100% Cashback | 24 Carat Gold Coin and many more assured benefits*

Additional offers on: Flipkart amazon.in

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^Offer amount and combination of offer may vary for model/variant and states and it is applicable on select models only, for a limited time period or till stock lasts. $Finance offer is at the sole discretion of the Financier, subject to its respective T&Cs, Available at select dealerships. ~T&C apply, Offer available only on limited stores. *Limited period offer, T&C apply. As per cumulative dispatch numbers till August 2025. #Ex-showroom price of Xtreme 125R x Pleasure+ in Bhubaneswar.

TOLL FREE 1800 266 0018

**Authorized Dealers: Bhubaneswar:** Rohan Hero - 9289922474, Bharat Hero - 9289922180, Arundhati Hero - 9289923183, DD Hero - 9439650824, **Jatni:** Vishal Hero - 9289922984, **Nayagarh:** Bhagabati Hero - 9289922687, **Puri:** Sanjib Hero - 9289923107, **Authorized HeroSure Dealers: Bhubaneshwar:** Arundhati Motobikes - 7682841658, **Associate Dealers: Nimapara:** Basudev Automobiles - 9861020724, **Pipili:** Shri Ram Motors - 9437110789, **Balugaon:** Mahamayee Motors - 9437004624, **Khurdha:** Dinesh Trading Co. - 9778097876, **Sakhigopal:** Sai Motors - 9439765820, **Begunia:** Rashmi Automobiles - 9178316145, **Balipatna:** Jagannath Motors - 7064309702, **Chandpur:** Apsara - 9861418161, **Banamalipur:** Duladei Motors - 7735425890, **Sunderpada:** Basudev Motors - 6371525029, **Nakhra:** S.G. Automobiles - 9778779778.



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS